ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ଆହ୍ୱାନ

ନଭେମ୍ବର ୨୦୨୬ ସଂସ୍କରଣ



ଡା. ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍,ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାର୍ବଜନୀନ ସ୍ୱୀକୃତି

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।



ପବିତ୍ର କାର୍ତ୍ତିକ ମାସ ଉପଲକ୍ଷେ
ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୂଚୀପତ୍ର

ସମ୍ପାଦକୀୟ	ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ	୧୦
ଗଳ୍ପ ବିଭାଗ		**୮୦**
ଅନେକ କଳାଛାଇ - ୪୫	ଅଶୋକ ବିଶ୍ୱାଳ	୮୧
ଆମେରିକା ଭ୍ରମଣ କାହାଣୀ-୩	ଶିବନାରାୟଣ ଦାସ	୯୫
ବିରଳ ଆତିଥ୍ୟ	ସୁଶାନ୍ତ ଶେଖର ଦାଶ	୧୧୩
ଫେରିବା ବାଟ	ଅଶୋକ କୁମାର ପାତ୍ର	୧୨୪
ଅନ୍ଧମୁନିଙ୍କ ଦଶରଥଙ୍କୁ ଅଭିଶାପର ପରିଣତି	ପୁଷ୍ପଲତା ମିଶ୍ର	୧୩୧
ଦର୍ଶନ ହେଲା କିନ୍ତୁ ଅନୁଭବ ନୁହେଁ	ରତି ରଞ୍ଜନ ମହାପାତ୍ର	୧୩୩
ଅଳ୍ପ ଗଳ୍ପ	ଡଃ ଆଲୋକ କୁମାର ରାୟ	୧୩୭
ବରରୁଚିଙ୍କ ପ୍ରାପ୍ୟ	ସୁଧାଂଶୁ ଶେଖର ଦ୍ୱିବେଦୀ	୧୪୦
ରେଳଷ୍ଟେସନର ଅତୃପ୍ତ ଆତ୍ମା	ଆଶୁତୋଷ ମେହେର	୧୪୩
କୁକୁର	ନଳିନୀ ପ୍ରଭା ମିଶ୍ର	୧୪୮
ଜୀବନ ପ୍ରେମ	ସୁନିତା ମହାନ୍ତି	୧୫୦
ମୁଁ ପୁରୁଷ	ଦେବାଶିଷ ମାଇତି	୧୫୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବିତା ବିଭାଗ ୧୫୭

ଯୁଗଳବନ୍ଦୀ	ଡଃ ନାରାୟଣ ଚନ୍ଦ୍ର ସେନାପତି	୧୫୮
	ଡଃ ମାହେଶ୍ୱରୀ ଦାଶ	୧୬୦
	ସଂଯୁକ୍ତା ସାହୁ	୧୬୧
	ହେମନ୍ତ କୁମାର ସାହୁ	୧୬୨
	ନଳିନୀ ପ୍ରଭା ମିଶ୍ର	୧୬୩
ଅନ୍ଧାରର ସ୍ୱର	ନିରୁପମା ମହାନ୍ତି	୧୬୪
	ଗଗନ ବିହାରୀ ଷଡ଼ଙ୍ଗୀ	୧୬୫
ଶ୍ରୀ ରାଧା	ଅଲେଖ ମେହେର	୧୬୭
ଗୌତମ ଆଶ୍ରମ	ସତ୍ୟ ନାରାୟଣ ପ୍ରଧାନ	୧୬୮
ହରିଆ ଅଜା	ରାମ ଚନ୍ଦ୍ର ପ୍ରଧାନ	୧୭୦
ଅଭିମନ୍ୟୁ	ସୁନିତା ଦାଶ	୧୭୧
ବୁଝାଇ ପାରୁନି ମନ	ତାରା ପ୍ରସାଦ ଜେନା	୧୭୨
ହାତଗଣ୍ଠି	ଡଃ ମନ୍ଦାକିନୀ ପାଢ଼ୀ	୧୭୩
ତୁମ ପରି ହେବୁ	ନୀଳମଣି ଚାନ୍ଦ	୧୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଭୃତ ସୁଖୀ ସଂସାର	ସନାତନ ମହାକୁଡ଼	୧୭୬
ଅମୂଲ୍ୟ ଜୀବନ	ନିରଞ୍ଜନ ସାହୁ	୧୭୮
ସମୟ	ସୁଭାଗିନୀ ସିଂହ	୧୮୦
ଅବକ୍ଷୟରୁ ଅଭ୍ୟୁଦୟ	ଲକ୍ଷ୍ମୀଧର ବୋଡ଼କିଆ	୧୮୨
ପ୍ରେମ ସମୁଦ୍ରର ମୁକ୍ତା	ଡଃ ରୋହିତ ପଟ୍ଟନାୟକ	୧୮୪
ଆଶାର ମନୀଷା ମଞ୍ଜରୀ	ଡଃ ବେଣୁଧର ସୂତାର	୧୮୬
ତିସ୍ତା କୋଳରେ ମମତା	ଅଶୋକ କୁମାର ପାତ୍ର	୧୮୮
ଅନନ୍ୟା ନାୟିକା	ସନ୍ଧ୍ୟାରାଣୀ ବେହେରା	୧୯୧
ଦୀପାବଳୀର ଦୀପ	ଜସ୍ମିନ୍ ସାହୁ	୧୯୨
ଜୀବନର ଚଲାପଥେ ସାଜଇ କାହାଣୀ	ବାସନ୍ତୀ ଲତା ଜେନା	୧୯୪
କଳା ମଣିମା	ଶୁଭଶ୍ରୀ ଖୁଣ୍ଟିଆ	୧୯୬
ଅମାନିଆଁ	ଆକୁଳାନନ୍ଦ ପୃଷ୍ଟି	୧୯୭
ସୁନ୍ଦର ତୃପ୍ତିର ଅବସାଦ ନାହିଁ	ଅନାମ ଚରଣ ସାହୁ	୧୯୯
ନନ୍ଦସୁତ କଳାକହ୍ନେଇ	ନଳିନୀ ଦାଶ	୨୦୦
ହରିନାମ	ରୀତାରାଣୀ ଦାଶ	୨୦୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସ ସୁନ୍ଦରୀ	ଦଶରଥ ମାଝୀ	୨୦୩
ମନେ ରଖିଛ ନା ଭୁଲି ଯାଇଛ	ଶ୍ୟାମା ପ୍ରସାଦ ବୋଷ	୨୦୪
ସମୟର ସ୍ୱରଲିପି	ବଟକୃଷ୍ଣ ପଣ୍ଡା	୨୦୬
ସଜ୍ଜନ	ଅରବିନ୍ଦ ସ୍ୱାଇଁ	୨୦୭
ମନର ମୂଳେ ଏ ଜଗତ	ଡଃ ଲକ୍ଷ୍ମୀଆମ୍ମା ନନ୍ଦଡା	୨୦୯
ଧରମ ମାସ	ଜୟଶ୍ରୀ ମିଶ୍ର	୨୧୧
ମଧୁଗନ୍ଧ - ଓଡ଼ିଆଣୀ	ସୁପ୍ରିୟା ଦାଶ (ପୁତୁଲ)	୨୧୨
ଶରଣାଗତି	ଅବିନାଶ ରଥ	୨୧୩
ଛୋଟ ପରିବାର	ଅଭୟ କୁଣ୍ଡ	୨୧୪
ସମ୍ପୂର୍ଣ୍ଣ ପୁରୁଷ	ସୁଶାନ୍ତ ଶେଖର ଦାଶ	୨୧୬
ହଲ୍ ଚଲ୍ ହେଲା ମନ	ସରସ୍ୱତୀ ମେହେର	୨୧୭
ମୁଁ ଜାଣେନି	ଅନସୂୟା ଲେଙ୍କା	୨୧୮
ମଗୁଶୁରକୁ ଅପେକ୍ଷା	ଅଭିମନ୍ୟୁ ବେହେରା	୨୧୯
ମୁଁ କବି ନୁହେଁ, ଜଗତର ଦର୍ପଣ	ବସନ୍ତ କୁମାର ମଲ୍ଲିକ	୨୨୦
ସବୁ ତୁମ ପାଇଁ	ସନ୍ଧ୍ୟାରାଣୀ ମେଣ୍ଡୀଲି	୨୨୨

Listen to Odia Podcast Original at https://youtube.com/@drjyotiprasad

ଠକେଇ ଛଞ୍ଚାଣ ଅମୃତନାରାୟଣ ଶତପଥୀ ୨୨୪

ଫୁଲ୍ ଜୀବନର ନୀରବ ଭାଷା କିରନ୍ ସ୍ୱାଇଁ ୨୨୫

ପ୍ରବନ୍ଧ ବିଭାଗ **୨୨୭**

ଭିକାରୀ ଚରଣ ବଳ : ମୁକୁଟବିହୀନ ଭଜନ ସମ୍ରାଟ ସଞ୍ଜୀବ କୁମାର ଦାସ ୨୨୮

କୃତଜ୍ଞତା - ପୁଷ୍ପାଞ୍ଜଳୀ କାବ୍ୟରେ ସୁବର୍ଣ୍ଣପୁର ରାଜ ଦରବାରର ବର୍ଣ୍ଣନା

ଜିତେନ୍ଦ୍ର ପର୍ଡିଆ ୨୩୨

ଚିକିତ୍ସା ବିଜ୍ଞାନରେ ନୋବେଲ୍, ୨୦୨୬ ଡା ରାଜକିଶୋର ପଣ୍ଡା ୨୩୮

ଭାରତରେ ଶକ୍ତି ଉପାସନା - ଏକ ଅନନ୍ୟ ପରମ୍ପରା କାର୍ତ୍ତିକ ପାଣିଗ୍ରାହୀ ୨୪୫

ନବରାତ୍ରୀରେ କୁଆଁରୀ ପୂଜନ ଡଃ ସମୀର କୁମାର ନନ୍ଦ ୨୪୯

ପ୍ରଥମେ ମୁଁ, ଲାଭ କ'ଣ ? ପଙ୍କଜ କୁମାର ପାଣିଗ୍ରାହୀ ୨୫୪

ମହାଲକ୍ଷ୍ମୀ ଜଗନ୍ନାଥଙ୍କୁ କଷ୍ଟ ଦେବା ଉଚିତ ଥିଲା ?

ଡଃ ତାନଶ୍ରୀ ପାଣିଗ୍ରାହୀ ୨୬୦

ନିବେଦିତା ପଣ୍ଡା ୨୬୩

ଯୁଗଳ ବନ୍ଦୀ ସଚିକାନ୍ତ ରଥ ୨୬୫

ବିଶେଷ ସୂଚନା **୨୬୬**

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ଚଳିତ ମାସର ସଂସ୍କରଣ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ଦୀପାବଳିର ଦୀପ ଲିଭି ସାରିଲାଣି, କାର୍ତ୍ତିକ ମାସ ଅର୍ଦ୍ଧାଧିକ ସରି ଆସିଲାଣି । ଅଥଚ ଆମ ରାଜ୍ୟରେ ଶୀତର ସାମାନ୍ୟତମ ପ୍ରବେଶ କୌଣସି ଭାବରେ ଅନୁଭୂତ ହେଉନାହିଁ । ବାସ୍ତବିକ ପରିବେଶ ପରିବର୍ତ୍ତନର ଏହି ଧାରା ଯଦି ପ୍ରଚଳନରେ ରହେ ତା ହେଲେ ଆଗାମୀ ଦିନରେ ଆମେ ଶୀତ ଓ ବସନ୍ତ ଋତୁର ଆନନ୍ଦ ନେବା ଭୂଲିଯିବା । ଆମ ପିଲାଦିନ ଆଉ ଫେରିବ ନାହିଁ କିନ୍ତୁ ସେ ସମୟର ଶୀତ ମଧ୍ୟ ଆଉ ମିଳିବ ନାହିଁ । ଆସନ୍ତୁ ଜାଣିବା ଦେଶ ଦୁନିଆରେ ଏହି ମାସରେ ଘଟିଥିବା କିଛି ପ୍ରମୁଖ ଘଟଣାର କିୟଦଂଶ ।

ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ଅପେକ୍ଷାର ଅନ୍ତ ଘଟିଛି । ବୁଧବାର ଠାରୁ ୨୦୨୬-୨୭ ପର୍ଯ୍ୟଟନ ଋତୁ ପାଇଁ ଖୋଲିଛି କୁଲଡିହା ଅଭୟାରଣ୍ୟ । ପ୍ରଥମ ଦିନରେ ପର୍ଯ୍ୟଟକଙ୍କ ଆଗମନରେ ଅଭୟାରଣ୍ୟ ଉତ୍ସବମୁଖର ହୋଇଉଠିଛି । ମନୋରମ ପରିବେଶ ଓ ବନ୍ୟପ୍ରାଣୀଙ୍କୁ ଦେଖିବାର ଆଶା ନେଇ ପର୍ଯ୍ୟଟକମାନେ ଏଠାରେ ପହଞ୍ଚିଥିଲେ । ବର୍ଷା ଋତୁରେ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଗତ ଜୁନ୍ ୧୫ ତାରିଖରୁ କୁଲଡିହା ଅଭୟାରଣ୍ୟକୁ ବନ୍ଦ ରଖାଯାଇଥିଲା । ଶୀତ ଋତୁର ଆଗମନ ସହ ନୀଳଗିରି ଉପଖଣ୍ଡର ଏହି ସୌନ୍ଦର୍ଯ୍ୟମୟ ଅଭୟାରଣ୍ୟକୁ ନଭେମ୍ବର ୪ ତାରିଖ ବୁଧବାର ପୂର୍ବାହ୍ନ ୧୦ଟାରେ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି ।

ଚଳିତ ପର୍ଯ୍ୟଟନ ଋତୁର ପ୍ରଥମ ଦିନରେ ପଶ୍ଚିମବଙ୍ଗରୁ ଆସିଥିବା କିଛି ପର୍ଯ୍ୟଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୂର୍ବ ରାତିରେ ପଞ୍ଚଲିଙ୍ଗେଶ୍ୱର ପୀଠ ନିକଟସ୍ଥ ହୋଟେଲରେ ରାତ୍ରିଯାପନ କରିଥିଲେ । ବୁଧବାର ସକାଳେ ସେମାନେ ଟୁରିଷ୍ଟ ଗାଇଡ୍ ମନୋରଞ୍ଜନ ଦାସଙ୍କ ସହ ଅଭୟାରଣ୍ୟର ବାଲିଆନାଳ ଫାଟକ ନିକଟରେ ପହଞ୍ଚିଥିଲେ । ବନ ବିଭାଗ ପକ୍ଷରୁ ପର୍ଯ୍ୟଟକମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ, ଚନ୍ଦନ ଲଗାଇବା ଓ ମିଠା ଖୁଆଇ ଆତ୍ମୀୟ ସ୍ୱାଗତ କରାଯାଇଥିଲା ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଫିତା କାଟିଥିବା ବେଳେ ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦଲକର ଅଭୟାରଣ୍ୟର ଫାଟକ ଖୋଲିଥିଲେ । ଏହି ଅବସରରେ ଏସିଏଫ୍ ମାଣିକେଶ୍ୱରୀ ହେମ୍ବ୍ରମ, କୁଲଡିହା ରେଞ୍ଜର ମନୋରଞ୍ଜନ ନାୟକ, ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ସବୁଜ ବାହିନୀର ସଦସ୍ୟମାନେ ଉପସ୍ଥିତ ଥିଲେ ।

୨୭୨.୭୫ ବର୍ଗ କିଲୋମିଟର ପରିମିତ ଏହି ଶାଳବଣରେ ହାତୀ, ବାଘ, ଭାଲୁ, ହରିଣ, ବଜ୍ରକାପ୍ତା, ମାଙ୍କଡ଼, ବହୁରୂପୀ ଓ ମୟୂର ଆଦି ବନ୍ୟପ୍ରାଣୀ ଦେଖିବାକୁ ମିଳିଥାନ୍ତି । ଏଥିସହ ବିଭିନ୍ନ ପ୍ରଜାତିର ଦେଶୀ ଓ ବିଦେଶୀ ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଏହି କାରଣରୁ ଓଡ଼ିଶା ସମେତ ପଶ୍ଚିମବଙ୍ଗର ବହୁ ସଂଖ୍ୟକ ପର୍ଯ୍ୟଟକ କୁଲଡିହା ଅଭୟାରଣ୍ୟକୁ ଆସିଥାନ୍ତି ।

ଅଭୟାରଣ୍ୟ ଭିତରକୁ ପ୍ରବେଶ ପାଇଁ ପୂର୍ବାହ୍ନ ୯ଟା ୩୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଛି । ପର୍ଯ୍ୟଟକମାନେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅଭୟାରଣ୍ୟ ଭ୍ରମଣ କରିପାରିବେ । ପ୍ରବେଶ ଶୁଳ୍କ ବାବଦରେ ଜଣେ ବ୍ୟକ୍ତିଙ୍କ ପାଇଁ ୪୦ ଟଙ୍କା, କ୍ୟାମେରା ପାଇଁ ୫୦ ଟଙ୍କା ଏବଂ ଚାରିଚକିଆ ଯାନ ପାଇଁ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି ।

କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତରେ ଆନ୍ଧ୍ର ନିର୍ବାଚନକୁ ନେଇ ସ୍ଥିତି ବିଗିଡ଼ିବାରେ ଲାଗିଛି । କୋଟିଆ ସୀମାନ୍ତ ନେରିଡିବାଲସା ଗ୍ରାମବାସୀ ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଶାସନ ଗୋ ବେକ ସ୍ଲୋଗାନ ଦେଇ ବିରୋଧ କରୁଥିବା ବେଳେ ଦୁଇ ରାଜ୍ୟ ପୋଲିସ ମୁହାଁମୁହିଁ ହୋଇଛନ୍ତି ।

ମିଳିଥିବା ସୂଚନା ମୁତାବକ, ସୋମବାର ରାତିରେ ଆନ୍ଧ୍ରରୁ ଆସିଥିବା ଏକ ଚାଉଳ ବୋଝେଇ ଟ୍ରକକୁ ଓଡ଼ିଶା ପୋଲିସ ଅଟକାଇଥିଲା । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି । ମଙ୍ଗଳବାର ଗାଁରେ ମୁତୟନ ହୋଇଥିବା ପୋଲିସକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଏପରକି ଗ୍ରାମବାସୀ ଏକତ୍ରିତ ହୋଇ ଅଞ୍ଚଳରୁ ପୋଲିସ ହଟାଯାଉ କହି ଓଡ଼ିଶା ପ୍ରଶାସନ ଗୋ ବେକ୍ ସ୍ଲୋଗାନ ଦେଇଛନ୍ତି ।

ଖବର ପାଇ କୋଟିଆ ପଞ୍ଚାୟତର ନୋଡ଼ାଲ ଅଧିକାରୀ ତଥା ଉପଜିଲ୍ଲାପାଳ ଫାବି ରସିଦ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ସ୍ୱତନ୍ତ୍ର ଅଧିକାରୀ ସୌରଭ କାନ୍ତ ଦାସ ପ୍ରମୁଖ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପାଇଁ ଚେଷ୍ଟା କରିଥିଲେ । ହେଲେ ଗ୍ରାମବାସୀ କୌଣସି କଥା ଶୁଣିବାକୁ ମନା କରିଦେଇଛନ୍ତି । ଏପରକି ତୁରନ୍ତ ମୁତୟନ ପୋଲିସ ହଟାଇବାକୁ ଦାବି କରିଛନ୍ତି । ଅନ୍ୟପକ୍ଷେ କୋରାପୁଟ ବିଧାୟକ ରଘୁରାମ ମାଛ, ପୂର୍ବତନ ସାଂସଦ ଜୟରାମ ପାଙ୍ଗି ପ୍ରମୁଖ ଗ୍ରାମରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛନ୍ତି ।

ରାଜ୍ୟରେ ଧୀରେ ଧୀରେ ରାତିର ତାପମାତ୍ରା ହ୍ରାସ ପାଉଥିବା ବେଳେ ଶୀତର ପ୍ରଭାବ ଅନୁଭୂତ ହେବା ଆରମ୍ଭ ହୋଇଛି । ଭୁବନେଶ୍ୱରରେ ସର୍ବନିମ୍ନ ରାତି ତାପମାତ୍ରା ୧୮.୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଛି । ଅନ୍ୟପକ୍ଷରେ ଝାରସୁଗୁଡ଼ା ରାଜ୍ୟର ଅନ୍ୟ ସହରଗୁଡ଼ିକ ତୁଳନାରେ ଅଧିକ ଥଣ୍ଡା ରହିଛି । ଏଠାରେ ସର୍ବନିମ୍ନ ରାତି ତାପମାତ୍ରା ୧୪.୫ ଡିଗ୍ରୀ ରେକର୍ଡ କରାଯାଇଛି ।

ସେହିପରି ରାଉରକେଲାରେ ୧୫.୭ ଡିଗ୍ରୀ, ହୀରାକୁଦରେ ୧୬ ଡିଗ୍ରୀ, ସମ୍ବଲପୁରରେ ୧୬.୨ ଡିଗ୍ରୀ ଏବଂ କେନ୍ଦୁଝରରେ ୧୬.୬ ଡିଗ୍ରୀ ସେଲ୍‌ସିୟସ୍ ସର୍ବନିମ୍ନ ରାତି ତାପମାତ୍ରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରେକର୍ଡ ହୋଇଛି ।

ରାତିରେ ତାପମାତ୍ରା ହ୍ରାସ ପାଇବା ସହ ବିଭିନ୍ନ ସହରରେ ଶୀତର ପ୍ରଭାବ ଅନୁଭୂତ ହେଉଛି । ବିଶେଷକରି ପଶ୍ଚିମ ଓଡ଼ିଶାର କେତେକ ସହରରେ ରାତିରେ ଥଣ୍ଡା ଅଧିକ ଅନୁଭୂତ ହେଉଛି । ଆଗକୁ ତାପମାତ୍ରାରେ କିଭଳି ପରିବର୍ତ୍ତନ ହେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଓଡ଼ିଶା ରାଜସ୍ୱ ସେବା (ORS) ଅଧିକାରୀ ମନୀଷା ମିଶ୍ରଙ୍କୁ ରାଜ୍ୟ ସରକାର ଚାକିରିରୁ ବରଖାସ୍ତ କରିଛନ୍ତି । ପ୍ରୋବେସନ୍ ଅବଧିରେ ଥିବା ସମୟରେ ଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇଥିବା ମନୀଷାଙ୍କ ବିରୋଧରେ ସରକାର ଏହି କଠୋର ପଦକ୍ଷେପ ନେଇଛନ୍ତି ।

ସୂଚନା ଅନୁଯାୟୀ, ମନୀଷା ମିଶ୍ର ବାଲିଆପାଳ ସବ୍‌ରେଜିଷ୍ଟ୍ରାର୍ ଭାବେ କାର୍ଯ୍ୟରତ ଥିବାବେଳେ ଜମି ପଞ୍ଜୀକରଣ କାର୍ଯ୍ୟ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ଏହି ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା । ଏହି ଘଟଣା ପରେ ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଥିଲା ।

୨୦୨୪ ମସିହାରେ ମନୀଷା ମିଶ୍ର ORS ଅଧିକାରୀ ଭାବେ ଯୋଗଦେଇଥିଲେ । ପ୍ରୋବେସନ୍ ଅବଧିରେ ତାଙ୍କୁ ବାଲିଆପାଳ ସବ୍‌ରେଜିଷ୍ଟ୍ରାର୍ ଭାବେ ନିଯୁକ୍ତି ମିଳିଥିଲା । ଚାକିରିର ପ୍ରାରମ୍ଭିକ ଅବଧିରେ ହିଁ ଲାଞ୍ଚ ନେବା ଅଭିଯୋଗରେ ସେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ ।

ଦୁର୍ନୀତି ବିରୋଧରେ ସରକାରଙ୍କ କଠୋର ଆଭିମୁଖ୍ୟର ଏହା ଏକ ଉଦାହରଣ ବୋଲି ଚର୍ଚ୍ଚା ହେଉଛି ।

ପୁଣି ବଦଳିବ ପାଗ । କିଛିଦିନର ଶୁଖିଲା ଓ ଆରାମଦାୟକ ପାଗ ପରେ ରାଜ୍ୟରେ ପୁନର୍ବାର ବର୍ଷା ହୋଇପାରେ । ୧୩ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ

Listen to Odia Podcast Original at https://youtube.com/@drjyotiprasad

କ୍ଷେତ୍ର ସମ୍ଭାବନା ରହିଛି । ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପରବର୍ତ୍ତୀ ୨୪ ଘଣ୍ଟାରେ ସ୍ପଷ୍ଟ ଚିହ୍ନିତ ହେବ । ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ତେବେ କେତେଦିନ ଏବଂ କେଉଁ ସ୍ଥାନରେ ବର୍ଷା ହେବ ସେନେଇ କୌଣସି ଆକଳନ କରାଯାଇ ନାହିଁ ।

ପାଣିପାଗ ବିଭାଗର ପୂର୍ବ ସୂଚନା ଅନୁଯାୟୀ, ନଭେମ୍ବର ୧୦ରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲାର କେତେକ ସ୍ଥାନରେ ବର୍ଷା ହୋଇପାରେ । ସେହିପରି ୧୧ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର ସମେତ ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ଏବଂ ୧୨ ତାରିଖରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ଆକଳନ କରାଯାଇଛି ।

ଅନ୍ୟପଟେ ବର୍ଷା ସହିତ ତାପମାତ୍ରାରେ ମଧ୍ୟ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି । ଦୁଇରୁ ତିନି ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଖସିବାର ସମ୍ଭାବନା ରହିଛି ।

ବାଲେଶ୍ୱରସ୍ଥିତ ରିଜର୍ଭ ପୋଲିସ ଲାଇନ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଝୀ ଜୟ ଜଗନ୍ନାଥ, ଜୟ କ୍ଷୀରଚୋରା ଗୋପୀନାଥ, ଜୟ ବାବା ପଞ୍ଚଲିଙ୍ଗେଶ୍ୱରରୁ ଭାଷଣ ଆରମ୍ଭ କରିଥିଲେ । ସେ କହିଥିଲେ, ପୂର୍ବ ସରକାରଙ୍କ ସମୟରେ ଉଭୟ ରାଜ୍ୟ ଓ ଜିଲା ପାଇଁ ଏକ ନିର୍ଦ୍ଦିଷ୍ଟ କୋଟା ବ୍ୟବସ୍ଥା ରହିଥିବାରୁ ପେନ୍‌ସନ ପାଉଥିବା ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପରଲୋକ ପରେ ହିଁ ଅନ୍ୟ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥାନ ମିଳୁଥିଲା । ଏହି ସମ୍ବେଦନହୀନ ଓ ଅମାନବୀୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସମାପ୍ତ କରାଯାଇଛି । ଚଳିତବର୍ଷ ବଜେଟ୍‌ରେ ୫,୦୫,୮୧୭ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ କରାଯିବା ଫଳରେ ରାଜ୍ୟରେ ସମୁଦାୟ ହିତାଧିକାରୀଙ୍କ ସଂଖ୍ୟା ୪୧,୮୦,୮୨୫କୁ ବୃଦ୍ଧି ପାଇଛି । ଏହି ଯୋଜନା ବର୍ତ୍ତମାନ ସମ୍ପୂର୍ଣ୍ଣତା ହାସଲ କରିଛି । ଏହି ନୂତନ ହିତାଧିକାରୀଙ୍କ ପାଇଁ ବର୍ଷକୁ ମାତ୍ର

Listen to Odia Podcast Original at https://youtube.com/@drjyotiprasad

୬୨୫ କୋଟି ଟଙ୍କା ଅଧିକ ଖର୍ଚ୍ଚ ହେବ । ବୟୋଜ୍ୟେଷ୍ଠଙ୍କ କଲ୍ୟାଣ ପାଇଁ ଏହି ପରିମାଣ ଆମ ସରକାରଙ୍କ ଏକ ସାର୍ଥକ ବିନିଯୋଗ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏକୀକୃତ ପେନ୍‌ସନ ପରିଚାଳନା (ୟୁପିଏମ୍‌ପି) ପୋର୍ଟାଲ ଉଦ୍‌ଘାଟନ କରିଥିଲେ । ଯୋଗ୍ୟ ବ୍ୟକ୍ତିମାନେ ଏହି ପୋର୍ଟାଲ ଜରିଆରେ କିମ୍ବା ନିକଟସ୍ଥ ଜନସେବା କେନ୍ଦ୍ର ଏବଂ ବିଡିଓଙ୍କ କାର୍ଯ୍ୟାଳୟ ମାଧ୍ୟମରେ ଅନ୍‌ଲାଇନ୍ ଆବେଦନ କରିପାରିବେ । ଆବେଦନ କରିଥିବା ପରମାସଠାରୁ ନିୟମିତ ଭାବେ ଭତ୍ତା ମିଳିବ ଏବଂ ୮୦ ବର୍ଷ ବୟସ୍କ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ୩,୫୦୦ ଟଙ୍କା ପାଇଁ ପୁନର୍ବାର ଆବେଦନ କରିବାକୁ ପଡିବ ନାହିଁ, ବରଂ ବୟସସୀମା ପୂର୍ଣ୍ଣ ହେଲେ ଏହା ସ୍ୱୟଂକ୍ରିୟ ଭାବେ ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଜିଲାସ୍ତରରେ ନଭେମ୍ବର ୧୧ ରୁ ୧୨ ଏବଂ ବ୍ଲକ ସ୍ତରରେ ନଭେମ୍ବର ୧୩ ରୁ ୧୪ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଯେଉଁମାନେ ଏଥିରେ ଭତ୍ତା ପାଇବେ ନାହିଁ, ସେମାନେ ନଭେମ୍ବର ୨୫ ତାରିଖରେ ନିଜ ନିଜ ପଞ୍ଚାୟତ ବା ମ୍ୟୁନିସିପାଲିଟି କାର୍ଯ୍ୟାଳୟରୁ ନଗଦ ଭତ୍ତା ଗ୍ରହଣ କରିବେ ଏବଂ ଡିସେମ୍ବର ମାସଠାରୁ ପ୍ରତି ମାସର ୧୫ ତାରିଖରେ ନିୟମିତ ଭତ୍ତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ଅବସରରେ ବାଲେଶ୍ୱର ଜିଲାରେ ପ୍ରାୟ ୩୪୦ କୋଟି ଟଙ୍କାର ୭୦ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ୭୮ କୋଟି ଟଙ୍କା ବ୍ୟୟରେ ୨୮ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୨୬୨ କୋଟି ଟଙ୍କାର ୪୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଶୁଭାରମ୍ଭ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କଠାରୁ ସିଧାସଳଖ ଭାବେ ମଧୁବାବୁ ପେନ୍‌ସନ ଯୋଜନାରେ ସଦର ବାଲେଶ୍ୱରରୁ ଅମୂଲ୍ୟ ଆଚାର୍ଯ୍ୟ, ଫୁଲାମଣି ମାରାଣ୍ଡି, ରେମୁଣାରୁ ଶିବା ସିଂହ, ଜୟନ୍ତୀ ସାହୁ, ନୀଳଗିରିରୁ ପ୍ରଫୁଲ୍ଲ ନାୟକ, ହୀରନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦାସ ଏବଂ ନୀଳଗିରି ଏନ୍‌ଏସିରୁ ଗାୟତ୍ରୀ ବେହେରା, ଗଜେନ୍ଦ୍ର ମହାପାତ୍ର ପ୍ରମୁଖ ପେନସନ ଗ୍ରହଣ କରିଥିଲେ । ଏଥିସହ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରସ୍ତୁତ 'ମଧୁବାବୁ ପେନ୍‌ସନ ଯୋଜନା' ସଚେତନତା ରଥକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଯେଉଁଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି, ସେଠାରେ କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ମଧ୍ୟ ରହିଛି । ଏବେ ମହିଳାମାନେ କେବଳ 'ହିତାଧିକାରୀ' ହୋଇରହିବେ ନାହିଁ, ସେମାନେ ଉଦ୍ୟୋଗୀ ହେବେ । ଆମର ଜନକଲ୍ୟାଣକାରୀ ସରକାର ହିତାଧିକାରୀଙ୍କୁ ନିଜର ପ୍ରାପ୍ୟ ଓ ଅଧିକାର ପ୍ରଦାନ ପାଇଁ ବିଶେଷ ଧ୍ୟାନ ଦେଉଛନ୍ତି ବୋଲି କହିଥିଲେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ପେନ୍‌ସନ କେବଳ ଏକ ଆର୍ଥିକ ସହାୟତା ନୁହେଁ, ଏହା ମଣିଷର ଆତ୍ମସମ୍ମାନ ଓ ସାମାଜିକ ସୁରକ୍ଷାର ପ୍ରତୀକ । ଆମ ସରକାର ବିଶେଷ କରି ବୃଦ୍ଧ, ଅସହାୟ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ କିପରି ସୁରୁଖୁରୁରେ ମାସିକ ପେନ୍‌ସନ ପ୍ରଦାନ କରାଯିବ ସେ ପ୍ରତି ବିଶେଷ ଭାବରେ ଧ୍ୟାନ ଦେଉଛନ୍ତି ବୋଲି କହିଥିଲେ । ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇ କହିଥିଲେ, ଆଜି ବାଲେଶ୍ୱର ଜିଲା ପାଇଁ ଏକ ସ୍ୱତନ୍ତ୍ର ଅବସର । ଆଜି ଏଠାରେ ମୁଖ୍ୟମନ୍ତ୍ରୀ ନିଜେ ଯୋଗ୍ୟ ହିତାଧିକାରୀମାନଙ୍କୁ ମଧୁବାବୁ ପେନସନ ବାଣ୍ଟୁଛନ୍ତି । ନୂଆ ଓଡ଼ିଶା, ନୂଆ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି କହିଥିଲେ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସନ୍ତୋଷ କୁମାର ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବିଭାଗୀୟ କମିଶନର ତଥା ଶାସନ ସଚିବ ଡ. ବୃନ୍ଦା. ଡି, ବିଭାଗୀୟ ନିର୍ଦ୍ଦେଶିକା ପାରୁଲ ପଟଙ୍ଗାରି ଏବଂ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରମୁଖ ମଞ୍ଚାସୀନ ଥିଲେ । ବିଧାୟକ ମାନସ ଦତ୍ତ ଧନ୍ୟବାଦ ଦେଇଥିଲେ ।

ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଯାଉଛି ଆଉ ଏକ ଲଘୁଚାପ । ବର୍ତ୍ତମାନ ଉତ୍ତରପ୍ରଦେଶର ଉତ୍ତର-ପଶ୍ଚିମଠାରୁ ଆନ୍ଧ୍ରପ୍ରଦେଶର ଉତ୍ତର ଉପକୂଳ ପର୍ଯ୍ୟନ୍ତ ଏକ ଟ୍ରଫ୍ ଲମ୍ବିଛି । ଏହା ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟଦେଇ ସମୁଦ୍ରପତ୍ତନଠାରୁ ୩.୧ କି.ମି ଉପରେ ଗତି କରୁଛି । ଏହା ଘନୀଭୂତ ହୋଇ ଆସନ୍ତା ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଏହାର ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ତେବେ ଏହା ପ୍ରଭାବରେ ରାଜ୍ୟର ଉପକୂଳ ଅଞ୍ଚଳରେ ଆକାଶ ମେଘୁଆ ରହିବା ସହ ବର୍ଷା ସମ୍ଭାବନା ରହିଛି । ଫଳରେ ତାପମାତ୍ରା କମିବା ସହ କୁହୁଡ଼ି ଓ ଶୀତ ବଢ଼ିବ । କିନ୍ତୁ ୭ ଦିନ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଗତ ୨୪ଘଣ୍ଟାର ତଥ୍ୟ ଅନୁଯାୟୀ, କିଛି ସ୍ଥାନରେ ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ କମ୍ ତାପମାତ୍ରା ରେକର୍ଡ ହୋଇଥିବାବେଳେ କୋରାପୁଟରେ ସ୍ୱାଭାବିକଠାରୁ ୫.୨ ଡିଗ୍ରୀ ତାପମାତ୍ରା ଅଧିକ ରହିଥିଲା । ଫୁଲବାଣୀ ଓ ଝାରସୁଗୁଡାରେ ସର୍ବନିମ୍ନ ତାପମାତ୍ରା ୧୪.୫ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବାବେଳେ ସିମିଳିଗୁଡ଼ାରେ ୧୧.୬, ଜି. ଉଦୟଗିରିରେ ୧୨.୪ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୧୪, ଭବାନୀପାଟଣାରେ ୧୪.୬ ଡିଗ୍ରୀ, ନବରଙ୍ଗପୁରରେ ୧୫ ଡିଗ୍ରୀ, ରାଉରକେଲାରେ ୧୫.୬ ଡିଗ୍ରୀ, କଟକରେ ୧୭.୪ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁବନେଶ୍ୱରରେ ୧୮.୫ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି । ସେହିପରି ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ଖସିବା ସହିତ ରାଜ୍ୟରେ ଧୀରେ ଧୀରେ ଶୀତ ପ୍ରକୋପ ବଢ଼ିବାକୁ ଯାଉଛି । ସେହିପରି ବୁଧବାର ସୁନ୍ଦରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ, କୋରାପୁଟ, ନୟାଗଡ଼ ଓ କଟକ ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

ରାଜ୍ୟରେ ଜମିଜମା ସମ୍ବନ୍ଧୀୟ ମାମଲାର ସମାଧାନ କରିବା ସହିତ ଗ୍ରାମାଞ୍ଚଳ ଲୋକଙ୍କୁ ସ୍ୱଚ୍ଛ ଉପାୟରେ ଜମି ମାଲିକାନା ଦେବା ଏବଂ ବ୍ୟାଙ୍କ ଋଣ କରାଇବା ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି । କେନ୍ଦ୍ର ସରକାରଙ୍କ 'ସ୍ୱାମିତ୍ୱ ଯୋଜନା'କୁ ନେଇ ସ୍ମାର୍ଟ ସମ୍ପତ୍ତି କାର୍ଡ ପ୍ରଦାନ କରାଯିବ । ଏହି ସ୍ମାର୍ଟ କାର୍ଡକୁ ବ୍ୟାଙ୍କ ଋଣ ପ୍ରଦାନ କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଦିଆଯିବ । ଏଥିନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ଯୋଜନା ରହିଛି । ଏହାକୁ ନେଇ ରାଜସ୍ୱ ବିଭାଗ ପକ୍ଷରୁ ଡ୍ରୋନ୍ ସର୍ଭେ କରାଯିବା ସହିତ ନୂତନ ନିୟମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଗାମୀ ଦିନରେ ଏହା ଗ୍ରାମାଞ୍ଚଳ ଲୋକଙ୍କୁ ସମ୍ପତ୍ତି ଋଣ ନେବାରେ ବିଶେଷ ସହାୟକ ହୋଇପାରିବ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୬ରେ ରାଜ୍ୟର ସମସ୍ତ ବର୍ଗର ଲୋକଙ୍କୁ ଜମି ପାସ୍‌ବୁକ୍ ପ୍ରଦାନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହାର ଆଭିମୁଖ୍ୟ ରହିଥିଲା, ଯେଉଁ ବ୍ୟକ୍ତିର ଯେତିକି ପରିମାଣର ଜମି ନିଜ ନାମରେ ରହିଛି ତାହାକୁ ବ୍ୟାଙ୍କ ପାସ୍‌ବୁକ୍ ଭଳି ଜମି ପାସ୍‌ବୁକ୍‌ରେ ଉଲ୍ଲେଖ କରାଯିବ । ପଞ୍ଜୀକରଣ ସମୟରେ ଯଦି ଉକ୍ତ ବ୍ୟକ୍ତି ଜମି ବିକ୍ରି କରନ୍ତି କିମ୍ବା କିଣନ୍ତି ତେବେ ଜମି ପାସ୍‌ବୁକ୍‌ରେ ତାହା ପ୍ରଦର୍ଶିତ ହେବ । ଯାହାଦ୍ୱାରା ଜମି ଜାଲିଆତି କମିବା ସହିତ ଅଦାଲତି ଝମେଲାରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତ୍ରାହି ମିଳିବ । ରାଜସ୍ୱ ବିଭାଗ ପକ୍ଷରୁ ଜମି ପାସ୍‌ବୁକ୍ ପ୍ରକ୍ରିୟା ବର୍ଷେ କିମ୍ବା ୨ ବର୍ଷ ପର୍ଯ୍ୟନ୍ତ ଜୋର୍‌ଦାର ଚାଲିଲା । ମାତ୍ର ଏହାପରେ କୌଣସି ତହସିଲରେ ଜମି ପାସ୍‌ବୁକ କଥା ଶୁଣିବାକୁ ମିଳୁନାହିଁ । ଏହା ଏକ ପ୍ରକାର ଅଲୋଡ଼ା ହୋଇ ପଡ଼ିଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ସ୍ୱାମିତ୍ୱ ସମ୍ପତ୍ତି ସ୍ମାର୍ଟ କାର୍ଡ କେତେଦୂର ସଫଳ ହେବ ତାକୁ ନେଇ ସାଧାରଣ ଲୋକେ ପ୍ରଶ୍ନ ଉଠାଉଛନ୍ତି ।

ଉଲ୍ଲେଖଯୋଗ୍ୟ, ଗ୍ରାମାଞ୍ଚଳରେ ଜମିଜମା ସମ୍ପର୍କିତ ବିବାଦର ଅବସାନ ଏବଂ ଜମି ମାଲିକାନାକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୬ ଅଗଷ୍ଟ ୫ରେ ସ୍ୱାମିତ୍ୱ ଯୋଜନା କାର୍ଯ୍ୟକାରୀ ହୋଇଛି । ଏହି ଯୋଜନାରେ ଅନ୍ୟ ରାଜ୍ୟରେ ଗ୍ରାମାଞ୍ଚଳର ୧୧,୧୪୭ ଜଣ ଜମି ମାଲିକଙ୍କୁ ସମ୍ପତ୍ତି କାର୍ଡ ଆଧାରରେ ୧,୭୧୩ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି । ଗ୍ରାମର ଜନବସତି ଅଞ୍ଚଳକୁ ଡ୍ରୋନ୍ ସର୍ଭେ ଏବଂ କଣ୍ଟିନ୍ୟୁଅସ୍ ଅପରେଟିଂ ରେଫରେନ୍ସ ଷ୍ଟେଶନ ପ୍ରଯୁକ୍ତି ମାଧ୍ୟମରେ ମାପଚୁପ କରାଯାଉଛି । ଏହାଦ୍ୱାରା ଜମିର ଠିକ୍ ସୀମା ନିର୍ଦ୍ଧାରଣ ସହ ସଠିକତାଯୁକ୍ତ ମାନଚିତ୍ର ପ୍ରସ୍ତୁତ ହେଉଛି । ଏହାକୁ ଆଧାରକରି ଜମି ମାଲିକମାନଙ୍କୁ ଅଧିକାର ଅଭିଲେଖ ଭୂସ୍ୱତ୍ୱ ପ୍ରଦାନ କରାଯାଉଛି । ଫଳରେ ଜମି ସୀମାକୁ ନେଇ ବିବାଦ ହ୍ରାସ ପାଇବା ସହ ଜମି ମାଲିକାନାରେ ସ୍ୱଚ୍ଛତା ଆସିପାରିବ । ଏହି ପ୍ରକ୍ରିୟାରେ ଜମିର ସ୍ଥଳସ୍ତରୀୟ ଯାଞ୍ଚ ଏବଂ ବିବାଦର ସମାଧାନ ପାଇଁ ବ୍ୟବସ୍ଥା ରହିଛି । ଫଳରେ ମାଲିକାନା ରେକର୍ଡକୁ ନିରପେକ୍ଷ ଓ ଠିକ୍ ଭାବେ ଚୂଡ଼ାନ୍ତ କରାଯାଇପାରୁଛି । ଏହି ଯୋଜନାରେ ପ୍ରସ୍ତୁତ ଭୌଗୋଳିକ ତଥ୍ୟକୁ ଗ୍ରାମ ମାନଚିତ୍ର ନାମକ ଡିଜିଟାଲ୍ ଆପ୍ଲିକେଶନ ସହ ସଂଯୋଗ କରାଯାଇଛି । ଏହା ମାଧ୍ୟମରେ ଗ୍ରାମର ରାସ୍ତାଘାଟ, ସାର୍ବଜନୀନ ଭିତ୍ତିଭୂମି, ଜଳାଶୟ, ପ୍ରାକୃତିକ ସମ୍ପଦ ଏବଂ ଅନ୍ୟାନ୍ୟ ସାମୂହିକ ସମ୍ପତ୍ତିର ଡିଜିଟାଲ୍ ମାନଚିତ୍ର ଦେଖିହେବ । ତେବେ ଅନେକ ସମୟରେ ବ୍ୟାଙ୍କଗୁଡ଼ିକ ଗ୍ରାମାଞ୍ଚଳ ଲୋକଙ୍କୁ ଋଣ ଦେବାବେଳକୁ କୁଣ୍ଠାକୁଣ୍ଠା ହେଉଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟାଙ୍କ ଯେପରି ଭେଳିକି ନ ଦେଖାଇବ ତାହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହି ଯୋଜନା କାର୍ଯ୍ୟକାରୀ ହେଲେ ଓଡ଼ିଶାର ଗ୍ରାମାଞ୍ଚଳର ବହୁ ଲୋକ ଉପକୃତ ହୋଇପାରିବେ । ନିକଟରେ ରାଜ୍ୟସ୍ତରୀୟ ବ୍ୟାଙ୍କ ସମୂହ କମିଟି ବୈଠକରେ ରାଜସ୍ୱ ବିଭାଗକୁ ଏଥିନେଇ ନୂତନ ଆଇନ ଆଣିବାକୁ କୁହାଯାଇଛି ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

ସମ୍ବଲପୁର ଓ ବରଗଡ଼ ଜିଲ୍ଲା ସୀମାନ୍ତରେ ଥିବା ପ୍ରସିଦ୍ଧ ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ପୁଣି ଥରେ ମହାବଳ ବାଘ ବା ରୟାଲ ବେଙ୍ଗଲ ଟାଇଗର (ଆରବିଟି)ର ଉପସ୍ଥିତି ଠାବ ହୋଇଛି । ନିୟମିତ ପାଟ୍ରୋଲିଂରେ ଥିବା ବନ ବିଭାଗର କର୍ମଚାରୀମାନେ ବାଘଟିକୁ ପ୍ରତ୍ୟକ୍ଷ ଭାବେ ଦେଖିବା ସହ ସ୍ୱତନ୍ତ୍ର କ୍ୟାମେରା ଟ୍ରାପ୍‌ରେ ଏହାର ଫଟୋ ମଧ୍ୟ କଏଦ କରିଛନ୍ତି ।

ପ୍ରାଥମିକ ସୂଚନା ଅନୁଯାୟୀ, ଏହି ମହାବଳ ବାଘଟି ଦେଚୁଆଁ-ଲଖନପୁର ଜଙ୍ଗଲ ଦେଇ ଦେବ୍ରିଗଡ଼ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ଅନୁମାନ କରାଯାଉଛି । ତେବେ ବାଘଟି ପ୍ରକୃତରେ କେଉଁଠାରୁ ଆସିଛି, ଏହାର ଲିଙ୍ଗ କ'ଣ ଏବଂ ଅନ୍ୟାନ୍ୟ ସବିଶେଷ ତଥ୍ୟ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ଓ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନ (ଡବ୍ଲ୍ୟୁଆଇଆଇ)ର ବିଶେଷଜ୍ଞଙ୍କ ଦ୍ୱାରା ଫଟୋ ବିଶ୍ଳେଷଣ ପରେ ସ୍ପଷ୍ଟ ହେବ ।

ବାଘର ଚଳପ୍ରଚଳ ଠାବ ହେବା ପରେ ଅଭୟାରଣ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ ଓ ସୁଦୃଢ଼ କରାଯାଇଛି । ସମଗ୍ର ଅଞ୍ଚଳରେ ୧୦୦ଟି ସ୍ୱତନ୍ତ୍ର କ୍ୟାମେରା ଟ୍ରାପ୍ ଖଞ୍ଜାଯାଇଥିବା ବେଳେ ୨୭ଟି ଦଳ ପ୍ରତିଦିନ ଅଭୟାରଣ୍ୟର ସୀମାନ୍ତ ଅଞ୍ଚଳ ଓ ଜଙ୍ଗଲ ରାସ୍ତାରେ ନିୟମିତ ପାଟ୍ରୋଲିଂ କରୁଛନ୍ତି । ଏହାସହ ରାତ୍ରିକାଳୀନ ସୁରକ୍ଷା ପାଇଁ ତିନିସ୍ତରୀୟ ଟିମ୍ ନିୟୋଜିତ କରାଯାଇ ବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖାଯାଇଛି ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ୨୦୨୨ରୁ ୨୦୨୪ ମଧ୍ୟରେ ଏକ ମହାବଳ ବାଘ ପ୍ରାୟ ଦେଢ଼ ବର୍ଷ ଧରି ଦେବ୍ରିଗଡ଼ ଅଭୟାରଣ୍ୟରେ ସୁରକ୍ଷିତ ଭାବେ ରହିଥିଲା । ପରବର୍ତ୍ତୀ ସମୟରେ ଏହା ଛତିଶଗଡ଼ର ଗୋମର୍ଦା ଅଭୟାରଣ୍ୟକୁ ଚାଲିଯାଇଥିଲା । ସେଠାରେ ବିଦ୍ୟୁତ୍ ଆଘାତରେ ଏହି ବାଘର ଦୁର୍ଭାଗ୍ୟଜନକ ମୃତ୍ୟୁ ଘଟିଥିଲା ।

ଏହି ପୂର୍ବ ଘଟଣାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଦେବ୍ରିଗଡ଼ରେ ଠାବ ହୋଇଥିବା ନୂତନ ମହାବଳ ବାଘର ସୁରକ୍ଷା ଉପରେ ବନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଉଛି । ବାଘର ସୁରକ୍ଷା ସହ ଏହାର ଖାଦ୍ୟ ଓ ଉପଯୁକ୍ତ ବାସସ୍ଥଳୀ ସୁନିଶ୍ଚିତ କରିବା ଦିଗରେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯାଇଛି । ଦେବ୍ରିଗଡ଼ରେ ପୁଣି ମହାବଳର ଉପସ୍ଥିତି ବନ୍ୟପ୍ରାଣୀ ସଂରକ୍ଷଣ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବେ ବିବେଚିତ ହେଉଛି ।

ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ଲଗାଣ ବର୍ଷା ଓ ବନ୍ୟା ଯୋଗୁ ଗଞ୍ଜାମ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି ଏବଂ ଏହାର ପରିମାଣ ୫ ହଜାର କୋଟି ଟଙ୍କା ଟପିବ ବୋଲି ଆକଳନ କରିଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ । ଗଞ୍ଜାମର ବନ୍ୟା ସ୍ଥିତିକୁ ଜାତୀୟ ବିପର୍ଯ୍ୟୟ ଭାବେ ଘୋଷଣା କରିବା ସହ ବିପନ୍ନଙ୍କୁ ଯଥେଷ୍ଟ ଆର୍ଥିକ ସହାୟତା ଏବଂ ଚାଷୀଙ୍କୁ ସ୍ୱତନ୍ତ୍ର କ୍ଷତିପୂରଣ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି ।

କଂଗ୍ରେସର ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ସହ ଶ୍ରୀ ଦାସ ଆସିକା, ଭଞ୍ଜନଗର, ସୋରଡ଼ା, ପୁରୁଷୋତ୍ତମପୁର, ଶେରଗଡ଼, ଛତ୍ରପୁର ଓ ଗଞ୍ଜାମ ବ୍ଲକର ବିଭିନ୍ନ ବନ୍ୟା ଓ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହାପରେ ଛତ୍ରପୁରଠାରେ ଜିଲାପାଳଙ୍କୁ ଭେଟି କ୍ଷୟକ୍ଷତି, ବିପନ୍ନଙ୍କ ସମସ୍ୟା ଓ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ପରେ ରାଜ୍ୟ ସରକାରଙ୍କ ରିଲିଫ୍ ବ୍ୟବସ୍ଥାକୁ ଅପର୍ଯ୍ୟାପ୍ତ ବୋଲି ଅଭିହିତ କରିଥିଲେ । ଘରଦ୍ୱାର, ବ୍ୟବସାୟିକ ପ୍ରତିଷ୍ଠାନ, ସମ୍ପତ୍ତି ଓ ଫସଲ ମିଶାଇ ୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଜାର କୋଟିରୁ ଅଧିକ ଟଙ୍କାର କ୍ଷତି ହୋଇଥିବା ବେଳେ କେବଳ ଆସିକା ବଜାରରେ ବ୍ୟବସାୟୀମାନଙ୍କର ୧ ହଜାର କୋଟିରୁ ଅଧିକ ଟଙ୍କାର କ୍ଷତି ଘଟିଛି ବୋଲି ସେ ଦାବି କରିଛନ୍ତି । ଏଭଳି ବ୍ୟାପକ କ୍ଷୟକ୍ଷତି ତୁଳନାରେ ରାଜ୍ୟ ସରକାର କେନ୍ଦ୍ରକୁ ମାଗିବାକୁ ଥିବା ୨୬୦୦ କୋଟି ଟଙ୍କାର ସହାୟତା ଅତ୍ୟନ୍ତ ନଗଣ୍ୟ ବୋଲି ସେ ମତ ପ୍ରକାଶ କରିଛନ୍ତି ।

ଋଷିକୁଲ୍ୟା ନଦୀ ଓ ଏହାର ଶାଖାନଦୀଗୁଡ଼ିକର ବନ୍ଧ ଭାଙ୍ଗିଯିବା ଫଳରେ ଅନେକ ଅଞ୍ଚଳରେ ୫ ରୁ ୧୫ ଫୁଟ ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହୋଇ ବ୍ୟାପକ ଚାଷଜମି ନଷ୍ଟ ହୋଇଛି । ଅନ୍ୟପକ୍ଷରେ, ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ରନ୍ଧା ଖାଦ୍ୟ ବଣ୍ଟନ ବନ୍ଦ ହୋଇଯିବା ସହ ଶୌଚାଳୟ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ରହିଥିବା ସେ ଅଭିଯୋଗ କରିଛନ୍ତି । ଗଞ୍ଜାମର ବନ୍ୟା ପରିସ୍ଥିତିକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ସହ ବନ୍ୟା ଓ ଭୂସ୍ଖଳନରେ ପ୍ରାଣ ହରାଇଥିବା ପରିବାରକୁ ଅତିକମରେ ୨୦ ଲକ୍ଷ ଟଙ୍କାର ସହାୟତା ଏବଂ ଥଇଥାନ କରାଯାଉ ବୋଲି କଂଗ୍ରେସ ଦାବି କରିଛି । ଏଥିସହ ବନ୍ୟା ପ୍ରଭାବିତ ଚାଷୀଙ୍କ ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼ କରିବା ସହ ନଷ୍ଟ ଫସଲ ପାଇଁ ସର୍ବନିମ୍ନ ସମର୍ଥନ ମୂଲ୍ୟ ଆଧାରରେ ଅତିକମରେ ୫୦ ପ୍ରତିଶତ କ୍ଷତିପୂରଣ ଏବଂ ବନ୍ୟାଞ୍ଚଳର ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫିସ୍ ସମ୍ପୂର୍ଣ୍ଣ ଛାଡ଼ ସହିତ ମାଗଣାରେ ପାଠ୍ୟପୁସ୍ତକ, ପୋଷାକ ଓ ବ୍ୟାଗ୍ ଯୋଗାଇଦେବାକୁ ଦାବି ଉଠିଛି । ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଦୂର କରିବା ଓ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ସରକାର ତୁରନ୍ତ ଠୋସ୍ ପଦକ୍ଷେପ ନେବାକୁ ଭକ୍ତ ଦାସ ଆହ୍ୱାନ ଦେଇଛନ୍ତି ।

ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ ଶନିବାର ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ କ୍ଷୟକ୍ଷତିର ସମୀକ୍ଷା ଲାଗି ଗଞ୍ଜାମ ଜିଲା ଗସ୍ତ କରିଛନ୍ତି । ଏହି ଅବସରରେ ସେ ଶେରଗଡ଼, ହିଞ୍ଜିଳିକାଟୁ, ସୋରଡା ଓ ଆସିକା ଗସ୍ତ କରି ବାତ୍ୟା ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀ ଓ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି । ଯାହା ବାତ୍ୟା ଯୋଗୁ ଲୋକଙ୍କ କ୍ଷତି ହୋଇଛି, ସେହି ଅନୁସାରେ ସରକାରଙ୍କ ସହାୟତା ଘୋଷଣା ନଗଣ୍ୟ ବୋଲି ନବୀନ କହିଛନ୍ତି । ହେଲିକପ୍ଟରରେ ନବୀନ ଆକାଶମାର୍ଗରୁ କ୍ଷତିଗ୍ରସ୍ତ ଜମିର ଫସଲ କ୍ଷୟକ୍ଷତି ଅନୁଧ୍ୟାନ କରି ପୂର୍ବାହ୍ନ ୧୧.୧୫ ମିନିଟ୍‌ରେ ଶେରଗଡ଼ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅବତରଣ କରିଥିଲେ । ସେଠାରେ ଉପସ୍ଥିତ ବିଜେଡିର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରି ଶେରଗଡ଼ ତିନି ଛକସ୍ଥିତ ପଞ୍ଜାବ ବ୍ୟାଙ୍କ ନିକଟରେ ଚାଷୀମାନଙ୍କୁ ଭେଟିବା ପରେ ଫସଲ କ୍ଷତି ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଥିଲେ । ବାଲିସାହି ଛକଠାରେ ବଣିକ ସଂଘ ପକ୍ଷରୁ ୨ଶହ ବ୍ୟବସାୟୀ ସେମାନଙ୍କ କ୍ଷୟକ୍ଷତି ସମ୍ପର୍କରେ ନବୀନଙ୍କୁ ଅବଗତ କରାଇଥିଲେ । ଆଖୁଚାଷୀ ସଂଘ ପକ୍ଷରୁ ସମୀର ପ୍ରଧାନ ଆଖୁଚାଷୀଙ୍କୁ ସହାୟତା ପାଇଁ ଏକ ଦାବିପତ୍ର ଦେଇଛନ୍ତି । ସେଠାରୁ ଫେରି ନବୀନ ହେଲିକପ୍ଟର ଯୋଗେ ହିଞ୍ଜିଳିକାଟୁ ଗସ୍ତ କରିଥିଲେ ।

ହିଞ୍ଜିଳିକାଟୁରେ ନବୀନ ପହଞ୍ଚିବା ପରେ ବାତ୍ୟା ଓ ବନ୍ୟା ଗଞ୍ଜାମବାସୀଙ୍କ ଘଟାଇଥିବା କ୍ଷତି ଅକଳ୍ପନୀୟ । ସରକାର କ୍ଷତିଗ୍ରସ୍ତ ଚାଷୀ ଓ ଲୋକଙ୍କୁ ସହାୟତା ତୁରନ୍ତ ଦିଅନ୍ତୁ ବୋଲି କହିଥିଲେ । ହିଞ୍ଜିଳିକାଟୁ ପୌରାଞ୍ଚଳରେ ବଇଞ୍ଚବଣିଆ, ବ୍ଲକର ଖଣ୍ଡରା ଛକ ଓ ନୂଆ ବୁରୁପଡ଼ା ଛକରେ ଅପେକ୍ଷାରତ କ୍ଷତିଗ୍ରସ୍ତ ଚାଷୀ ଓ ଲୋକଙ୍କ ପାଖରେ ପହଞ୍ଚି ନବୀନ କଥା ହୋଇଥିଲେ । ଚାଷୀ ଉଜୁଡି ଯାଇଥିବା ଫସଲ ଦେଖାଇ ନବୀନଙ୍କୁ ସେମାନଙ୍କ ଦୁର୍ଦ୍ଦଶା ଜଣାଇଥିଲେ । ବୁରୁପୋଡ଼ା ଗ୍ରାମର ଯୁବ ଇଞ୍ଜିନିୟରିଂ ଛାତ୍ର ବିଭୂତି ପଟ୍ଟନାୟକ ବନ୍ୟା ଜଳରେ ଭାସିଯାଇ ପ୍ରାଣ ହରାଇଥିବା ଘଟଣାରେ ତାଙ୍କ ବାପା ଯିଶୁ ପଟ୍ଟନାୟକଙ୍କୁ ନବୀନ ଭେଟିଥିଲେ । ବନ୍ୟାରେ ଚାଷୀଙ୍କ ଫସଲ ନଷ୍ଟ ଓ ଜୀବନହାନି ଘଟଣାରେ ଦୁଃଖ ପ୍ରକାଶ କରି ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ପାଇଁ ଦାବି ଜଣାଇବେ ବୋଲି ନବୀନ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ସେ ସୋରଡା ଗସ୍ତରେ ଆସି ଅପରାହ୍ନରେ ପହଞ୍ଚିଥିଲେ । ସେ ବ୍ଲକର ତତାବାଲି, ଭାଲିଆଗୋଛା, ଶୁରମଣି, ନାରାୟଣପୁର, ବିଷ୍ଣୁପୁର, ଭାଲିଆଗୋଛା ଓ ନୂଆଗଡ ଗ୍ରାମକୁ ଯାଇ ଲୋକଙ୍କ ସହ ସେମାନଙ୍କ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସବୁ ଗ୍ରାମ ଗୁଡିକରେ ଲୋକେ ହାତରେ ଧାନକେଣ୍ଡା ଓ ନଷ୍ଟ ଫସଲ ସବୁ ଧରି ନବୀନଙ୍କୁ ଦେଖାଇ ଆବଶ୍ୟକ ସମୟରେ ସାହଯ୍ୟ ମିଳି ନ ଥିବା ଅଭିଯୋଗ କରିଥିଲେ । ପରେ ସେ ଆସିକା ଗସ୍ତ କରି ମଧ୍ୟାହ୍ନ ୧.୩୦ରେ ପହଞ୍ଚିଥିଲେ । ସେଠାରେ ସେ ବନ୍ୟାପୀଡିତ ଚାଷୀ ଓ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଚାଷଜମି, ଘରଦ୍ୱାର ଓ ଜୀବିକା ଉପରେ ପଡିଥିବା ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଆସିକା ବନ୍ୟା ପରିସ୍ଥିତି ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଘଟଣା ସ୍ଥଳରେ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀଙ୍କ ସହ ନବୀନ ଆଲୋଚନା କରିଥିଲେ । ନବୀନଙ୍କ ଏହି ଗସ୍ତରେ ବିଭିନ୍ନ ସ୍ଥାନରୁ ବହୁ ଜନସାଧାରଣ ଲକ୍ଷ୍ମୀ ବଜାର ସଂଲଗ୍ନ ପୁରୁଣା ବସଷ୍ଟାଣ୍ଡ ଛକରେ ପହଞ୍ଚିଥିଲେ । ଏହି ଗସ୍ତରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଭୃଗୁବକ୍ସି ପାତ୍ର, ଈପ୍ସିତା ସାହୁ, ପ୍ରଣବ ବଳବନ୍ତ ରାୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ବୌଦ୍ଧ ଜିଲା କଣ୍ଟାମାଳ ବିଡିଓ ସାମି ରେଡ୍ଡୀ ଜୟଶ୍ରୀଙ୍କ ବିରୋଧରେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କଡ଼ା ଆକ୍ସନ ନିଆଯାଇଛି । ବିଭାଗୀୟ ଶୃଙ୍ଖଳାଗତ ତଦନ୍ତ ନିର୍ଦ୍ଦେଶ ସହ ତାଙ୍କୁ ତୁରନ୍ତ ପ୍ରଭାବରୁ ଚାକିରିରୁ ନିଲମ୍ବିତ କରାଯାଇଛି । ନିଲମ୍ବନ ଅବଧିରେ ସମ୍ବଲପୁର ଆର୍‌ଡିସିଙ୍କ କାର୍ଯ୍ୟାଳୟରେ ରହିବେ । ବିନା ଅନୁମତିରେ ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବନ୍ୟାରେ ଉଜୁଡ଼ି ଯାଇଥିବା ଚାଷଜମି ଓ ଚାଷୀଙ୍କ ଦୁର୍ଦ୍ଦଶା ଦେଖି ଭାବବିହ୍ୱଳ ହୋଇଛନ୍ତି ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ । ଶନିବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସି ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ଚାଷୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ବାତ୍ୟା ଅର୍ଣ୍ଣବରେ ଆସିଥିବା ବନ୍ୟା ଗଞ୍ଜାମବାସୀଙ୍କ ଘଟାଇ ଥିବା କ୍ଷତି ଅକଳ୍ପନୀୟ ଅଟେ ବୋଲି କହିଛନ୍ତି ନବୀନ । ସରକାର କ୍ଷତିଗ୍ରସ୍ତ ଚାଷୀ ଓ ଲୋକଙ୍କୁ ସହାୟତା ପାଇଁ ଦାବି କରିଛନ୍ତି ।

ନବୀନଙ୍କ ଦିନିକିଆ ଗଞ୍ଜାମ ବନ୍ୟାଞ୍ଚଳ ଗସ୍ତ ପ୍ରଥମେ ନିଜ ନିର୍ବାଚନ ମଣ୍ଡଳୀ ଶେରଗଡରୁ ଆରମ୍ଭ ହୋଇଥିଲା । ସେଠାରୁ ହିଞ୍ଜିଳିକାଟୁ ମିନି ଷ୍ଟାଡିୟମରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରି ହିଞ୍ଜିଳିକାଟୁ ପୌରାଞ୍ଚଳ ଓ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ । ହିଞ୍ଜିଳିକାଟୁ ପୌରାଞ୍ଚଳରେ ବଇଞ୍ଚବଣିଆ, ବ୍ଲକର ଖଣ୍ଡରା ଛକ ଓ ନୂଆ ବୁରୁପଡ଼ା ଛକରେ ଅପେକ୍ଷା କରିଥିବା କ୍ଷତିଗ୍ରସ୍ତ ଚାଷୀ ଓ ଲୋକଙ୍କ ପାଖରେ ପହଞ୍ଚି କଥା ହୋଇଥିଲେ । ଚାଷୀଙ୍କ ଉଜୁଡି ଯାଇଥିବା ଫସଲ ଦେଖାଇ ସେମାନଙ୍କ ଦୁର୍ଦ୍ଦଶା ଜଣାଇଥିଲେ । ଏହାସହ ବୁରୁପୋଡ଼ା ଗ୍ରାମର ଯୁବ ଇଞ୍ଜିନିୟରିଂ ଛାତ୍ର ବିଭୂତି ପଟ୍ଟନାୟକ ବନ୍ୟାଜଳରେ ଭାସିଯାଇ ପ୍ରାଣ ହରାଇଥିବା ଘଟଣାରେ ତାଙ୍କ ବାପା ଯିଶୁ ପଟ୍ଟନାୟକଙ୍କୁ ଭେଟିଥିଲେ ନବୀନ । ଦୁର୍ଦ୍ଦଶା ପୀଡ଼ିତଙ୍କ ଆଖିରେ ଲୁହ ଦେଖି ଭାବବିହ୍ୱଳ ହୋଇଥିଲେ ନବୀନ ପଟ୍ଟନାୟକ ।

ବନ୍ୟାରେ ଚାଷୀଙ୍କ ଫସଲ ନଷ୍ଟ ଓ ଜୀବନହାନି ଘଟଣାରେ ଦୁଃଖ ପ୍ରକାଶ କରି ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ପାଇଁ ଦାବି ଜଣାଇବେ ବୋଲି ନବୀନ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ବିଜୁ ଯୁବ ଛାତ୍ର ବିଜେଡି କର୍ମୀ ଶତାଧିକ ବାଇକ୍‌ରେ ନବୀନଙ୍କ ଗସ୍ତ ବେଳେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାମିଲ ହୋଇଥିଲେ । ବନ୍ୟାଞ୍ଚଳରେ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ବିଜେଡିର ଆଗଧାଡିର ବହୁ ନେତା ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ଗଞ୍ଜାମ ଜିଲା ଗସ୍ତକୁ ନେଇ ପୁଣି ଚର୍ଚ୍ଚାରେ ହିଞ୍ଜିଳିକାଟୁ । ପୂର୍ବରୁ ବନ୍ୟାଞ୍ଚଳ ପରିଦର୍ଶନରେ ନବୀନ ନ ଆସିବାକୁ ନେଇ ହିଞ୍ଜିଳିକାଟୁ ବସ୍‌ଷ୍ଟାଣ୍ଡରେ 'ନବୀନ ମିସିଂ' ପୋଷ୍ଟର ଲାଗିଥିବା ବେଳେ ଏବେ ତାଙ୍କ ଗସ୍ତ ପୂର୍ବରୁ ଘୋଡ଼ାହାଡ଼ ନଦୀ ସେତୁରେ 'ନବୀନ ଗୋ ବ୍ୟାକ' ଲେଖାକୁ ନେଇ ରାଜନୈତିକ ମହଲରେ ପୁଣି ଚର୍ଚ୍ଚା ଜୋର୍ ଧରିଛି ।

ଶନିବାର ନବୀନଙ୍କ ହିଞ୍ଜିଳି ଗସ୍ତ ପୂର୍ବରୁ ଘୋଡ଼ାହାଡ଼ ନଦୀ ସେତୁର ଲୁହା ରେଲିଂରେ ଏହି ଲେଖା ଦେଖିବାକୁ ମିଳିଥିଲା । ଘଟଣାକୁ ନେଇ ବିଜେଡି ଶିବିରରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଗସ୍ତ ପୂର୍ବରୁ ପ୍ରଶାସନ ପକ୍ଷରୁ ରେଲିଂରେ ରଙ୍ଗ ଲଗାଇ ଲେଖାକୁ ଲିଭାଇ ଦିଆଯାଇଥିଲା ।

ଅନ୍ୟପକ୍ଷରେ ଏଭଳି ବିଭ୍ରାଟ ସୃଷ୍ଟିକାରୀଙ୍କୁ ଜବାବ ଦେବା ପାଇଁ ଶତାଧିକ ଯୁବ ଓ ଛାତ୍ର ବିଜେଡି କର୍ମୀ ନବୀନଙ୍କ ଗସ୍ତ ସମୟରେ ଉପସ୍ଥିତ ରହିଥିଲେ । ତେବେ ତାଙ୍କ ଗସ୍ତ ସମୟରେ କୌଣସି ଅପ୍ରୀତିକର ଘଟଣା ଘଟି ନ ଥିଲା । ତେବେ ବିରୋଧୀଦଳ ନେତାଙ୍କ ଗସ୍ତ ପୂର୍ବରୁ 'ମିସିଂ' ପୋଷ୍ଟର ଓ ଏବେ 'ଗୋ ବ୍ୟାକ' ଲେଖାକୁ ନେଇ ହିଞ୍ଜିଳିରେ ରାଜନୈତିକ ଚର୍ଚ୍ଚା ଥମିବାର ନାଁ ନେଉନାହିଁ ।

ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ଓ ଆଶ୍ୱାସନାଜନକ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆଡମିଶନ ସମୟରେ ଛାତ୍ରଛାତ୍ରୀମାନେ ଦେଇଥିବା ବଳକା ଆଡମିଶନ ଫି ଫେରସ୍ତ ପ୍ରକ୍ରିୟା ଶେଷ ହୋଇଛି । ବିଭାଗ ପକ୍ଷରୁ ମୋଟ ୧ ଲକ୍ଷ ୧୧ ହଜାର ୬୭୮ ଜଣ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୬୯.୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଟଙ୍କା ହସ୍ତାନ୍ତର କରାଯାଇଛି ।

ନାମଲେଖା ପ୍ରକ୍ରିୟା ସମୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜରେ ସିଟ୍ ପରିବର୍ତ୍ତନ କିମ୍ବା ନାମଲେଖା ବାତିଲ ହେତୁ ବଳକା ରହିଥିବା ଅର୍ଥକୁ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଆକାଉଣ୍ଟକୁ ପଠାଯାଇଛି । ତେବେ ଯେଉଁ ଛାତ୍ରଛାତ୍ରୀମାନଙ୍କର ଟଙ୍କା କୌଣସି କାରଣରୁ ଏପର୍ଯ୍ୟନ୍ତ ଜମା ହୋଇନାହିଁ, ସେମାନେ SAMS (Student Academic Management System) ପୋର୍ଟାଲ୍‌କୁ ଯାଇ ନିଜର ଦରଖାସ୍ତ ଓ ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକରେ ବନ୍ୟା ଏକ ଭୟବହ ରୂପ ନେଇଛି । ତିନି ଦିନର ଲଗାଣ ବର୍ଷା ଏବଂ ଋଷିକୁଲ୍ୟା ନଦୀର କୁଳଘାଇ ଭାଙ୍ଗି ସହର ଓ ଗାଁଗୁଡ଼ିକରେ ବନ୍ୟାଜଳ ପ୍ରବେଶ କରିବା ଫଳରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସହରର ବିଭିନ୍ନ ଅଞ୍ଚଳରେ ପ୍ରାୟ ୫ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଏହା ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି ।

ଗୁରୁବାର ସକାଳ ପ୍ରାୟ ୧୧ଟା ସମୟରେ ହଠାତ୍ ଋଷିକୁଲ୍ୟା ନଦୀର ବନ୍ୟାଜଳ ସହର ଭାତରକୁ ମାଡ଼ିଆସିଥିଲା । ଫଳରେ ଲୋକମାନେ ନିଜର ଆସବାବପତ୍ର ଓ ଦୋକାନର ସାମଗ୍ରୀ ସୁରକ୍ଷିତ ସ୍ଥାନକୁ ନେବାକୁ ସୁଯୋଗ ପାଇନଥିଲେ । ବଡ଼ବଜାରର ଅନେକ ଦୋକାନ ଏବଂ ଘରେ ପାଣି ପଶିବାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି । କେବଳ ସାଧାରଣ ଲୋକଙ୍କ ଘରଦ୍ୱାର ନୁହେଁ, ବରଂ ପୁରୁଷୋତ୍ତମପୁର ତହସିଲ କାର୍ଯ୍ୟାଳୟ, ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟ ଜଳମଗ୍ନ ହୋଇଯାଇଛି ।

ଋଷିକୁଲ୍ୟା ନଦୀର ସତର୍କ ସଂକେତ ୧୫.୮୩୫ ମିଟର ଏବଂ ବିପଦ ସଂକେତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୧୬.୮୩୫ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୧୯.୨୦ ମିଟରରେ ପହଞ୍ଚିଛି । ନଦୀର ଜଳସ୍ତର ବିପଦ ସଂକେତଠାରୁ ବହୁ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାରୁ ପରିସ୍ଥିତି ଅଧିକ ଚିନ୍ତାଜନକ ହୋଇପଡ଼ିଛି । ହାଣ୍ଡିଘର, ଆଛୁଲି, ପ୍ରତାପୁର, ପାଣ୍ଡିଆ ଓ ବଡ଼ବରଗାଁ ଆଦି ଅଞ୍ଚଳର ହଜାର ହଜାର ଲୋକ ବର୍ତ୍ତମାନ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି ।

ପ୍ରଶାସନ ପକ୍ଷରୁ ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ମୁତାୟନ କରାଯାଇ ବୋଟ୍ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ତେବେ ବହୁ ଅଞ୍ଚଳରେ ରିଲିଫ୍ ଏବଂ ଶୁଖିଲା ଖାଦ୍ୟ ପହଞ୍ଚି ନ ଥିବାରୁ ଜଳବନ୍ଦୀ ପରିବାର, ବିଶେଷକରି କୁନି ଶିଶୁମାନେ ଖାଦ୍ୟପେୟ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭୟଭୀତ ଅବସ୍ଥାରେ ଅଞ୍ଚଳବାସୀ ଆତଙ୍କିତ ହୋଇ ଦିନ କାଟୁଛନ୍ତି ।

ଗତ ତିନି ଦିନ ଧରି ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲାଗିରହିଥିବା ଅବିଶ୍ରାନ୍ତ ବର୍ଷା ଯୋଗୁ ଜନଜୀବନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବର୍ଷା ଯୋଗୁ ଆନ୍ଧ୍ର-ଓଡ଼ିଶା ସୀମାବର୍ତ୍ତୀ କେ. ସୁବାଣୀ ନିକଟରେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ବାହୁଦା ନଦୀ ଓ ଏହାର ଶାଖା ନାଳର ବନ୍ୟାଜଳ ପ୍ରାୟ ୩ ଫୁଟ୍‌ରୁ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ଫଳରେ ଗୁରୁବାର ଭୋରରୁ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ସଡ଼କ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି ।

ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେବା କାରଣରୁ କଲିକତା ଅଭିମୁଖେ ଯାଉଥିବା ଦୁଇଟି ଟ୍ରକ୍ ପାଣିର ସ୍ରୋତରେ ଫସି ଯାଇଥିଲା । ଟ୍ରକ୍‌ରେ ଥିବା ଲୋକମାନେ ଜଳବନ୍ଦୀ ହୋଇ ଗାଡ଼ି ଛାତ ଉପରେ ଆଶ୍ରୟ ନେଇଥିଲେ । ପ୍ରଥମେ ସ୍ଥାନୀୟ ଧୀବରମାନେ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ଖବର ପାଇ ଆନ୍ଧ୍ରର ଇଚ୍ଛାପୁର ପୋଲିସ ଓ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ ସୁଦ୍ଧା ଉକ୍ତ ସ୍ଥାନଟି ଓଡ଼ିଶା ସୀମାରେ ଥିବାରୁ କୌଣସି ଉଦ୍ଧାର କାର୍ଯ୍ୟ ନକରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରିଯାଇଥିଲେ ।

ପରେ ଚିକିଟି ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରଥମେ ଦୌଡ଼ି ସାହାଯ୍ୟରେ ଉଦ୍ଧାର ପାଇଁ ଉଦ୍ୟମ କରିବା ବେଳେ ଦୁଇ ଜଣ ଅଗ୍ନିଶମ କର୍ମଚାରୀ ପାଣିର ପ୍ରବଳ ସ୍ରୋତରେ ଭାରସାମ୍ୟ ହରାଇଥିଲେ । ପରବର୍ତ୍ତୀ ସମୟରେ ବୋଟ୍ ସାହାଯ୍ୟରେ ଅଗ୍ନିଶମ ବାହିନୀ ସେଠାରେ ଫସିରହିଥିବା ପ୍ରାୟ ୧୮ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି ।

ସୁରକ୍ଷା ଓ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଗୋଳଛରା ଥାନା ନିକଟରେ ଓଡ଼ିଶା ପଟୁ ଆନ୍ଧ୍ରପ୍ରଦେଶ ଯାଉଥିବା ସମସ୍ତ ଯାନବାହାନକୁ ଅଟକାଇ ଦିଆଯାଇଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ୍, ବସ୍ ଓ କାର୍ ଅଟକି ରହିଥିବା ବେଳେ ଯାତ୍ରୀ, ଜନସାଧାରଣ ଓ ଟ୍ରକ୍ ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

ଲଗାଣ ବର୍ଷା ଯୋଗୁ ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟିର ବେଲଗଡ଼ ନିକଟରେ ଥିବା ଏକ କଲଭର୍ଟ ପାହାଡ଼ିଆ ପାଣିର ପ୍ରବଳ ସ୍ରୋତରେ ଭାସିଯାଇଛି । ଫଳରେ ପ୍ରାୟ ୨୦ ଫୁଟ୍‌ର ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇ ଶୂନ୍ୟ ହୋଇପଡ଼ିଛି । ସେହିପରି କାଳିବୋରେଇ, ଛେଦନଇ ଓ ପାଲୁଖଳା ଗାଁ ନିକଟସ୍ଥ ୩୨୬ ନମ୍ବର ଜାତୀୟ ରାଜପଥରେ ଗୁରୁବାର ସକାଳୁ ପ୍ରାୟ ୧ କିଲୋମିଟର ରାସ୍ତା ମଧ୍ୟରେ ଠାଏ ଠାଏ ପାହାଡ଼ ଧସିବା ସହ ଧାଙ୍ଗୁଡ଼ି ପାହାଡ଼ର ଝରଣା ପାଣି ୩ରୁ ୪ ଫୁଟ୍ ଉଚ୍ଚରେ ରାସ୍ତା ଉପରେ ପ୍ରବାହିତ ହେଉଛି । ରାସ୍ତାକଡ଼ର ବିରାଟକାୟ ଗଛଗୁଡ଼ିକ ଉପୁଡ଼ି ପଡ଼ିବାରୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି ।

ଏହି ମୁଖ୍ୟ ଜାତୀୟ ରାଜପଥ ଦେଇ ଗଜପତି, ରାୟଗଡ଼ା, କନ୍ଧମାଳ, ଜୟପୁର, କୋରାପୁଟ, କଳାହାଣ୍ଡି, ମାଲକାନଗିରି ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ତେଲେଙ୍ଗାନା ଓ ମଧ୍ୟପ୍ରଦେଶକୁ ଯୋଗାଯୋଗ ହେଉଥିବାରୁ ବର୍ତ୍ତମାନ ଗାଡ଼ି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ଓ ପ୍ରଶାସନ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ବାରିକେଟ୍ ଲଗାଇ ସିଲ୍ କରାଯାଇଛି ।

ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ନିକଟରେ ସୁ-ସୁ ଗର୍ଜନ କରି ବନ୍ୟାଜଳ ପ୍ରବାହିତ ହେଉଥିବାରୁ ରାସ୍ତାର ଚିହ୍ନବର୍ଣ୍ଣ ଆଦୌ ଜଣାପଡୁନାହିଁ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ିମୋଟର ଅଟକି ରହିଛି । ଖବର ପାଇ ବ୍ରହ୍ମପୁର ଜାତୀୟ ରାଜପଥ ପ୍ରାଧିକରଣର ଯନ୍ତ୍ରୀ, ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଏବଂ ପାଟପୁର ଥାନା ପୋଡ଼ାମାରି ଫାଣ୍ଡି ଅଧିକାରୀ ପି.କେ. ବାଲିକାନା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗଛ ଓ ମାଟି ଅତଡ଼ା ହଟାଇ ରାସ୍ତା ସଫା କରିବା କାର୍ଯ୍ୟ ଜାରି ରଖିଛନ୍ତି ।

ରାଜ୍ୟରେ ବନ୍ୟା ସ୍ଥିତି ସଙ୍କଟଜନକ ରୂପ ନେଇଛି । ବିଶେଷ କରି ମାଲକାନଗିରି ତୁଳନାରେ ଏଥର ଗଞ୍ଜାମ ଓ ଗଜପତି ଜିଲ୍ଲା ବନ୍ୟା ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି । ଗଞ୍ଜାମ ଜିଲ୍ଲାରେ ୪୩ ହଜାରରୁ ଅଧିକ ଲୋକ ବନ୍ୟାଜଳ ଘେରରେ ଫସି ରହିଥିବା ବେଳେ ସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡ଼ିଛି ।

ଏହି ଆପାତକାଳୀନ ସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏସଆରସି କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ବନ୍ୟାଞ୍ଚଳ ପରିଦର୍ଶନରେ ଯିବା ପୂର୍ବରୁ ସେ ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ୟା ପରିସ୍ଥିତି ଓ ସରକାରଙ୍କ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ, ପ୍ରଭାବିତ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ତୁରନ୍ତ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ଜଳବନ୍ଦୀ ହୋଇ ରହିଥିବା ଦୁର୍ଗମ ଅଞ୍ଚଳଗୁଡ଼ିକରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ହେଲିକପ୍ଟର ମାଧ୍ୟମରେ ଆକାଶ ମାର୍ଗରୁ ଶୁଖିଲା ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯିବ । ଯେଉଁ ଅଞ୍ଚଳରେ ଡଙ୍ଗା ଚଳାଚଳ ସମ୍ଭବ, ସେଠାରେ ବୋଟ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଧ୍ୟମରେ ପ୍ରଭାବିତଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି ।

ବନ୍ୟା ଜଳରେ କ୍ଷତିଗ୍ରସ୍ତ ହୋଇଥିବା ପ୍ରମୁଖ ରାସ୍ତାଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଦ୍ୱାରା ଯୋଗାଯୋଗ ବ୍ୟବସ୍ଥା ଶୀଘ୍ର ସ୍ୱାଭାବିକ ହୋଇପାରିବ ।

ସରକାରଙ୍କ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି । ଉଦ୍ଧାର କାର୍ଯ୍ୟରେ ଏନଡିଆରଏଫ, ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀକୁ ନିୟୋଜିତ କରାଯାଇଛି । ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳକୁ ନେବା ସହ ସେମାନଙ୍କୁ ଆବଶ୍ୟକୀୟ ଖାଦ୍ୟ ଓ ପାନୀୟ ଜଳ ଯୋଗାଇଦେବା ପ୍ରଶାସନର ପ୍ରାଥମିକତା ରହିଛି ବୋଲି ରାଜସ୍ୱ ମନ୍ତ୍ରୀ ପ୍ରକାଶ କରିଛନ୍ତି ।

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୭ ବର୍ଷ ପାଇଁ ସରକାରୀ ଛୁଟି ତାଲିକା ପ୍ରକାଶ ପାଇଛି । ରାଜସ୍ୱ ବିଭାଗ ପକ୍ଷରୁ ଜାରି ତାଲିକା ଅନୁଯାୟୀ, ବର୍ଷକ ମଧ୍ୟରେ ୬ଟି ସ୍ୱତନ୍ତ୍ର ଦିନରେ ଛୁଟି ବାଦ୍ ଦେଇ ମୋଟ ୨୯ଟି ସରକାରୀ ଛୁଟି ଦିବସ ରହିଛି । ଏହି ୬ଟି ସ୍ୱତନ୍ତ୍ର ଦିବସ ଭିତରୁ ସୁଭାଷଚନ୍ଦ୍ର ବୋଷ ଜୟନ୍ତୀ, ସ୍ୱାଧୀନତା ଦିବସ, ନୂଆଖାଇ, ବିଜୟା ଦଶମୀ, ରାହାସ ପୂର୍ଣ୍ଣିମା ଏବଂ ବଡଦିନ ୪ର୍ଥ ଶନିବାର ଓ ରବିବାର ଛୁଟି ଦିନରେ ପଡୁଥିବାରୁ ତାଲିକାରୁ ବାଦ୍ ଦିଆଯାଇଛି । ତେବେ ଜାନୁଆରୀ ୧୪ରେ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇ ଅକ୍ଟୋବର ୨୯ରେ ଦୀପାବଳିରେ ସରକାରୀ ଛୁଟି ତାଲିକା ଶେଷ ହୋଇଛି ।

ଜାନୁଆରୀ ୨୬ରେ ସାଧାରଣତନ୍ତ୍ର ଦିବସ, ଫେବୃଆରୀ ୧୧ରେ ବସନ୍ତ ପଞ୍ଚମୀ, ମାର୍ଚ୍ଚ ୬ରେ ମହାଶିବରାତ୍ରି, ୧୦ରେ ଇଦ୍-ଉଲ୍-ଫିତର, ୨୨ରେ ଦୋଳପୂର୍ଣ୍ଣିମା, ୨୩ରେ ହୋଲି ଓ ୨୬ରେ ଗୁଡ୍ ଫ୍ରାଇଡେ ପାଇଁ ଛୁଟି ରହିଛି । ସେହିପରି ଏପ୍ରିଲ ୧ରେ ଓଡ଼ିଶା ଦିବସ, ୧୪ରେ ମହାବିଷୁବ ସଂକ୍ରାନ୍ତି ତଥା ଡ. ବି.ଆର୍. ଆମ୍ବେଡ଼କର ଜୟନ୍ତୀ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୧୫ରେ ଶ୍ରୀରାମ ନବମୀ ଛୁଟି ରହିଛି । ମେ' ୧୭ରେ ଇଦ୍-ଉଜ୍-ଜୁହା, ୨୦ରେ ବୁଦ୍ଧ ଜୟନ୍ତୀ, ବୈଶାଖ ପୂର୍ଣ୍ଣିମା ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳନ ଅବସରରେ ଛୁଟି ରହିବ । ଜୁନ୍ ୪ରେ ସାବିତ୍ରୀ ଅମାବାସ୍ୟା, ୧୪ରେ ପହିଲି ରଜ, ୧୫ରେ ରଜ ସଂକ୍ରାନ୍ତି ଓ ୧୬ରେ ମହରମ ଏବଂ ଜୁଲାଇ ୫ରେ ରଥଯାତ୍ରା, ଅଗଷ୍ଟ ୧୭ରେ ଝୁଲଣ ପୂର୍ଣ୍ଣିମା ଓ ୨୪ରେ ଜନ୍ମାଷ୍ଟମୀ ଛୁଟି ରହିବ । ସେହିପରି ସେପ୍ଟେମ୍ବର ୪ରେ ଗଣେଶ ପୂଜା, ୬ରେ ନୂଆଖାଇ, ୩୦ରେ ମହାଳୟା, ଅକ୍ଟୋବର ୨ରେ ଗାନ୍ଧୀ ଜୟନ୍ତୀ, ୬ରୁ ୮ ପର୍ଯ୍ୟନ୍ତ ଦୁର୍ଗାପୂଜା (ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀ), ୧୫ରେ କୁମାର ପୂର୍ଣ୍ଣିମା ଏବଂ ୨୯ରେ ଦୀପାବଳି ଛୁଟି ରହିଛି ।

ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ଭୟଙ୍କର ବନ୍ୟାରେ ଲୋକଙ୍କ ଘରଦ୍ୱାର ଭାଙ୍ଗି ଜୀବନଜୀବିକା ଉଜୁଡ଼ିଯାଇଛି । ହେଲେ ବନ୍ୟା ବିପନ୍ନ ଲୋକେ ପାଣିଘରରେ ରହି ଦୁର୍ଦ୍ଦଶା ଜୀବନ କାଟୁଛନ୍ତି । ଖାଇବାକୁ ନ ପାଇ ଭୋକିଲା ପେଟରେ ଛଟପଟ ହେବାରେ ଲାଗିଛନ୍ତି । ଏପରି ବିପତ୍ତି ସମୟରେ କୌଣସି ଜନପ୍ରତିନିଧିଙ୍କ ଦେଖା ନ ମିଳିବା ଘଟଣା ଲୋକଙ୍କ ଅସନ୍ତୋଷକୁ ଆହୁରି ତୀବ୍ର କରିଛି ।

ଏହି ସମୟରେ ଦୀର୍ଘ ତିନିଦିନ ପରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଭାଜପାର ରାଜ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା ପୁରୁଷୋତ୍ତମପୁର ଏନ୍ଏସିର କୁମାରୀ ଗ୍ରାମକୁ ଆସିଥିବାବେଳେ ଲୋକେ ଘେରିଯାଇ ଭୋଟ୍ ନେଲାବେଳେ ବାରମ୍ବାର ଆସି ବିଭିନ୍ନ ପ୍ରତିଶ୍ରୁତି ଦେଉଛ ମାତ୍ର ଏହି ବିପତ୍ତି ସମୟରେ କୁଆଡ଼େ ଯାଉଛ ବୋଲି କହି ବିଭିନ୍ନ ପ୍ରଶ୍ନ କରିଥିଲେ । ଫଳରେ ଏହାକୁ ନେଇ ଉଭୟ ବିଧାୟକ ଓ ଲୋକଙ୍କ ମଧ୍ୟରେ ବହୁ ଯୁକ୍ତିତର୍କ ହୋଇଥିଲା । ଏହି ସମୟରେ ଭୋକିଲା ପେଟରେ ଉତ୍ତେଜିତ ହୋଇ ରହିଥିବା ଲୋକେ ବିଧାୟକଙ୍କୁ ଆକ୍ରମଣ କରି ତଳେ ପକାଇ ଦେଇଥିଲେ । ଏହି ସମୟରେ ପୋଲିସ ଉପସ୍ଥିତ ଥିଲେ ମଧ୍ୟ ନିରୁପାୟ ହୋଇପଡ଼ିଥିଲେ । ପୋଲିସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କର୍ମଚାରୀମାନେ ବିଧାୟକଙ୍କୁ ଉଦ୍ଧାର କରି ଗାଡ଼ିରେ ବସାଇ ଛାଡ଼ିଥିଲେ । ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

ଗଞ୍ଜାମ ଜିଲ୍ଲାରେ ବନ୍ୟା ସ୍ଥିତିକୁ ନେଇ ଜିଲ୍ଲାପାଳ ଶନିବାର ସାମ୍ବାଦିକ ସମ୍ମିଳନୀ କରି ସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି । ଜିଲ୍ଲାରେ ବନ୍ୟାଜଳ ଧୀରେ ଧୀରେ କମୁଥିବା ବେଳେ ଏବେ ବି କିଛି ଗାଁ ଜଳବନ୍ଦୀ ହୋଇ ରହିଛି । ଜିଲ୍ଲାର ମୋଟ ୭୩ଟି ଗାଁ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ଏପର୍ଯ୍ୟନ୍ତ ୫୬ ହଜାର ୫୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବନ୍ୟାଜଳ ଘେରରେ ଥିବା ଗାଁ ସଂଖ୍ୟା ଗତକାଲି ୨୧ ଥିବା ବେଳେ ଆଜି ଏହା ୩କୁ ହ୍ରାସ ପାଇଥିବା ଜିଲ୍ଲାପାଳ କହିଛନ୍ତି ।

ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଜିଲ୍ଲାର ୩୬୭ଟି ସ୍ଥାନରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି । ଆଗାମୀ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ଯେପରି ଖାଦ୍ୟ ସାମଗ୍ରୀର ଅଭାବ ନ ହୁଏ, ସେଥିପାଇଁ ସମସ୍ତ ସ୍ଥାନରେ ଆବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ଯୋଜନା କରାଯାଇଛି ।

ଆସିକା ଓ ଶେରଗଡ଼ ବ୍ଲକ କାର୍ଯ୍ୟାଳୟ ମଧ୍ୟ ବନ୍ୟାଜଳ ଘେରରେ ରହିଥିଲା । ବର୍ତ୍ତମାନ ସମସ୍ତ ନଦୀରେ ଜଳସ୍ତର ହ୍ରାସ ପାଉଥିଲେ ମଧ୍ୟ କେତେକ ସ୍ଥାନରେ ଏବେ ବି ବିପଦସଙ୍କେତ ଉପରେ ଜଳ ପ୍ରବାହିତ ହେଉଛି । ଆଗକୁ ପୁଣି ବାତ୍ୟା ଓ ବର୍ଷା ହେବାର ସମ୍ଭାବନା ଥିବାରୁ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଉଛି ।

ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ମରାମତି କାମ ଆରମ୍ଭ ହୋଇଛି । ପ୍ରଥମେ ମୁଖ୍ୟ ରାସ୍ତାଗୁଡ଼ିକର ମରାମତିକୁ ଗୁରୁତ୍ୱ ଦିଆଯାଉଛି । ହିଞ୍ଜିଳିରୁ ଭଞ୍ଜନଗରକୁ ସଂଯୋଗ କରୁଥିବା ରାସ୍ତାର ମରାମତି କାମ ମଧ୍ୟ ଚାଲିଛି । ଏହାପରେ ଅନ୍ୟ ରାସ୍ତାଗୁଡ଼ିକର ମରାମତି କରାଯିବ ।

ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ଟାଟା ପାୱାର ପକ୍ଷରୁ ପଦକ୍ଷେପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଆଯାଇଛି । ସମସ୍ତ ବ୍ଲକରେ ୨୪ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସଂଯୋଗ ପୁନଃସ୍ଥାପନ କରାଯାଇଥିବା ବେଳେ ଆଉ କିଛି ସ୍ଥାନରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇନାହିଁ । ଶନିବାର ସନ୍ଧ୍ୟା ସୁଦ୍ଧା ସମସ୍ତ ସ୍ଥାନରେ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ଚେଷ୍ଟା କରାଯିବ ବୋଲି କୁହାଯାଇଛି ।

ଅନ୍ୟପକ୍ଷରେ ବନ୍ୟାରେ କ୍ଷତିଗ୍ରସ୍ତ ଆନିକଟ ଓ ହିଡ଼ଗୁଡ଼ିକର ମରାମତି ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି । ଗିଡ଼ିପାବାଲି ଅଞ୍ଚଳରେ ୧୨ ଜଣ ନିଖୋଜ ଥିବା ନେଇ ସୂଚନା ମିଳିଥିଲା । ଗଞ୍ଜାମ ଓ କନ୍ଧମାଳ ପଟୁ ଖୋଜାଖୋଜି ଜାରି ରହିଛି ।

ବନ୍ୟା ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଥିଲେ ମଧ୍ୟ ଆଗାମୀ ପାଣିପାଗ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଛି । ବର୍ଷବର୍ଷର ପରିଶ୍ରମ ଓ ରୋଜଗାରରେ ଗଢ଼ିଥିବା ସମ୍ଭଓ୍ୱି ବନ୍ୟାଜଳରେ ଭାସିଯାଇଛି । ଏଭଳି ସ୍ଥିତିରେ ଦୁଃଖ ସରିନି ପୁଣି ଦୁଃଖ ମାଡ଼ି ଆସିଲାଣି । ଆସନ୍ତା ସୋମବାର ଓ ମଙ୍ଗଳବାର ଜିଲାରେ ପୁଣି ବର୍ଷା ହେବାର ଆଶଙ୍କା ରହିଛି । ଲୋକେ କିପରି ଜୀବନ ଜୀବିକା ନିର୍ବାହ କରିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି ।

ଏଭଳି ପରିସ୍ଥିତିରେ ଶନିବାର ଅପରାହ୍ନରେ କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ ଘଟିଛି । ଫଳରେ ପାହାଡ଼ରୁ ବଡ଼ବଡ଼ ପଥର ଖସି ରାସ୍ତା ଉପରେ ପଡ଼ିଛି । ଘଟଣାସ୍ଥଳରେ ନିୟୋଜିତ ଠିକାଦାର ସଂସ୍ଥାର କର୍ମଚାରୀମାନେ ପଥରଗୁଡ଼ିକୁ ହଟାଇବା କାର୍ଯ୍ୟରେ ଲାଗିଛନ୍ତି ।

ରବିବାର ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଖୋଲା ରଖିବାକୁ ନିର୍ଦ୍ଦେଶ ରହିଛି । ଏହି ନିର୍ଦ୍ଦେଶରେ ଅବହେଳା କିମ୍ବା ଖିଲାପ କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳଙ୍କ ପକ୍ଷରୁ ଜାରି ଚିଠିରେ

Listen to Odia Podcast Original at https://youtube.com/@drjyotiprasad

ଉଲ୍ଲେଖ କରାଯାଇଛି । ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ, କର୍ମଚାରୀମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ହୋଇଛି ।

ଅର୍ଣ୍ଣବ ବାତ୍ୟା ନ ଯାଉଣୁ, ମୁରାସୁ ନାମରେ ଆଉ ଏକ ବାତ୍ୟା ଆନ୍ଧ୍ରପ୍ରଦେଶ ଦେଇ ଭୂମି ଛୁଇଁଥିଲା । ସୌଭାଗ୍ୟବଶ୍‌ତଃ ଏହା ଏତେ କ୍ଷତି କରିନାହିଁ ।

ସ୍ଥଳଭାଗ ଅତିକ୍ରମ ସମୟରେ ବାତ୍ୟାର ପବନ ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ରହିବା ସହ ଝଟକା ପବନର ବେଗ ୧୨୦ କିମି ପର୍ଯ୍ୟନ୍ତ ରହିଥିଲା । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ପଡିଥିଲା । ବିଶେଷକରି ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲାରେ ବର୍ଷା ହୋଇଥିଲା ।

ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ତାଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଜେଲ୍ ଯାଇଛନ୍ତି । ଆଗୁଆ ଜାମିନ୍ ଆବେଦନ ଖାରଜ ହେବା ପରେ ସେ ଆତ୍ମସମର୍ପଣ କରିଥିଲେ । ପରେ ତାଙ୍କୁ ପାରଳାଖେମୁଣ୍ଡି ସବ୍‌ଜେଲ୍‌କୁ ପଠାଯାଇଛି ।

ସୂଚନା ଅନୁଯାୟୀ, ଏସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣାକୁ ନେଇ ଦୀର୍ଘଦିନ ଧରି ଚର୍ଚ୍ଚା ଲାଗି ରହିଥିଲା । ଏହି ମାମଲାରେ ବିଦ୍ୟାଭାରତୀଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସିଥିଲା । ଆଗୁଆ ଜାମିନ୍ ଆବେଦନ ଖାରଜ ହେବା ପରେ ସେ ଆତ୍ମସମର୍ପଣ କରିଥିଲେ । ଆତ୍ମସମର୍ପଣ ପରେ ତାଙ୍କୁ ଜେଲ୍ ହାଜତକୁ ପଠାଯାଇଛି ।

ଏହି ମାମଲାରେ ପୂର୍ବରୁ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଜେଲ୍‌ରେ ଅଛନ୍ତି । ସେହିପରି ରୋଷେୟା ମନ୍ମଥ କୁମ୍ଭ ମଧ୍ୟ ପାରଳାଖେମୁଣ୍ଡି ସବ୍‌ଜେଲ୍‌ରେ ରହିଛନ୍ତି । ଏବେ ଏହି ମାମଲାରେ ବିଦ୍ୟାଭାରତୀ ଜେଲ୍ ଯିବା ପରେ ଘଟଣାଟି ପୁଣିଥରେ ଚର୍ଚ୍ଚାକୁ ଆସିଛି ।

ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ତଥା ପ୍ରଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ରଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା । ବ୍ରେନ ଷ୍ଟ୍ରୋକ ପରେ ଦିଲ୍ଲୀ ଏମ୍ସରେ ସେ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି । ତାଙ୍କ ମୃତ୍ୟୁରେ ଚିକିତ୍ସା କ୍ଷେତ୍ରରେ ଶୋକର ଛାୟା ଖେଳିଯାଇଛି ।

ସୂଚନାଯୋଗ୍ୟ, ଭୁବନେଶ୍ୱର ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଥିଲେ ଡାକ୍ତର ଅଶୋକ ମହାପାତ୍ର । ଏହାସହ ସେ ନୂଆଦିଲ୍ଲୀ ଏମ୍ସର ନ୍ୟୁରୋସର୍ଜରୀ ବିଭାଗର ପୂର୍ବତନ ମୁଖ୍ୟ, ସଞ୍ଜୟ ଗାନ୍ଧୀ ପୋଷ୍ଟଗ୍ରାଜୁଏଟ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସେସ (SGPGIMS) ଲକ୍ଷ୍ନୌର ପୂର୍ବତନ ନିର୍ଦ୍ଦେଶକ ଏବଂ ଶିକ୍ଷା ଓ ଅନୁସନ୍ଧାନ (SOA) ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ମୁଖ୍ୟ ପରାମର୍ଶଦାତା ଥିଲେ ।

ଭାରତର ପ୍ରଥମ ୧୬ ଘଣ୍ଟିଆ ଜଟିଳ ଅସ୍ତ୍ରୋପଚାର ଦ୍ୱାରା ଯୋଡା ମୁଣ୍ଡ ଥିବା ଶିଶୁ ଜଗା ଓ କାଳିଆଙ୍କୁ ଅଲଗା କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କୁ ୨୦୨୪ ମସିହାରେ ଚିକିତ୍ସା କ୍ଷେତ୍ରରେ ଅବଦାନ ପାଇଁ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

ବିହାରର ପାଟନାଠାରେ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମ୍ବୋଧନ ସମୟରେ ହଙ୍ଗାମା ଘଟିଛି । ଏହି ସମୟରେ ଯେତେବେଳେ ଶ୍ରୋତାଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଦ ଛାଡ଼ିବେ ନାହିଁ । ଏହି ମନ୍ତବ୍ୟର ଜବାବ ଦେଇ ଖାର୍ଗେ କହିଥିଲେ, 'ମୋଦୀ କା ବାପ ଭି ଜାଏଗା' । ଏହି ଅଭିଯୋଗ ଆଣିଥିବା ବ୍ୟକ୍ତିଙ୍କୁ କଂଗ୍ରେସ ସମର୍ଥକମାନେ ମାଡ଼ ମାରିଥିଲେ । ହଲ୍ ବାହାରେ କଥାବାର୍ତ୍ତା ବେଳେ ସନ୍ତୋଷ କୁମାର ନାମକ ସେହି ବ୍ୟକ୍ତିଜଣକ କହିଛନ୍ତି ଯେ ତାଙ୍କ କଥାକୁ ଭୁଲ ବୁଝାଯାଇଛି । ପାଟନାରେ ଡକ୍ଟର ଶ୍ରୀ କୃଷ୍ଣ ସିଂଙ୍କ ୧୩୯ତମ ଜୟନ୍ତୀ ପାଳନ ଅବସରରେ ସଭାକୁ ସମ୍ବୋଧିତ କରି ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ଆହୁରି ଟାର୍ଗେଟ କରି କହିଛନ୍ତି ଯେ, ପିଏମ ମୋଦିଙ୍କର ମିଛ କହିବାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭ୍ୟାସ ଅଛି । ସେ କହିଥିଲେ ଯେ ସେ ତାଙ୍କର ପ୍ରଥମ ୧୦୦ ଦିନ ମଧ୍ୟରେ କଳାଧନ ଫେରାଇ ଆଣିବେ । ମୁଁ ପଚାରିବାକୁ ଚାହୁଁଛି, ସେହି ଟଙ୍କା କାହିଁ ?” ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି । ସେ ଆର୍‌ଏସ୍‌ଏସ୍‌କୁ ମଧ୍ୟ ଆକ୍ରମଣ କରି ଦେଶରୁ ଏହାର ଚିନ୍ତାଧାରାକୁ ସମାପ୍ତ କରିବାକୁ ଆହ୍ୱାନ ଦେଇଛନ୍ତି । ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ ଭାଜପା ଖାର୍ଗେଙ୍କୁ ଆକ୍ରମଣ କରିଛି ଏବଂ କହିଛି ଯେ କଂଗ୍ରେସ ନିଜର ନିରାଶା ପ୍ର ଦର୍ଶନ କରୁଛି ଏବଂ ଗଣତାନ୍ତ୍ରିକ ମର୍ଯ୍ୟାଦାକୁ ଅବମାନନା କରୁଛି ।

ଔଷଧର ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆର୍‌ପି) ଏବଂ ଖୁଚୁରା ବ୍ୟବସାୟୀଙ୍କ ପାଇଁ ଥିବା ମୂଲ୍ୟ ମଧ୍ୟରେ ଅତ୍ୟଧିକ ବ୍ୟବଧାନକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ସମ୍ପୂର୍ଣ୍ଣ ବ୍ୟବସ୍ଥା ଔଷଧ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ସହାୟତା ପାଇଁ କାର୍ଯ୍ୟ କରୁଛି କାହିଁକି ବୋଲି ସର୍ବୋଚ୍ଚ ଅଦାଲତ ପଚାରିଛନ୍ତି ।

କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ, ସରକାରଙ୍କ ନୀତି ହେଉଛି, ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯିବ ନାହିଁ । ଶୁଣାଣି ବେଳେ ଜଷ୍ଟିସ୍ ବିକ୍ରମ ନାଥ ଓ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥାର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି । ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏନ୍‌ପିପିଏ) ସମ୍ପୂର୍ଣ୍ଣ ଅଚଳ ସଂସ୍ଥାରେ ପରିଣତ ହୋଇଥିଲା ଭଳି ଜଣାପଡୁଥିବା ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି । ଦେଶରେ ଔଷଧର ମୂଲ୍ୟ ପ୍ରସଙ୍ଗକୁ ନେଇ ୨ଟି ପିଟିଶନ୍‌ର ଶୁଣାଣି ହୋଇଥିଲା । ଏମ୍‌ଆର୍‌ପି ଏବଂ ଖୁଚୁରା ବିକ୍ରେତାଙ୍କ ପାଇଁ ଥିବା ମୂଲ୍ୟ ମଧ୍ୟରେ ବ୍ୟାପକ ପାର୍ଥକ୍ୟକୁ ସରକାର ଅନୁମତି ଦେଉଛନ୍ତି। ସରକାରଙ୍କ ଆଖି ଆଗରେ ଏସବୁ ଘଟୁଛି । ଏହାକୁ ଅନିୟନ୍ତ୍ରିତ ଭାବେ ଛାଡ଼ିଦିଆଯିବା ଉଚିତ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟି ଉପସ୍ଥିତ ରହି ଖଣ୍ଡପୀଠଙ୍କୁ କହିଥିଲେ, ଭାରତରେ ଔଷଧ ମୂଲ୍ୟ ବିଶ୍ୱରେ ସବୁଠୁ କମ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲା । ସରକାରୀ ପକ୍ଷଙ୍କ ମତ ଶୁଣିବା ପରେ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଛନ୍ତି ।

ଗତ ୧୨ ତାରିଖରେ ସର୍ବୋଚ୍ଚ ଅଦାଲତ କହିଥିଲେ, କ୍ୟାନ୍‌ସର ଔଷଧର ସର୍ବାଧିକ ଖୁଚୁରା ମୂଲ୍ୟ ଉପରେ ବାଣିଜ୍ୟ ମାର୍ଜିନକୁ ୩୦ ପ୍ରତିଶତରେ ସୀମିତ ରଖିବା ନେଇ କେନ୍ଦ୍ର ସରକାରଙ୍କ ପ୍ରତିକ୍ରିୟାରେ ଖୁସି ହେଲାଭଳି କିଛି ନାହିଁ । ସବୁ ଔଷଧ ଉପରେ ଟ୍ରେଡ୍ ମାର୍ଜିନ୍‌କୁ ସରକାର ସୀମିତ କରୁନାହାନ୍ତି କାହିଁକି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ । ଏହା ପୂର୍ବରୁ ହସ୍ପିଟାଲଗୁଡ଼ିକ ଦ୍ୱାରା କ୍ୟାନ୍‌ସର ଔଷଧକୁ ଅତ୍ୟଧିକ ମୂଲ୍ୟରେ ବିକ୍ରି କରାଯାଉଥିବା ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲେଚାନା କରିଥିଲେ ।

ଜାତୀୟ ରାଜପଥ (ଏନ୍‌ଏଚ୍) ଟୋଲ୍ ପ୍ଲାଜାର ୨୦ କିଲୋମିଟର ପରିସର ମଧ୍ୟରେ ବସବାସ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଆସନ୍ତା ନଭେମ୍ବର ୧ରୁ ନୂଆ ବାର୍ଷିକ ରିହାତି ଫାସ୍‌ଟାଗ୍ ପାସ୍ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି । ସଡ଼କ ପରିବହନ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ, ଜାତୀୟ ରାଜପଥ ଆଇନ-୧୯୫୬ ର 'ନ୍ୟାଶନାଲ ହାଇୱେ ଫି (ଫି ନିର୍ଦ୍ଧାରଣ ଓ ଆଦାୟ) (ପଞ୍ଚମ ସଂଶୋଧନ) ନିୟମାବଳୀ, ୨୦୨୬' ଅଧୀନରେ ଏହି ନୂତନ ନିୟମ ଲାଗୁ କରାଯାଇଛି । ତଦନୁଯାୟୀ, ମ୍ୟୁନିସିପାଲିଟି କିମ୍ବା ସ୍ଥାନୀୟ ପୌର ଅଞ୍ଚଳ ସୀମା ବାହାରେ ଥିବା ଟୋଲ୍ ପ୍ଲାଜାଗୁଡ଼ିକ ପାଇଁ ବାର୍ଷିକ ପାସ୍ ଫି ୧,୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ପୌରାଞ୍ଚଳ ସୀମା ମଧ୍ୟରେ ଥିବା ଟୋଲ୍ ପ୍ଲାଜା ପାଇଁ ଏହି ବାର୍ଷିକ ଫି' ୩,୦୦୦ ଟଙ୍କା ରହିବ । ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ପାଇଁ ମାସିକ ୩୬୦ ଟଙ୍କାର ପାସ୍ ମିଳୁଛି, ଯାହା ବାର୍ଷିକ ହିସାବରେ ୪,୩୨୦ ଟଙ୍କା ହେଉଛି । ନୂତନ ବାର୍ଷିକ ପାସ୍ ଦ୍ୱାରା ଟୋଲ୍ ପ୍ଲାଜା ନିକଟ ଯାତ୍ରୀଙ୍କର ଯଥେଷ୍ଟ ଅର୍ଥ ସଞ୍ଚୟ ହେବ ।

ତେବେ ୨୦ କିଲୋମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଅଞ୍ଚଳରେ ରହୁଥିବା ଏବଂ ବୈଧ ଫାସ୍‌ଟ୍ୟାଗ୍ ଥିବା ଅଣବ୍ୟବସାୟିକ ଚାରିଚକିଆ ଯାନବାହନ ମାଲିକମାନେ ଏହି ସୁବିଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇପାରିବେ । ଏହି ପାସ୍ କେବଳ ନିର୍ଦ୍ଦିଷ୍ଟ ଗୋଟିଏ ଟୋଲ୍ ପ୍ଲାଜା ପାଇଁ କାର୍ଯ୍ୟକାରୀ ହେବ ଏବଂ ଅନ୍ୟ କୌଣସି ଟୋଲ୍ ପ୍ଲାଜାକୁ ହସ୍ତାନ୍ତର କରାଯାଇପାରିବ ନାହିଁ । 'କ୍ଲୋଜଡ୍ ୟୁଜର୍ ଫି କଲେକ୍ସନ ସିଷ୍ଟମ'ରେ ଚାଲୁଥିବା ଜାତୀୟ ରାଜପଥ କିମ୍ବା ଏକ୍ସପ୍ରେସ୍ୱେରେ ଏହି ସ୍ଥାନୀୟ ରିହାତି ପାସ୍ ମିଳିବ ନାହିଁ ।

ସେହିପରି ଯେଉଁ ସ୍ଥାନଗୁଡ଼ିକରେ ଗମନାଗମନ ପାଇଁ ପୃଥକ୍ ସର୍ଭିସ ରୋଡ୍ କିମ୍ବା ବିକଳ୍ପ ରାସ୍ତା ଉପଲବ୍ଧ ରହିଛି, ସେଠାରେ ମଧ୍ୟ ଏହି ପାସ୍ ଜାରି କରାଯିବ ନାହିଁ । ସାରା ଦେଶରେ ୧୩ କୋଟିରୁ ଅଧିକ ଫାସ୍‌ଟାଗ୍ ଜାରି କରାଯାଇଥିବାବେଳେ ଟୋଲ୍ ପ୍ଲାଜା ନିକଟସ୍ଥ ବାସିନ୍ଦାଙ୍କ ପାଇଁ ଯାତାୟାତକୁ ଅଧିକ ସୁଲଭ ଓ ସହଜ କରିବା ଏହି ନିଷ୍ପତ୍ତିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରଣାଳୟ ପ୍ରକାଶ କରିଛି ।

ରାମଲୀଳା ମୈଦାନରେ 'ଇଣ୍ଡିଆ' (INDIA) ମେଣ୍ଟର ରାଲି ପୂର୍ବରୁ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ଖୋଲା ଛାତ ଥିବା ବସରେ ମିଣ୍ଟୋ ବ୍ରିଜ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ରାହୁଲ ଗାନ୍ଧୀଙ୍କୁ ବସର ସବୁଠାରୁ ଆଗ ଆସନରେ ବସିଥିବାର ଦେଖିବାକୁ ମିଳିଥିଲା । ତାଙ୍କ ଠିକ ପଛରେ ଟିଏମସି (TMC) ସଭାପତି ମମତା ବାନାର୍ଜୀ ଏବଂ ଏସପି (SP) ମୁଖ୍ୟ ଅଖିଳେଶ ଯାଦବ ବସିଥିଲେ। ଏହି ବସରେ ଅନ୍ୟମାନଙ୍କ ମଧ୍ୟରେ ନ୍ୟାସନାଲ କନଫରେନ୍ସ ନେତା ଫାରୁକ ଅବଦୁଲ୍ଲା, ଆରଜେଡି (RJD)ର ତେଜସ୍ୱୀ ଯାଦବ, ବାମପନ୍ଥୀ ନେତା ଦୀପଙ୍କର ଭଟ୍ଟାଚାର୍ଯ୍ୟ, ଟିଏମସି ନେତା ଅଭିଷେକ ବାନାର୍ଜୀ, କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ, ଏନସିପି (NCP) ନେତ୍ରୀ ସୁପ୍ରିୟା ସୁଲେ, ଶିବସେନା (ୟୁବିଟି)ର ସଞ୍ଜୟ ରାଉତ ଏବଂ ପିଡିପି (PDP) ନେତ୍ରୀ ମେହବୁବା ମୁଫତି ମଧ୍ୟ ଉପସ୍ଥିତ ଥିଲେ । କଂଗ୍ରେସ ଏବଂ ମେଣ୍ଟର ଅନ୍ୟ ନେତାମାନେ ଅଲଗା ଅଲଗା ବସରେ ଯାତ୍ରା କରୁଛନ୍ତି ।

ଏହି ସମସ୍ତ ନେତା ୧୦ ରାଜାଜୀ ମାର୍ଗ ସ୍ଥିତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖାର୍ଗେଙ୍କ ବାସଭବନରୁ ବାହାରି ମିଣ୍ଟୋ ବ୍ରିଜ ଆଡ଼କୁ ଅଗ୍ରସର ହେଲେ । ସେଠାରୁ 'ଇଣ୍ଡିଆ' (INDIA) ମେଣ୍ଟର ପଦଯାତ୍ରା ଆରମ୍ଭ ହେଲା, ଯାହା ରାମଲୀଳା ମୈଦାନରେ ଶେଷ ହୋଇଥିଲା ।

ଏହି ରାଲି ପୂର୍ବରୁ ରାହୁଲ ଗାନ୍ଧୀ କହିଲେ ଯେ ବର୍ତ୍ତମାନ ପର୍ବପର୍ବାଣିର ସମୟ ଚାଲିଛି ଦୀପାବଳି, ଛଠ ଏବଂ ଭାଇ ଦୂଜର ସମୟ । ସେ ଦିଲ୍ଲୀ ବାହାରୁ ଆସୁଥିବା ଲକ୍ଷ ଲକ୍ଷ ଲୋକଙ୍କୁ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ସମର୍ଥନ କରିବାକୁ ଅନୁରୋଧ କଲେ । ସେ କହିଲେ, 'ଆପଣମାନେ ନିଜର ପ୍ରତିବାଦ, ପଦଯାତ୍ରା ଏବଂ ରାଲି ଜାରି ରଖନ୍ତୁ, କିନ୍ତୁ ଏହା ସହିତ କିଛି କିଣାକିଣି ମଧ୍ୟ କରନ୍ତୁଏହା ଦ୍ୱାରା ବ୍ୟବସାୟୀମାନେ ଉପକୃତ ହେବେ ।'

ସେ ଆହୁରି ମଧ୍ୟ କହିଲେ, 'ମୁଁ ଜାଣେ ଯେ ଏକ ରାଲି ଦ୍ୱାରା ବ୍ୟବସାୟୀମାନଙ୍କର କୌଣସି କ୍ଷତି ହେବ ନାହିଁ । ଭାଜପା ଭୟଭୀତ ଅଛି, ସେଥିପାଇଁ ସେମାନେ ଗୁଜବ ପ୍ରଚାର କରୁଛନ୍ତି । କିନ୍ତୁ ଉଭୟ କାର୍ଯ୍ୟ ହୋଇପାରିବ: ପଦଯାତ୍ରା ମଧ୍ୟ ହେବ, ରାଲି ମଧ୍ୟ ହେବ ଏବଂ ଲକ୍ଷ ଲକ୍ଷ ଲୋକ ଆମର ସ୍ଥାନୀୟ ବ୍ୟବସାୟୀଙ୍କ ଛୋଟ ଛୋଟ ଦୋକାନରୁ ସାମଗ୍ରୀ ମଧ୍ୟ କିଣିବେ । ଆପଣ ସମସ୍ତଙ୍କୁ ଅନେକ ଭଲପାଇବା। ଦୀପାବଳିର ଶୁଭେଚ୍ଛା । ଜୟ ହିନ୍ଦ ।'

ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ସାମ୍ବାଦିକା ନିଧି ରାଜଦାନଙ୍କ ବିବାହ କେବଳ ରାଜନୈତିକ ଓ ସାମାଜିକ ଆଲୋଚନାର ବିଷୟ ପାଲଟିନାହିଁ, ବରଂ ଏହାକୁ ନେଇ ଧାର୍ମିକ ବିତର୍କ ମଧ୍ୟ ସୃଷ୍ଟି ହୋଇଛି । ଏହି ଦମ୍ପତି 'ସ୍ୱତନ୍ତ୍ର ବିବାହ ଆଇନ' (Special Marriage Act) ଅଧୀନରେ ବିବାହ କରି ନିଜର ନୂତନ ଜୀବନ ଆରମ୍ଭ କରିଛନ୍ତି; ତେବେ, ମୌଲାନା ମୁଫତି ଶାହାବୁଦ୍ଦିନ ରଜଭି ଏହି ବିବାହକୁ ନେଇ ଏକ 'ଫତୱା' ଜାରି କରିଛନ୍ତି । ସେ ଏହି 'ନିକାହ' (ବିବାହ)କୁ ଅବୈଧ ବୋଲି ଘୋଷଣା କରି କହିଛନ୍ତି ଯେ, ଏହା 'ଶରିୟତ' (ଇସଲାମୀୟ ଆଇନ) ବା ସରିୟା ବିରୁଦ୍ଧ ଅଟେ ।

କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ବିପ୍ଳବ ପାଇଁ ଏନ୍‌ଭିଡିଆ ସିଇଓ ଜେନ୍‌ସେନ୍ ହୁଆଙ୍ଗ ସର୍ବଦା ଖବର ଶିରୋନାମାରେ ରହିଆସିଥିଲାବେଳେ ଏବେ ତାଙ୍କର ବ୍ୟକ୍ତିଗତ ଜୀବନ ଉପରେ ସମସ୍ତଙ୍କ ନଜର ପଡ଼ିଛି । କେବଳ ସେତିକି ନୁହେଁ, ଚାଇନାର ଆଲିସ୍ ହୁଆଙ୍ଗଙ୍କ ସହ ପରକୀୟା ପ୍ରୀତି ତାଙ୍କର ମୋଟ ସମ୍ପତ୍ତିକୁ ମଧ୍ୟ ପ୍ରଭାବିତ କରିଛି । ଆଲିସଙ୍କ ସହ ଜେନ୍‌ସେନ୍ ସମ୍ପର୍କ ରଖିବା ଏବଂ ତାଙ୍କ ସ୍ତ୍ରୀ ଲୋରି ହୁଆଙ୍ଗଙ୍କ ପ୍ରତି ଅବିଶ୍ୱସନୀୟ ହୋଇପଡ଼ିଥିବା କଥା ସେ ସ୍ୱୀକାର କରିବା ପରେ ଏନ୍‌ଭିଡିଆର ଶେୟାର ମୂଲ୍ୟରେ ବଡ଼ ହ୍ରାସ ଘଟିଛି । ଫଳରେ ଜେନ୍‌ସେନ୍‌ଙ୍କ ସମ୍ପତ୍ତି ମୂଲ୍ୟ ବହୁ କୋଟି ଡଲାର କମିଯାଇଛି ଏବଂ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ସେ ତଳକୁ ଖସି ଆସିଛନ୍ତି ।

ଫୋର୍ବସ ରିପୋର୍ଟ ଅନୁଯାୟୀ, ନଭେମ୍ବର ୯ରେ ଟ୍ରେଡିଂର ପ୍ରଥମ ଅଧ ଘଣ୍ଟା ମଧ୍ୟରେ ଜେନସେନ୍‌ଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୭.୪ ବିଲିୟନ ଡଲାର ହ୍ରାସ ପାଇ ୧୫୪.୭ ବିଲିୟନ ଡଲାରକୁ ଖସିଆସିଛି । ସେ କୋଟିପତି ତାଲିକାରେ ୮ମ ସ୍ଥାନରୁ ୧୦ମ ସ୍ଥାନକୁ ଖସି ଆସିବା ସହ ଓ୍ୱର୍କସାୟାର ହାଥାୱେ ମୁଖ୍ୟ ୱାରେନ ବଫେଟ୍ ଏବଂ ଓରାକଲ ସହ-ପ୍ରତିଷ୍ଠାତା ଲ୍ୟାରି ଏଲିସନଙ୍କଠାରୁ ତଳକୁ ଚାଲିଯାଇଛନ୍ତି ।

ଇରାନ ସହ ଚାଲିଥିବା ଯୁଦ୍ଧ ପ୍ରାୟ ଶେଷ ହୋଇଯାଇଛି । ଏବେ ଆମେରିକା ପକ୍ଷରୁ ଆଉ ଆକ୍ରମଣ ଆରମ୍ଭ କରିବାର ବିଶେଷ ଆବଶ୍ୟକତା ନାହିଁ । ସୋମବାର ଗଣମାଧ୍ୟମକୁ ଏଭଳି ବୟାନ ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ତାଙ୍କର ଏହି ବୟାନରୁ ଅନ୍ତତଃ ଏବେ ପାଇଁ ଇରାନ ଉପରେ ଆକ୍ରମଣ ପୁଣି ଆରମ୍ଭ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବାକୁ ଆମେରିକା ପ୍ରସ୍ତୁତ ନଥିବା ସଙ୍କେତ ମିଳିଛି ।

କତାରର ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲ ରହମାନ ବିନ୍ ଜସିମ ଅଲ୍ ଥାନିଙ୍କ ସହ ସାକ୍ଷାତ ପରେ ଟ୍ରମ୍ପ ହଠାତ୍ ହ୍ୱାଇଟ୍ ହାଉସ୍‌ର ବ୍ରିଫିଂ ରୁମ୍‌ରେ ପହଞ୍ଚି ସାମ୍ବାଦିକଙ୍କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, “ଇରାନ ସହ ଯୁଦ୍ଧ ସାମରିକ ଦୃଷ୍ଟିକୋଣରୁ ପ୍ରାୟ ଶେଷ ହୋଇଯାଇଛି । ଆମେ କେବଳ ବର୍ତ୍ତମାନର ସ୍ଥିତି ବଜାୟ ରଖିଛୁ ।” ଇରାନର ସାମରିକ ଶକ୍ତିକୁ ଦୁର୍ବଳ କରାଯାଇଥିବା ସେ କହିବା ସହ ଏହାର ପରମାଣୁ କାର୍ଯ୍ୟକ୍ରମକୁ ନିଷ୍କ୍ରିୟ କରିବା ପାଇଁ ଏକ ସମାଧାନ ବାହାର କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

ଇରାନ ଉପରେ ପୁଣି ଆକ୍ରମଣ କରିବା ଧମକରୁ ଟ୍ରମ୍ପ ପଛକୁ ହଟୁଥିବା ନେଇ ଏହା ତାଙ୍କର ସବୁଠାରୁ ସ୍ପଷ୍ଟ ବୟାନ ମଧ୍ୟରୁ ଅନ୍ୟତମ । ଗତ ସପ୍ତାହରେ ହୋଇଥିବା ନିର୍ବାଚନରେ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି କଂଗ୍ରେସର ଉଭୟ ସଦନରେ ଡେମୋକ୍ରାଟ୍‌ଙ୍କଠାରୁ ପରାଜୟ ବରଣ କରିଥିଲା । ଦୀର୍ଘ ୮ ମାସ ଧରି ଚାଲିଥିବା ଯୁଦ୍ଧକୁ ନେଇ ଆମେରିକୀୟ ଭୋଟରଙ୍କ ଅସନ୍ତୋଷ ଏହି ନିର୍ବାଚନ ଉପରେ ପ୍ରଭାବ ପକାଇଥିବା କୁହାଯାଉଛି । ଏହି ଯୁଦ୍ଧ ଯୋଗୁଁ ତୈଳ ଦରରେ ବଡ଼ ଧରଣର ବୃଦ୍ଧି ଘଟିଛି । ଏହାର ପ୍ରଭାବ ବିଶ୍ୱ ଅର୍ଥନୀତିର ପ୍ରାୟ ସବୁ କ୍ଷେତ୍ରରେ ପଡ଼ିଛି ।

ଯୁଦ୍ଧ ସମୟରେ ଟ୍ରମ୍ପ ଅନେକଥର ଧମକ ଦେଇଥିଲେ ଯେ, ଇରାନର ନେତାମାନେ ଆମେରିକାର ସର୍ତ୍ତ ଶୀଘ୍ର ଗ୍ରହଣ ନକଲେ ଆମେରିକୀୟ ସେନାକୁ ଆକ୍ରମଣ ଜୋରଦାର କରିବାକୁ ନିର୍ଦ୍ଦେଶ ଦେବେ । କିନ୍ତୁ ପ୍ରତ୍ୟେକ ଥର ଶେଷ ମୁହୂର୍ତ୍ତରେ ସେ ନିଜ ନିଷ୍ପତ୍ତି ବଦଳାଇଥିଲେ । ଉପସାଗରୀୟ ଦେଶଗୁଡ଼ିକର ସହଯୋଗୀଙ୍କ ଅନୁରୋଧ ପରେ କୂଟନୈତିକ ଆଲୋଚନାକୁ ଆଉ କିଛି ସମୟ ଦେବାକୁ ସେ ରାଜି ହୋଇଥିଲେ । ସୋମବାର ସାମ୍ବାଦିକଙ୍କ ସହ କଥା ହେବା ପୂର୍ବରୁ ଟ୍ରମ୍ପ ସୋସିଆଲ ମିଡିଆରେ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୋଷ୍ଟ କରିଥିଲେ । ଏଥିରେ କତାର, ସାଉଦି ଆରବ, ୟୁଏଇ, ବାହାରିନ୍, କୁଏତ୍ ଆଦି ମଧ୍ୟପ୍ରାଚ୍ୟର ସହଯୋଗୀ ଦେଶଗୁଡ଼ିକ ବର୍ତ୍ତମାନର ସ୍ଥିତି ବଜାୟ ରଖିବାକୁ ପସନ୍ଦ କରୁଥିବା ସେ କହିଥିଲେ ।

ପାକିସ୍ତାନର ରାଞ୍ଜଲପିଣ୍ଡିରେ ଜଣେ ମହିଳା ଟିଭି ଆଙ୍କରଙ୍କୁ ତାଙ୍କ ଘରେ ଗୁଳି କରି ହତ୍ୟା କରାଯାଇଛି । ମୃତକ ହେଲେ ରାବିଆ ଅହସାନ । ସେ ଏକ ସ୍ଥାନୀୟ ଘରୋଇ ଟିଭି ଚ୍ୟାନେଲରେ ଆଙ୍କର ଓ କାର୍ଯ୍ୟକ୍ରମ ଉପସ୍ଥାପିକା ଭାବେ କାମ କରୁଥିଲେ । ରବିବାର ସହରର ଗୁଲଶନବାଦ ଅଞ୍ଚଳରେ ଏହି ଘଟଣା ଘଟିଛି । ଏହି ଘଟଣାରେ ପୋଲିସ ରାବିଆଙ୍କ ସ୍ୱାମୀଙ୍କୁ ଅଟକ ରଖିବା ସହ ଏକ ସନ୍ଦିଗ୍ଧ ବନ୍ଧୁକ ଜବତ କରିଛି । ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି ।

ରିପୋର୍ଟ ଅନୁସାରେ, ସିଟି ପୁଲିସ ଅଫିସର (ସିପିଓ) ହସନ ମୁସ୍ତାକ ସୁଖେରା କହିଛନ୍ତି ଯେ, ରାବିଆଙ୍କ ସ୍ୱାମୀଙ୍କୁ ଅଟକ ରଖାଯାଇଛି ଏବଂ ଏକ ସନ୍ଦିଗ୍ଧ ବନ୍ଧୁକ ଜବତ କରାଯାଇଛି । ତଦନ୍ତ ପାଇଁ ସିପିଓ, ଏସ୍ଏସ୍ପି ଅପରେସନ୍ସ ଓ ଏସ୍ଏସ୍ପି ଇନଭେଷ୍ଟିଗେସନ୍ସଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଏହି ସମୟରେ ଫରେନ୍ସିକ୍ ବିଶେଷଜ୍ଞଙ୍କ ଟିମ୍ ମଧ୍ୟ ଉପସ୍ଥିତ ଥିଲା । ପଞ୍ଜାବ ଫରେନ୍ସିକ୍ ସାଇନ୍ସ ଏଜେନ୍ସି (PFSA)ର ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରୁଛି । ଅନ୍ୟପଟେ ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ହସ୍ପିଟାଲ୍ ପଠାଯାଇଛି ।

ପୋଲିସ ସୂଚନା ଅନୁସାରେ, ଘରେ କାମ କରୁଥିବା ଜଣେ ପୁରୁଷ କର୍ମଚାରୀ କହିଛନ୍ତି ଯେ, ରାବିଆଙ୍କ ସ୍ୱାମୀ ଗୁଳିଟି ଭୁଲବଶତଃ ଚାଲିଯାଇଥିବା ଦାବି କରିଥିଲେ । ତେବେ ଏହି ଦାବିର ସତ୍ୟତା ଓ ଘଟଣାର ଅନ୍ୟାନ୍ୟ ଦିଗକୁ ନେଇ ପୋଲିସ ତଦନ୍ତ କରୁଛି । ମାମଲା ରୁଜୁ ପ୍ରକ୍ରିୟା ଜାରି ରହିଥିବା ବେଳେ ତଦନ୍ତ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାବିଆ ଅହସାନଙ୍କ ହତ୍ୟା ଘଟଣାକୁ ନେଇ ପାକିସ୍ତାନର ଫାର୍ଷ୍ଟ ଲେଡି ଆସିଫା ଭୁଟ୍ଟୋ-ଜର୍ଦାରୀ ଶୋକ ପ୍ରକାଶ କରିବା ସହ ଏହାକୁ ଦୃଢ଼ ନିନ୍ଦା କରିଛନ୍ତି । ରାଷ୍ଟ୍ରପତି କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତି ଅନୁସାରେ, ଘଟଣାର ସମ୍ପୂର୍ଣ୍ଣ, ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ କରିବାକୁ ସେ ଦାବି କରିଛନ୍ତି । ଯାହାଦ୍ୱାରା ହତ୍ୟା ପଛର ପ୍ରକୃତ ତଥ୍ୟ ସାମ୍ନାକୁ ଆସିବା ସହ ଦୋଷୀଙ୍କୁ ଉତ୍ତରଦାୟୀ କରାଯାଇପାରିବ ।

ଆଶା କରୁଛି ଚଳିତ ମାସର ଆହ୍ୱାନ ଆପଣଙ୍କୁ ଭଲ ଲାଗିବ । ଆପଣଙ୍କ ସହାୟତା ଓ ସହୃଦୟତା ପାଇଁ ହୃଦୟରୁ ଧନ୍ୟବାଦ । ଆହ୍ୱାନ ଆପଣଙ୍କ ପତ୍ରିକା । ଏହାକୁ ପଢ଼ନ୍ତୁ ଏବଂ ନିଜ ବନ୍ଧୁ ପରିଜନଙ୍କୁ ପଢ଼ିବା ପାଇଁ ପ୍ରୋତ୍ସାହିତ କରନ୍ତୁ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଳ୍ প বিভাগ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫ୍ଟୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ କଳାଛାଇ - ୪୫

ଅଶୋକ ବିଶ୍ୱାଳ



ବୁଶ ପୁଲିସର ପରିବର୍ତ୍ତନ-୩

ଅବିନାଶକୁ ଆଣ୍ଡାମାନର ସମୁଦ୍ରକୂଳ ଭଲ ଲାଗୁଥିଲା । ପଥୁରିଆ ସମୁଦ୍ରକୂଳ ହେଉ ବା ସାଧାରଣ ବାଲିଆ ସମୁଦ୍ରକୂଳ ହେଉ, ସମୁଦ୍ରର ଭାଙ୍ଗିପଡୁଥିବା ଢେଉ ଦେଖି ଅବିନାଶ ନିଜ ମନରେ ଶାନ୍ତିପାଏ । ସେ ଆଗକୁ ଚାଲିଲା । ଏପଟେ କେଉଁଠି କେଉଁଠି ସାମାନ୍ୟ ବାଲିଥିଲା । ବେଶି ସଂଖ୍ୟାରେ ଗଛ ଉପୁଡି ପଡିଥିଲା, କିଛି ଗଛର ତ ତଳୁ ମାଟି ପ୍ରାୟ ଧୋଇଗଲାଣି । ଏପଟକୁ ସମୁଦ୍ର ମାଟି ଖାଉଛି । ଗଛଗୁଡାକ ଅତି ବିଶାଳ ଥିଲା । ଅବିନାଶ ଚଉଡା ପତ୍ରଥିବା ମଧ୍ୟମ ଆକାରର ଏକ ଗଛର ହଳଦିଆ ଫୁଲକୁ ଅନାଇ ରହିଲା । କପ୍ ଆକରର ବଡ଼ ଫୁଲ । ନୀଳ ଆକାଶ ତଳେ ଫୁଲର ରଙ୍ଗ ଚମତ୍କାର ଲାଗୁଥିଲା । ସେପଟେ ସମୁଦ୍ରଆଡକୁ ଅନେକ ପଥର ଥିଲା, କିଛି କିଛି ପଥରରେ ଶିଉଳି ଜମିଯାଇଥିଲା । ଉଜ୍ଜ୍ୱଳ କମଳା ରଙ୍ଗର ଗୋଡଥିବା ସୁନ୍ଦର ଛୋଟ କଙ୍କଡାଟିଏ ସେଠି ଦୌଡୁଥିଲା । ଆଖପାଖରେ କିଛି ନାଲି କଙ୍କଡା ଦେଖାଗଲେ । ସେମାନେ ଚଞ୍ଚଳ ଥିଲେ । କିଛିଙ୍କ ମୋଟା ବୁଢା ଗୋଡମାନ ପଥର ସନ୍ଧିରୁ ଉପରକୁ ଛୋଟ ସଣ୍ଡୁଆସୀ ଭଳି ବାହାରିଥିଲା ।

ଶୁଣିବ ଜାରଜ୍ଞା ସହ ଯୋଡା କାହାଣୀମାନ ? ଏ କାହାଣୀମାନ ଏମିତି, ନୂଆ ଶୁଣିଲେ ଶିହରଣ ଆସିବ । ନୂଆ ଭୁତକଥା, ବା ନୂଆ ମର୍ଡରର ଥ୍ରୀଲ । ମର୍ଡରରେ ଜଣେ ମରିବ ଆଉ ଜଣେ ମାରିବ, କିଛି ରକ୍ତ, କିଛି ଚିତ୍କାର, କିଛି କାନ୍ଦ, କିଛି ହସ । ଏଇତ ଥ୍ରୀଲ । ସବୁ ଆଗରୁ ଜଣାଥାଏ, କିନ୍ତୁ ସେଇଟା କେମିତି ହେଉଛି ଜାଣି ଥୀଲ ଆସେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମିତି ଜାରଙ୍ଗା ଆକ୍ରମଣର କାହଣୀ ଥ୍ରୀଲ୍ ନେଇଆସେ ।– ବୁଢା ସର୍ଦ୍ଦାର ଯେମିତି ଏକ ବଡ଼ ପଥର ଖଣ୍ଡ ତଳୁ କଙ୍କଡା ଆଖି ବାହାର କରି ଆକାଶକୁ ଦେଖିଲା ଭଳି ନିଜ ବଡ଼ ପଗଡିକୁ ସିଧାକରିଦେଲେ । ନାଲି କଙ୍କଡାର ଲମ୍ବା ଆଖି ଚାରିଆଡକୁ ବୁଲିଲା ଭଳି ବୁଢା ସର୍ଦ୍ଦାରଙ୍କ ମୁଣ୍ଡ ଚାରିଆଡ ବୁଲି ଅବିନାଶ ଉପରେ ଲାଖିଗଲା । ଅବିନାଶ ନୀରବରେ ନିଜକୁ ଶାନ୍ତ କରିଦେଇ ଜାରଙ୍ଗା ସହ ତିଆରି ହୋଇଥିବା କାହାଣୀ ଶୁଣିବାକୁ ପ୍ରସ୍ତୁତ ହୋଇଗଲା ।

ତା'ପରେ ବୁଢା ସର୍ଦ୍ଦାର ଏକ ଛୋଟ ପଥର ଚଟାଣ ଉପରେ ତଳେ ବସିଗଲେ । ଏବେ ଆଖ ପାଖର ପଥରର ଆକର ଅଲଗା ଲାଗୁଥିଲା । ପଥରର ଆକାର କେବେ ବଡ଼ ହୋଇଯାଏ, ଲାଗେ ଯେମିତି ଆକଶର ଅଧାକୁ ଘୋଡାଇ ଦେଇଛି । ଛୋଟ ଜାଗାରେ ଯେତେବେଳେ ଦୁନିଆ ଛୋଟ ହୋଇଯାଏ, ସେତେବେଳେ କିଛି ଛୋଟଛୋଟ ଘଟଣା ମନର ଅଧକରୁ ଅଧିକ ସ୍ଥାନକୁ ଛାଇ ଦିଏ । ସେପଟେ ଆଗକୁ ଅନନ୍ତ ସମୁଦ୍ର ଛୋଟ ଦେଖାଯାଏ ଆଉ ଦୂରନ୍ତ ଦିବଳୟ ପ୍ରତୀତ ହୁଏନା । ପଛକୁ ତଳୁ ବସି ଅନାଇଲେ ଘଞ୍ଚ ଜଙ୍ଗଲ ଆଉ ଆଗକୁ ପଥର ପରେ ସମୁଦ୍ର ଦିଶେନା । ତା'ପରେ ବୁଢା ସର୍ଦ୍ଦାର ଆଣ୍ଠାମାନରେ ଶୁଣାଥିବା ଅନେକ ଜାରଙ୍ଗା ଆକ୍ରମଣର କାହାଣୀ କହିଲେ । ସେଗୁଡାକ ସବୁ ଏଇମିତି ଲୋମହର୍ଷଣକାରୀ ଥିଲା ।

୧-ଆନନ୍ଦ ବିଶ୍ୱାସ କଦମତାଲାର ୟେରାଟିଲଜିଗ ଅଞ୍ଚଳରେ ସେଟଲର ହିସାବରେ ବସବାସ କରିବାକୁ ଲାଗିଲା । ସେ ଜଣେ ଚାଷୀ ଆଉ ନିଜ ଜମିରେ ଚାଷକରି ତା'ର ପରିବାରର ଖୁସିରେ ଭରଣ ପୋଷଣ କରୁଥିଲା । ଜମିରୁ ଉପାର୍ଜ୍ଜନ ଭଲ ଥିଲା । ଏହା ବାଦ ତା' ପାଖରେ ପାଖାପାଖି ୧୫ଶହ ନଡିଆଗଛ ଆଉ ୫ଶହ ଗୁଆଗଛ ଉଚ୍ଚ ଜମିରେ ଥିଲା । ଏତେ ଥିଲାପରେ ମଧ୍ୟ ସେ ଜାରଙ୍ଗା ଅଞ୍ଚଳକୁ ଶିକାର କରିବାକୁ ଯାଉଥିଲା । ସେତେବେଳେ ସେମାନେ ପାଞ୍ଚ ଛଅଜଣ ହିସାବରେ ଦଳକରି ଶିକାର କରିବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଉଥିଲେ । ସାଙ୍ଗରେ କୁକୁର ନେଉଥିଲେ । ସେମାନେ ସାଧାରଣତଃ ହରିଣ, ବନ୍ୟ ଶୂକର, କଚ୍ଛପ ଇଚ୍ଛ୍ୟାଦି ଶିକାର କରି ଆଣୁଥିଲେ । ତାଛଡା ଯାହା କିଛି ବାଟରେ ଫଳ ମୂଳ ମିଳୁଥିଲା ତାହା ଜଙ୍ଗଲରୁ ସଂଗ୍ରହ କରିନେଉଥିଲେ । ଏହା ଛଡା ଝୁଣା, ବେତ, କାଠ ଇତ୍ୟାଦି ଜଙ୍ଗଲରୁ ସଂଗ୍ରହ କରୁଥିଲେ । ପରେ ସେ ଯେତେବେଳେ ଜାରଙ୍ଗା ଅଞ୍ଚଳକୁ ଯାଉଥିଲା ସେ ନିଜ ସାଙ୍ଗରେ ଯଥେଷ୍ଟ କଦଳୀ, ନଡିଆ, ଲାଲ୍ କପଡା ଇଚ୍ଛ୍ୟାଦି କଣ୍ଟକ୍ଟ ପାର୍ଟି ଭଳି ନେଇଯାଉଥିଲା । କୁହାଯାଇପାରେଏହାଦ୍ୱାରା ସେ ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ସେମାନଙ୍କ ଅଞ୍ଚଳରୁ ଚୋରୀ କରୁଥିଲା ।

୨- ଶିବନାଥ ସରକାର ତା' ପରିବାର ସହ ତିରୁର ଗାଁରେ ସେଟଲର ଭାବେ ବସବାସ କରୁଥିଲା । ପ୍ରଥମେ ପ୍ରଥମେ ସେ ନିଜର ଚାଷବାସ ଆଉ ବାଡିରେ ଫଳଗଛ ଲଗାଇବା ଇତ୍ୟାଦି କାମରେ ବ୍ୟସ୍ତ ରହୁଥିଲା । ସେ ଲୋକମାନଙ୍କ ମୁହଁରୁ ଶୁଣିଥିଲା ଯେ ପାଖରେ ଜାରଙ୍ଗା ଅଛନ୍ତି, କିନ୍ତୁ ଜାରଙ୍ଗାଙ୍କୁ କେବେ ପାଖରେ ଦେଖିନଥିଲା । କିଛି ବର୍ଷପରେ ଦିନେ ସେ ସାତଜଣ ଲୋକଙ୍କ ସହ ଭିତର ଜଙ୍ଗଲକୁ ଗଲା । ସେମାନେ ଜାରଙ୍ଗା ଅଞ୍ଚଳରୁ ବାଲି ସଂଗ୍ରହ କରିବାକୁ ଚାହୁଁଥିଲେ । ରାସ୍ତାରେ ଯିବାବାେଳେ ଯେଉଁ ଶିକାର ମିଳିବ ତା'ର ଶିକାର କରିବେ । ଯାହାହେଉ କାମ ସଫଳ ହେଲା । ତିନିଦିନ ପରେ ସେମାନେ ୧୫୦ ବସ୍ତା ବାଲି ଧରି ଓ ଦୁଇଟା ବନ୍ୟ ଶୂକର, ଦୁଇଟା ହରିଣ, କିଛି ଗୋଧି ମାରି ମନ ଖୁସିରେ ନିଜ ଗାଁକୁ ଫରିଲେ । ଏମିତି ଯାତ୍ରା ତା' ଭାଗ୍ୟ ବଦଳାଇଦେଲା ଆଉ କିଛି ବର୍ଷରେ ସେ ଏକ ପକ୍କା ଶିକାରୀ ବନିଗଲା । ପାଖ ଆଖର ରିଜର୍ଭ ଅଞ୍ଚଳରୁ ସେମାନେ ବହୁ ଜିନିଷ ବିନା ବାଧାରେ ଲୁଚାଇ ନେଇଆସୁଥିଲେ । ଏମିତିକି ଜାରଙ୍ଗାମାନେ ଖାଉଥିବା ଜଙ୍ଗଲୀ ଫଳସବୁ ସଂଗ୍ରହ କରିନେଲେ । ଏଥିରୁ କିଛି ଫଳକୁ ସେମାନେ ଆଣ୍ଠାମାନ ବାହାରକୁ ମଧ୍ୟ ପଠାଉଥିଲେ । ଜାରଙ୍ଗାମାନେ ତା' ଅନୁପ୍ରବେଶ ତଥା ଅନ୍ୟ କାମରେ ବହୁତ ବ୍ୟସ୍ତ ବିବ୍ରତ ହୋଇଯାଇଥିବେ । ମେ ୧୯୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମସିହାରେ ଥରେ ସେ ବହୁତ ଭିତରକୁ ଯାଇ ମହୁ ଆଉ ଝୁଣା ଆଉ ବାଲି ସଂଗ୍ରହ କରିଥିଲା । ସବୁକିଛି ସଂଗ୍ରହ ପରେ ସେ ତିରୁର ପୁଲିସ ଆଉଟପୋଷ୍ଟ ନମ୍ବର-୪ ପାଖରେ ବିଶ୍ରାମ ପାଇଁ ଟିକେ ଅପେକ୍ଷା କଲା । ସେଦିନ ଜହ୍ନରାତି । ହଠାତ୍ ସରକାର ଦେହରେ ତୀର ପରେ ତୀର ଗଳିଗଲା ଆଉ ସରକାର ସେଇଠି ସେ ଟଳିପଡିଲା ।

୩- ଏକ ସେଟଲର କଦମତାଲାର ବ୍ଲଫ ଦ୍ୱୀପ ଅଂଚଳରେ ମାଛ ଧରିବାପାଇଁ ଜାରଙ୍ଗା ଅଞ୍ଚଳରେ ପଶିଥାଏ । ସେ ସେପଟେ ଅନେକ ସମୟରେ ମାଛ ଧରେ । ଜାରଙ୍ଗାମାନେ ନିଜ ପାରମ୍ପରିକ ବଟ୍ରେସ ବାଡେଇ ବିପଦ ଧ୍ୱନୀ ଦେଲେ । ଜୋର ଜୋର ଶବ୍ଦ ଜଙ୍ଗଲରୁ ଶୁଣାଗଲା । କିନ୍ତୁ ହାଲଦାର ଏସବୁ ଶବ୍ଦକୁ ବେଖାତିର କଲା । ଆଗରୁ କେତେବାର ଜାରଙ୍ଗା ଅଞ୍ଚଳରେ ମାଛ ଧରିଛି । ସବୁବେଳେ ଜାରଙ୍ଗାକୁ ଡରିଲେ ମାଛ ଧରାହେବନି । ଜାରଙ୍ଗାମାନେ ତା'ର ବ୍ୟବହାରରେ ବିବ୍ରତ ହୋଇଯାଉଥିଲେ । ତା'କୁ ଶିକ୍ଷା ଦେବାକୁ ପଡ଼ିବ, ତେଣୁ ତା'ର ପିଛା କଲେ । ସେ ଫେରିଲାବେଳକୁ ଦେଖିଲା କିଛି ଜାରଙ୍ଗା ଯୁବକ ତା' ପଛରେ ଚାଲିଛନ୍ତି । ସେ ବହୁତ ଡରିଗଲା ଆଉ ସେଦିନ ତା' ବୁଶ ପୁଲସ ସାଙ୍ଗକୁ ରାତିରେ ରହିବା ପାଇଁ ଅନୁରୋଧ କଲା । ରାତିରେ ଜହ୍ନ ଉଇଁ ଆସିଲା, ଫରଚା ଲାଗିଲା । ରାତି ପ୍ରାୟ ଦଶଟା ହେବ । ବାହାରୁ କିଛି ଶବ୍ଦ ଆସୁଥିଲା । ଗଣେଶ ନିଜ ଘରୁ ବାହାରି ଆସି କ'ଣ ଘଟୁଛି ବୋଲି ଜାଣିବାକୁ ଚାହିଁଲା । ସେ ଏକ ବାଉଁଶର ମଞ୍ଚା ଉପରେ ଠିଆହୋଇ ଚାରିଆଡକୁ ଦେଖୁଥିଲା । ଜାରଙ୍ଗାମାନେ ସେତେବେଳକୁ ତା' ଘର ଚାରିପଟ ଘେରିଗଲେଣି । ଆଉ ଜାରଙ୍ଗାମାନେ ଆକ୍ରମଣ କରିଦେଲେ । ସେମାନେ ସାଙ୍ଗେସାଙ୍ଗେ ତା'କୁ ତୀରମାରି ମାରିଦେଲେ । ତା' ବିକଳ ସ୍ୱର ଶୁଣି ତା' ସ୍ତ୍ରୀ ବାହାରକୁ ବାହରି ଆସିଲା । ଜାରଙ୍ଗାମାନେ ତା'କୁ ମଧ୍ୟ ମାରିଦେଲେ ଆଉ କିଛି ସମୟ ପରେ ଘରକୁ ଆକ୍ରମଣ କଲେ । ତା' ଛୋଟ ପୁଅ ଲୁଚି ରକ୍ଷା ପାଇଗଲା । ବୁଶ ପୁଲିସ ବନ୍ଧୁ ଦ୍ୱାର ପାଖରେ ଠିଆ ହୋଇ ଲଢେଇ କଲା । କିନ୍ତୁ ବେଶ ଆଘାତ ପ୍ରାପ୍ତ ହେଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶେଷରେ ଜାରଙ୍ଗାମାନେ ପଳାଇଲେ ।

୪- ଆଣ୍ଡାମାନ ଟ୍ରଙ୍କ ରୋଡ ତିଆରି ଆରମ୍ଭ ହେଉଥାଏ । ଏହି ରାସ୍ତା ଜାରଙ୍ଗା ଅଞ୍ଚଳକୁ ଦୁଇଭାଗରେ ବିଭକ୍ତ କରିଦେଲା । ଏହି ସମୟରେ ଅପ୍ରୀତିକର ଘଟଣାମାନ ଗଙ୍କିଲା । ଜାରଙ୍ଗାମାନେ ରାସ୍ତା ତିଆରି ନହେବା ପାଇଁ ନିଜ ହିସାବରେ ଅନେକ ପ୍ରତିବାଦ କରିଛନ୍ତି । ଥରେ ରାସ୍ତାରେ ସେମାନେ ଏକ ବହୁ ଟାଣ ହାଥିବେଲ ଲଟାକୁ ରାସ୍ତାର ଏ କଡୁ ସେକଡକୁ ଟାଣିଦେଲେ । ଆଉ ଆଗକୁ ଲୋକେ ନଯାଆନ୍ତୁ । ଅନେକ ସମୟରେ ସେମାନେ କାମ କରୁଥିବା ଲେବରମାନଙ୍କୁ ଆକ୍ରମଣ କରିଛନ୍ତି ଆଉ କ୍ୟାମ୍ପ ଭଙ୍ଗାରୁଜା କରିଛନ୍ତି । ସେମାନେ ରାସ୍ତା କାମକରୁଥିବା ବୁଲଡୋଜର ଡ୍ରାଇଭରକୁ ତୀରମାରି ହତ୍ୟା କଲେ ।

୫- ଜାରଙ୍ଗାମାନେ ଏକ ବୁଶ ପୁଲିସକୁ ଦକ୍ଷିଣ ଆଣ୍ଡାମାନର ଜିରକାଟାଙ୍ଗ କ୍ୟାମ୍ପ ପାଖରେ ଆକ୍ରମଣ କରି ମାରିଦେଲେ । ଜାରଙ୍ଗାମାନେ ଖାକି ପୋଷାକ ପିନ୍ଧିଥିବା ଫରେଷ୍ଟ କର୍ମଚାରୀ ବା ପୁଲିସମାନଙ୍କୁ ଘୃଣା କରୁଥିଲେ । ବୁଶ ପୁଲିସମାନେ ଅଯଥାରେ ସେମାନଙ୍କ ଉପରକୁ ଗୁଳି ଚଲାଉଥିଲେ ଆଉ ଫରେଷ୍ଟର ଲୋକମାନେ ସେମାନଙ୍କ ଅଞ୍ଚଳରେ ଗଛ କାଟୁଥିଲେ । ହାତୀ ମାହୁନ୍ତ ଜନ ଖାଲକୋ, ନେଲସନ ସୋରେଙ୍ଗ ଜାରଙ୍ଗା ଆକ୍ରମଣରେ ଗୁରୁତର ଆଘାତପ୍ରାପ୍ତ ହୋଇଛନ୍ତି ଆଉ ଏଲିଅସ ଟିଗ୍ଗା ଇତ୍ୟାଦି ଅନେକଙ୍କର ପ୍ରାଣହାନୀ ଘଟିଛି । ସେ ସମୟରେ ବୁଶ ପୁଲିସ ଆଉ ଜାରଙ୍ଗା ସହ ସମ୍ବନ୍ଧ ଅହି ନକୁଳର ସମ୍ବନ୍ଧ ଥିଲା । ଏକ ଅସ୍ତ୍ର ଧରିଥିବା ଲୋକର ଆଉ ଏକ ଅସ୍ତ୍ର ଧରିଥିବା ଲୋକ ସହ ତ ଶତ୍ରୁତା ଥାଏ । ଦୁହେଁ ଦୁହିଁଙ୍କ ରକ୍ତ ପ୍ରତି ପାଗଳ ହୋଇଉଠନ୍ତି । ଅନେକ ଜାରଙ୍ଗାଙ୍କୁ ବୁଶ ପୁଲିସ ମାରିଦେଇଛନ୍ତି ଆଉ ଜାରଙ୍ଗାଙ୍କ ଆକ୍ରମଣ ମଧ୍ୟ କମ ନୁହେଁ । ସେମାନେ ଜାରଙ୍ଗାମାନଙ୍କୁ ବ୍ଲାଙ୍କ ଫାୟାର କରି ବା ସେମାନଙ୍କ ଉପରକୁ ସିଧା ଗୁଳି ଚଲାଇ ଘଉଡାଇ ଦେଉଥିଲେ । ତେଣୁ ଖାକି ଡ୍ରେସ ପ୍ରତି ଜାରଙ୍ଗାଙ୍କ ପ୍ରଥମରୁ ଘୃଣାଥିଲା

Listen to Odia Podcast Original at https://youtube.com/@drjyotiprasad

ଜାରଙ୍ଗାପାଇଁ ଖାକି ପୋଷାକ ପିନ୍ଧା ଲୋକ ଶତ୍ରୁ, ସେମାନେ ଖାକି ପୋଷାକ ପିନ୍ଧିଥିବା ଲୋକଙ୍କ ଉପରେ ଉପରେ ଅନେକ ଆକ୍ରମଣ କରିଛନ୍ତି । ବୁଶ ପୁଲିସ ଦଳ ୧୯୦୫ ମସିହାରେ ଗଠିତ ହୋଇଥିଲା । ଉଦ୍ଦେଶ୍ୟ, ଜାରଙ୍ଗା ଅଂଚଳରେ କେମିତି ହେଲେ କେହି ଅନାଧିକାର ପ୍ରବେଶ ନକରି ସେମାନଙ୍କ ଜୀବନରେ ହସ୍ତକ୍ଷେପ ନକରନ୍ତୁ । ସମୟକ୍ରମେ ଯେମିତି ଉଦ୍ଦେଶ୍ୟ ବଦଳିଗଲା ଆଉ ତାହା ହୋଇଉଠିଲା ସେଟଲରମାନଙ୍କ ରକ୍ଷାକାରୀ ପୁଲିସ ।

୬- ଦିନ ପ୍ରାୟ ୧୧ଟା ବେଳ ହେବ । ହାତୀ ବିଜୟ ବାହାଦୂର ଜଙ୍ଗଲରେ କୁଆଡେ ହଜିଯାଇଥାଏ । ହାତୀ ମାହୁନ୍ତ ଜନ ଖାଲକୋ, ଶୁକ୍ରା ଇତ୍ୟାଦି ହଜିଯାଇଥିବା ହାତୀକୁ ଖୋଜିବାପାଇଁ ଜିରକାଟାଙ୍ଗର ଜାରଙ୍ଗା ଅଞ୍ଚଳରେ ପ୍ରବେଶ କଲେ । ଦଳେ ଜାରଙ୍ଗା ଏମାନଙ୍କୁ ଘଞ୍ଚ ଜଙ୍ଗଲ ଭିତରେ ଆକ୍ରମଣ କଲେ । ଆଗରୁ ଥରେ ପୁଟାଟାଙ୍ଗ ଏକ୍ସଟ୍ରାକ୍ସନ କ୍ୟାମମ୍ପରୁ ପୁଣି ହଜିଯାଇଥିବା ହାତୀ ସଂନ୍ଧାନରେ ମାହୁନ୍ତ ଜଙ୍ଗଲ ଭିତରକୁ ଯାଇଥିଲା । ତା' ଉପରେ ଜାରଙ୍ଗା ଆକ୍ରଣ ହେଲା ଆଉ ସେ ସାରା ଜୀବନପାଇଁ ପଙ୍ଗୁ ହୋଇଗଲା । ଏମିତି ସକାଳ ୮ଟା ୩୦ ସମୟରେ ପୁନ୍ନନାଳା ଏକ୍ସଟ୍ରାକସନ କ୍ୟାମ୍ପ ଅଞ୍ଚଳରେ ଫରେଷ୍ଟ ପୁଲିସ ଲାଧୋ ଜେସ ଜାରଙ୍ଗା ଆକ୍ରମଣରେ ପ୍ରାଣ ହରାଇଲା । ଶ୍ରୀ ଭି ଜିଗୁଲୁକୁ ଆଘାତ ମିଳିଲା ।

୭- ଏକ ପୁଲିସ କନେଷ୍ଟବଳ ଏକ ଜାରଙ୍ଗା ଟୋକାକୁ ବିନା କାରଣରେ ବହୁତ ପିଟିଲା । କିଛିଦିନ ପରେ ମିଡିଲଷ୍ଟ୍ରେଟରୁ ଜାରଙ୍ଗାମାନେ ଆସି ଆକ୍ରମଣ କରି ପୁଲିସ ଆଉଟ ପୋଷ୍ଟକୁ ଧ୍ୱଂସ କରିଦେଲେ । ଏମିତି ଅସଂଖ୍ୟ କାହାଣୀ ଅଛି ।

ଏତେ ଆକ୍ରମଣ ପ୍ରତ୍ୟାକ୍ରମଣ କାହାଣୀ ଶୁଣି ଅବିନାଶ ଟିକେ ମନରେ ଥକି ଯାଇଥିଲା । ବୁଢା ସର୍ଦ୍ଦାର ମଧ୍ୟ କିଛି କହିଲେନି । ଅବିନାଶ ମନକୁ ଟିକେ ସ୍ଥିର ରଖିବା ପାଇଁ ପଥର ଉପରୁ ପାଣିକୁ ଅନାଇଲା । ସମୁଦ୍ର ପାଣିକୁ ଅନାଇଲେ ମନ କେମିତି ସ୍ଥିର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗେ । ଏ ନୀଳ ପାଣିରେ କ'ଣ ଅଛି କେଜାଣି ? ଅଶାନ୍ତ ମନକୁ ଏକ ମ୍ୟାଗନେଟିକ ଫିଲଡ ଭିତରେ ସାଇଜ କଲାପରେ ଏପଟ ସେପଟ ହୋଇ ପଡିଥିବା ଚିନ୍ତାମାନ ଯେମିତି ଏକ ଦିଗ ପାଆନ୍ତି । ସମୁଦ୍ର ଭିତରେ ଥିବା କିଛି ଭସା ଜିନିଷ କୂଳକୁ ମନକୁ ମନ ଚାଲିଆସେ, ସମୁଦ୍ରପାଣିରେ କୂଳ ଧରେ । ସେ ଏମିତି କିଛି ସମୟ ପାଣିକୁ ଅନାଇ ରହିଲା । ଏବେ ଢେଉ ବଡ଼ ଆକାର ଧରି ଜୋରରେ ମାଡି ଆସୁଥିଲା ଆଉ ପଥର ଦେହରେ ବାଡେଇ ହୋଇ ପାଣି ଉପରକୁ ଛିଟିକି ପଡୁଥିଲା । କିଛି ପାଣିର ବୁନ୍ଦା ଏମାନଙ୍କ ମୁହଁରେ ବିଛ୍ପି ପଡି ଯାଉଥିଲା ।

ଲକ୍ଷ୍ୟରୁ କେତେ ବିଚ୍ୟୁତି ?-ଅବିନାଶ ଏକ ବଡ଼ ଢେଉକୁ ଅନାଇ କହିଲା ବହୁ ସମୟ ପରେ ।

ଏକ ଏକ ବଡ଼ ଢେଉ ଆସି ପଥରରେ ଭାଙ୍ଗି ପଡୁଥିଲା ଆଉ ପଥର ଉପରେ ଚାଲୁଥିବା ସବୁଜ କଳା ରଙ୍ଗର ବଡ଼ କଙ୍କଡାମାନେ ଫେଣରେ ବୁଡିଯାଉଥିଲେ । ପାଣି ପୁଣି ତଳୁଆ ହୋଇଗଲେ ସେମାନଙ୍କ ଆଖି ପାଣି ଉପରକୁ ଟେକି ହୋଇଯାଉଥିଲା । ସେମାନଙ୍କର ସରୁଆ ଗୋଡମାନରେ ମୁନିଆ ନଖ ଆଉ ତାହା ପଥରକୁ ଜୋରରେ ଜାବୁଡି ଧରିଥିଲା । ଏ କଙ୍କଡାଗୁଡିକ ନିଜ ସ୍ଥାନରେ ଦୃଢ ହୋଇ ରହି ଅସଂଖ୍ୟ ପ୍ରାଚର୍ଣ ତିଆରି କରୁଥିବା ପାଣିକୁ ଅନାଇ ରହିଥିଲେ । ସେମାନେ ଲାଗୁଥିଲେ ନୀଳ ସମୁଦ୍ର କୂଳରେ ଏକ ଏକ ଯୋଦ୍ଧା । ବୁଢା ସର୍ଦ୍ଦାର ଅବିନାଶ ମନରେ ଉଦ୍ବେଳିତ ହେଉଥିବା ପ୍ରଶ୍ନର ଉତ୍ତର ଆଉ ସଂଘର୍ଷର କାରଣମାନ ବୁଝାଇ କହୁଥିଲେ । ବୁଢା ସର୍ଦ୍ଦାର ଯେମିତି ପ୍ରତି ଢେଉ ସହ ନିଜର ଏକ ଏକ ଉତ୍ତର ରଖୁଥିଲେ । ଅବିନାଶ ସେହି କଥାମାନ ନିଜ ହିସାବରେ ସଜାଇ ଦେଲା ।

ସ୍ୱାଭାବିକ ଭାବେ ସେଟଲର ଆଉ ଜାରଙ୍ଗାମାନଙ୍କ ଭିତରେ କେତେ ଖଣ୍ଡଯୁଦ୍ଧ ଲାଗିଛି । ଶିକାରୀମାନେ ସେମାନଙ୍କ ଅଞ୍ଚଳରେ ଚୋରାରେ ପଶିଯାଉଛନ୍ତି । ହରିଣ,

Listen to Odia Podcast Original at https://youtube.com/@drjyotiprasad

ବାରହା ବେଶି ପରିମାଣରେ ଜାରଙ୍ଗା ଅଞ୍ଚଳରେ । ଅନ୍ୟ ଜାଗା ଅପେକ୍ଷା ଏଠି ଭଲ ମାଛ ମଧ୍ୟ ମିଳେ । ତା'ଛଡା ସେମାନେ ବାଉଁଶ, ମହୁ, ଝୁଣା ପାନ ପତ୍ର ଇତ୍ୟାଦି ସଂଗ୍ରହ ପାଇଁ ଜାରଙ୍ଗା ଅଞ୍ଚଳକୁ ଚୋରାରେ ଯାଇଥାନ୍ତି । ସେମାନେ ବହୁସମୟରେ ପୁରୁଷ ଜାରଙ୍ଗା ଙ୍କ ଅନୁପସ୍ଥିତିରେ ଜାରଙ୍ଗା ହଟମାନଙ୍କୁ କ୍ଷତି କରିଛନ୍ତି, ମହିଳାମାନଙ୍କ ସହ ଅଶାଳୀନ ବ୍ୟବାହର କରିଛନ୍ତିବା ସେମାନଙ୍କଠାରୁ ମହୁ, ଝୁଣା, ବାସ୍କେଟ ଆଦି ଛଡାଇ ନେଇଛନ୍ତି ।

ଜାରଙ୍ଗାମାନେ ସବୁବେଳେ ଜଙ୍ଗଲରେ ନିଜ ଉପସ୍ଥିତି ଜାହିର କରିବା ପାଇଁ ଗଛର ବଟ୍ରେସକୁ ପିଟିଥାନ୍ତି । ସେଟଲରମାନଙ୍କୁ ସାବଧାନ କରିବା ପାଇଁ ତାହା ଏକ ସଙ୍କେତ ଥାଏ । ସେଟଲରମାନେ କିନ୍ତୁ ବହୁ ସମୟରେ ଜାଣି ତା'କୁ ଖାତିର କରିନଥାନ୍ତି । ଜାରଙ୍ଗା କେବେ ମିଛରେ କାହାକୁ ମାରିନି । ପେନାଲ ସେଟଲମେଣ୍ଟ ସମୟରେ ଜାରଙ୍ଗାମାନେ ତାଙ୍କ ଅଞ୍ଚଳରେ ଜଙ୍ଗଲ ସହଜରେ କଟାଇ ଦେଇନାହାନ୍ତି ।

କାହାକୁ କାହାକୁ ଜାରଙ୍ଗାମାନେ କହିଛନ୍ତି ଯେ ସେଟଲର ବା ଚୋର ଶିକାରୀମାନେ ବହୁ ସମୟରେ ସେମାନଙ୍କ ଶିଶୁମାନଙ୍କର ହତ୍ୟା କରିଛନ୍ତି । ଜାରଙ୍ଗା ମା ଛୁଆକୁ ବାଲିରେ ବେକ ପର୍ଯ୍ୟନ୍ତ ପୋତିଦେଇ ମାଛ ଧରିବାକୁ ଯଏ । ଫଳରେ ଛୁଆ ଏଣେତେଣେ ବୁଲେନି ଆଉ ମା'କୁ ମାଛ ଧରିବାକୁ ସୁବିଧା ହୁଏ । ଜଙ୍ଗଲରେ ଛୋଟଛୁଆକୁ ଧରି ସବୁବେଳେ ମା ଶିକାର କରିପାରେନି । ସେମାନେ ଯେ ଶିକାର କଲେ ଖାଇବେ, ତାଙ୍କର ତ କିଛି ରଖା ସମ୍ଭଓ୍ୱି ନାହିଁ । ଆଉ ନିଷ୍ଠୁର ଚୋରା ଶିକାରୀମାନେ ଏମିତି ନିସହାୟ ଛୁଆଙ୍କ ଗଳାକାଟ କରିଛନ୍ତି । ଅନେକ ଚୋରା ଶିକାରୀ ସୁସ୍ଥସବଳ ପୁରୁଷଙ୍କୁ ୧୨ ବୋର ବନ୍ଧୁକରେ ଗୁଳିକରି ମାରିଛନ୍ତି । ସେଟଲରଙ୍କ ଭିତରେ ଥିବା ଶିକାରୀମାନେ ଜାରଙ୍ଗା ଛୁଆଙ୍କୁ ମଧ୍ୟ ମାରିଦେଇଛନ୍ତି । ଥରେ ସେମାନେ ଏକ ଛୋଟ ବୋଟ ବା ଭୁଟଭୁଟି ନେଇ ଜାରଙ୍ଗା ଅଂଚଳକୁ ଗଲେ । ସେମାନଙ୍କୁ ଦେଖି ଛୁଆମାନେ କୂଳକୁ ଦୌଡିଆସିଲେ । ଆଉ ନିର୍ଦ୍ଦୟୀ ଆତାତୟୀଗଣ ସେହି ଛୁଆମାନଙ୍କ ଉପରେ ଗୁଳି ଚଳାଇଲେ । ବହୁ ଛୁଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମରିଗଲେ ଆଉ ସେମାନଙ୍କ ଶବକୁ ବାଲିରେ ପୋତି ଦିଆଗଲା । ଏହାଠାରୁ ଅଧିକ ନୃଶଂସତା କ'ଣ ହୋଇପାରେ ? ସେମାନଙ୍କ ସ୍ଥାନକୁ ଜବରଦସ୍ତି ଦଖଲ କରାଯାଇଛି । ଆଉ ସେମାନେ ପ୍ରତିବାଦ କଲେ ଅନେକ ସମୟରେ ହତ୍ୟା କରିଦିଆଯାଇଛି ।

ଏହିସବୁ କାରଣପାଇଁ ଯେତେବେଳେ ଜାରଙ୍କାମାନେ କେଉଁ ଶିକାରୀଙ୍କୁ ତାଙ୍କ ଅଂଚଳରେ ଦେଖିଲେ, ତା'କୁ ମାରିଦିଅନ୍ତି ଆଉ ତା' ଶବ ଉପରେ ନିଜର କ୍ରୋଧ, ଘୃଣା ଦେଇଖାଇଥାନ୍ତି । ତା' ଶରୀରକୁ କ୍ଷତବିକ୍ଷତ କରିଦେଇଥାନ୍ତି । ଏକ ଶିକାରୀକୁ ଯଦି ସେମାନଙ୍କ କୁଡିଆ ପାଖରେ ମାରିଲେ ତେବେ ତା'ର ମଲାଶରୀରକୁ ଘୋଷାରି ନିଜ ଜାଗା ପର୍ଯ୍ୟନ୍ତ ନେଇଆସନ୍ତି । ତା'ପରେ ଶବକୁ ଖଣ୍ଡ ବିଖଣ୍ଡ କରନ୍ତି । ତା'ର ମାଢିକୁ ଭାଙ୍ଗି ଦିଅନ୍ତି, ହାତଗୋଡ କାଟିଦିଅନ୍ତି ।

କ୍ରୋଧରେ ପ୍ରତିଶୋଧ ନେବା ପାଇଁ ଜହ୍ନରାତିରେ ସେମାନେ ସେଟଲରମାନଙ୍କ ଅଞ୍ଚଳରେ ପଶିଛନ୍ତି ଆଉ ବହୁଜିନିଷ ନେଇଯାଇଛନ୍ତି । ନିଜକୁ ସାନ୍ତ୍ୱନା ଦେବାପାଇଁ ସେଟଲରମାନଙ୍କ ଅନେକ ପଶୁ ମାରିଦେଇଛନ୍ତି । ଏଇଠି ଗୋଟିଏ ବଡ଼ କଥା ଲକ୍ଷ୍ୟ କରାଯାଇଛି ଯେ ସେଟଲରମାନେ ଅନେକ ସମୟରେ ଜାରଙ୍କା ହଟକୁ ଜଳାଇ ଦେଇଛନ୍ତି । କିନ୍ତୁ ଜାରଙ୍କାମାନେ କେବେବି ସେଟଲରଙ୍କ ଘର ଜଳାଇ ନାହାନ୍ତି । ସେ ସମୟରେ ତ ପ୍ରତି ସେଟଲରର ଘର ବାଉଁଶ, କାଠ ବା ପତ୍ରରେ ତିଆରି ହେଉଥିଲା, ଜଳାଇବା ସହଜ । କିନ୍ତୁ ଜାରଙ୍କାମାନେ ତାହା କରିନାହାନ୍ତି ।

ଇତିହାସ ହିସାବରେ ଜାରଙ୍କାମାନେ ପ୍ରଥମରୁ ବାହାର ଲୋକଙ୍କ ପ୍ରତି ଶତ୍ରୁତା ଆଚରଣ ଦେଖାଉନଥିଲେ । ପ୍ରଥମ ପେନାଲ ସେଟଲମେଣ୍ଟ ସମୟରେ କୋଲେବ୍ରୁକ ଏବଂ ପରେ ବ୍ଲେଆର ଜାରଙ୍କାମାନଙ୍କ ସଂସ୍ପର୍ଶରେ ଆସିଥିଲେ । ସେତେବେଳେ ସେମାନେ ଶତ୍ରୁଭାବାପନ୍ନ ନଥିଲେ । ସେ ସମୟରେ ଗ୍ରେଟ ଆଣ୍ଡାମାନିଜମାନେ ଶତ୍ରୁତାପୂର୍ଣ୍ଣ ଆଚରଣ ଦେଖାଉଥିଲେ । କିନ୍ତୁ ପରେ ଦ୍ୱିତୀୟ ସେଟେଲମେଣ୍ଟ ସମୟରେ

Listen to Odia Podcast Original at https://youtube.com/@drjyotiprasad

ସେମାନେ ଆଉ ବନ୍ଧୁତାପୂର୍ଣ୍ଣ ଭାବ ଦେଖାଇଲେନି ଆଉ ହିଂସ୍ରକ ହୋଇଉଠିଲେ । ପ୍ରଥମ ପେନାଲ ସେଟେଲମେଣ୍ଟ ୧୭୮୯ ମସିହାରେ ଚାଥାମ ଦ୍ୱୀପରେ ଆରମ୍ଭ ହୋଇଥିଲା ଆଉ ତାହା ବେଶି ଦିନ ଚାଲିଲାନି ଏବଂ ୧୭୯୬ ମସିହାରେ ବନ୍ଦ କରିଦିଆଗଲା । ଦ୍ୱିତୀୟ ପେନାଲ ସେଟେଲମେଣ୍ଟ ୧୮୫୮ ମସିହାରେ ରସ ଦ୍ୱୀପରେ ଆରମ୍ଭ ହୋଇଥିଲା । ସେଥିରେ ଜାରୱାମାନେ ପ୍ରାୟ କ୍ଷତିଗ୍ରସ୍ତ ହୋଇନଥିଲେ । ସେ ସମୟରେ ଗ୍ରେଟ ଆଣ୍ଡାମାନିଜ ଆଉ ବ୍ରଟିଶରମାନଙ୍କ ମଧ୍ୟରେ ଯୁଦ୍ଧ ଲାଗି ରହୁଥିଲା । ଗ୍ରେଟ ଆଣ୍ଡାମାନିଜମାନଙ୍କ ସହ ଧିରେ ବନ୍ଧୁତା ବଢିଲା, ଆଉ ସେମାନଙ୍କ ମାଧ୍ୟମରେ ଆଉ ଆଉ ଏକ ଆଦିମ ଆଦିବାସୀ ଦଳ ଜାରୱାଙ୍କ ବିଷୟରେ ବାହାର ଦୁନିଆ ଜାଣିଲା । ସେମାନେ ଯେ ସଂମ୍ପୂର୍ଣ ଭିନ୍ନ । ତା'ପରେ ବ୍ରିଶରମାନେ ବଦଳି ଯାଇଥିବା ଗ୍ରେଟ ଆଣ୍ଡାମାନିଜଙ୍କ ସହାୟତାରେ ଜାରୱା ଅଞ୍ଚଳକୁ ପ୍ରବେଶ କଲେ । ସେ ସମୟରେ ସେମାନେ ଜାରୱାମାନଙ୍କ ହଟକୁ ଧ୍ୱଂସ କରିଦେଲେ କିମ୍ବା ଜାରୱାମାନେ ଏମାନଙ୍କୁ ଆକ୍ରମଣ କଲେ ।

୧୮୭୨ ମସିହାରେ ପ୍ରଥମ ଜାରୱା ଆକ୍ରମଣ ହୋଇଥିଲା । ତା'ପରେ ଖଣ୍ଡଯୁଦ୍ଧ ଲାଗି ରହିଲା । ଆଉ ତା'ର ମୁଖ୍ୟ କାରଣ ଥିଲା ଗ୍ରେଟ ଆଣ୍ଡାମାନିଜଙ୍କ ସହ ଏମାନଙ୍କରବୈରତା । ଜାରୱାମାନେ ଗ୍ରେଟ ଆଣ୍ଡାମାନିଜଙ୍କୁ ମୋଟେ ବିଶ୍ୱାସ କରୁନଥିଲେ । ଗ୍ରେଟ ଆଣ୍ଡାମାନିଜ ଆଉ ଜାରୱାଙ୍କର ନିଜ ନିଜ ସୀମା କ୍ଷେତ୍ର ଥିଲା । ସେଇ ଜାଗାମାନଙ୍କରେ ସେମାନେ ନିଜ ନିଜ ଶିକାର କରୁଥିଲେ । ଏକ ଆଦିବାସୀ ଦଳ ନିଜ ସୀମା କ୍ଷେତ୍ରରେ ଆଉ ଏକ ଆଦିବାସୀ ଦଳକୁ ଆସିବାକୁ ଦିଏନି ଆଉ ସେଇଥିରେ ଯୁଦ୍ଧର ଆରମ୍ଭ ହୋଇଯାଏ । ଆଉ ସେଇଟା ହୋଇଥିଲା ।

ବ୍ରିଟିଶରମାନେ ସାଙ୍ଗରେ ଗ୍ରେଟ ଆଣ୍ଡାମାନିଜମାନଙ୍କୁ ନେବାଦ୍ୱାରା ଆଉ କେତେଟା ପ୍ୟୁନିଟିଭ ଏକ୍ସପେଡିସନ ପରେ ଜାରୱାମାନେ ଇଂରେଜ ବା ବାହାର ଲୋକଙ୍କୁ ଶତ୍ରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବିଲେ । ବ୍ରିଟିଶରମାନେ ଗ୍ରେଟ ଆଣ୍ଡାମାନିଜଙ୍କୁ ଟ୍ରାକର ଆଉ ନିଜର ସିପାହୀ ହିସାବରେ ଜାରୱାଙ୍କ ବିରୁଦ୍ଧରେ ବ୍ୟବହାର କରୁଥିଲେ । ୧୯୦୨ ମସିହା ବେଳକୁ ଜାରୱାମାନେ ବେଶି ହିଂସ୍ରକ ହୋଇଉଠିଲେ ତେଣୁ ପ୍ୟୁନିଟିଭ ଏକ୍ସପେଡିସନ ଆରମ୍ଭ ହେଲା । ଡେପୁଟି କନଜରଭେଟର ଅଫ ପରେଷ୍ଟ ଭକ୍ସ, ଜଣେ ପୁଲିସ, ତିନିଜଣ କଇଦୀ ଆଉ ୧୬ ଜଣ ଗ୍ରେଟ ଆଣ୍ଡାମାନିଜ ଜଙ୍ଗଲରେ ପଶି ଜାରୱାମାନଙ୍କୁ ଆକ୍ରମଣ କରିବା ପାଇଁ ଛପି ରହିଲେ । ରାତିରେ ଜାରୱାମାନଙ୍କ ହଟକୁ ଆକ୍ରମଣ କରାଗଲା । ହଟରେ ଅନେକ ଛୁଆ ଥିଲେ । ଯାହାହେଉ ଅନେକ ଜାରୱା ଖସିଗଲେ । ପରେ ଆଉ ଏକ ରାତି ଆକ୍ରମଣ ଅଭିଯାନ ସମୟରେ ଭକ୍ସ ଜାରୱାଙ୍କ ତୀରରେ ପ୍ରାଣ ହରାଇଲେ । ୧୯୧୦ ମସିହାରେ ମିଲିଟାରୀ କମାଣ୍ଡରଙ୍କ ନେତୃତ୍ୱରେ ଜାରୱା ହଟ ଆକ୍ରମଣ ହୋଇଥିଲା । ରାତି ସମୟ, ଜାରୱାମାନେ ନିଜ ଜାଗାରେ ନାଚୁଥିଲେ । ଆଉ ସେମାନେ ଅନ୍ଧାରରେ ଖସି ପଳାଇଲେ । ପରେ ୧୯୧୮ ମସିହାରେ କିଛି ଜାରୱା ହତାହତ ହେଲେ । ୧୯୨୧ ମସିହାରେ ଜାରୱାଙ୍କ ଆକ୍ରମଣରେ ୨୧ ଜଣ କଇଦୀଙ୍କର ମୃତ୍ୟୁ ଘଟିଲା ।

୧୯୨୫ ମସହିାହରେ ପୁଣି ଦମନ ଅଭିଯାନ ଆରମ୍ଭ ହେଲା । ଏ ଦଳରେ କାଚିନ ମିଲିଟାରୀ ପୁଲିସର ୩୦ ଜଣ ଜବାନ ଥିଲେ । ଭିନ୍ନ ଭିନ୍ନ ଜାଗାରୁ ଏକାସଙ୍ଗେ ଅଭିଯାନ କରାଯାଇଥିଲା । ଏହି ଦମନ ଲୀଳାରେ ୩୭ ଜଣ ଜାରୱାଙ୍କୁ ମାରିଦିଆଯାଇଥିବାର କୁହାଗଲା । କିନ୍ତୁ ଏହି ଦମନ ଅଭିଯାନ ଜାରୱାଙ୍କ ଆକ୍ରମଣକୁ ବନ୍ଦ କଲାନାହିଁ । ସେମାନେ ଭିନ୍ନ ଭିନ୍ନ ଅଞ୍ଚଳରେ ଆକ୍ରମଣ ଜାରି ରଖିଲେ । ୧୯୨୫ ମସିହାରଏହି ଦମନାତ୍ମକ କାର୍ଯ୍ୟ ଜାରୱାଙ୍କ ସଂଖ୍ୟା କମିବାର ମୁଖ୍ୟକାରଣ ।

ଏକ ଆଦିମ ଅଧିବାସୀଙ୍କୁ ମାରିବା ପାଇଁ ଅଭିଯାନ ଏହା ଥିଲା ଆଉ ଏହାକୁ ଏକ ସଫଳ ସାମରିକ ଅଭିଯାନ ବୋଲି କୁହାଗଲା, ତଥାକଥିତ ସଭ୍ୟସମାଜର ଏକ ସଫଳ ଅଭିଯାନ । ତେବେ ସଭ୍ୟତାର ବାଖ୍ୟା କ'ଣ ? ହତ୍ୟା ଆଉ ତା'ପରେ ଶାନ୍ତି । ଏହାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହୁଛନ୍ତି ସଫଳ ସଭ୍ୟତା । ଆତାତୟୀ ଭଳି ନିରୀହଙ୍କୁ ହତ୍ୟା କହିପାରନ୍ତି । ସେମାନେ ବନ୍ଧୁକ ବିରୁଦ୍ଧରେ କ'ଣ ଯୁଦ୍ଧ କରିବେ ?

ପୋର୍ଟମାନଙ୍କ ଲିଖିତ ମନ୍ତବ୍ୟ ହିସାବରେ ପ୍ରଥମେ ଜାରଙ୍ଗାମାନେ ଶାନ୍ତ ରହୁଥିଲେ, ଆଉ ବାହାର ଲୋକଙ୍କୁ ବିରକ୍ତ ମଧ୍ୟ କରୁନଥିଲେ । କିନ୍ତୁ ଏକ ମୌଳିକ ଭୁଲ୍- ସମୁଦ୍ରକୂଳ ନିବାସୀ ଗ୍ରେଟ ଆଣ୍ଡାମାନିଜଙ୍କୁ ବ୍ୟବହାର କରିବାଦ୍ୱାରା ସେମାନେ ଶତ୍ରୁ ହୋଇଗଲେ। । କିଛି ବର୍ଷ ଏମିତି ଚାଲିବାଦ୍ୱାରା ଜାରଙ୍ଗାଙ୍କ ଜୀବନ ଅତି ଦୁଃଷ୍କର ହୋଇଉଠିଲା ଆଉ ବଦଳରେ ସେମାନେ ଆକ୍ରମଣ କରିବା ଆରମ୍ଭ କଲେ । ଏହା ବିଚାରର ଦୋଷ, ଫଳରେ ସେମାନେ ଶତ୍ରୁତା ଆଚରଣ କରୁଛନ୍ତି ।

ଜାରଙ୍ଗାମାନଙ୍କ ହଂସ୍ର ହେବାର ଆଉ ଏକ କାରଣ ହେଉଛି ଜାପାନୀ ଅଧିକାର ସମୟରେ ଭାରି ବୋମାମାଡ । ସେମାନେ ବ୍ରଟିଶ ଗୁପ୍ତଚରମାନେ ଲୁଚିଛନ୍ତି ଭାବି ଆକାଶରୁ ଜାରଙ୍ଗା ହଟଗୁଡାକୁ ଆକ୍ରମଣ କଲେ । ପରେ ଭାରତ ସ୍ୱାଧିନ ହେବାପରେ ସାଙ୍ଗେ ସାଙ୍ଗେ ଜାରଙ୍ଗାମାନଙ୍କ ହଂସ୍ରଭାବ କମିନଥିଲା । ଜାରଙ୍ଗାମାନଙ୍କ ପାଇଁ ସ୍ୱାଧିନତା, ପାରଧୀନତାର କିଛି ଅର୍ଥ ନାହିଁ । ସେମାନଙ୍କ ପାଇଁ କେବଳ ଗୋଟିଏ ଅର୍ଥ ଥିବ ଯେ ବାହାରର କିଛି ଲୋକ ସେମାନଙ୍କ ଅଞ୍ଚଳକୁ ଧସାଇ ପଶୁଛନ୍ତି । ୧୯୪୯ ମସିହାରେ ଆଉ ତା'ପରେ ୧୯୫୦ ଆଉ ୧୯୫୧ ମସିହାରେ ଦଳ ଦଳ ଲୋକ ଆସି ଜାରଙ୍ଗା ଅଞ୍ଚଳ ଚାରିପାଖେ ଘରଦ୍ୱାର କରି ରହିବାକୁ ଲାଗିଲେ । ଆଉ ଏମାନଙ୍କୁ ଏତେ ପାଖରେ ଦେଖି ଜାରଙ୍ଗାମାନେ ଚକିତ ହୋଇଯାଇଥିବେ, ତେଣୁ ଆକ୍ରମଣ ଜାରି ରହିଲା । ସେଟଲରମାନେ ମଧ୍ୟ ପ୍ରତି ଆକ୍ରମଣ କଲେ । ଦୁଇ ପକ୍ଷର ଅନେକ କ୍ଷତି ଘଟିଲା ।

ସେମାନେ ଏମିତି ଜାରଙ୍ଗାଙ୍କ ସହ ସେଟଲରମାନଙ୍କ ସଂଘର୍ଷର ଅନେକ କାହାଣୀ ବିଷୟରେ ତର୍ଜ୍ଜମା କରିଚାଲିଲେ । ଏ ଆକ୍ରମଣ ପତ୍ୟକ୍ରମଣ ଆଉ କାରଣରେ ତା' ମନ ସାମାନ୍ୟ ଆନ୍ଦୋଳିତ ହେଉଥିଲା । ଦିନ ଆଗେଇ ଯାଉଥିଲା । ପାଣି ବଢୁଥିଲା । ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛୋଟ ଖୋଲରେ ଆଗରୁ ପାଣି ଥିଲା । ସେ ଯାଏ ଏବେ ଜୁଆର ପହଞ୍ଚିନି । ସେଥିରେ ଅନେକ ଛୋଟ ଗେଣ୍ଡା ଗୋଲ ଆକାରର ବୃତ୍ତପ୍ରାୟ ପ୍ୟାଟର୍ଣ କରି ଲାଗିରହିଥିଲେ । ସେମାନଙ୍କ କଳାଧଳା ରଙ୍ଗ ଚମକୁଥିଲା । ସେମାନଙ୍କ ଉପରେ କେନ୍ଦ୍ରରୁ କ୍ରମ ବର୍ଦ୍ଧମାନ ଏଲିପଟିକାଲ ଆକାରମାନ ଯେମିତି କେହି ତିଆରି କରିଦେଇଥିଲା । ପାଖରେ ଟିକିଏ ଜଳୀୟ ଗୁଳ୍ମ ଥିଲା । ସେଥିରେ ଲାଲ ଧଳା ଛପିଛାପିକିଆ ପତଳା କଙ୍କଡାଟିଏ ଚିପିହୋଇ ରହିଥିଲା । ପ୍ରକୃତିର ବୈଚିତ୍ର ଆଉ ସବୁଠାରେ ଜୀବନ ଦେଖି ଅବିନାଶର ମନ ଧିରେ ଶାନ୍ତ ହୋଇଯାଉଥିଲା ଆଉ ତା' ଭିତରକୁ ବହୁ ଉତ୍ତର ଆସିଯାଉଥିଲା ।

କଥାଛଳରେ ନୃତତ୍ତ୍ୱବିଦଙ୍କର କିଛି ଲକ୍ଷ୍ୟ କରିବାର ପ୍ରସଙ୍ଗଉଠିଥିଲା । ଏକ ନୃତତ୍ତ୍ୱବିଦଙ୍କରପ୍ରଶ୍ନ ଥିଲା, ଯଦି ଜାରୱାମାନେ ଉପହାର ନେବା ବନ୍ଧୁତ୍ୱପୂର୍ଣ ଲକ୍ଷଣ ତେବେ କେଉଁ ସେଟଲର ଘରୁ କିଛି ନେଇଯିବା କେମିତି ଏକ ଅଘଟଣା ବା ଚୋରୀ ? ଦୁଇଟା କ'ଣ ଏକା ଭଳି ଦେଖାଯାଉନି କି ?

ନିଜ ଉପରେ ଭରସା ଥିବା ସତ୍ତ୍ୱେ ଅବିନାଶ କିଛି ଉତ୍ତର ଖୋଜି ପାରିଲାନି । କ'ଣ ପାଇଁ ଗେଣ୍ଡାଙ୍କ ଉପରେ ପ୍ୟାଟର୍ଣ ମହାକାଶର ବିସ୍ତାରର ପ୍ୟାଟର୍ଣ ହୋଇଛି, ସେ ଉତ୍ତର କେବେ ଦେଇପାରିନଥାନ୍ତା । ଜାରୱା ଉପରେ ବେଶି ନଜାଣି ସେ କ ଉତ୍ତର ବା ଦେଇପାରନ୍ତା ? ସେ ଖାଲି ଆଖିରେ ବୁଢା ସର୍ଦ୍ଦାରଙ୍କୁ ଚାହୁଁଥିଲା ।

କଣ୍ଟାକ୍ଟ ପାର୍ଟି କିଛି ଜିନିଷ ଛାଡି ସେ ଜାଗାରୁ ଚାଲି ଆସୁଛନ୍ତି । ଜାରୱାମାନେ ନିଜ ଏକାନ୍ତରେ କିଛି ଜିନିଷ ପାଉଛନ୍ତି । ଏହାକୁ କଣ୍ଟାକ୍ଟ ପାର୍ଟିର ସଫଳତା ବୋଲି କୁହାଯାଉଛି । କିନ୍ତୁ ସେମାନେ ଯଦି କେଉଁ ସେଟଲର ଘରକୁ ଆସୁଛନ୍ତି ଆଉ ଏକାନ୍ତରେ କିଛି ପାଇ ନେଇଯାଉଛନ୍ତି, ତେବେ ତାହାକୁ ଚୋରୀ କାହିଁକି କୁହାଯିବ ? ଜାରୱା ଦୃଷ୍ଟିରୁ ତାହା ମଧ୍ୟ ଏକ ଉପହାର । ଦୁଇଟା ଜାଗାରେ ମଣିଷ ନାହିଁ । କେବଳ ସଭ୍ୟ ମଣିଷ ବୁଝିବାର ଫରକ ।- ଏମିତି କିଛି ଉତ୍ତର ଅବିନାଶ ତିଆରି କଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବିନାଶ ବହୁ ସମୟ ଧରି ଭାଙ୍ଗି ପଡୁଥିବା ଲହଡିମାନଙ୍କୁ ଅନାଇ ରହିଲା । ତା' ମନରେ ବହୁ ଉତ୍ତରର ଲହଡି ଦୌଡୁଥିଲା । ଆଉ ତା' ପାଖରେ ବୁଢା ସର୍ଦ୍ଦାରଙ୍କୁ ପଚାରିବା ପାଇଁ ପ୍ରଶ୍ନ ନଥିଲା । ଅନ୍ୟ କ୍ଷେତ୍ରରେ ସବୁ ଛାଇ ନିଜର ପରିଚୟ ଦେଇଛନ୍ତି, ନିଜ ହିସାବରେ ଦୁନିଆର ଦର୍ଶନ କହିଛନ୍ତି । କିନ୍ତୁ ବୁଢା ସର୍ଦ୍ଦାର ତା'କୁ ସମୁଦ୍ର କୂଳକୁ ନେଇଆସି ଏକ ନୂଆ ଦିଗ ଦେଇଛନ୍ତି । ସେ କୂଳକୁ ଅନାଇଲା । କୂଳର ପଥର ପରେ ସୁନ୍ଦର ଲାଲ ଫୁଲମାନ ଝୁଲୁଥିଲା, ଗାଢ ଲାଲ ଫୁଲ, ଉଜ୍ଜ୍ୱଳ ରଙ୍ଗ, ଯେମିତିକି କଳା ପଥରର ମଥାମଣି । ସେ ଅନେକ ସମୟ ଏମିତି ବସି ରହିଲା । ବୁଢା ସର୍ଦ୍ଦାରଙ୍କ ଛାଇ କେବେଠୁ ମିଳେଇ ଯାଇଥିଲା । ଆକାଶ ଘନ ନୀଳ ହୋଇଗଲା । ଆଣ୍ଠାମାନର ଆକାଶରେ କିଛି ଧଳାମେଘର ଧାର ଚମକୁଥିଲା । ସେପଟେ ଦୂରରେ ବାଲିଆ ଉପକୂଳ ପରେ ଘଞ୍ଚ ଜଙ୍ଗଲ । କଳା ଜଙ୍ଗଲ ପଛରୁ କିଛି ଧଳା ବଉଦ ମୁଣ୍ଡ ଟେକୁଥିଲା ଆଉ ରୂପାପରି ଚମକୁଥିଲା । ଜଙ୍ଗଲ ତାହାହେଲେ ମୁଣ୍ଡରେ ମୁକୁଟ ପିନ୍ଧେ । ଅବିନାଶ ବହୁ ସମୟ ପ୍ରକୃତିର ସୁନ୍ଦରତାକୁ ପ୍ରଶଂସା କରିଚାଲିଲା. ନିଜେ ଆତ୍ମବିସ୍ମୃତ ହୋଇଯାଉଥିଲା । ଜଣା ମଣିଷ କିଏ ? ଛାଇ କାହିଁ ? ସେ କଥା ଅବିନାଶ ଭାବୁନଥିଲା ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେରିକା ଭ୍ରମଣ କାହାଣୀ

ଶିବନାରାୟଣ ଦାସ



(ତୃତୀୟ ଭାଗ) : ପୂର୍ବ ପ୍ରକାଶନର ପରବର୍ତ୍ତୀ ଅଂଶ

ସକଳେ ଆଖି ଖୋଲିଲାବେଳକୁ ଆକାଶ ମେଘାଚ୍ଛନ୍ନ ଥାଏ । ରାତିସାରା ତୁଷାରପାତ ହୋଇ ଆମ ଚତୁର୍ଦ୍ଦିଗରେ ଓ ବାହାରେ ଥିବା ଆମ କାର ଉପରେ ବରଫର ମୋଟା ଆସ୍ତରଣ ଜମିଯାଇଥାଏ । ଘର ଭିତରୁ ଦୁଇଟି ସ୍ନୋ-ସୋଭେଲ ନେଇ ଝିଅ ଓ ମୁଁ ଦୁହେଁ ରାସ୍ତାରୁ ଓ ଗାଡି ଉପରୁ ବରଫ ପରିସ୍କାର କରିବାରେ ଲାଗିଗଲୁ । ଆଉ ବିଳମ୍ବ ନ କରି, ନିତ୍ୟକର୍ମ ଶେଷ କରି କପେ କପେ କଫି ପିଇ, ଗାଡ଼ିରେ ବ୍ୟାଗେଜ ଲୋଡ଼ କରି ସଂଗେ ସଂଗେ ମୁଖ୍ୟ ରାଜପଥ ଉପରକୁ ବାହାରି ପଡ଼ିଲୁ । ଏଠାରୁ ଆର୍ଲିଂଟନର ଦୂରତ୍ୱ ପ୍ରାୟ ୧୦୨ ମାଇଲ; ମୋଟାମୋଟି ୨ ଘଣ୍ଟାରୁ ସାମାନ୍ୟ ବେଶୀ ସମୟର ଡ୍ରାଇଭିଙ୍ଗ । ଫେରିବା ପଥରେ ପୁଣି ଥରେ ତୁଷାର ବୃଷ୍ଟିର ଚମତ୍କାର ଦୃଶ୍ୟ ଉପଭୋଗ କରୁ କରୁ କେତେବେଳେ ୱାଶିଂଟନ ପାଖେଇ ଆସିଛି ଜାଣି ପାରିଲୁ ନାହିଁ । ଅତି ଉଚ୍ଚ ୱାଶିଂଟନ ମନୁମେଣ୍ଟ ଦୃଷ୍ଟିଗୋଚର ହେବା ସଂଗେ ସଂଗେ ଘର ପାଖେଇ ଆସୁଥିବାର ଜାଣି ପାରିଲୁ । ପ୍ରାୟ ପୂର୍ବାହ୍ନ ୧୧ଟା ସୁଦ୍ଧା ଆସି ଘରେ ପହଁଞ୍ଚିଲୁ ।

ଫେବୃଆରୀ ମାସ ଶେଷ ହୋଇ ଆସୁଥିଲେ ମଧ୍ୟ ଶୀତ ଓ ତୁଷାର-ପାତର ପ୍ରକୋପ ରହି ରହି ଅବିରାମ ଲାଗି ରହିଥାଏ । ତେଣୁ ବସନ୍ତ ଋତୁ ନ ଆସିବା ପର୍ଯ୍ୟନ୍ତ ଆଉ ଲମ୍ବା ଯାତ୍ରାରେ ନ ବାହାରି ପାଖ ଆଖରେ ଥିବା ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନମାନ ବୁଲି ଦେଖିବାକୁ ମନସ୍ଥ କଲୁ । ଏହି ପରିପ୍ରେକ୍ଷୀରେ ଆମପାଇଁ ପ୍ରାଥମିକତା ଥିଲା ଆମେରିକାରେ ଭାରତୀୟ ସଂସ୍କୃତିର ପ୍ରସାର ହେତୁ ସ୍ଥାପିତ ମନ୍ଦିର ବା ସେହିପରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନୁଷ୍ଠାନ ମାନ ବୁଲି ଦେଖିବା ଏବଂ ଆମେରିକାରେ ସ୍ଥାୟୀ ବା ଅସ୍ଥାୟୀ ଭାବେ ବସବାସ କରୁଥିବା ଭାରତବର୍ଷର ବିଭିନ୍ନ ପ୍ରାନ୍ତର ଜନମାନବଙ୍କର ଆନ୍ତରିକ ପ୍ରଚେଷ୍ଟା ସ୍ୱରୂପ ଭାରତର ଆଂଚଳିକ ପାରମ୍ପରିକ ସଂସ୍କୃତିର ନିଦର୍ଶନ ସ୍ୱରୂପ ଗଢ଼ିଉଠିଥିବା ଏହି ଅନୁଷ୍ଠାନର ଗୋଷ୍ଠିବଦ୍ଧତା ସହିତ ନିଜକୁ ସାମିଲ କରିବା ।

ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ସପ୍ତାହାନ୍ତ ଶନି/ରବିବାର ମାନଙ୍କରେ ଆମେ ବାହାରି ଯାଉଥିଲୁ ୱାଶିଂଟନରେ ଭାରତୀୟ ଧର୍ମସ୍ଥଳୀଗୁଡ଼ିକ ପରିକ୍ରମା କରିବାରେ ।

ବଙ୍ଗୀୟ ସମାଜ ଦ୍ୱାରା ପ୍ରତିଷ୍ଠିତ ୱାଶିଂଟନ କାଳୀ ମନ୍ଦିର ଦେଖିଲେ ମନେହୁଏ ଯେପରି ଆମେ ପଶ୍ଚିମବଙ୍ଗର ଦକ୍ଷିଣେଶ୍ୱରରେ ଅଛୁ । ଆର୍ଲିଂଟନ ଠାରୁ ୨୦ ମାଇଲ ଦୂରରେ ବର୍ଟନସ୍‌ଭିଲ୍, ମେରିଲାଣ୍ଡରେ



ଅବସ୍ଥିତ ଏହି ଭବ୍ୟ କାଳୀ ମନ୍ଦିର ପ୍ରାୟ ୯ ଏକର ପରିମିତ ସ୍ଥାନ ଉପରେ ସୁନ୍ଦର ଭାବେ ବିସ୍ତୃତି ଲାଭ କରିଛି । ମା କାଳୀଙ୍କର ବିଗ୍ରହ ଦୁଇ ପାର୍ଶ୍ୱରେ ଶ୍ରୀ ରାମକୃଷ୍ଣ ପରମହଂସ ଏବଂ ମା ଶାରଦା ଦେବୀଙ୍କର ଫୋଟୋ ମଧ୍ୟ ରହିଛି । ମୁଖ୍ୟତଃ ମା କାଳୀଙ୍କର ଉପାସନା ନିମନ୍ତେ ମନ୍ଦିରଟି ଉତ୍ସର୍ଗୀକୃତ ହୋଇଥିଲେ ମଧ୍ୟ, ଏଠାରେ ରହିଛି ଶିବ, ବିଷ୍ଣୁ, ରାଧା କୃଷ୍ଣ, ଗଣେଶ ଏବଂ ପଞ୍ଚମୁଖୀ ହନୁମାନଙ୍କ ସମେତ ଅନେକ ଦେବଦେବୀଙ୍କର ପୂଜାସ୍ଥଳ । ଏବଂ ଏଠାରେ ନିୟମିତ ପୂଜା ସଂଗେ ସଂଗେ ଦୁର୍ଗାପୂଜା, କାଳୀପୂଜା ଓ ଜନ୍ମାଷ୍ଟମୀ ଭଳି ସାମାଜିକ ଉତ୍ସବ ମଧ୍ୟ ଆୟୋଜିତ ହୁଏ। ମୋଟ ଉପରେ କହିବାକୁ ଗଲେ ୱାଶିଂଟନରେ ଭାରତୀୟ ବା ବିଶେଷ କରି ପୂର୍ବ ଭାରତୀୟ ସଂସ୍କୃତିର ଏହା ଏକ ଅପୂର୍ବ ନିଦର୍ଶନ ।

ଠିକ ସେହିପରି ଏହି ମେରିଲାଣ୍ଡରେ ଅବସ୍ଥିତ The Murugan Temple Of

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com



North America ହେଉଛି ଦକ୍ଷିଣ ଭାରତୀୟ ତାମିଲ ସଂସ୍କୃତିର ମୂର୍ତ୍ତିମନ୍ତ ପ୍ରତୀକ । North America ର ମୁରୁଗାନ ମନ୍ଦିର ହେଉଛି ଯୁକ୍ତରାଷ୍ଟ୍ର ଆମେରିକାରେ ହିନ୍ଦୁ ଦେବତା ମୁରୁଗାନଙ୍କୁ ସମର୍ପିତ ପ୍ରଥମ ମନ୍ଦିର। ଏହି ମନ୍ଦିର ମେରିଲାଣ୍ଡର ଲାନହାମ୍ (Lanham) ଠାରେ ଅବସ୍ଥିତ, ଯାହା ୱାଶିଂଟନ୍, ଡି.ସି. ଠାରୁ ପ୍ରାୟ ୫ ମାଇଲ (୮.୦ କି.ମି.) ଦୂରରେ ଅଛି । ୧୯୮୦ ଦଶକରେ ଏହାର ପରିକଳ୍ପନା କରାଯାଇଥିଲା ଏବଂ ୧୯୯୯ ମସିହାରେ ଏହା ଉଦଘାଟନ ହୋଇଥିଲା । ଏହି ମନ୍ଦିରରେ ସମସ୍ତ ହିନ୍ଦୁ ଏବଂ ତାମିଲ ପର୍ବପର୍ବାଣୀ, ଛୁଟିଦିନ ଏବଂ ବିଶେଷ ଦିନଗୁଡ଼ିକ ପାଳନ କରାଯାଇଥାଏ । ଏତଦ ବ୍ୟତୀତ ମନ୍ଦିରରେ ଭଜନ, ତାମିଲ ଭାଷା ଏବଂ ବିଭିନ୍ନ ଧାର୍ମିକ ଶିକ୍ଷାଦାନର ମଧ୍ୟ ପରିଚାଳନା କରାଯାଇଥାଏ । ମେରିଲାଣ୍ଡ, ୱାଶିଂଟନ୍, ଭର୍ଜିନିଆ ଏବଂ ସମଗ୍ର ଆମେରିକା (ଏପରିକି ପଡ଼ୋଶୀ କାନାଡ଼ା) ରୁ ଭକ୍ତମାନେ ଏହି ପାରମ୍ପରିକ ଶୈବ ହିନ୍ଦୁ ମନ୍ଦିରକୁ ଦର୍ଶନ ପାଇଁ ଆସିଥାନ୍ତି । ମନ୍ଦିରର ମୁଖ୍ୟ ଦେବାୟତନ ହେଉଛି ଭଗବାନ ମୁରୁଗାନ, ବଲ୍ଲୀ ଏବଂ ଦେବସେନାଙ୍କର । ଏଠାରେ ବିନାୟକ (ଗଣେଶ), ଶିବ, ମୀନାକ୍ଷୀ, ଦୁର୍ଗା ଏବଂ ପଳନୀ ଆଣ୍ଡବର୍‌ଙ୍କ ପାଇଁ ମଧ୍ୟ ଅନ୍ୟ ଚାରୋଟି ପାର୍ଶ୍ୱ ମନ୍ଦିର ରହିଛି । Dravidian ଶୈଳୀରେ ନିର୍ମିତ ଏହି ମନ୍ଦିର ପରିଦର୍ଶନ କଲାବେଳେ ଲାଗୁଥିଲା ଯେପରି ଆମେ ଦକ୍ଷିଣ ଭାରତର ଚେନ୍ନାଇ ବା ପଣ୍ଡିଚେରୀ ସହରରେ ବିଦ୍ୟମାନ ଅଛୁ ।

ମୁରୁଗନ ମନ୍ଦିର ଦେଖିସାରିଲା ପରେ ତା'ର ଠିକ ଆଖପାଖରେ ଥିବା ଆଉ କେତୋଟି ସୁନ୍ଦର ମନ୍ଦିର ଦେଖିବାର ଲୋଭ ସମ୍ବରଣ କରିପାରିଲୁ ନାହିଁ । ପ୍ରଥମେ ଥିଲା Sri Siva Vishnu Temple । ଏହା ଯୁକ୍ତରାଷ୍ଟ୍ର ଆମେରିକାର ଅନ୍ୟତମ ବୃହତ୍ତମ ହିନ୍ଦୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ୍ଦିର, ଯେଉଁଥିରେ ଭବ୍ୟ ଚୋଳ-ଶୈଳୀର ସ୍ଥାପତ୍ୟ, ଶିବ, ବିଷ୍ଣୁ, ନଟରାଜ ଏବଂ ପାର୍ବତୀଙ୍କ ପ୍ରମୁଖ ଗର୍ଭଗୃହ (ସନ୍ନିଧି) ସହିତ ସୁବ୍ରମଣ୍ୟ (ମୁରୁଗନ୍) ସନ୍ନିଧି ମଧ୍ୟ ରହିଛି। ପରେ ପରେ ଦେଖିଲୁ ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିର, ଶ୍ରୀ ସିରିଡ଼ି ସାଇବାବା ମନ୍ଦିର ଏବଂ ଶ୍ରୀ ହେରଂବୋ ମହା ଗଣପତି ମନ୍ଦିର ।

ସମସ୍ତ କିଛି ବୁଲାବୁଲି ସାରିଲା ବେଳକୁ ପ୍ରାୟ ଅପରାହ୍ନ ୨ ଟା ବାଜିଲାଣି ଓ ଭୋକ ମଧ୍ୟ ଲାଗିଲାଣି । ବିଳମ୍ବ ନ କରି ବାହାରି ପଡ଼ିଲୁ ଓ ପାଖରେ ଥିବା ଏକ Peruvian Restaurant ପାଖରେ ଗାଡି ରଖିଲୁ । ଆଗରୁ ଆମେମାନେ Mexican Foood ଖାଇଥିବାରୁ, ଏଥର Peruvian Food ଖୋଇବାକୁ ଝିଅର ଇଚ୍ଛା ଥିଲା । ଆମେରିକାରେ ଏହିପରି South American Restaurantମାନ ବହୁ ଭାବରେ ଦେଖାଯାଇଥାଏ । ଆମ ଲଞ୍ଚ ମେନୁରେ ଥିଲା Empanada ଓ Arroz Con Pollo/ Arroz Con Pato ଯାହା ପେରୁର ସବୁଠାରୁ ପ୍ରସିଦ୍ଧ ଖାଦ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ । Empanada ଆମ ଭାରତ ବର୍ଷର ସିଙ୍ଗଡ଼ା ବା ପେଟିସ ସହ ତୁଳନୀୟ ଏବଂ ଦ୍ୱିତୀୟଟି ଥିଲା ପାଳଙ୍ଗ ଶାଗ ଓ ଧନିଆ ପତ୍ରର ମିଶ୍ରଣରେ ତିଆରି ଗ୍ରୀନ ରାଇସ ସହ ଚିକେନ କରି । ମସଲାର ସ୍ୱତନ୍ତ୍ରତାକୁ ବାଦ ଦେଲେ ଏଗୁଡିକ ଠିକ ଭାରତୀୟ ଖାଦ୍ୟ ପରି ଓ ଖୁବ ସୁସ୍ୱାଦୁ । ଅତଏବ ପରିତୃପ୍ତିର ସହ ଖାଇ ଗାଡ଼ିରେ ବସିଲୁ ।



ଖୁବ ପାଖରେ ଥାଏ ମେରିଲାଣ୍ଡର ଐତିହାସିକ ସହର ଗ୍ରୀନବେଲ୍ଟ । ସବୁଜ, ସୁନ୍ଦର ଓ ସୁବ୍ୟବସ୍ଥିତ ସହର ଭାବେ ଗ୍ରୀନବେଲ୍ଟ ପ୍ରସିଦ୍ଧ । ଆମେରିକାର ବିଶିଷ୍ଟ ଆବାସିକ ଅଂଚଳ ମାନଙ୍କ ଭିତରୁ, ଗ୍ରୀନବେଲ୍ଟ ଅନ୍ୟତମ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୧୯୩୭ ମସିହାରେ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି. ରୁଜଭେଲ୍ଟଙ୍କ ରିସେଟଲମେଣ୍ଟ ଆଡମିନିଷ୍ଟ୍ରେସନ (ପୁନର୍ବାସ ପ୍ରଶାସନ) ଦ୍ୱାରା ପ୍ରତିଷ୍ଠିତ, ତିନୋଟି ପରୀକ୍ଷାମୂଳକ "ଗ୍ରୀନବେଲ୍ଟ" ସହର ମଧ୍ୟରୁ ଏହା ପ୍ରଥମ ଏବଂ ସବୁଠାରୁ ବଡ଼। ଏଠାରେ ଅଛି ବିଖ୍ୟାତ ମେରିଲାଣ୍ଡ ବିଶ୍ୱବିଦ୍ୟାଳୟ ଏବଂ NASAର Goddard Space Flight Centre । ଝିଅ Goddard Space Flight Centreରେ କାର୍ଯ୍ୟରତ ଥିବାରୁ, ଭିତରେ ଆମେମାନେ ବୁଲି ଦେଖିବା ପାଇଁ ଆଗରୁ NASA ପ୍ରଶାସନଙ୍କ ଠାରୁ ଅନୁମତି ନେଇ ଥିଲା । ତେଣୁ ଆମେମାନେ ଆଉ ବିଳମ୍ବ ନ କରି ଏହି ପ୍ରତିଷ୍ଠାନ ବୁଲି ଦେଖିଲା ପରେ ଗ୍ରୀନବେଲ୍ଟ ସହର ଭିତରେ କିଛି ସମୟ ବୁଲାବୁଲି କରୁ କରୁ ପ୍ରାୟ ସନ୍ଧ୍ୟା ହୋଇ ଆସୁଥିଲା । ଅତଏବ ଶୀଘ୍ର ଘର ଆଡକୁ ମୁଁହାଇଲୁ ।

ଏ ଭିତରେ ଆମେ ଆମେରିକା ଆସିବାର ପ୍ରାୟ ଏକ ମାସ ହୋଇଗଲାଣି. ବୁଲାବୁଲି ଭିତରେ ସମୟ ମୋଟେ ଜଣା ପଡୁନଥିଲା । ମାର୍ଚ୍ଚ ପ୍ରଥମ ସପ୍ତାହ ବେଳକୁ ଶୀତ ଓ ତୁଷାର ପାତ୍ର ପ୍ରକୋପ କିଛି କମି ଆସିଲା ପରି ଲାଗୁଥାଏ । ତେଣୁ ମାସର ପ୍ରଥମ ଶନିବାର ଦିନ ବାହାରି ପଡ଼ିଲୁ ୱାଶିଂଟନ ଡିସିର ବିଖ୍ୟାତ ଜାତୀୟ ଉଦ୍ୟାନ Rock Creek Park ବୁଲିବା ପାଇଁ ।



ୱାଶିଂଟନ୍, ଡି.ସି.ର Rock Creek Park ହାଇକିଂ (ପାଦଚଲା ଯାତ୍ରା), ସାଇକେଲ ଚାଳନା, ଘୋଡ଼ା ଚଢ଼ା, ଗଲ୍ଫ ଏବଂ ଶିକ୍ଷାଗତ କାର୍ଯ୍ୟକ୍ରମ ଓ ପରିଦର୍ଶନ ପରି ବାହାର କାର୍ଯ୍ୟକ୍ରମ ପ୍ରଦାନ କରିଥାଏ । Rock Creek Park ହେଉଛି ଏ ଦେଶର ଏକ ପ୍ରମୁଖ ସହରୀ ଜାତୀୟ ଉଦ୍ୟାନ ଯାହା ସମସ୍ତ ବୟସର ଲୋକଙ୍କ ପାଇଁ ବିଭିନ୍ନ ପ୍ରକାରର ବାହାର କାର୍ଯ୍ୟକ୍ରମ, ଶିକ୍ଷାଗତ ଏବଂ ସାଂସ୍କୃତିକ ସମ୍ପଦ ଯୋଗାଇଥାଏ । ପରିଦର୍ଶକମାନେ

Listen to Odia Podcast Original at https://youtube.com/@drjyotiprasad

ଏଠାରେ ୱାଶିଂଟନ୍ ଡି.ସି.ର କିଛି ପୁରାତନ ସଂରଚନା ଏବଂ ସର୍ବୋତ୍ତମ ଭୂଦୃଶ୍ୟ ସ୍ଥାପତ୍ୟ ବୁଲି ଦେଖିବା ସହ ଗୃହଯୁଦ୍ଧର ଅବଶେଷ ଆବଷ୍କାର କରିପାରିବେ । Rock Creek Park ବାହାର କ୍ରୀଡ଼ାପ୍ରେମୀମାନଙ୍କ ପାଇଁ ହାଇକିଂ, ସାଇକେଲ୍ ଚାଳନା, ଟେନିସ୍, ଗଲ୍ଫ, ବ୍ୟାୟାମ ଟ୍ରେଲ୍, ଘୋଡ଼ା ଚଢ଼ା ଏବଂ ଏକ ବୋଟ୍ ସେଣ୍ଟର ସହିତ ଅନେକ ବିକଳ୍ପ ମଧ୍ୟ ପ୍ରଦାନ କରିଥାଏ । ଏବଂ ଗ୍ରୀଷ୍ମଦିନରେ, ପରିଦର୍ଶକମାନେ ଉଦ୍ୟାନର Carter Barron Amphitheatre ଠାରେ ସଙ୍ଗୀତ, ନୃତ୍ୟ ଏବଂ ଥିଏଟର କାର୍ଯ୍ୟକ୍ରମରେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ଉପଭୋଗ କରିଥାନ୍ତି ।

ଏହି ପାର୍କଟି ପୋଟୋମାକ୍ ନଦୀର ଏକ ଉପନଦୀ 'ରକ୍ କ୍ରିକ୍' ସହିତ ସାଧାରଣତଃ ୧,୭୫୪ ଏକର ବ୍ୟାପି ଜମିରେ ପରିବ୍ୟାପ୍ତ । ପ୍ରତିବର୍ଷ ଦୁଇ ନିୟୁତରୁ ଅଧିକ ଲୋକ ଏହି ପାର୍କକୁ ପରିଦର୍ଶନ କରିଥାନ୍ତି, ଯେଉଁଥିରୁ ଅଧିକାଂଶ ଏହାର ଗଲ୍ଫ କୋର୍ଟ; ପଦଯାତ୍ରା, ସାଇକେଲ୍ ଚାଳନା ଏବଂ ଅଶ୍ୱାରୋହଣ ଟ୍ରେଲ୍; ଟେନିସ୍ କେନ୍ଦ୍ର; ପ୍ରକୃତି କେନ୍ଦ୍ର; ଖେଳ ପଡ଼ିଆ ଏବଂ ପିକନିକ୍ ସୁବିଧା ଭଳି ମନୋରଞ୍ଜନ ସୁବିଧାଗୁଡ଼ିକୁ ବ୍ୟବହାର କରିବାକୁ ଆସିଥାନ୍ତି ।

ଆମେ ମଧ୍ୟ ପାଦରେ ଚାଲି ଚାଲି 'ରକ୍ କ୍ରିକ୍' ଉପନଦୀର ପାଖେ ପାଖେ ବୁଲା ବୁଲି କରିବାରେ ଲାଗିଲୁ । ଏଇମିତି ବୁଲୁବୁଲୁ କେତେବେଳୁ ୩/୪ ଘଣ୍ଟା ବିତିଗଲାଣି ଜାଣି ହେଉ ନ ଥାଏ ଏବଂ ପାର୍କର ଘଂଚ ଗଛଲତା ଭିତରେ ପ୍ରଖର ସୂର୍ଯ୍ୟ କିରଣ ପଡୁ ନ ଥିବାରୁ ସମୟ ଠିକ ଅନୁମାନ କରି ହେଉ ନ ଥାଏ । ସମଗ୍ର ପାର୍କଟିକୁ ଦିନକ ଭିତରେ ବୁଲି ଦେଖିବା ସମ୍ଭବ ପର ନୁହେଁ; ତେବେ ମୋଟାମୋଟି ରକ କ୍ରୀକ ପାର୍କର କିଛି ସୁନ୍ଦର ସ୍ମୃତି ସହ ଅପରାହ୍ନ ପ୍ରାୟ ୨:୩୦ ବେଳକୁ ଫେରିବାର ପ୍ରସ୍ତୁତି କରି ପାର୍କିଙ୍ଗ ସ୍ଥାନରେ ଥିବା ଆମ କାର ପାଖକୁ ଆସିଲୁ ।

ଘରକୁ ଫେରିବା ବାଟରେ ପଡିଲା "ଆର୍ଲିଂଟନ୍ ଜାତୀୟ ସମାଧିସ୍ଥଳ"; ଭାବିଲୁ କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ ଏହି ବିରାଟ ସମାଧି ସ୍ଥଳରେ ବିତାଇ ଯିବୁ ।



ଆର୍ଲିଂଟନ୍ ଜାତୀୟ ସମାଧିସ୍ଥଳ (Arlington National Cemetery) ହେଉଛି ଆମେରିକାର ଏକ ଅତି ପବିତ୍ର ଏବଂ ପ୍ରସିଦ୍ଧ ସାମରିକ ସମାଧିସ୍ଥଳ । ଏହା ଭର୍ଜିନିଆର ଆର୍ଲିଂଟନ୍‌ଠରେ, ପୋଟୋମାକ୍ ନଦୀ କୂଳରେ ଏବଂ ୱାଶିଂଟନ୍ ଡି.ସି.ର ଠିକ୍ ସମ୍ମୁଖରେ ଅବସ୍ଥିତ । ଏହା ଆମେରିକୀୟ ଗୃହଯୁଦ୍ଧ (American Civil War) ସମୟରେ, ୧୮୬୪ ମସିହାରେ ସ୍ଥାପିତ ହୋଇଥିଲା । ଏଠାରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ପ୍ରାୟ ୪ ଲକ୍ଷରୁ ଅଧିକ ସୈନିକ, ସେମାନଙ୍କ ପରିବାର ସଦସ୍ୟ ଏବଂ କେତେକ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କୁ ସମାଧିସ୍ଥ କରାଯାଇଛି । ଏଠାରେ ମଧ୍ୟ ରହିଛି ଅଜ୍ଞାତ ସୈନିକଙ୍କ ସମାଧି (Tomb of the Unknown Soldier): ଏହା ସେହି ସୈନିକମାନଙ୍କ ସ୍ମୃତିରେ ନିର୍ମିତ, ଯେଉଁମାନଙ୍କର ପରିଚୟ ମିଳିପାରି ନଥିଲା । ଆର୍ଲିଂଟନ୍ ଜାତୀୟ ସମାଧିସ୍ଥଳରେ ଥିବା 'ଅଜ୍ଞାତ ସୈନିକଙ୍କ ସମାଧି' (Tomb of the Unknown Soldier) କୁ ବର୍ଷର ୩୬୫ ଦିନ ଏବଂ ୨୪ ଘଣ୍ଟା ଧରି ଜଗି ରଖାଯାଏ । ଖରା, ବର୍ଷା, ଶୀତ କିମ୍ବା ପ୍ରବଳ ବରଫପାତ ସତ୍ତ୍ୱେ ଆମେରିକୀୟ ସେନାର ବିଶେଷ ସୈନିକମାନେ ଏଠାରେ ନିରନ୍ତର ପହରା ଦେଇଥାନ୍ତି । ୧୯୩୭ ମସିହାଠାରୁ ଆଜି ପର୍ଯ୍ୟନ୍ତ ଏହି ସମାଧିସ୍ଥଳକୁ ସଦାସର୍ବଦା ଜଗି ରହିବାର ପରମ୍ପରା ଗୋଟିଏ ମିନିଟ୍ ପାଇଁ ମଧ୍ୟ ଭଙ୍ଗ ହୋଇନାହିଁ ।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍. କେନେଡି ଏବଂ ତାଙ୍କ ପରିବାରର ସମାଧି ମଧ୍ୟ ଏଠାରେ ରହିଛି, ଯେଉଁଠାରେ ଏକ ଅଖଣ୍ଡ ଜ୍ୟୋତି (Eternal Flame) ସଦା ସର୍ବଦା ପ୍ରଜ୍ୱଳିତ ରହେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ସ୍ଥାନଟି ଆମେରିକାର ସାହସିକତା, ତ୍ୟାଗ ଏବଂ ସାମରିକ ଇତିହାସର ଏକ ମହାନ ପ୍ରତୀକ ଭାବେ ପରିଗଣିତ ।

Arlington National Cemetery ସନ୍ଧ୍ୟା ୫ଟା ବେଳେ ବନ୍ଦ ହୋଇ ଯାଉଥିବାରୁ, ଶୀଘ୍ର ବୁଲି ସାରି ଘରମୁହାଁ ହେଲୁ । ଘରେ ପହଁଚିଲା ବେଳକୁ ପ୍ରାୟ ୬ଟା ବାଜିବା ବାଜିବା ହେଉଥାଏ । ଦିନସାରା କିଛି ଖାଇ ନ ଥିବାରୁ, ପ୍ରବଳ ଭୋକ ହେଉଥାଏ । କିନ୍ତୁ ଦିନ ସାରା ବୁଲାବୁଲିର କ୍ଲାନ୍ତି ଯୋଗୁଁ ଆଉ ରୋଷେଇ ବାସ କରିବା ପାଇଁ କାହାରି ମନ ନ ଥାଏ । ତେଣୁ ଘରେ ମୁହଁ-ହାତ ଧୋଇ ଟିକିଏ ସତେଜ ହେଲାପରେ କିଛି ସମୟ ବିଶ୍ରାମ ନେଇ ବାହାରେ ରାତ୍ରି ଭୋଜନ କରିବାପାଇଁ ମନସ୍ଥ କଲୁ । ପ୍ରାୟ ସନ୍ଧ୍ୟା ୭:୩୦ ବେଳକୁ ଝିଅର ଫର୍ମାଇସରେ ବାହାରି ପଡ଼ିଲୁ ପାଖରେ ଥିବା ଏକ Ethiopian Restaurantକୁ । Ethiopian ଖାଦ୍ୟ ଅନେକ ପରିମାଣରେ ଭାରତୀୟ ଖାଦ୍ୟର ସମତୁଲ୍ୟ ବୋଲି ଝିଅ ଠାରୁ ଜାଣିଲା ପରେ, ବିନା ଦ୍ୱିଧାରେ ଏହି ଆଫ୍ରିକୀୟ ଖାଦ୍ୟର ସ୍ୱାଦ ନେବାପାଇଁ ମନ ବଳାଇଲୁ ।

ଛୋଟ Restaurantଟିଏ । କିନ୍ତୁ ଥାଏ ଗରାଖଙ୍କ ପ୍ରବଳ ଭିଡ । ମୁଖ୍ୟତଃ ଆଫ୍ରିକୀୟ ଯୁବକ, ଯୁବତୀ ଏବଂ କିଛି American white ପୁରୁଷ ଓ ନାରୀ । ସମସ୍ତଙ୍କ ହାତରେ ଥାଏ ପାନପାତ୍ର; ଏଠାରେ ଖାଦ୍ୟ ସହ ମଦ୍ୟପାନ ଏକପ୍ରକାର ସାମାଜିକ ଚଳଣି କହିଲେ ଭୁଲ ହେବ ନାହିଁ । ଆନନ୍ଦ-ଉଚ୍ଛ୍ୱାସ ଏବଂ ସାମୁହିକ ହର୍ଷ ହିଲ୍ଲୋଳ ଭିତରେ ପ୍ରାଣବନ୍ତ ଥାଏ restaurantଟି । କିଛି ସମୟ ଅପେକ୍ଷା କଲା ପରେ ଆମ ପାଇଁ table ଓ seating arrangement କରିସାରି ନିମନ୍ତ୍ରଣ ଜଣାଇଲେ restaurantର ଆଫ୍ରିକୀୟ black ପରିଚାରିକା ଜଣକ ।

ଖାଇବାକୁ ଅର୍ଡର ଦେଲା ଝିଅ; ଯେହେତୁ ସେ ଆଗରୁ ଏ ପ୍ରକାର ଖାଦ୍ୟ ସହ ପରିଚିତ । ଆମ ଅର୍ଡରରେ ଥିଲା ଦକ୍ଷିଣ ଆଫ୍ରିକାର ଏକ ପାରମ୍ପରିକ ଏବଂ ପ୍ରିୟ ମୁଖ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com



ଖାଦ୍ୟ "ଇଞ୍ଜେରା" । ପରିଚାରିକା ଆମକୁ କିଛି Coke ପରଶି ଦେଇ ଚାଲିଗଲେ ଖାଦ୍ୟର ଅର୍ଡର ସହ ଏବଂ ପ୍ରାୟ ପନ୍ଦର ମିନିଟ ପରେ ପରିଚାରିକା ଜଣକ ତିନୋଟି ବିରାଟ ଥାଳିରେ ନେଇଆସିଲେ କିଛି ଇଞ୍ଜେରା ଓ ତା ସହିତ ସୁସ୍ୱାଦୁ ଡୋରୋ ୱାଟ୍ (Doro Wat) ।

ଇଞ୍ଜେରା (Injera) ହେଉଛି ଇଥିଓପିଆ ଏବଂ ଏରିଟ୍ରିଆର ଏକ ପାରମ୍ପରିକ ଓ ମୁଖ୍ୟ ଖାଦ୍ୟ । ଏହା ଦେଖିବାକୁ ଆମ ଓଡ଼ିଶାର ଚକୁଳି ପିଠା କିମ୍ବା ସରୁ ଚକୁଳି ଭଳି, କିନ୍ତୁ ଏହାର ସ୍ୱାଦ ସାମାନ୍ୟ ଖଟା ଏବଂ ଏହା ଅଧିକ ସ୍ପଞ୍ଜି (ନରମ ଓ କଣା କଣା) ହୋଇଥାଏ । ଏହା ବିଶେଷ କରି 'ଟେଫ୍' (Teff) ନାମକ ଏକ ସ୍ଥାନୀୟ ଛୋଟ ଶସ୍ୟର ମଇଦାରୁ ପ୍ରସ୍ତୁତ କରାଯାଏ । ଏହି ଶସ୍ୟରେ ପ୍ରଚୁର ପରିମାଣରେ ଆଇରନ୍ ଓ ପ୍ରୋଟିନ୍ ଥାଏ ଏବଂ ଏହା ଗ୍ଲୁଟେନ୍-ମୁକ୍ତ (Gluten-free) ଅଟେ ।

ଇଥିଓପିଆନ୍ ରୋଷେଇରେ ବିଭିନ୍ନ ପ୍ରକାରର ଘନ ତରକାରୀ ବା ଷ୍ଟ୍ୟୁ (Stew) ପ୍ରସ୍ତୁତ କରାଯାଏ, ଯାହାକୁ 'ୱାଟ୍' (Wat କିମ୍ବା Wot) କୁହାଯାଏ । ଗୋଟିଏ ବଡ଼ ଇଞ୍ଜେରା ଉପରେ ଏହି ସବୁ ତରକାରୀକୁ ଅଲଗା ଅଲଗା ଛୋଟ ପାହାଡ଼ ଭଳି ରଖି ପରଷା ଯାଏ ।

ଏତଦ ବ୍ୟତୀତ ଆମେ ଅର୍ଡର ଦେଇଥିବା ଆମିଷ (Non-Vegetarian) ଷ୍ଟ୍ୟୁ ଡୋରୋ ୱାଟ୍ (Doro Wat) ମଧ୍ୟ ପରଶା ଯାଇଥାଏ । ଏହା ସେମାନଙ୍କର ସବୁଠାରୁ ପ୍ରସିଦ୍ଧ ଜାତୀୟ ଖାଦ୍ୟ । ଏହା ଏକ ମସଲାଯୁକ୍ତ ଚିକେନ୍ ତରକାରୀ, ଯେଉଁଥିରେ ସିଝା ଅଣ୍ଡା ମଧ୍ୟ ପଡ଼ିଥାଏ ।

କେବଳ ମସଲାର ଭିନ୍ନ ସ୍ୱାଦ ଛଡ଼ା, ଇଞ୍ଜେରା ସହିତ ବିଭିନ୍ନ କିସମର Wat ଖୁବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁସ୍ୱାଦୁ ଲାଗୁଥାଏ; ଠିକ ଆମ ଦେଶର ଚକୁଳି ପିଠା ସହ ମଟର ତରକାରୀ ଭଳି । ଠିକ ସେହିପରି Doro Wat ମଧ୍ୟ ଆମ ଓଡ଼ିଶାର ପତଳା କୁକୁଡ଼ା ମାଂସ ଝୋଳ ପରି ବେଶ ସ୍ୱାଦିଷ୍ଟ ଲାଗୁଥାଏ । ମଝିରେ ପରିଚାରିକା ଜଣକ ଆସି ଆମକୁ ଆଉ ଇଞ୍ଜେରା ଲାଗିବ କି ନାହିଁ ପଚାରି ବୁଝିବା ସଂଗେ ସଂଗେ ଇଥିଓପିଆର ଏହି Dish ଆମକୁ କିପରି ଲାଗୁଛି ବୋଲି ଜିଜ୍ଞାସା ସହ ଯେପରି ଆମ ଆଡକୁ ସତୃଷ୍ଣ ନୟନରେ ଚାହିଁ ରହିଥିଲେ, ଆମେ ବିଳମ୍ବ ନ କରି ଇଂଜେରାର ତାରିଫ କରିବା ସଂଗେ ସଂଗେ ଏହା ଆମ ରାଜ୍ୟର ପ୍ରିୟ ଖାଦ୍ୟ ଚକୁଳି ପିଠାର ସମତୁଲ୍ୟ ବୋଲି ଜଣାଇବାରୁ ପରିଚାରିକା ଜଣକ ଅତ୍ୟନ୍ତ କୃତକୃତ୍ୟ ହେଲାପରି ଜଣାପଡ଼ିଲେ ଓ ନତମସ୍ତକ ହୋଇ ଆମ ପ୍ରଶଂସାରେ ଆପ୍ୟାୟିତ ହୋଇ ବିନମ୍ର ସମ୍ଭାଷଣ ଜଣାଇଲେ । ଏହା ଏଠାକାର ରେସ୍ତୋରାଁମାନଙ୍କରେ ଏକ ସାଧାରଣ ସୌଜନ୍ୟବୋଧ ଏବଂ ଆଦବ-କାଇଦା ।

ଖିଆପିଆ ସରିଲାବେଳକୁ ପ୍ରାୟ ରାତି ୧୦ଟା ବାଜିଲାଣି । Hotelର ପରିଚାରିକା ଏବଂ Receptionist ଙ୍କୁ ଧନ୍ୟବାଦ ଜଣାଇ ବାହାରି ଆସିଲୁ ଓ ଆଉ ବିଳମ୍ବ ନ କରି ଶୀଘ୍ର ଘରକୁ ଫେରିଲୁ । ଘରେ ପହଂଚୁ ପହଂଚୁ ଚୁନା ଚୁନା ବରଫ ବୃଷ୍ଟି ଆରମ୍ଭ ହୋଇଯାଇଥାଏ । କାଚ-କାନ୍ଥ ଦେଇ ବାହାରର ଦୃଶ୍ୟ ଉପଭୋଗ କରୁ କରୁ କେତେବେଳେ ନିଦ ଲାଗିଯାଇଛି ଜଣାନାହିଁ ।

ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହ ବେଳକୁ ବାହାରର ପାଗ ବେଶ ନିର୍ମଳ ଓ ପରିସ୍କାର ହୋଇ ଆସିଲାଣି ଏବଂ ତୁଷାର ପାତ ମଧ୍ୟ କେତେବେଳେ କେମିତି କାଁ-ଭାଁ ହେଉଥାଏ । ତେଣୁ ଶନିବାର ଦିନ ବାହାରିଲୁ ପାଖରେ ଥିବା ଆଉ ଏକ ସୁନ୍ଦର ସହର ବୁଲିବା



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଁ । ଅଷ୍ଟାଦଶ ଶତାବ୍ଦୀର ଏହି ସୁନ୍ଦର ସହରଟି ହେଉଛି Annapolish ଯାହା Marylandର ରାଜଧାନୀ ।

ଆମେରିକାର ମେରିଲ୍ୟାଣ୍ଡ (Maryland) ରାଜ୍ୟର ରାଜଧାନୀ ଆନାପୋଲିସ୍ (Annapolis) ଏକ ସୁନ୍ଦର, ଐତିହାସିକ ଏବଂ ସାମୁଦ୍ରିକ ସହର ଅଟେ । ଏହାକୁ "ଆମେରିକାର ସେଲିଂ କ୍ୟାପିଟାଲ୍" (America's Sailing Capital) ବୋଲି ମଧ୍ୟ କୁହାଯାଏ । ଏହି ସହରଟି ନିଜର ଔପନିବେଶିକ ସ୍ଥାପତ୍ୟ ସହିତ ସମୃଦ୍ଧ ଆଇରିଶ୍ ସଂସ୍କୃତି (Irish Culture) ପାଇଁ ବେଶ୍ ଜଣାଶୁଣା ।

ଆନାପୋଲିସ୍ର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ (Tourist Attractions)

ୟୁ.ଏସ୍. ନାଭାଲ୍ ଏକାଡେମୀ (U.S. Naval Academy): ଏହା ଆମେରିକା ନୌସେନାର ଏକ ପ୍ରସିଦ୍ଧ ପ୍ରଶିକ୍ଷଣ କେନ୍ଦ୍ର । ପର୍ଯ୍ୟଟକମାନେ ଏଠାକାର ସୁନ୍ଦର କ୍ୟାମ୍ପସ୍, ମ୍ୟୁଜିୟମ୍ ଏବଂ ଐତିହାସିକ ଚାପେଲ୍ ବୁଲି ଦେଖିପାରିବେ ।

ଆନାପୋଲିସ୍ ସିଟି ଡକ୍ (Annapolis City Dock): ଏହାକୁ ସହରର ହୃଦୟ ବୋଲି କୁହାଯାଏ । ଏଠାରେ ଥିବା "ଇଗୋ ଆଲି" (Ego Alley) ଜଳପଥରେ ଧାଡ଼ି ଧାଡ଼ି ହୋଇ ରହିଥିବା ବିଳାସପୂର୍ଣ୍ଣ ୟାଟ୍ (Yachts) ଏବଂ ଡଙ୍ଗାଗୁଡ଼ିକୁ ଦେଖିବା ଏକ ଭିନ୍ନ ଅନୁଭୂତି ।

ଆମେ ମଧ୍ୟ US Naval Academy ଓ Annapolis City dock ପାଖରେ ବୁଲା ବୁଲି କରି ଅନେକ ସମୟ କଟାଇଲା ପରେ ବାହାରିଲୁ ମେରିଲ୍ୟାଣ୍ଡ ଷ୍ଟେଟ୍ ହାଉସ୍ (Maryland State House) ଦେଖିବାପାଇଁ । ୧୭୭୨ ମସିହାରୁ ନିର୍ମିତ ଏହି ଭବନଟି ଆମେରିକାର ସବୁଠାରୁ ପୁରୁଣା ରାଜ୍ୟ କ୍ୟାପିଟାଲ୍ ଭବନ, ଯାହା ଆଜି ମଧ୍ୟ ସରକାରୀ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଛି ।

ଆନାପୋଲିସ୍ ଏକ ସୁନ୍ଦର ଐତିହାସିକ ସହର ଯେଉଁଠି ସହରର ରାସ୍ତାଗୁଡ଼ିକରେ

Listen to Odia Podcast Original at https://youtube.com/@drjyotiprasad

୧୮ତମ ଶତାବ୍ଦୀର ଇଟା ନିର୍ମିତ ଘର ଦେଖିବାକୁ ମିଳେ । ଆନାପୋଲିସରେ ଆଇରିଶ୍ ସଂସ୍କୃତିର ପ୍ରଭାବ ବହୁତ ଗଭୀର । ଏଠାରେ ଆଇରିଶ୍ ଐତିହ୍ୟକୁ ବହୁତ ଆନନ୍ଦର ସହ ପାଳନ କରାଯାଏ ।

ପ୍ରତିବର୍ଷ ମାର୍ଚ୍ଚ ମାସରେ ଆନାପୋଲିସରେ ଏକ ବିଶାଳ ସେଣ୍ଟ ପାଟ୍ରିକ୍ସ ଡେ ପରେଡ୍ ଆୟୋଜିତ ହୁଏ । ସହର ସାରା ଆଇରିଶ୍ ପତାକା ଏବଂ ସବୁଜ ରଙ୍ଗରେ ସଜେଇ ହୋଇଯାଏ । ଏହି ଦିନ ପାରମ୍ପରିକ ଆଇରିଶ୍ ସଙ୍ଗୀତ ଏବଂ ନୃତ୍ୟର ମାହୋଲ ଜମିଥାଏ । ଠିକ ସେହିପରି ପ୍ରତିବର୍ଷ ମେ ମାସର ଶେଷ ସପ୍ତାହରେ ଏକ ଦୁଇ ଦିନିଆ ଆନାପୋଲିସ୍ ଆଇରିଶ୍ ଫେଷ୍ଟିଭାଲ୍ (Annapolis Irish Festival) ଉତ୍ସବ ଅନୁଷ୍ଠିତ ହୁଏ । ଏଠାରେ ଆଇରିଶ୍ ବ୍ୟାଣ୍ଡ, ଆଇରିଶ୍ ନୃତ୍ୟଶିଳ୍ପୀ, ପାରମ୍ପରିକ ଖାଦ୍ୟ ଏବଂ ଆଇରିଶ୍ ସାମଗ୍ରୀର ଷ୍ଟଲ୍ ଦେଖିବାକୁ ମିଳେ ।

ସହରର କେନ୍ଦ୍ରସ୍ଥଳରେ ରହିଛି କିଛି ଚମତ୍କାର ଏବଂ ପ୍ରାମାଣିକ ଆଇରିଶ୍ ପବ୍ । ମେରିଲ୍ୟାଣ୍ଡ ଆଭେନ୍ୟୁରେ ଥିବା ଏହି ପବ୍ ଆନାପୋଲିସ୍ରେ ଆଇରିଶ୍ ସଂସ୍କୃତିର ସବୁଠାରୁ ବଡ଼ ପ୍ରତୀକ । ଏଠାରେ ଆଇରିଶ୍ ଇତିହାସ ଆଧାରିତ ଡିନର୍ ଏବଂ ଆଲୋଚନା ସଭା ଆୟୋଜନ କରାଯାଏ ।

ମେନ୍ ଷ୍ଟ୍ରିଟ୍‌ରେ ଥିବା Castlebay Pubରେ ଲୋକମାନେ ବର୍ଷସାରା ସ୍ୱାଦିଷ୍ଟ ପାରମ୍ପରିକ ଆଇରିଶ୍ ଖାଦ୍ୟ ଏବଂ ଗିନିଜ୍ ବିଆରର ମଜା ନେଇଥାନ୍ତି ।

ଐତିହାସିକ ସହର ଆନାପୋଲିସର ଆକର୍ଷଣୀୟ ସ୍ଥାନମାନ ବୁଲି ଦେଖିବାକୁ ଖୁବ ଭଲ ଲାଗୁଥାଏ । ଏ ଭିତରେ କେତେବେଳେ ଅପରାହ୍ନ ୨ଟା ବାଜିଲାଣି ଜାଣି ପାରିଲୁ ନାହିଁ; ଅଗତ୍ୟା lunch ପାଇଁ Annapolis City Dock ପାଖରେ ଥିବା ଏକ ସୌଖିନ ପାରମ୍ପରିକ ରେସ୍ତୋରାଁ ଆଡକୁ ଆଗେଇଲୁ । Dock ଆଡକୁ ମୁହଁ କରି ଥିବା ଏହି open restaurantଟି ଥିଲା ବାସ୍ତବିକ ସୁନ୍ଦର ଯେଉଁଠି ବସି ଖାଇବା ସହ Dockର ଶୋଭା ମଧ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପଭୋଗ କରାଯାଇପାରେ ।

କିଛି ସମୟ ପରେ ସହାସ୍ୟ ବଦନରେ ୨୪/୨୫ ବର୍ଷର ପରିଚାରିକାଟିଏ ଆସି ଆମକୁ ଅଭିବାଦନ ଜଣାଇବା ସଂଗେ ସଂଗେ ଆନାପୋଲିସରେ ଆମର ବୁଲା ବୁଲି କିପରି ରହିଲା ଏହି ସଂକ୍ଷିପ୍ତ ବାର୍ତାଳାପ ଭିତରେ ଆମ ସହିତ ଖୁବ ସହଜ ହୋଇ ଉଠିଲା ଓ ଖାଇବାର ଅର୍ଡର ନେବାପାଇଁ ତାଙ୍କ ରେସ୍ଟଉଁରାନ୍ତର ପାରମ୍ପରିକ ଖାଦ୍ୟ ତାଲିକାଟିଏ ବଢ଼ାଇଦେଲା ।

ପାଖରେ ଥିବା Chesapeake Bayର ସମୁଦ୍ର କଙ୍କଡା ଓ ଅନ୍ୟାନ୍ୟ Seafood ଏଠାକାର ମୁଖ୍ୟ ଆକର୍ଷଣ ବୋଲି ଜାଣିଥିଲୁ । ତେଣୁ ଆମେ ମଧ୍ୟ ଅନୁରୂପ ଖାଇବାର ଅର୍ଡର ଦେଲୁ: Crab Cake Sandwich, Maryland Crab Soup ଓ Steamed Shrimp ଆଉ ପିଇବା ପାଇଁ କିଛି କୋକ । ଆମେରିକାରେ କୋକହିଁ ମୁଖ୍ୟ ପାନୀୟ ଏବଂ ମଜାର କଥା ହେଲା ଏଠାରେ କେବଳ କୋକର ପ୍ରଥମ glass ଟି ପାଇଁ pay କରିବାକୁ ପଡିଥାଏ - ତା'ପରେ ଆପଣ ଯେତେ ପିଇବେ ସମସ୍ତ କିଛି free । ପ୍ରାୟ ପନ୍ଦର ମିନିଟ ପରେ ପରିଚାରିକା ଜଣକ ଆମ ଖାଇବା ନେଇ ଆସି ଉପସ୍ଥିତ ହେଲେ ଓ ଆନନ୍ଦର ସହ ଖାଇବା ଥାଳି ଗୁଡିକ ଆମ ଟେବୁଲ ଉପରେ ସୁନ୍ଦର ଭାବେ ସଜାଇ ଦେଉ ଦେଉ ପ୍ରତିଟି dish ସହ ଏକ ସଂକ୍ଷିପ୍ତ ବିବରଣୀ ଦେଇ ଆମର ପରିଚୟ କରାଇଦେଲେ ଏବଂ Enjoy Your Food ବୋଲି କହି ଆମର କ୍ଷୁଧାକୁ ଅଧିକ ଉତ୍ସାହିତ କରି ଚାଲିଗଲେ ପାଖ tableକୁ ଅନ୍ୟ ଗରାଖ ମାନଙ୍କର ଅର୍ଡର ନେବା ପାଇଁ ।

ଆମେ ଖାଇବା ଆରମ୍ଭ କଲୁ । କ୍ରାବ୍ କେକ୍ ସ୍ୟାଣ୍ଡୱିଚ୍ (Crab Cake Sandwich) ଏଠାକାର ଏକ ଅତି ଲୋକପ୍ରିୟ ସ୍ୟାଣ୍ଡୱିଚ୍। ଏଥିରେ କଙ୍କଡ଼ା ମାଂସ (Crab meat), ପାଉଁରୁଟି ଗୁଣ୍ଡ, ମେୟୋନିଜ୍ ଏବଂ ମସଲା ମିଶାଇ ଏକ ଟିକିଆ ବା କେକ୍ ପ୍ରସ୍ତୁତ କରାଯାଏ। ଏହି କ୍ରାବ୍ କେକକୁ ତେଲରେ ଛଣାଯାଏ କିମ୍ବା ସେକାଯାଏ ଏବଂ ଏହାକୁ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବନ୍ (Bun) ବା ପାଉଁରୁଟି ମଝିରେ ରଖି, ସାଲାଡ୍ ଓ ସସ୍ ସହିତ ସ୍ୟାଣ୍ଡୱିଚ୍ ଭାବରେ ପରିବେଷଣ କରାଯାଏ। ବେଳେ ବେଳେ Chesapeake Bayର ସମୁଦ୍ର କଙ୍କଡାକୁ ସିଧା ତେଲରେ deep fry କରି ମଧ୍ୟ ଏହି ସ୍ୟାଣ୍ଡୱିଚ୍ ସହ ପରିବେଷଣ କରାଯାଇଥାଏ ।

ଠିକ ସେହିପରି ମେରିଲ୍ୟାଣ୍ଡ କ୍ରାବ୍ ସୁପ୍ (Maryland Crab Soup) ଏକ ସ୍ୱାଦିଷ୍ଟ ଏବଂ ସ୍ପାଇସି ସୁପ୍। ଏହି ସୁପ୍‌କୁ ଟମାଟୋ ଝୋଳ (Tomato broth) ରେ ପ୍ରସ୍ତୁତ କରାଯାଏ। ଏଥିରେ କଙ୍କଡ଼ା ମାଂସ ସହିତ ବିଭିନ୍ନ ପ୍ରକାରର ପନିପରିବା (ଯେପରିକି ଆଳୁ, ଗାଜର, ମଟର, ମକା) ଏବଂ ମେରିଲ୍ୟାଣ୍ଡର ପ୍ରସିଦ୍ଧ 'ଓଲ୍ଡ ବେ' (Old Bay) ମସଲା ପକାଯାଇଥାଏ ।

ଏବଂ ଷ୍ଟିମଡ୍-ଶ୍ରୀମ୍ପ (Steamed Shrimp) ହେଉଛି ବାଷ୍ପରେ ସିଝାଯାଇଥିବା ଚିଙ୍ଗୁଡ଼ି। ସାଧାରଣତଃ ଚିଙ୍ଗୁଡ଼ିକୁ ଚୋପା ସହିତ ପାଣି ଏବଂ ଭିନେଗାର୍ ମିଶ୍ରଣର ବାଷ୍ପରେ ସିଝାଯାଏ । ଏଥିରେ ପ୍ରଚୁର ପରିମାଣରେ 'ଓଲ୍ଡ ବେ' ମସଲା ବ୍ୟବହାର କରାଯାଏ, ଯାହା ଏହାକୁ ଏକ ସ୍ୱତନ୍ତ୍ର ଏବଂ ଚଟପଟା ସ୍ୱାଦ ଦେଇଥାଏ ।

କହିବା ବାହୁଲ୍ୟ ଯେ ଆମେ ପରମ ପରିତୃପ୍ତିର ସହ ସମସ୍ତ କିଛି ଖାଇ ଶେଷ କଲା ବେଳକୁ ପରିଚାରିକା ଜଣକ ଆସି ଉପସ୍ଥିତ ହେଲେ ଖାଦ୍ୟର bill ସହ ଏବଂ ଜାଣିବାକୁ ଚାହିଁଲେ dish ଗୁଡିକ ସମ୍ବଧରେ ଆମର ମତାମତ । ଆମ ଠାରୁ ପ୍ରଶଂସା ଓ ସନ୍ତୁଷ୍ଟି ଶୁଣି ସେ ଆପ୍ୟାୟିତ ହେବା ସଂଗେ ସଂଗେ ଏକ ଖୁସିର ଧନ୍ୟବାଦ ସହ ପୁଣିଥରେ ତାଙ୍କ ରେସ୍ଟଉରାଂଟକୁ ଆସିବାର ନିମନ୍ତ୍ରଣ ଜଣାଇ ବିଦାୟ ନେଲେ । କହି ରଖେ ଯେ ଆମେରିକାର ପ୍ରତିଟି restaurant ବା eatery ମାନଙ୍କରେ ଆମ ଦେଶ ପରି ଅଲଗା କରି tips ଦେବାର ବିଧି ନାହିଁ; ବରଂ ଏଠାରେ food bill ସହିତ tips add କରି ପେମେଂଟ କରିବାକୁ ହୋଇଥାଏ । ଏହା ସମଗ୍ର ଆମେରିକାରେ ଏକ ପ୍ରଚଳିତ ନିୟମ ।

ଆନାପୋଲିସରୁ ଆର୍ଲିଙ୍ଗଟନ୍ ଫେରିବା ବାଟରେ ପଡେ Sandy Point State

Listen to Odia Podcast Original at https://youtube.com/@drjyotiprasad

ପାର୍କ ଓ ସେଠାରେ କିଛି ସମୟ ବିତାଇବା ପାଇଁ ମନସ୍ଥ କରି ବାହାରି ପଡ଼ିଲୁ Anapolius Irish Townରୁ ।

Sandy Point State Park ହେଉଛି ମେରୀଲ୍ୟାଣ୍ଡର ଚେସାପିକ୍ ବେ' (Chesapeake Bay) ର ପଶ୍ଚିମ କୂଳରେ, ଆନାପୋଲିସ୍ ନିକଟରେ ଏବଂ ଚେସାପିକ୍ ବେ ବ୍ରିଜ୍ ର ଠିକ୍ ପାଖରେ ଅବସ୍ଥିତ ଏକ ଜନପ୍ରିୟ ୭୮୬-ଏକର ବିଶିଷ୍ଟ ସର୍ବସାଧାରଣ ପାର୍କ। ଏଠାରୁ ବିଶାଳ ଏବଂ ପ୍ରସିଦ୍ଧ "ଚେସାପିକ୍ ବେ ବ୍ରିଜ୍" (Chesapeake Bay Bridge) ର ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳେ, ଯାହା ଫଟୋ ଉଠାଇବା ପାଇଁ ଅତି ଉତ୍ତମ। ଏଠାରେ ରହିଛି ଏକ ବଡ଼ ବାଲୁକା ବେଳାଭୂମି, ଯେଉଁଠାରେ ଆପଣ ପହଁରିପାରିବେ, ଖରାରେ ବସିପାରିବେ କିମ୍ବା ବାଲିରେ ଖେଳିପାରିବେ। ଏଠାରେ ମାଛ ଧରିବା ପାଇଁ ସ୍ୱତନ୍ତ୍ର ପିୟର୍ (Fishing pier) ଏବଂ ଜେଟି ରହିଛି। ପାର୍କରେ ମାରିନା ସହିତ ଅନେକ ବୋଟ୍ ରାମ୍ପ୍ ଅଛି, ଯେଉଁଠାରୁ ଲୋକେ ନିଜ ଡଙ୍ଗା ନେଇ ପାଣିକୁ ଯାଇଥାନ୍ତି। ପରିବାର ସହିତ ସମୟ ବିତାଇବା ପାଇଁ ଏଠାରେ ଅନେକ ପିକନିକ୍ ଟେବୁଲ୍, ଗ୍ରୀଲ୍ କରିବା ସୁବିଧା ଏବଂ ଛାଇ ଜାଗା ମଧ୍ୟ ରହିଛି। ପୁଣି ଏଠାରେ ରହିଛି ଛୋଟ ଚାଲିବା ରାସ୍ତା (Hiking Trails), ଯେଉଁଠି ଆପଣ ପ୍ରକୃତିର ଆନନ୍ଦ ନେବା ସହ ବିଭିନ୍ନ ପ୍ରକାରର ପକ୍ଷୀ ଦେଖିପାରିବେ।

Sandy Point State ପାର୍କରେ ପ୍ରାୟ ଅଧଘଣ୍ଟା ବୁଲା ବୁଲି କରିସାରିଲା ବେଳକୁ ସମୟ ପ୍ରାୟ ସନ୍ଧ୍ୟା ୬ଟା ହେଲାଣି । ସୂର୍ଯ୍ୟାସ୍ତରେ ପାର୍କଟି ବନ୍ଦ ହୋଇ ଯାଉଥିବାରୁ, ଗାଡ଼ିରେ ବସି ଘର ମୁହାଁ ହେଲୁ । ଝିଅ ଠାରୁ ଜାଣିବାକୁ ପାଇଲୁ ଯେ ସ୍ୟାଣ୍ଡି ପଏଣ୍ଟରୁ ଆର୍ଲିଙ୍ଗଟନ୍ ଫେରିବା ବାଟରେ ପଡିବ ଆହୁରି ଦୁଇଟି ଆକର୍ଷଣୀୟ ସ୍ଥାନ: ନ୍ୟାସନାଲ୍ ହାର୍ବର (Maryland) ଏବଂ ତା'ପରେ ଦି ୱାର୍ଫ (DC) ଯାହା ଫେରିବା ସମୟକୁ ଆହୁରି ମନୋରଞ୍ଜକ କରିଦେବ। ତେଣୁ ସେ ଦୁଇଟି ସ୍ଥାନ ବୁଲି ଘରକୁ ଫେରିବାକୁ ମନସ୍ଥ କଲୁ ।

Listen to Odia Podcast Original at https://youtube.com/@drjyotiprasad

ନ୍ୟାସନାଲ୍ ହାର୍ବର (National Harbor) ମେରିଲ୍ୟାଣ୍ଡରେ ପୋଟୋମାକ୍ ନଦୀ (Potomac River) କୂଳରେ ଅବସ୍ଥିତ ଏକ ବହୁତ ଜଣାଶୁଣା ଏବଂ ଆଧୁନିକ ୱାଟରଫ୍ରଣ୍ଟ ରିସର୍ଟ ଡେଷ୍ଟିନେସନ୍। ଏଠାକାର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଦି କ୍ୟାପିଟାଲ୍ ହୁଇଲ୍ (The Capital Wheel), ଯାହା ଏକ ବିଶାଳ ଫେରିସ୍ ହୁଇଲ୍ (Ferris Wheel) । ଏଥିରେ ବସିଲେ ପୋଟୋମାକ୍ ନଦୀ ଏବଂ ୱାଶିଂଟନ୍ ଡିସିର ସୁନ୍ଦର ଦୃଶ୍ୟ ଦେଖାଯାଏ । ଠାରେ ଅନେକ ପ୍ରସିଦ୍ଧ ରେଷ୍ଟୁରାଣ୍ଟ, ଦୋକାନ ବଜାର ଏବଂ ଏକ ସୁନ୍ଦର ୱାକୱେ (Walkway) ଅଛି, ଯେଉଁଠି ଆପଣ ନଦୀ କୂଳେ କୂଳେ ଚାଲିପାରିବେ । ଏହାଛଡ଼ା ଏଠାରେ MGM କ୍ୟାସିନୋ ଏବଂ ଗେଲର୍ଡ ନ୍ୟାସନାଲ୍ ରିସର୍ଟ (Gaylord National Resort) ମଧ୍ୟ ରହିଛି ।

ଠିକ ସେହିପରି ୱାଶିଂଟନ୍ ଡିସିରେ ଥିବା ପ୍ରସିଦ୍ଧ "ଦି ୱାର୍ଫ" (The Wharf / Washington Waterfront) ଏକ ଚମତ୍କାର tourist ଆକର୍ଷଣ, ଯାହା ପୋଟୋମାକ୍ ନଦୀର ମାଇଲ୍ ରିଭରଫ୍ରଣ୍ଟ (Washington Channel) ରେ ବିକଶିତ ହୋଇଛି । ଏହା ଏକ ଜୀବନ୍ତ ଏବଂ ଚଳଚଞ୍ଚଳ ସ୍ଥାନ। ଏଠାରେ ଆମେରିକାର ସବୁଠାରୁ ପୁରୁଣା କାର୍ଯ୍ୟକ୍ଷମ ଓପନ୍-ଏୟାର୍ ସିଫୁଡ୍ ମାର୍କେଟ (Municipal Fish Market) ରହିଛି, ଯେଉଁଠି ତାଜା ମାଛ ଓ କଙ୍କଡ଼ା ମିଳେ । ନଦୀ କୂଳରେ ବସି ସୂର୍ଯ୍ୟାସ୍ତ ଦେଖିବା, ଲାଇଭ୍ ମ୍ୟୁଜିକ୍ ଶୁଣିବା ଏବଂ ୱାଟରଫ୍ରଣ୍ଟ ରେଷ୍ଟୁରାଣ୍ଟଗୁଡ଼ିକରେ ସ୍ୱାଦିଷ୍ଟ ଖାଦ୍ୟର ଆନନ୍ଦ ନେବା ପାଇଁ ଏହା ଏକ ଉତ୍ତମ ସ୍ଥାନ ।

ଆମେ ପ୍ରଥମେ କିଛି ସମୟ National Harbourରେ କଟାଇ ପୋଟୋମାକ୍ ନଦୀ ଏବଂ ୱାଶିଂଟନ୍ ଡିସିର ସାନ୍ଧ୍ୟକାଳିନ ସୁନ୍ଦର ଦୃଶ୍ୟ ଉପଭୋଗ କରିସାରିବା ପରେ ନଦୀ କୂଳେ କିଛି ସମୟ ବୁଲା ବୁଲି କରିସାରି ଆଗେଇଲୁ The Wharf / Washington Waterfront ଅଭିମୁଖେ । ସମୟ ପ୍ରାୟ ସନ୍ଧ୍ୟା ୭:୩୦/ ୮ଟା ପାଖା ପାଖି ହୋଇଯାଇଥିବାରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

Water-Frontରେ ବସି ସୂର୍ଯ୍ୟାସ୍ତ ଦେଖିବାର ସୌଭାଗ୍ୟ ଆଉ ହେଲା ନାହିଁ । ତେବେ Wharfରେ ବୁଲାବୁଲି କରି ପାଶ୍ଚାତ୍ୟ ସଂଗୀତର ଆନନ୍ଦ ଉପଭୋଗ କରୁ କରୁ ନଦୀ କୂଳରେ ଥିବା ରେସ୍ତୋରାଁ ଗୁଡ଼ିକରୁ ଭାସି ଆସୁଥିବା ସ୍ୱାଦିଷ୍ଟ ଖାଦ୍ୟର ସୁଗନ୍ଧ ବେଶ ଲୋଭନୀୟ ମନେ ହେଲା ଆଉ ଅଗତ୍ୟା ଝିଅ ପ୍ରସ୍ତାବ ଦେଲା ରାତିର Dinner ପାଇଁ ।

ବିଳମ୍ବ ନ କରି ଆମେ ପଶିଗଲୁ ପାଖରେ ଥିବା ହ୍ୟାଙ୍କସ୍ ଓଏଷ୍ଟର ବାର୍ (Hank's Oyster Bar) ଭିତରକୁ । ନାମଟିରେ ବାର ଲାଗିଥିଲେ ମଧ୍ୟ ଏହା ଏକ ବିଖ୍ୟାତ Sea-food Restaurant ଏବଂ ଏଠାରେ ମିଳୁଥିବା ମେନ୍ ଲବଷ୍ଟର ରୋଲ୍ (Maine Lobster Roll) ହେଉଛି ଆମେରିକାର ଏକ ବହୁତ ପ୍ରସିଦ୍ଧ ଏବଂ ସ୍ୱାଦିଷ୍ଟ ସିଫୁଡ୍ (Seafood) ଡିସ୍ । ପ୍ରାୟ ବିଳମ୍ବିତ ଅପରାହ୍ନରେ ଆନାପୋଲିସରେ ସ୍ୱାଦିଷ୍ଟ lunch କରିଥିବା ଯୋଗୁଁ ଖୁବ ବେଶୀ ଭୋକ ନ ଥାଏ; ତେଣୁ ତିନୋଟି Maine Lobster Roll ଅର୍ଡର କଲୁ dinner ପାଇଁ ।

Maine Lobster Roll ହେଉଛି ଏକ ପ୍ରକାର American Sandwich ଯେଉଁଥିରେ ତାଜା ଲବଷ୍ଟର (ସାମୁଦ୍ରିକ ବଡ଼ ଚିଙ୍ଗୁଡ଼ି)ର ମିଠା ଓ ନରମ ମାଂସକୁ ବାହାର କରି, ତାକୁ ସାମାନ୍ୟ ମେୟୋନିଜ୍ (Mayonnaise) ଏବଂ ସାମାନ୍ୟ ଲେମ୍ବୁ ରସ କିମ୍ବା ଗୋଲମରିଚ ଗୁଣ୍ଡ ସହ ହାଲୁକା ଭାବେ ଗୋଳାଯାଏ । ଏହାପରେ ଏହି ମାଂସକୁ ଏକ ବଟର (Butter) ଲଗାଯାଇ ସେକା ହୋଇଥିବା ଗରମ ଓ ନରମ ହଟ୍-ଡଗ୍ ବନ୍ (Bun) ବା ପାଉରୁଟି ମଝିରେ ଭର୍ତ୍ତି କରି ପରଷାଯାଏ । ଲବଷ୍ଟରର ମାଂସ ପ୍ରାକୃତିକ ଭାବେ ସାମାନ୍ୟ ମିଠା ଥାଏ ଏବଂ ମେୟୋନିଜ୍ ଯୋଗୁଁ ଏହା ବହୁତ କ୍ରିମି (Creamy) ଏବଂ ଜୁସି ଲାଗିଥାଏ । ଯେତେବେଳେ ଆପଣ ଏହାକୁ କାମୁଡ଼ିବେ, ବଟରରେ ସେକା ହୋଇଥିବା ପାଉରୁଟିର କ୍ରଞ୍ଚି ପ୍ରକୃତି ଏବଂ ଭିତରେ ଥିବା ଲବଷ୍ଟର ମାଂସର ଅତ୍ୟନ୍ତ ନରମ (Tender) ଭାବ ଏକ ଚମତ୍କାର ଅନୁଭୂତି ଆଣି ଦିଏ । ଏଥିରେ ବହୁତ ଅଧିକ ମସଲା ନଥିବାରୁ, ଖାଇଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟରେ ସମୁଦ୍ରର ତାଜା ସ୍ୱାଦ ଏବଂ ବଟରର ଏକ ସୁଗନ୍ଧିତ ମିଶ୍ରଣ ମିଳିଥାଏ ।

କିଛି ସମୟ ପରେ ଆମର ଅର୍ଡର ମୁତାବକ ଆସି ପହଂଚିଗଲା ତିନୋଟି ବଡ଼ ବଡ଼ Maine Lobster Roll । ବେଶ ଲୋଭନୀୟ ଦେଖାଯାଉଥାଏ । ଆମେ ଆଉ ବିଳମ୍ବ ନ କରି ଖାଇବାରେ ମନ ଦେଲୁ । Waterfrontରେ ପଡିଥିବା ସିମେଣ୍ଟ ବେଞ୍ଚରେ ବସି ପୋଟୋମାକ୍ ନଦୀରେ ଜଳଯାତ୍ରା ସେବା (Water Taxi Services) ଏବଂ କାୟାକିଂ (Kayaking) ଓ କାନୋଇଂ (Canoeing) ଭଳି ଜଳକ୍ରୀଡ଼ାର ଆନନ୍ଦ ଉପଭୋଗ କରିବା ଭିତରେ କେତେବେଳେ dinner ଶେଷ ହୋଇଯାଇଥାଏ । ରାତି ମଧ୍ୟ ସେତେବେଳକୁ ପ୍ରାୟ ୯ଟା ବାଜିଲାଣି । ଦିନ ସାରା ବୁଲାବୁଲିର କ୍ଲାନ୍ତି ଥିଲେ ମଧ୍ୟ ସକାଳେ ଦେଖିଥିବା Anapolis Irish Townର ସୁନ୍ଦର ସ୍ମୃତି ରହି ରହି ବାରମ୍ବାର ଆଖି ଆଗରେ ଭାସି ଉଠୁଥାଏ । ଏ ଭିତରେ ଝିଅ ଗାଡି ଷ୍ଟାର୍ଟ କରିସାରିଥାଏ ଓ ଆମେ ମଧ୍ୟ ବାହାରି ପଡ଼ିଲୁ Arlingtonର Crystal Drive ଅଭିମୁଖେ : Home ! Sweet Home !

.....କ୍ରମଶଃ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିରଳ ଆତିଥ୍ୟ

ସୁଶାନ୍ତ ଶେଖର ଦାଶ



ଚାରିପଟୁ ଘେରିଥିବା କେତୋଟି ମୁଣ୍ଡିଆମାନଙ୍କ ଦ୍ୱାରା ଚାପି ହୋଇ ସଂକୁଚିତ ହୋଇପଡିଥିବା ଶାନ୍ତ ଗାଁଟି କିଛିଦିନ ହେବ ଚଳଚଞ୍ଚଳ ହୋଇଉଠିଛି । ବର୍ଷା ଆଗମନରେ ବେସ୍ କେତୋଟି ପତ୍ରଝଡା, ରୁଗ୍ଣ ଓ ଭଗ୍ନସ୍ୱାସ୍ଥ୍ୟ ଗଛଗୁଡିକ ସର୍ବତନୁ ଉଉଫୁଲିତ ହୋଇ ସେଇ ପାହାଡ଼ ସବୁକୁ, ତଥା ଗାଁ ଟା ଯା'କ ବେଢ଼ି ଯାଇ ସବୁଜିମା ପରିବେଶ ସୃଷ୍ଟି କରିଦେଇଥାଏ ।

ଗାଁ'ଟାର ବାହ୍ୟ ସୌନ୍ଦର୍ଯ୍ୟ ଏମିତି ଟିକେ ବଢିଯାଇଛି ।

ଏଇ ମୁଣ୍ଡିଆ ବା ଛୋଟ ପାହାଡ଼ମାନେ ବଡ଼ ବିଚିତ୍ର ! କଳାବାଦଲ ଯେତେବେଳେ ଚାରିଆଡୁ ସେମାନଙ୍କୁ ଘେରିଯାନ୍ତି ଏବଂ ପାହାଡ଼ର କାନ୍ଧକୁ ଯେବେ ଛୁଇଁଯାଏ, ମୁଣ୍ଡିଆମାନେ ସେଇ ଧୂସର ଚାଦର ତଳେ ମୁହଁ ଗୁଂଜନ୍ତି । ସେତେବେଳେ ଦୁହିଁଙ୍କ ମଧ୍ୟରେ ଏକ ନିରବ ସଂଳାପ ସୃଷ୍ଟିହୁଏ । ସେ ସଂଳାପର ଭାଷା ପାହାଡ଼ ତଳେ ଥିବା ଗାଁ ଲୋକେ ବୁଝିପାରନ୍ତି , ବୁଝେ ସେଠାକାର ଗଛ, ପଥର, ଝରଣା ଓ ପବନ ।

ତା ପରେ ବର୍ଷା ଆସେ ।

ଏଇ ଗାଁରେ ପ୍ରକୃତି କେବଳ ଦୃଶ୍ୟ ନୁହେଁ, ପ୍ରକୃତି ହିଁ ଜୀବନ-ଦର୍ଶନ ।

ଗାଁ ଚାରିପଟେ ଘେରି ରହିଥିବା ପାହାଡ଼ ସମୂହ ସେମାନଙ୍କର ପ୍ରହରୀ, ଜଙ୍ଗଲ ହେଉଛି ଭଣ୍ଡାର, ଝରଣା ହେଉଛି ଜୀବନର ଧାରା ଏବଂ ମାଟି ଏଇ ମାନଙ୍କ ମା' ।

ସହରର ମଣିଷ ଯେଉଁ ପ୍ରକୃତିକୁ ଦୂରରୁ ଦେଖି ସୌନ୍ଦର୍ଯ୍ୟ ଉପଭୋଗ କରେ ଓ ମନୋରଞ୍ଜନର ରାହା ଖୋଜେ, ଏଠାକାର ମଣିଷ ସେଇ ପ୍ରକୃତି ମଧ୍ୟରେ ନିଜର ଅସ୍ତିତ୍ୱ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଣ୍ଡାଳନ୍ତି ।

ବର୍ଷା ଯେତେବେଳେ ଏଇ ଗାଁ ଉପରେ ଝରି ପଡେ, ରୁକ୍ଷ-ଶୁଷ୍କ-ନିଝୋଲିଆ ଗଛ, ନିରବ ପାହାଡ଼, ସଓା ହରାଉଥିବା ଶୁଷ୍କ-ନିର୍ଜଳ ଝରଣା ଓ ଅପେକ୍ଷାରତ ଏଠାକାର ମଣିଷ - ସମସ୍ତେ ଏକା ସାଙ୍ଗରେ ନୂଆ ଜୀବନର ସ୍ପର୍ଶ ପାଆନ୍ତି । ଏହା ମଣିଷ ଓ ପ୍ରକୃତିର ସେଇ ପ୍ରାଚୀନ ଚୁକ୍ତିର ଏକ ଜୀବନ୍ତ ଦଲିଲ ଯେଉଁଠି ମଣିଷ ପ୍ରକୃତିକୁ ଜିତିବାକୁ ଚାହେଁ ନାହିଁ, ବରଂ ତା ସହିତ ବଂଚିବା ଶିଖେ ।

ବର୍ଷା ଭିଜା ଜଙ୍ଗଲର ଗନ୍ଧ ସେଇ ଗାଁ ଟାକୁ ଘେରିନିଏ । ଭିଜା ମାଟି, ଜୀବନ୍ତ ଶିଉଳି, ପତ୍ର, ଗଛର ଛାଲ, ଜଙ୍ଗଲୀ ଫୁଲ - ଏ ସବୁର ଗନ୍ଧ ମିଶି ଏକ ଅଦ୍ଭୁତ ଗନ୍ଧରେ ପରିଣତ ହୁଏ । ସେ ହେଉଛି ସେଇ ମାଟିର ନିଜସ୍ୱ ବାସ୍ନା । ସେ ସୁଗନ୍ଧ - ଜନ୍ମ ଜନ୍ମର, ଜୀବନ ଜିଇଁବାର ଏବଂ ଜୀବନ ପର ବିସର୍ଜନର ।

ଆଉ, ଏମାନଙ୍କ ଭବିଷ୍ୟତ ?

ସହରର ମଣିଷଙ୍କ ପରି - ବ୍ୟାଙ୍କ ଖାତାରେ, ଜମି-ଘର ଦଲିଲରେ, ପଦ-ପଦବୀରେ ଓ ସଞ୍ଚିତ ଜମାପୁଞ୍ଜିରେ ଭବିଷ୍ୟତ ଦେଖନ୍ତି ନାହିଁ ।

ସେମାନେ ଆକାଶରେ ଭବିଷ୍ୟତ ଦେଖନ୍ତି ।

ମେଘକୁ ଦେଖନ୍ତି ।

ପବନର ଦିଗ ପରଖନ୍ତି ।

ମାଟିର ଉଷ୍ମତା ମାପନ୍ତି ।

ଏବଂ ମନେ ମନେ କୁହନ୍ତି - 'ଏଥର ଭଲ ଫସଲ ହେବ' ।

ମୁଁ ଯେଉଁ ଗାଁ କଥାଟି କହୁଛି, ସେ ଗାଁ ହେଉଛି ପୂଜାରୀପୁଟ ।

ସଭ୍ୟତା କବଳରେ ଅବଶ୍ୟ କିଛି କିଛି ପରିବର୍ତ୍ତନ ଆସିଛି । ରୀତିନୀତି, ଚାଲିଚଳନ, ବେସଭୂଷା, ରାସ୍ତାଘାଟ ଆଦିରେ ବାରିହୋଇପଡୁଥିଲା ପରିବର୍ତ୍ତନ । କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଛି ପୁରୁଖା ବ୍ୟକ୍ତି ବିଶେଷଙ୍କ ଠାରୁ ଶୁଣିବାକୁ ମିଳେ ସେମାନଙ୍କ ଭିତରେ ସାଇତି ହୋଇ ରହିଥିବା ପୁରୁଣା ଐତିହ୍ୟ ।

ଗପ ପରି ଲାଗେ ।

ନଦୀ ଓ ସମୟ ମଧ୍ୟରେ ଫରକ ବା କଣ ? ଥରେ ପାହାଡ଼ରୁ ତଳକୁ ଓଲ୍ହାଇ ଆସିଲେ, ନିଜେ ନିଜର ବାଟ ଖୋଜନ୍ତି । ନୂଆ ନୂଆ ପଥ ତିଆରିକରନ୍ତି । ଠିକ୍ ସେହିପରି, ଏବେକା ମଣିଷ ସମୟ ସହିତ ତାଳ ଦେଇ ନୂଆ ଜୀବନର ପଥ ଖୋଜୁଛନ୍ତି ।

ଏଠାରେ ସନ୍ଧ୍ୟା ହେଲେ ପାହାଡ଼ ଉପରେ କୁହୁଡି ଓଲ୍ହାଇ ଆସେ । ବେତାଳ ପରି ଗାଁ ଟା ଯାକ ଝୁଲି ପଡନ୍ତି । ଗାଁର କେତୋଟି କଂକ୍ରିଟ ଘରୁ କ୍ଷୀଣ ବିଦ୍ୟୁତ ଆଲୋକର ଆଭା ଲହରେଇ ଲହରେଇ ଆସେ ।

ପୁରୁଣା ଢୋଲର ତାଳ କେବେଠୁ ମୋବାଇଲର ରିଂଟୋନ ସହ ମିଶି ଗଲାଣି । ମୋବାଇଲର ଆଧୁନିକ ନୃତ୍ୟ ଆଗରେ ପାରମ୍ପରିକ ନୃତ୍ୟମାନ ହିନମନ୍ୟତାର ଶିକାର । ପଛୁଆପଣର ଚିହ୍ନ ସ୍ପଷ୍ଟ ବାରିହୋଇପଡୁଥିଲା ।

ମନେ ହୁଏ ଗାଁ ଟାକୁ ସଭ୍ୟତା ଧସେଇ ପଶିଆସିଲେ ବି ଏମାନଙ୍କ ମଧ୍ୟରେ ପୁରୁଣା ମଣିଷ ବଞ୍ଚିରହିଛନ୍ତି । ଯିଏ ଆକାଶକୁ ଦେଖି ବର୍ଷା ଅପେକ୍ଷା କରନ୍ତି , ମାଟିକୁ ଛୁଇଁ ତାର ଉଷ୍ମତା ମାପନ୍ତି ଏବଂ ଜଙ୍ଗଲର ଗନ୍ଧରେ ନିଜ ଅସ୍ତିତ୍ୱ ଖୋଜନ୍ତି ।

ସେଇ ପୁରୁଣା ମଣିଷଟି ନୂଆ ପିଢ଼ିକୁ କହେ -

ପାହାଡ଼କୁ ଜିତିବା ଦରକାର ନାହିଁ ।

ଜଙ୍ଗଲକୁ ଜିତିବା ଦରକାର ନାହିଁ ।

ନଦୀକୁ ବନ୍ଦୀକରିବା ଦରକାର ନାହିଁ ।

ପରିବର୍ତ୍ତନ ତ ନିହାତି ଆବଶ୍ୟକ । ପରିବର୍ତ୍ତନ ଅନିର୍ଜ୍ଜାର୍ଯ୍ୟ ମଧ୍ୟ । ସଭ୍ୟତା ତାଳେ ତାଳେ ପରିବର୍ତ୍ତନ ତ ଅବ୍ୟସାମ୍ଭାବି । କିନ୍ତୁ, ସେଇ ପରିବର୍ତ୍ତନରେ ଯଦି ଆମେ ହଜିଯାଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବା ଦିଗହରା ହେଉ, ତେବେ ଆମପାଇଁ ସେଇ ପୁରୁଣା ଐତିହ୍ୟ ହିଁ ପଥ ପ୍ରଦର୍ଶକ ସାଜେ । ପରିବର୍ତ୍ତନ ମୋହରେ ଅତୀତକୁ ଭୁଲି ବେଳେ ବେଳେ ଭବିଷ୍ୟତକୁ ହରାଇବାକୁ ପଡେ ।

ପାହାଡ଼ ଓ ଜଙ୍ଗଲର ଗଭୀର ଆଲିଙ୍ଗନ ମଧ୍ୟରେ ଥିବା ପୂଜାରୀପୁଟ ଗାଁ'ଟା ରେ ଆଧୁନିକତା ଧିରେ ଧିରେ ଦାଖଲ ଜାହିର କରିସାରିଥାଏ । ପ୍ରଥମେ ପ୍ରଥମେ ସେ ରାସ୍ତାରେ ଥିଲା । କ୍ରମେ ଗାଁ ଭିତରେ, ଇଲେକ୍ଟ୍ରିକ ଖୁଣ୍ଟରେ ଏବଂ ଏବେ ପ୍ରାୟ ପ୍ରତ୍ୟକ ଘରେ ତା' ର ନିରଙ୍କୁଶ ପ୍ରବେଶ । କେବେ କେବେ ଛୋଟ ଫଟ-ଫଟିଆ ଟିଏ ଗାଁ କୁ ପଶିଆସିଲେ, ତା'ର ବିକଟାଳ ରଡ଼ିରେ ନିରବ ଜଙ୍ଗଲ ଓ ପାହାଡ଼ମାନେ କମ୍ପି ଉଠୁଥିଲେ । ଏବେ କିନ୍ତୁ ଗାଁ ସେମୁଣ୍ଡରେ ବସଷ୍ଟାଣ୍ଡ ।

ଏ ସବୁ ପରିବର୍ତ୍ତନ ସହ ସବୁଠୁ ବେଶି ପରିବର୍ତ୍ତନ ଘଟିଥିଲା ମଣିଷଙ୍କ ଚିନ୍ତାରେ ।

ଏସବୁ ପରିବର୍ତ୍ତନ ସତ୍ତ୍ୱେ ପାହାଡ଼ସବୁ ଯେମିତି ସେମିତି ଠିଆ ହୋଇଥାନ୍ତି । ଜଙ୍ଗଲ ସେମିତି ସବୁଜ । ବର୍ଷା ମଧ୍ୟ ସବୁବର୍ଷ ପରି ସେଇ ପୁରୁଣା ଢଙ୍ଗରେ ଆସେ ଓ ଯାଏ । ଝରଣା ଗୁଡିକ ମୋଟାମୋଟି ସେମିତି ଅଙ୍କାବଙ୍କା ଓ ପଥୁରିଆ । ମାଟିର ଗନ୍ଧରେ ବିଶେଷ ପରିବର୍ତ୍ତନ ନ ଥାଏ । ଖାଲି ପରିବର୍ତ୍ତନ ଏତିକି ଯେ, ବିସ୍ତାରିତ ଜଙ୍ଗଲ ନିଜସ୍ୱ ଗାରିମା ହରାଇ କାଠର ପରିଚୟ ନେଇ ପଡ଼ିରହିଛି । ପାହାଡ଼ର ପରିଚୟ ଏବେ ପଥରର ଭଣ୍ଡାର ଏବଂ ନଦୀ ହୋଇଯାଇଛି ଏକ ପାଣିର ଉତ୍ସ ।

ସଭ୍ୟତା ଓ ପରିବର୍ତ୍ତନଶୀଳ ସମୟ ସହ ଲଟର ପଟର ହୋଇ, ଗାଁର ସମସ୍ତେ ଯେମିତି ନିଜ ନିଜର ପୁରୁଣା ପରିଚୟକୁ ଭୁଲିଯାଉଛନ୍ତି । ପରିବର୍ତ୍ତନ ଆସକ୍ତିରେ ସମସ୍ତେ ମସଗୁଲ । ନିଜ ନିଜ ଢଙ୍ଗରେ ମଜା ନେଉଥାନ୍ତି ।

ଏସବୁ ମୋହମାୟାର ଦୂରରେ ଥିଲା ଗାଁ ମଝିରେ ମୁଣ୍ଡ ଟେକି ଠିଆ ହୋଇଥିବା 'କୋଠଘର' ।

ଯେଉଁଠି ସନ୍ଧ୍ୟା ନଇଁଲେ ଆସର ଜମେ । ଝାଞ୍ଜି-ଢୋଲର ଶବ୍ଦ ସହ ଦଦରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତୋଟି କଣ୍ଠସ୍ୱରର ସଙ୍ଗମ ହୁଏ । ରାତି ବଢିଲେ କୋଠଘରେ ଭିଡ଼ ବଢେ । ସଭ୍ୟତା ଛୁଇଁ ପାରିନଥିଲା ସେ କୋଠଘରକୁ । ପରିବର୍ତ୍ତନର କାୟା ସେତଟା ବିସ୍ତାର କରିନାହିଁ ।

ଏବେବି ଝାପ୍ସା ଅନ୍ଧାର ହେଲେ କେତୋଟି ପୁରୁଣା ମଣିଷ ସେଠାକୁ ଆସନ୍ତି । ନୂଆ ପିଢ଼ିକୁ ଅପେକ୍ଷା କରନ୍ତି । ବିଶ୍ୱାସ ରଖନ୍ତି ନୂଆପିଢ଼ି ଫେରିବେ ! ପୁରୁଣା ସଂସ୍କୃତିକୁ ମନେପକେଇବେ । ପୁରୁଣା ସଂଗୀତ ତାଳେ ତାଳେ ନିଜର ଗୁଂଜନ ଖଞ୍ଜିବେ ।

ନୂଆପିଢ଼ି ଆସନ୍ତିନି ! ନିଜର ନିଜର ମୋବାଇଲ ରେ ବୁଡିରହନ୍ତି ।

ରାତି ଘନେଇ ଆସିଲେ ଭାରାକ୍ରାନ୍ତ ମନ ଓ ଥୁରୁ ଥୁରୁ କେତୋଟି ପୁରୁଣା ପାଦ ଖୁବ୍ ହତାଶାରେ ଘରକୁ ଫେରିଯାନ୍ତି ।

ସବୁଦିନ ପରି ଏକୁଟିଆ ରାତି ବିତାଏ ସେଇ କୋଠଘର ।

ଗାଁ ଟା ନିଘୋଡ଼ ନିଦରେ ଶୋଇଯାଏ ।

କାଳ କାଳରୁ ଠିଆ ହୋଇ ରହିଥିବା ଜଙ୍ଗଲ ଏବେ ଭାରି ଉଦାସୀ ଓ ଭାରାକ୍ରାନ୍ତ । ସେ ଜଙ୍ଗଲ ଏବେ ପରିବର୍ତ୍ତନ ଆଖିରେ କେବଳ କାଠ, ରାସ୍ତା ଓ ଜମିରେ ରୂପାନ୍ତରିତ ହୋଇ ସାରିଲାଣି । ନିଶ୍ଚଳ ପାହାଡ଼ଗୁଡିକ ପୁଳାଏ ପଥରଖଣ୍ଡକୁ ଆବୋରି ପଡ଼ିରହିଛି ।

ପରିବର୍ତ୍ତନର ମଜା କେବଳ ପୂଜାରୀପୁଟ ଗାଁର ଏବେକା ମଣିଷ ଉଠାଉଥାନ୍ତି । କିନ୍ତୁ ପରମ୍ପରାକୁ ହଜେଇ ନଥାନ୍ତି ।

ଏଇ କିଛିଦିନ ହେବ ଗାଁ ଟା ଖୁବ୍ ଚଳ ଚଞ୍ଚଳ ।

ସମସ୍ତେ ନିଜ ନିଜ ଦାୟିତ୍ୱ ନିଭାଇବାରେ ନିଘା ରଖିଥାନ୍ତି । ଏପର୍ଯ୍ୟନ୍ତ ସବୁକିଛି ନିର୍ଦ୍ଧାରିତ ନୀତି ନିୟମ ଅନୁସାରେ ଚାଲିଛି ବୋଲି ଆଶ୍ୱସ୍ତ ହେଉଥାନ୍ତି କର୍ମକର୍ତ୍ତା ଓ କିଛି ନେତୃସ୍ଥାନୀୟ ଲୋକେ । ନୀତି ବହିର୍ଭୁତ କୌଣସି ଘଟଣା ଦୃଷ୍ଟିକୁ ଆସିନାହିଁ ।

ବ୍ୟତିକ୍ରମ ହେବ ବା କେମିତି ?

ବିଭିନ୍ନ ସ୍ତରରେ ନିଘା । ଜାଗ୍ରତ ପ୍ରହରୀ ପରି ସଜାଗ ସମସ୍ତେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଛି ପଡିଲେ ନବଖଣ୍ଡ !

କାଳେ କେଉଁଠି ବ୍ୟତିକ୍ରମ ହୋଇଯିବ, ସେଥିପାଇଁ ହାଡ଼େ ହାଡ଼େ ଜଗିଥାନ୍ତି ଗାଁର ବଚ୍ଚା ବଚ୍ଚା ନବଯୁବକ ।

ପ୍ରତି ମୁହୂର୍ତ୍ତରେ ଖବର ନେଉଥାନ୍ତି ମୁଖିଆ, ନାୟକ ଓ ଚାଲାଣମାନେ ।

କୋଠଘରର ପୁରୁଣା କାଠଖମ୍ବରେ ବୋଳିହୋଇ ପଡିଥିଲା ସମୟର ଦାଗ । ସେଥିରେ ଝୁଲୁଥିଲା ଧଳା କାଗଜରେ ଲେଖାଥିବା ଦାୟିତ୍ୱ ବଣ୍ଟନ ଓ କାର୍ଯ୍ୟସୂଚି । ଜରାଜୀର୍ଣ୍ଣ କୋଠଘରଟି ଯେମିତି ଅସମ୍ଭବ ଗମ୍ଭୀରତା ଜାହିର କରୁଥାଏ । ସେଆଡ଼େ ଥରୁଟିଏ ଚାହିଁଦେଲେ ମନେହୁଏ, ତା ମନଭିତରେ ଠୁଳ ହୋଇଥିବା ଗାଁ ର ଅନେକ ଶତାବ୍ଦୀର କାହାଣୀ ସେ ଏକା ଥରକେ କହିଦିଅନ୍ତା । କେତେ ମାଲି ମକଦ୍ଦମା, ଜମି ବିବାଦ, ଜଙ୍ଗଲ ସୁରକ୍ଷା, ପାରିବାରିକ କଳିତକରାଳ ସମାଧାନ ଓ ଶେଷ ନିଷ୍ପତ୍ତିର ସେ ମୁକସାକ୍ଷୀ ।

ମାସ ମାସର ଅଳନ୍ଦୁ ସଫାହୋଇ ରଙ୍ଗ ବୋଳା କବାଟ ଝରକା ସହ ଝୋଟି କାରୁକାର୍ଯ୍ୟ କାନ୍ଥ ଓ ପିଣ୍ଡା ଆଡେ ନଜର ବୁଲାଇ ଆଣିଲେ, ମନରେ କାଇଁଚମାଳି-ଗୁଞ୍ଜିରଯୁଗଳ-ଚୂର୍ଣ୍ଣକୁନ୍ତଳଯୁକ୍ତା ରାମଣୀୟା ଆଦିବାସୀ ଲଳନାର ଭ୍ରମ ସୃଷ୍ଟି ହୁଏ । କାନ୍ଥରେ ଟଙ୍ଗା ଯାଇଥିବା ପୁରୁଣା ଢୋଲ, ମୃଦଙ୍ଗ, ପାରମ୍ପରିକ ଉପକରଣ, ଜଙ୍ଗଲୀ ମଇଁଷି ଓ ସମ୍ବରଶିଙ୍ଗ ଆଦି ଝଡା ପୋଛା ହୋଇ ଆଖିଦୃଶିଆ ଲାଗୁଛି । କେଁଉକାଳୁ ଅସହାୟ ଭାବେ ଝୁଲୁଥିବା କବାଟ ଝରକା ଏବେ ଜୀବନ୍ତ !

କୋଠଘରେ ଝୁଲୁଥିବା ଦାୟିତ୍ୱବଣ୍ଟନ ସୁଚି ଉପରେ ତୀକ୍ଷ୍ଣ ନଜର ରଖି କାର୍ଯ୍ୟ ପର୍ଯ୍ୟବେକ୍ଷଣ ଜାରି ରଖିଥାନ୍ତି ନେତୃସ୍ଥାନୀୟ ବ୍ୟକ୍ତି । ସୁଚିପତ୍ରର ଗୋଟିଏ ପଟେ ଗାଁର ବଚ୍ଚା ବଚ୍ଚା ଯୁବଗୋଷ୍ଠି ଏବଂ ସାମ୍ନାରେ ଦାୟିତ୍ୱ ବଣ୍ଟନ ବିସ୍ତୃତ ବିବରଣୀ ।

ସାନୁ, ମଙ୍ଗରୁ, ଜାନୀ ଓ କମଲୁଙ୍କୁ ଗାଁଟା ଯାକର ପାରିପାର୍ଶ୍ୱିକ ପରିଚ୍ଛନ୍ନତାର

Listen to Odia Podcast Original at https://youtube.com/@drjyotiprasad

ଦାୟିତ୍ୱ ।

ଲଚ୍ଛା, ସୋମା ଓ ବୁଦ୍ରାଙ୍କୁ ସ୍ୱାଗତ ତୋରଣ ପ୍ରତିଷ୍ଠା । ଜଗା, ଲଖମଣା ଓ ଦିଶାରୀକୁ ଖାଦ୍ୟ ପ୍ରସ୍ତୁତି ଓ ପରିବେଷଣ ଦାୟିତ୍ୱ ।

ଏମାନେ ସମସ୍ତେ ନିଜ ନିଜର କର୍ତ୍ତବ୍ୟ ସୁଚାରୁରୂପେ ତୁଲେଇବାର ଗୁରୁଦାୟିତ୍ୱ ଗ୍ରାମଦେବୀଙ୍କ ପୂଜାଘରେ ହଳଦୀ, ସିନ୍ଦୁର, ଫୁଲ, ଫଳ ଓ ଦୀପ ଛୁଇଁ ଗ୍ରାମ ମୁଖିଆଙ୍କ ଉପସ୍ଥିତିରେ ଶପଥ ନେଇଥିଲେ ।

ଏଇ କିଛିଦିନ ହେବ ପୂଜାରୀପୁଟ ଗାଁର ସକାଳ ପୂର୍ବଦିନ ଅପେକ୍ଷା ଟିକେ ଅଲଗା ବାରିହୋଇ ପଡୁଥାଏ । ସୁନ୍ଦରା ଫାଟିଲା ବେଳକୁ ଡ଼ଙ୍ଗର ସେପଟ ଆକାଶରେ ଅଭିର ବୋଳି ହୋଇପଡୁଥାଏ । ବାଦଲସବୁ ଡ଼ଙ୍ଗର ଶିଖରକୁ ଧଳା ଓଢଣା ପରି ଢାଙ୍କି ଦେଇଛି । ପାଖ ଡ଼ଙ୍ଗରରୁ ତୁହାକୁ ତୁହା ମୟୁରମାନଙ୍କ କଣ୍ଠଶବ୍ଦ ତନ୍ଦ୍ରାଭିଭୂତ ଗ୍ରାମବାସୀଙ୍କୁ ଜାଗ୍ରତ କରିଦେଉଥାଏ ।

ପାହାନ୍ତି ପାହାନ୍ତି ଉଠିପଡନ୍ତି ସମସ୍ତେ ।

ପୂଜାରୀପୁଟ ଗାଁ ଟା ଏତେ ଛୋଟ ନୁହେଁ । ପାଖାପାଖି ଶହେ ଘର । ଖୁବ୍ କେତୋଟି ମହୁଲ, କରଞ୍ଜ, କେନ୍ଦୁ, ଜାମୁ, ବାଉଁଶ, କୁସୁମ, ତେନ୍ତୁଳି ଆଦି ଗଛଗୁଡିଏ ଗାଁ ଟାକୁ ମୁଣ୍ଡିଆ ବା ଡ଼ଙ୍ଗର ସହିତ ଯୋଡିଥାଏ ।

ତା ଛଡା, କେଁଉ କାଳୁ ଆଉ ଏକ ଅଦୃଶ୍ୟ ବନ୍ଧନ ଏଠାରୁ ପଚାଶ କୋଶ ଦୂରସ୍ଥ ଉଦୟଗିରି ଗାଁ ସହ ଏଇ ପୂଜାରୀପୁଟ ଗାଁଟାକୁ ସମସ୍ତଙ୍କ ଜ୍ଞାତରେ ଯୋଡ଼ି ପକାଇଥାଏ ।

ପ୍ରତି ତିନି ବର୍ଷରେ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ନିମନ୍ତ୍ରଣ ଯାଏ । ପୂର୍ବପୁରୁଷରୁ ଏହି ନିଆରା ସମ୍ପର୍କ ଓ ପୂଜ୍ୟପୂଜାର ପରମ୍ପରା ଚାଲି ଆସିଛି ।

ଅଦ୍ଭୁତ ଭାଇ ଭାଇର ସମ୍ପର୍କ ।

ସେଥିପାଇଁ ତ ଏଇ ଦୁଇ ଗାଁରେ କୌଣସି ବୈବାହିକ ସମ୍ପର୍କ ଯୋଡି ନ ଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଇଟି ଗାଁ, ଗୋଟିଏ ସମ୍ପର୍କ, ଗୋଟିଏ ପରମ୍ପରା ଏବଂ ଗୋଟିଏ ଆତ୍ମା ।

ଏ ଥର ପୂଜାରୀପୁଟ ଗାଁ ର ପାଳି ।

ସେମାନଙ୍କ ଗାଁ କୁ ଆସୁଥିବା ଅତିଥି ମାନଙ୍କୁ ନିମନ୍ତ୍ରଣର ପର୍ବ ।

ମୁଖିଆଙ୍କ ସମେତ ତିନିଜଣ କର୍ମକର୍ତ୍ତା ବିଭିନ୍ନ ସାମଗ୍ରୀ ଯଥା କଦଳୀ, ନଡ଼ିଆ, ଫୁଲ, ମିଠା, ଦୁବ, ଧୂପକାଠି, ହଳଦୀବୋଳା ଅରୁଆ ଚାଉଳ ଆଦି ଧରି ଗତ ଗୁରୁବାର ଦିନ ପଚାଶ କୋଶ ଦୂର ଉଦୟଗିରି ଗାଁ ରେ ପହଂଚିଥିଲେ ।

ସେଠାରେ ଅଭୁତପୁର୍ବ ସ୍ୱାଗତ !

ଉଦୟଗିରିର ମାନ୍ୟଗଣ୍ୟ କିଛି ଲୋକେ ଗାଁ ଠାରୁ କିଛି ବାଟ ଆଗେଇଆସି ସେମାନଙ୍କୁ ପାଛୋଟି ନେଲେ । ପାରମ୍ପରିକ ଗାଉଁଣା-ବାଜଣା, ନାଚ-ଗୀତ, ରୀତି-ନୀତିରେ ଗାଁ ଟା ସାରା ସ୍ପନ୍ଦନ ଖେଳିଗଲା ।

ଦୁଇ ଗାଁ ର ମୁଖିଆ ସାମ୍ନା ସାମନି । ନୀରବତା କିଛି ସମୟ ପାଇଁ । ସେ ନୀରବତା ମଧ୍ୟରେ ବହୁତ ବର୍ଷର ଅକୁହା କଥା ଯେମିତି ମନେ ପଡିଯାଉଥାଏ । ହଳଦୀ ବୋଳା ଚାଉଳ ମୁଠାଏ ଉଦୟଗିରି ମାଟିରେ ଅର୍ପଣ ପରେ ଜୁହାରଭେଟ ଆରଂଭ ।

ନିମନ୍ତ୍ରଣ ସ୍ୱୀକାର ହେଲା ।

ସେଇ ପ୍ରତୀକ୍ଷାର ଦିନ ହିଁ ପହଁଚିଲା ।

ପିଲାଛୁଆ, ଧାଁଗଡା ଧାଁଗଡି ସହ ଗ୍ରାମର ପାଞ୍ଚଶହ ଲୋକେ ପାଞ୍ଚୋଟି ବସ୍ ରେ ସବାର ହୋଇ ପୂଜାରୀପୁଟ ଗାଁ ରେ ପହଁଚିଲେ । ସ୍ୱାଗତ ତୋରଣ ପାଖରୁ ପାଛୋଟି ନେଲେ । ପିଢା ପକାଇ ସମସ୍ତଙ୍କ ଗୋଡ଼ ଧୁଆ, ମଥାରେ ଚନ୍ଦନ, ସିନ୍ଦୁର ଏବଂ ଠିକ ପରେ ପରେ ଜୁହାରଭେଟ ବା ପୂଜ୍ୟପୂଜା ।

ବାଜା ବାଜଣା ସହ ଗାଁ ପରିକ୍ରମା ।

ତିନିଦିନ ଭରପୁର ଅତିଥି ସେବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୋଜିଭାତର ଆସର । କୋଠଘର ଓ ତାର ସାମ୍ନା ଉନ୍ମୁକ୍ତ ଜମିରେ ଚାନ୍ଦୁଆ ଟାଣି ସେଠାରେ ରହିବାର ସୁନ୍ଦର ବ୍ୟବସ୍ଥା । ଭଲି କି ଭଲି ଖାଦ୍ୟ । ଏକାଠି ବସି ଖାଇବାର ମଜା ନିଆରା । ସମସ୍ତେ ପାଦରେ ପାଦ ଓ କାନ୍ଧରେ କାନ୍ଧ ମିଳାଇ ମନଭରି ନାଚିଲେ ।

ପାହାଡ଼, ଜଙ୍ଗଲ, ଝରଣା, ମାଟି ଓ ମଣିଷ ସମସ୍ତେ ଏକାକାର ହୋଇଗଲେ ।

କି ନିବିଡ଼ ସମ୍ପର୍କ !

ଏ ସମ୍ପର୍କ ରକ୍ତର ସମ୍ପର୍କ ନୁହେଁ । ପରମ୍ପରାର ସମ୍ପର୍କ । ଏହି ପରମ୍ପରାର ସମ୍ପର୍କ ରକ୍ତ ସମ୍ପର୍କ ଠାରୁ ଗଭୀର ସମ୍ପର୍କ ତିଆରି କରେ ।

ଏଠାରେ ଆତିଥ୍ୟ ଏକ ଔପଚାରିକତା ନୁହେଁ ।

ଏହା ଏକ ପୂଜା ।

ସନ୍ଧ୍ୟା ହେଲା । ପାହାଡ଼ ଦେହରେ ଅନ୍ଧାର ବୋଳି ହୋଇଗଲା । କୋଠଘରେ ଓ ଗାଁ ମଝିରେ ଆସର ଜମି ଆସିଲା । ଢୋଲ, ମୃଦଙ୍ଗ, ଝାଞ୍ଜି ସହ କେତେକ ପୁରୁଷ ଓ ନାରୀର କଣ୍ଠସ୍ୱର ସହ ତାଳଦେଇ ଗାଁ ଟା ଯାକ ଉଚ୍ଛଳମୁଖର ହେଲା ।

ସେ ଗୁଞ୍ଜନ ପାହାଡ଼କୁ ଭେଦିଗଲା ।

ପାହାଡ଼ରୁ ଜଙ୍ଗଲକୁ ।

ଜଙ୍ଗଲରୁ ଝରଣାକୁ ।

ଝରଣାରୁ ନଦୀକୁ ।

ମନେହେଲା, ପ୍ରକୃତି ଏମାନଙ୍କର ପୁରୁଣା ପରମ୍ପରା ସହ ବହୁତ ଦିନର ସାକ୍ଷୀ ।

ରାତି ଗଭୀର ହେଲା । ଆସର ବଢ଼ି ଚାଲିଥାଏ । ଢୋଲ ମୃଦଙ୍ଗ ତାଳରେ ଗାଁ ସାରା ଅଦ୍ଭୁତ କମ୍ପନ । ନୂଆ ଓ ପୁରୁଣା ପିଢ଼ିର ଅପୂର୍ବ ମିଳନ !

ଦୁଇଟି ଯୁଗ ହାତ ଧରାଧରି ।

ପୁରୁଣା କେବେ ନୂଆକୁ ଦୋଷ ଦେଉ ନ ଥିଲା କି ନୂଆ ପୁରୁଣାକୁ ଅବହେଳା କରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନ ଥିଲା ।

ପରିବର୍ତ୍ତନ ଏଠି ପୁରୁଣାର ହାତ ଧରି ନୂଆକୁ ଆଗକୁ ନେଲା ।

ପରମ୍ପରାର କି ଅଦ୍ଭୁତ ଶକ୍ତି !

ରାତି ଗଭୀର ହେଲା । ଦେଶିଆ ନାଟରେ ଝୁମିଯାଇ କେଇକ୍ଷଣ ଏ ଜୀବନକୁ ହସି ହସି ଜିଇଁନେବା ର ପ୍ରୟାସକୁ ସମସ୍ତେ ଆଦରି ନେଉଥାନ୍ତି । ପାରମ୍ପରିକ ନାଚ-ଗୀତ, ଗାଉଣା-ବାଜଣା, ମଉଜ-ମଜଲିସ କ୍ରମେ କ୍ଷୀଣ ଓ ଅସକ୍ତ ହୋଇପଡିଲା । ଢୋଲ ମୃଦଙ୍ଗ ଶବ୍ଦ ଧିରେ ଧିରେ ଧିମେଇ ଗଲେ । ଆକାଶର ଘନ ଅନ୍ଧାର ଫିକା ପଡିଆସିଲା । ପାହାଡ଼ ଉପରେ କେତୋଟି ଧୂସର କୁହୁଡି ଘୁରି ବୁଲିଲେଣି ।

ଏତିକିବେଳେ ଜଙ୍ଗଲରୁ ପୁଳାଏ କୋହଲା ପବନ ଗାଁ ଭିତରେ ଧସେଇ ପଶିଲା ।

ଆକାଶ ଫର୍ଚ୍ଚା ଦିଶିଲା । ଫିକା ପଡିଆସୁଥିବା ଜହ୍ନ କୁଆଡେ ଉଭେଇ ଗଲେଣି ।

ଆଜି ତିନିଦିନ ରହଣୀର ଶେଷ ଦିନ ।

ବିଦାୟର ଦିନ ।

ପୂଜାରୀପୁଟର ଆଗନ୍ତୁକ ଫେରିଯିବାକୁ ବାହାରିଲେଣି । ପାହାନ୍ତି ପ୍ରହରରୁ ଗାଁ ର ଭୂଆସୁଣୀମାନେ ଗାଧୋଇସାରି ଗ୍ରାମଦେବୀ ପୀଠରେ ପହଂଚିଗଲେ । ଲମ୍ବା ଧାଡିରେ ସଜା ଶାଳପତ୍ର ଉପରେ ନଡ଼ିଆ,କଦଳୀ,ସିନ୍ଦୁର, ଦୁବ, ଅକ୍ଷତ, ଫୁଲ,ଫଳ ଓ ମାଟିର ଛୋଟ ଛୋଟ ଦୀପ ।

ପୂଜାପାଠ ପରେ ପ୍ରୀତି ଭୋଜନ ।

ତା' ପରେ ବିଦାୟର ରୀତି ।

ଗାଁର ସମସ୍ତ ବ୍ୟକ୍ତିବୃନ୍ଦ ଗାଁ ସେମୁଣ୍ଡରେ ଠିଆ ହେଲେ । ସମସ୍ତଙ୍କ ମନରେ ବିଦାୟର ବେଦନା । ଦୁଇ ଗାଁ ର ମୁଖିଆଙ୍କ ନିଝୋଲିଆ ହାତ ଚାରୋଟି କିଛି ସମୟ ପାଇଁ ଛନ୍ଦିହୋଇଗଲେ । ଗମ୍ଭୀର ନୀରବତା । ସେ ନୀରବତା ମଧ୍ୟରେ ଆସନ୍ତା ତିନିବର୍ଷର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସୀମିତ ସମୟ ସମାପ୍ତି ଓ ତତ୍ ଜନିତ ବେଦନାଦୟକ ଅପେକ୍ଷାର ପରିକଳ୍ପନା ।

ଅନ୍ୟମାନେ ନୀରବ ।

କେବଳ ଆଖିରେ ଆଖି ମିଶିଯାଉଥାଏ । ସେ ଆଖି ଦେଖୁଥିଲା ପରିଚୟ, ଅତ୍ମୀୟତା, ଶ୍ରଦ୍ଧା ଓ ବନ୍ଧୁତ୍ୱର ଅପୂର୍ବ ଦୃଶ୍ୟ ।

ପାଞ୍ଚୋଟି ବସ ଅତିଥିମାନଙ୍କୁ ଧରି ପାହାଡିଆ ଅଙ୍କାବଙ୍କା ରାସ୍ତାରେ ଆଗେଇଗଲେ । ରାସ୍ତା ଦୁଇପଟେ ଧାଡି ଧାଡି ସାଳଗଛ ଭିତରେ ସେମାନଙ୍କ ବସ୍ କ୍ରମେ ଛୋଟ ହୋଇଗଲା ।

ରାସ୍ତାର ପୁଳାଏ ଧୂଳି ଜଙ୍ଗଲିଆ କୋହଲା ପବନସହ ଧସେଇ ପଶିଆସି, ପୁରା ଗାଁ ଟାକୁ ଇଷତ୍ ପାଣ୍ଡୁରିଆ ରଙ୍ଗରେ ବୋଳିପକେଇଲା ।

sushant.dash1962@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରିବା ବାଟ

ଅଶୋକ କୁମାର ପାତ୍ର



ତିନିଦିନ ହେଲା ଆକାଶ କାନ୍ଦୁଥିଲା ।

କାହା ପାଇଁ, କେଉଁ ଦୁଃଖରେ—ସେ କଥା ଜଣା ନଥିଲା । କିନ୍ତୁ କାଠମାଣ୍ଡୁର ଆକାଶ ଯେମିତି ନିଜ ଛାତିରେ ଜମିଥିବା ସମସ୍ତ ଅଭିମାନକୁ ବର୍ଷା କରି ପୃଥିବୀ ଉପରେ ଢାଳି ଦେଉଥିଲା ।

ପାହାଡ଼ର ଦେହରୁ ଧୋଇ ଆସୁଥିବା ମାଟି, ଗଳିକନ୍ଦିର ଆବର୍ଜନା, ଛାତରୁ ଖସୁଥିବା ପାଣି—ସବୁ ମିଶି ସହରଟାକୁ ଗୋଟିଏ ଅସ୍ଥିର ସ୍ୱପ୍ନରେ ପରିଣତ କରିଦେଇଥିଲା ।

ବାଗମତୀ ଆଉ ନଦୀ ନଥିଲା ।

ସେ ହୋଇଯାଇଥିଲା ଗୋଟିଏ ଉନ୍ମତ୍ତ ପ୍ରାଣୀ—ଯାହାର ଆଖି ନାହିଁ, କିନ୍ତୁ କ୍ରୋଧ ଅଛି; ଯାହାର ହୃଦୟ ନାହିଁ, କିନ୍ତୁ ଗତି ଅଛି ।

ସେହି ସହରର ଗୋଟିଏ ଅଜଣା, ସଙ୍କୁଚିତ ବସ୍ତିରେ ରହୁଥିଲା ରାଜେଶ ।

ସୁନ୍ଦରଗଡ଼ର ପୁଅ ।

ପେଟର ଭୋକ ମଣିଷକୁ କେତେ ଦୂର ନେଇଯାଇପାରେ, ରାଜେଶ ତାହା ଜାଣିଥିଲା । ନିଜ ଗାଁର ମାଟି ଛାଡ଼ି ସୀମା ପାର ହୋଇ ଏଠାକୁ ଆସିବା ତା'ର ଇଚ୍ଛା ନଥିଲା । କିନ୍ତୁ ଇଚ୍ଛାରେ କେବେ ସଂସାର ଚାଲେ ?

ରାଜମିସ୍ତ୍ରି ହାତ ତା'ର ।

ଦିନସାରା ଅନ୍ୟମାନଙ୍କ ପାଇଁ ଘର ତୋଳୁଥିଲା ସେ—ଇଟା ଉପରେ ଇଟା, ତା' ଉପରେ ସିମେଣ୍ଟ । ଭାବୁଥିଲା, ଦିନେ ନା ଦିନେ ନିଜ ଘରର ଭଙ୍ଗା କାନ୍ଥଟିକୁ ମଧ୍ୟ ଠିକ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବ ।

ତା'ର ମାଆ ସବୁବେଳେ ଫୋନରେ କହୁଥିଲେ—

"ଆଉ ଟିକେ ସାବଧାନରେ ରହିବୁ ।"

ରାଜେଶ ହସି କହୁଥିଲା—

"ତୁ ଚିନ୍ତା କରନି ମାଆ । ମୁଁ ଭଲ ଅଛି ।"

ସେ କେବେ କହିନଥିଲା—ପରଦେଶରେ 'ଭଲ ରହିବା' କେତେ ବଡ଼ ମିଛ ।

ସେହି ରାତିରେ ମଧ୍ୟ ସେ ଶୋଇବା ପୂର୍ବରୁ ମାଆଙ୍କ କଥା ଭାବିଥିଲା ।

ବାହାରେ ବର୍ଷାର ଶବ୍ଦ ଥିଲା ।

ଭିତରେ ଥିଲା ଏକ ଅଜଣା ନିରବତା ।

ରାତି ପ୍ରାୟ ଦୁଇଟା ।

ହଠାତ୍ ପାଦରେ ଥଣ୍ଡା କିଛି ଛୁଇଁଲା ।

ରାଜେଶ ଚମକି ଉଠି ବସିଲା ।

ପାଣି ।

ପ୍ରଥମେ ଗୋଇଠି ଯାଏ ।

ତା'ପରେ ଆଉ ଟିକେ ।

ଚୌକାଠ ଡେଇଁ ପାଣି ଘର ଭିତରକୁ ଆସୁଥିଲା—ଯେମିତି ଦ୍ୱାର ଖୋଲିବାକୁ କାହାର ଅନୁମତି ଦରକାର ନାହିଁ ।

ରାଜେଶ ଦୁଆର ଖୋଲି ବାହାରକୁ ଆସିଲା ।

ଅନ୍ଧାର ।

କିନ୍ତୁ ସେହି ଅନ୍ଧାରଠାରୁ ଅଧିକ ଭୟଙ୍କର ଥିଲା ପାଣିର ଗର୍ଜନ ।

ବସ୍ତିଟା ଯେମିତି ନିଜ ମୂଳରୁ ଉଠାଇ ନିଆଯାଉଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେହି ଚିତ୍କାର କରୁଥିଲା ।

କେହି କାହାକୁ ଡାକୁଥିଲା ।

କେହି ନିଜ ପିଲାକୁ ଛାତିରେ ଜାବୁଡ଼ି ଧରିଥିଲା ।

ଆଉ କେହି ନିଜ ଜୀବନ ବଞ୍ଚାଇବା ପାଇଁ ପଛକୁ ଚାହିଁବାର ସାହସଟିକୁ ମଧ୍ୟ ହରାଇଥିଲା ।

ରାଜେଶ ମଧ୍ୟ ଦୌଡ଼ିପାରିଥାନ୍ତା ।

ନିଜ ଜୀବନ ବଞ୍ଚାଇବାକୁ ।

କିନ୍ତୁ ଠିକ୍ ସେହି ସମୟରେ ଅନ୍ଧାର ଭିତରୁ ଗୋଟିଏ ଶବ୍ଦ ଆସିଲା, “ବଞ୍ଚାଅ... !”

ଅତି କ୍ଷୀଣ ।

ପାଣିର ଗର୍ଜନ ତାକୁ ଗିଳିଦେବାକୁ ଚାହୁଁଥିଲା ।

କିନ୍ତୁ ରାଜେଶ ଶୁଣିଦେଲା ।

ପାଖଘର । ସେଠାରେ ରହୁଥିଲେ ଜଣେ ବୃଦ୍ଧା ଆମା ଓ ତାଙ୍କ ପାଞ୍ଚ ବର୍ଷର ନାତୁଣୀ । ରାଜେଶଙ୍କ ମନେ ପଡ଼ିଲା—ଦୁଇଦିନ ତଳେ ଆମା ତାକୁ ଡାକି ଗରମ ଚା’ ଦେଇଥିଲେ ।

“ବାବୁ, ଦୂର ଦେଶରୁ ଆସିଛୁ । ଚା’ଟା ପିଇଯା ।”

ସେ ଦିନ ରାଜେଶ ହସି କହିଥିଲା, “ଆମା, ମୁଁ ତ ଆପଣଙ୍କ ଦେଶର ନୁହେଁ ।”

ଆମା ମୁରୁକି ହସିଥିଲେ, “ଦୁଃଖର କ’ଣ ଦେଶ ଥାଏ ରେ ବାବୁ ?”

ସେହି ବାକ୍ୟଟି ହଠାତ୍ ରାଜେଶର ମନ ଭିତରେ ଜାଗିଉଠିଲା ।

ସେ ଆଉ ଠିଆ ହୋଇ ରହିଲା ନାହିଁ ।

ପାଣି ଭିତରକୁ ପଶିଗଲା ।

ଘର ଭିତରେ ବୃଦ୍ଧା ଆମା କମ୍ପୁଥିଲେ । ତାଙ୍କ ଛାତିରେ ଲାଗି ରହିଥିଲା ଛୋଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଝିଅଟି । ରାଜେଶକୁ ଦେଖି ଝିଅଟି ହାତ ବଢ଼ାଇଲା, “ଭାଇ...” ।

ଗୋଟିଏ ଶବ୍ଦ । କିନ୍ତୁ ସେହି ଗୋଟିଏ ଶବ୍ଦରେ ଥିଲା ସମସ୍ତ ଭରସା । ରାଜେଶ ଆମାଙ୍କୁ ପିଠିରେ ବାନ୍ଧିଲା । ଝିଅଟିକୁ କାନ୍ଧରେ ବସାଇଲା । ତା’ପରେ ବାହାରକୁ ଆସିଲା । ତିନୋଟି ଶରୀର । ଗୋଟିଏ ଭୟ । ଆଉ ଗୋଟିଏ ଭରସା ।

ସାମ୍ନାରେ ପାହାଡ଼ ଉପରେ ପଶୁପତିନାଥ ମନ୍ଦିରର ପାଚେରି ଦେଖାଯାଉଥିଲା । ସେହି ପାଚେରି ଏବେ ତାଙ୍କ ପାଇଁ କେବଳ ଇଟା-ପଥରର ନିର୍ମାଣ ନଥିଲା । ସେହିଟା ଥିଲା ଜୀବନର ଶେଷ ଆଶା ।

ବାଟରେ ପାଣି ବଢ଼ିଲା ।

କମର ।

ଛାତି ।

ବେକ ।

ସ୍ରୋତ ପାଦତଳର ମାଟିକୁ ଛିଣ୍ଡି ନେଉଥିଲା ।

ଗୋଟିଏ ମୁହୂର୍ତ୍ତରେ ରାଜେଶର ପାଦ ଖସିଗଲା । ସେ ଟଳମଳ ହେଲା । କାନ୍ଧ ଉପରେ ଥିବା ଛୋଟ ଝିଅଟି ହଠାତ୍ ତା’ର ମୁଣ୍ଡକୁ ଜାବୁଡ଼ି ଧରିଲା । “ଭାଇ... ମୋତେ ଛାଡ଼ିବନି ।”

ରାଜେଶର ଛାତି ଭିତରେ କିଛି ଗୋଟାଏ ଭାଙ୍ଗିଗଲା । ତା’ର ମନେ ପଡ଼ିଲା ନିଜ ମାଆ । ସେହି ଗୋଟିଏ କଥା, “ସାବଧାନରେ ରହିବୁ ।”

ହଠାତ୍ ସେ ବୁଝିଲା, କାନ୍ଧ ଉପରେ ବସିଥିବା ଏଇ ଶିଶୁଟି ଏବେ କେବଳ ଜଣେ ଅଜଣା ଝିଅ ନୁହେଁ । ସେ ତା’ର ନିଜ ଭୟ । ତା’ର ନିଜ ଘର । ତା’ର ନିଜ ମାଆଙ୍କ ଆଖିର ଲୁହ । ସେ ଦାନ୍ତ କାମୁଡ଼ି ପୁଣି ଆଗକୁ ବଢ଼ିଲା ।

ପାଣି ତାକୁ ଟାଣୁଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୟ ପଛକୁ ଡାକୁଥିଲା ।

କିନ୍ତୁ କାନ୍ଧ ଉପରର କୁନି ହାତ ଦୁଇଟି ତାକୁ ଆଗକୁ ଟାଣୁଥିଲା ।

କେତେ ସମୟ ପରେ ସେମାନେ ପାଚେରି ନିକଟରେ ପହଞ୍ଚିଲେ, ରାଜେଶ ଜାଣିଲା ନାହିଁ । କେବଳ ଜାଣିଲା— ସେମାନେ ବଞ୍ଚିଗଲେ ।

ସକାଳ ହେଲା ।

ବର୍ଷା ଥମିଯାଇଥିଲା ।

ଆକାଶରେ ଟିକିଏ ନୀଳ ଦେଖାଯାଉଥିଲା ।

କିନ୍ତୁ ତଳେ ଥିବା ବସ୍ତିରେ କୌଣସି ରଙ୍ଗ ନଥିଲା ।

କେବଳ କାଦୁଅ ।

ଭଙ୍ଗା କାନ୍ଥ ।

ଭାସିଯାଇଥିବା ଜିନିଷ ।

ଆଉ ଅନେକ ଅନୁଚ୍ଚରିତ ନିରବତା ।

ରାଜେଶ ଦୀର୍ଘ ସମୟ ତଳକୁ ଚାହିଁ ରହିଲା ।

ଗତକାଲି ଯେଉଁଠି ଲୋକମାନଙ୍କ ଘର ଥିଲା, ଆଜି ସେଠି ନଦୀର ଏକ ଅସ୍ଥାୟୀ ସ୍ମୃତି । ତା'ର ନିଜ ଘର ମଧ୍ୟ ନଥିଲା । ସେହି ଘରେ ଥିବା କିଛି କପଡ଼ା, ଗୋଟିଏ ଛୋଟ ବ୍ୟାଗ, ମାଆ ପଠାଇଥିବା ଶୁଖିଲା ଆଚାର—ସବୁ ବାଗମତୀ ନେଇଯାଇଥିଲା ।

କିନ୍ତୁ ସେ ନିଜେ ବଞ୍ଚିଥିଲା । ଆମା ବଞ୍ଚିଥିଲେ। ଝିଅଟି ବଞ୍ଚିଥିଲା ।

ବୃଦ୍ଧା ଆମା ଧୀରେ ଧୀରେ ତା' ପାଖକୁ ଆସିଲେ ।

ତାଙ୍କ ଆଖିରେ ରାତିର ଭୟ ଥିଲା, କିନ୍ତୁ ତା'ଠାରୁ ଗଭୀର ଥିଲା ମମତା ।

ସେ ରାଜେଶର ହାତ ଧରିଲେ । “ବାବୁ...”

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜେଶ ଚାହିଁଲା, “ଘର ଗଲା ଯାଉ । ମଣିଷ ବଞ୍ଚିଲେ ଘର ପୁଣି ହେବ ।”

ସେ କିଛି କହିଲେ ନାହିଁ ।

କିଛି କ୍ଷଣ ପରେ କେବଳ କହିଲେ, “ଆଜିଠୁ ତୁ ମୋ ପୁଅ ।”

ରାଜେଶ ମୁଣ୍ଡ ନୁଆଇଲା ।

ତା’ର ଆଖିରେ ଜମିଥିବା ଲୁହ ତଳକୁ ଖସିଲା ନାହିଁ ।

ହୁଏତ ସେ ଲୁହ ଆଉ ତା’ର ନିଜର ନଥିଲା ।

କିଛି ଦୂରରେ ସୂର୍ଯ୍ୟ ଉଠୁଥିଲା ।

ପାହାଡ଼ର ଦେହରେ ରାତିର ଅନ୍ଧାର ଧୀରେ ଧୀରେ ହଟୁଥିଲା ।

ରାଜେଶ ମନେ ମନେ ସୁନ୍ଦରଗଡ଼କୁ ଫେରିଗଲା ।

ମାଆଙ୍କ ମୁହଁ ଦେଖିଲା ।

ଘରର ଭଙ୍ଗା କାନ୍ଥ ଦେଖିଲା ।

ବାପାଙ୍କ ଅପେକ୍ଷା ଦେଖିଲା ।

ହଠାତ୍ ତା’ର ମନେ ହେଲା— ମଣିଷ ସବୁବେଳେ ଯେଉଁ ଘରକୁ ଫେରିବାକୁ ଚାହେ, ସେ ଘରଟା ଇଟା-ମାଟିରେ ତିଆରି ନୁହେଁ । ଘର ତିଆରି ହୁଏ କାହାର ଡାକରେ । କାହାର ଅପେକ୍ଷାରେ । କାହାର ହାତର ଉଷ୍ମତାରେ । ଆଉ କେବେ କେବେ, ଜଣେ ସମ୍ପୂର୍ଣ୍ଣ ଅଜଣା ମଣିଷକୁ ନିଜ ଲୋକ କରିନେବାର ସେହି ଅଦୃଶ୍ୟ ସାହସରେ ।

ବାଗମତୀ ଘର ଭାଙ୍ଗିପାରେ ।

କାନ୍ଥ ଭାସାଇ ନେଇପାରେ ।

ସ୍ମୃତିକୁ କାଦୁଅ ତଳେ ପୋତି ଦେଇପାରେ ।

କିନ୍ତୁ ମଣିଷ ଭିତରେ ଥିବା ମଣିଷକୁ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନା ।

ତାକୁ ନଦୀ ଭାସାଇ ନେଇପାରେ ନାହିଁ ।

ବରଂ ପ୍ରଳୟର ଜଳ ଯେତେ ବଢ଼େ, ସେହି ମଣିଷପଣିଆର ହାତଟି ସେତେ ଦୃଢ଼ ହୋଇ ଅନ୍ୟ ହାତକୁ ଧରିନିଏ ।

ରାଜେଶ ଥରେ ପଛକୁ ଚାହିଁଲା ।

ପୁଣି ସାମ୍ନାକୁ ।

ସାମ୍ନାରେ ପାହାଡ଼ ।

ପଛରେ ଭାସିଯାଇଥିବା ଘର ।

ମଝିରେ ଥିଲା ମଣିଷର ହାତ ଧରି ମଣିଷ ପାଖକୁ ଫେରିଆସିବାର ଏକ ସରୁ ବାଟ । ସେହି ବାଟର କୌଣସି ନାମ ନଥିଲା । ତଥାପି ରାଜେଶ ଜାଣିଥିଲା— ସେଇଠି ହିଁ ଘର । ସେଇଠି ହିଁ ଫେରିବା ବାଟ ।

C3M- ୬୩,

ଆରଡିଏ କଲୋନୀ, ଛେଣ୍ଡ, ରାଉରକେଲା

୭୬୯୦୧୫

ମୋବାଇଲ୍ : ୯୪୩୭୩୪୦୯୭୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ଧମୁନିଙ୍କ ଦଶରଥଙ୍କୁ ଅଭିଶାପ

ପୁଷ୍ପଲତା ମିଶ୍ର



ରାମାୟଣ ହେଉଛି ଭାରତୀୟ ସଂସ୍କୃତି ଓ ସାହିତ୍ୟର ଏକ ଅମୂଲ୍ୟ ମହାକାବ୍ୟ । ଏହି ମହାକାବ୍ୟରେ ଅନେକ ମର୍ମସ୍ପର୍ଶୀ ଘଟଣା ବର୍ଣ୍ଣିତ ହୋଇଛି, ସେଥିମଧ୍ୟରୁ ଅନ୍ଧ ମୁନିଙ୍କ ପୁତ୍ର ଶ୍ରବଣ କୁମାରଙ୍କ ମୃତ୍ୟୁ ଏବଂ ତାଙ୍କ ପିତାମାତାଙ୍କ ଦ୍ୱାରା ରାଜା ଦଶରଥଙ୍କୁ ଦିଆଯାଇଥିବା ଅଭିଶାପ ଏକ ହୃଦୟବିଦାରକ ଘଟଣା ଏହି ଘଟଣା ମଣିଷକୁ ନିଜ କର୍ମର ପରିଣାମ ଏବଂ ଭାଗ୍ୟର ଅପରିହାର୍ଯ୍ୟତା ବିଷୟରେ ଶିକ୍ଷା ଦିଏ । ଅଯୋଧ୍ୟାର ରାଜା ଦଶରଥ ଜଣେ ପରାକ୍ରମୀ ଓ ଶବ୍ଦଭେଦୀ ବାଣ ଚାଳନାରେ ନିପୁଣ ଧନୁର୍ଦ୍ଧର ଥିଲେ । ଥରେ ସେ ଶିକାର କରିବା ପାଇଁ ଜଙ୍ଗଲକୁ ଯାଇଥିଲେ । ରାତି ସମୟରେ ନଦୀ କୂଳରୁ ପାଣି ଭରିବାର ଶବ୍ଦ ଶୁଣି ସେ ତାହାକୁ କୌଣସି ଜଙ୍ଗଲୀ ପଶୁର ଶବ୍ଦ ବୋଲି ଭାବିଲେ । ଶବ୍ଦକୁ ଲକ୍ଷ୍ୟ କରି ସେ ଏକ ବାଣ ନିକ୍ଷେପ କଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ସେହି ବାଣଟି ଜଣେ ଯୁବକଙ୍କ ଦେହରେ ବାଜିଲା ସେହି ଯୁବକ ଥିଲେ ଶ୍ରବଣ କୁମାର, ଯିଏ ନିଜର ଅନ୍ଧ ବୃଦ୍ଧ ପିତାମାତାଙ୍କୁ କାନ୍ଧରେ ବସାଇ ତୀର୍ଥଯାତ୍ରା କରାଉଥିଲେ ।

ବାଣ ଆଘାତରେ ମୃତ୍ୟୁଶଯ୍ୟାରେ ପଡ଼ିଥିବା ଶ୍ରବଣ କୁମାର ଦଶରଥଙ୍କୁ ନିଜ ପିତାମାତାଙ୍କ ନିକଟକୁ ଯାଇ ସମସ୍ତ ଘଟଣା ଜଣାଇବାକୁ ଅନୁରୋଧ କଲେ । ଦଶରଥ ନିଜର ଭୁଲ୍ ବୁଝିପାରି ଅନୁତାପ କଲେ ଏବଂ ଶ୍ରବଣଙ୍କ ଅନ୍ଧ ପିତାମାତାଙ୍କ ନିକଟରେ ପହଞ୍ଚି ଦୁଃଖଦ ସମ୍ବାଦ ଦେଲେ । ପୁତ୍ରର ମୃତ୍ୟୁ ଖବର ଶୁଣି ସେମାନେ ଅତ୍ୟନ୍ତ ମର୍ମାହତ ହେଲେ । ସେମାନଙ୍କ ଜୀବନର ଏକମାତ୍ର ଆଶ୍ରୟ ଓ ସାହାରା ଥିଲେ ଶ୍ରବଣ କୁମାର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁତ୍ରଶୋକରେ ଭାଙ୍ଗିପଡ଼ିଥିବା ଅନ୍ଧ ମୁନି ଦଶରଥଙ୍କୁ ଅଭିଶାପ ଦେଇ କହିଲେ ଯେ, ଯେପରି ସେମାନେ ପୁତ୍ରବିଚ୍ଛେଦର ଅସହ୍ୟ ଦୁଃଖ ଭୋଗ କରୁଛନ୍ତି, ସେହିପରି ଦଶରଥ ମଧ୍ୟ ଦିନେ ନିଜ ପୁତ୍ରଙ୍କ ବିଚ୍ଛେଦରେ ଦୁଃଖ ପାଇବେ ଏବଂ ସେହି ଶୋକରେ ତାଙ୍କର ମୃତ୍ୟୁ ହେବ । ଏହି ଅଭିଶାପ ଦଶରଥଙ୍କ ଜୀବନରେ ଭବିଷ୍ୟତର ଏକ ଦୁଃଖଦ ଘଟଣାର ସୂଚନା ଦେଇଥିଲା ।

ପରବର୍ତ୍ତୀ ସମୟରେ ଏହି ଅଭିଶାପର ପରିଣାମ ସ୍ପଷ୍ଟ ହୋଇଥିଲା । ରାଣୀ କୈକେୟୀଙ୍କ ବରଦାନ ଦାବି ଯୋଗୁଁ ରାମଚନ୍ଦ୍ରଙ୍କୁ ଚଉଦ ବର୍ଷ ପାଇଁ ବନବାସ ଯିବାକୁ ପଡ଼ିଲା । ପ୍ରିୟ ପୁତ୍ର ରାମଙ୍କ ବିଚ୍ଛେଦକୁ ଦଶରଥ ସହ୍ୟ କରିପାରିଲେ ନାହିଁ । ରାମଙ୍କୁ ମନେ ପକାଇ ପକାଇ ସେ ଶେଷରେ ପ୍ରାଣତ୍ୟାଗ କଲେ । ଏହିପରି ଭାବରେ ଅନ୍ଧ ମୁନିଙ୍କ ଅଭିଶାପ ସତ୍ୟରେ ପରିଣତ ହେଲା ।

ପରିଶେଷରେ କୁହାଯାଇପାରେ ଯେ, ଅନ୍ଧ ମୁନିଙ୍କ ଅଭିଶାପର ପରିଣାମ କେବଳ ଦଶରଥଙ୍କ ମୃତ୍ୟୁରେ ସୀମିତ ନଥିଲା; ଏହା ରାମାୟଣର କାହାଣୀକୁ ମଧ୍ୟ ଏକ ଗଭୀର ମାନବୀୟ ଦୁଃଖରେ ପରିପୂର୍ଣ୍ଣ କରିଥିଲା । ଏହି ଘଟଣା ଆମକୁ ଶିକ୍ଷା ଦିଏ ଯେ, କୌଣସି କାର୍ଯ୍ୟ କରିବା ପୂର୍ବରୁ ଭଲଭାବେ ବିଚାର କରିବା ଉଚିତ । ଅସାବଧାନତାରେ କରାଯାଇଥିବା ଭୁଲ୍ ମଧ୍ୟ ଅନ୍ୟର ଜୀବନରେ ଅପୂରଣୀୟ କ୍ଷତି ଘଟାଇପାରେ । ତେଣୁ ମଣିଷ ସର୍ବଦା ସତର୍କତା, ବିବେକ ଓ ଦାୟିତ୍ୱବୋଧର ସହିତ କାର୍ଯ୍ୟ କରିବା ଉଚିତ ।

ଭୁବନେଶ୍ୱର
୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦର୍ଶନ ହେଲା କିନ୍ତୁ ଅନୁଭବ ନୁହେଁ

ରତି ରଞ୍ଜନ ମହାପାତ୍ର



ଭାଦ୍ରର ବିଦାୟ ସହ ଫୁଟି ଉଠିଛି କାଶତଣ୍ଡୀ ସନ୍ଧ୍ୟା ଆକାଶରେ ଅସ୍ତକାଳିନ ଆକାଶର ଲାଲିମା ଛାଇ ଯାଇଛି ଯେମିତି ମାଆଙ୍କ ସିନ୍ଥିରେ ସିନ୍ଦୂର ଲାଗିଛି ଆଉ ପ୍ରକୃତି ମଧ୍ୟ ସୂଚାଇ ଦେଉଛି ଆଶ୍ୱିନର ଆଗମନର । ଶରତ କାଳୀନ ନିର୍ମଳ ଗଗନ ତଳେ ପ୍ରକୃତି ଯେପରି ସାଜି ଉଠୁଛି ଏକ ନବ ବଧୂ ଭଳି ଆଉ ମୃଦୁ ମଳୟରେ ଭାସି ଆସୁଛି ପାର୍ବଣର ମହକ ଆଉ କିଛି ଦିନ ପରେ ଶାରଦୀୟ ନବରାତ୍ର ।

ରାଇଜ ଯାକ ସବୁ ଶକ୍ତି ପୀଠ ଚଳଚଞ୍ଚଳ ଆଉ ସବୁ ମଣ୍ଡପରେ ମୂର୍ତ୍ତିକାର ମଧ୍ୟ ମାଆଙ୍କର ରୂପ ଲାବଣ୍ୟ ସହ ପ୍ରତିମା ନିର୍ମାଣରେ ବ୍ୟସ୍ତ ତ କେଉଁଠି ତୋରଣ ବନ୍ଧା ଚାଲିଛି ତ କେଉଁଠି ପବିତ୍ର ମହାଳୟାର ପିତୃପକ୍ଷ ଶ୍ରାଦ୍ଧ ପୁଣ୍ୟ ସ୍ଥଳୀରେ ।

ଏଇ ମଧ୍ୟରେ ଷୋଳ ପୂଜା, ନବରାତ୍ରର ଆଗମନ ସହିତ ଶାରଦୀୟ ଉତ୍ସବର ରଙ୍ଗ ଆହୁରି ଗାଢ଼ ହୋଇଉଠେ । ମାଆଙ୍କ ଆଗମନ ପାଇଁ ସମସ୍ତେ ଅପେକ୍ଷାରତ । କିନ୍ତୁ ଅପେକ୍ଷା କେଉଁଥି ପାଇଁ ଷ୍ଟୋରୀ ଷ୍ଟାଟସ୍ ଦେଇ ଜୟ ମା ଦୁର୍ଗା ଲେଖିବା ପାଇଁ ଅଥବା ମଣ୍ଡପ ବୁଲି ଭଲ ମୂର୍ତ୍ତି ଦେଖି ଫଟୋ ଷ୍ଟାଟସ୍ ଦେବା ଲାଗି । ଏହି ସବୁ ମଧ୍ୟରେ ଆମ ସ୍ମୃତି ମଧ୍ୟ ଧୂମିଳ ହୋଇ ଉଠେ ଆଉ ଆମେ ମଧ୍ୟ ଭୁଲି ଯାଉ କି ପର୍ବ କେବଳ ଫଟୋ ଷ୍ଟାଟସ୍ ଷ୍ଟୋରୀ ରେ ନୁହଁ ବରଂ ଦିବ୍ୟତାର ଅନୁଭବ କରିବା ପାଇଁ ।

ଠିକ୍ ଏମିତି ଗୋଟିଏ ଯୁବକ ପିୟୁଷ । ଜାତି ଶ୍ରେଷ୍ଠ ବ୍ରାହ୍ମଣ, ପିତା ରଘୁ ପଣ୍ଡିତେ ତାଙ୍କ ବେଉସା ପୂଜା ପୂଜି କରନ୍ତି । ପିୟୁଷ ମଧ୍ୟ ପିତାଙ୍କ ଠାରୁ ପାରିବାରିକ ବେଉସା କିଛି ମାତ୍ରାରେ ଶିଖିଛି କିନ୍ତୁ ପିୟୁଷର ପୂଜା ପୂଜି ଠାରୁ ଅଧିକ ରୁଚି ପୂଜା କରି ତାର

Listen to Odia Podcast Original at https://youtube.com/@drjyotiprasad

ଷ୍ଟାଟସ୍ ଷ୍ଟୋରୀ ଦେବା । ଇତି ମଧ୍ୟରେ ଷୋଳ ପୂଜା ଆରମ୍ଭ ହୋଇ ଶାରଦୀୟ ନବରାତ୍ର ଓ ତପ ଷଷ୍ଠୀ ପ୍ରାରମ୍ଭ । ପିତାଙ୍କ ଏକା ଜିଦି ଏଥର ପିୟୁଷ ଯିବ ତାଙ୍କ ସହ ଦୂର୍ଗା ପୂଜା ଶିଖିବ କିନ୍ତୁ ପିୟୁଷର ମନ ଅସ୍ଥିର ଦୁର୍ଗା ପୂଜା କେତେ କାମ ଫୋନ ଦେଖିବ କିପରି କିନ୍ତୁ ପିତାଙ୍କ ଜିଦ୍ ଆଗରେ ହାର୍ ମାନି ଶେଷରେ ଯାଇଛି ସେ ।

ମଣ୍ଡପରେ ପହଞ୍ଚିଲେ ପିୟୁଷ ଆଉ ରଘୁ ପଣ୍ଡିତେ । ପହଞ୍ଚୁ ପହଞ୍ଚୁ ନିଜ ପ୍ରିୟ ସାଥୀକୁ ନଭୁଲି କାଢ଼ିଲା ଆଉ କହିଲା ବାପା ମାଆଙ୍କର ଗୋଟିଏ ଫଟୋ ନେଇପାରିବି ? ପୁଅର ଉତ୍ସାହ ଦେଖି ରଘୁ ପଣ୍ଡିତେ କହିଲେ ହଁ ନେ କିନ୍ତୁ ମାଆଙ୍କୁ ପ୍ରଣାମ କରି ମାଆଙ୍କୁ ଦର୍ଶନ କରି ତାପରେ ନେ । ପ୍ରଣାମ କରି ସାରି ଫୋନରେ ଗୋଟେ ସିନେମାଟିକ ଭିଡିଓ କରି ଦୁଇ ଚାରିଟା ଫଟୋ ଉଠାଇ ଭଲ ଭଜନ ଦେଇ ପୋଷ୍ଟ କରିଦେଲା ସେ କିଛି ସମୟ ପରେ ପୋଷ୍ଟରେ ଲାଇକ ଆଉ ସେୟାର ସହ ଭ୍ୟୁ ସବୁ ଦେଖି ଖୁସିରେ ଆହ୍ଲାଦିତ ହୋଇ ଉଠେ ପିୟୁଷ । ଦୂରରୁ ସବୁ ଦେଖୁଥିଲେ ପଣ୍ଡିତେ । ମନେ ମନେ ମାଆଙ୍କୁ କହିଲେ ମାଆଲୋ ମୋ ପୁଅକୁ ବୁଦ୍ଧି ଦେ ଭ୍ରମ ଜଗତରୁ ଆଣି ବାସ୍ତବିକ ଜୀବନରେ ବଞ୍ଚିବା ଶିଖେଇଦେ । ଇତି ମଧ୍ୟରେ ଦିନ ବଢ଼ିବା ସହ ପୂଜାର କାମ ମଧ୍ୟ ବଢ଼ିଲା । ପିତା ପିୟୁଷକୁ ଦୁର୍ଗା ପୂଜାର ସବୁ ମନ୍ତ୍ର, ପୂଜାର କ୍ରମ, ସାମଗ୍ରୀର ମହତ୍ତ୍ୱ ସବୁ ବୁଝାଉଥିଲେ ।

କିନ୍ତୁ ପିୟୁଷର ମନ ? ସେ ଅଧା ପିତାଙ୍କ କଥା ଶୁଣୁଥିଲା, ଅଧା ମୋବାଇଲ୍‌ର ସ୍କ୍ରିନ୍ ଦେଖୁଥିଲା । କେତେବେଳେ ଷ୍ଟୋରୀର କିଏ ଲାଇକ କଲା, କିଏ କମେଣ୍ଟ କଲା ସେହି ଚିନ୍ତା । ହଠାତ୍ ଜଣେ ଛୋଟ ପିଲା ପିୟୁଷ ପାଖକୁ ଆସି ପଚାରିଲା, ଭାଇ, ମାଆ ଦୁର୍ଗାଙ୍କୁ ଏତେ ଅସ୍ତ୍ର କାହିଁକି ଦେଇଛନ୍ତି ? ଆଉ ପିୟୁଷ କିଛି କହିବା ପୂର୍ବରୁ ପିତା କହିଲେ, ଅନ୍ୟାୟ ବିରୋଧରେ ଲଢ଼ିବା ପାଇଁ । ମାଆଙ୍କ ପ୍ରତ୍ୟେକ ଅସ୍ତ୍ରର ଗୋଟିଏ ଅର୍ଥ ଅଛି ।

ପିଲାଟି ଆଶ୍ଚର୍ଯ୍ୟରେ ପୁଣି ପଚାରିଲା, ତାହେଲେ ମାଆ ଆମକୁ କ'ଣ ଶିଖାନ୍ତି ? ପିତା ପିୟୁଷ ଆଡ଼କୁ ଚାହିଁ କହିଲେ, ସତ୍ୟ ପାଇଁ ଠିଆ ହେବାକୁ... ଆଉ ନିଜ ଭିତରର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ଧକାର ସହ ଲଢ଼ିବାକୁ । ପିୟୁଷ ଏଥର ମୋବାଇଲ୍‌ରୁ ଆଖି ଉଠାଇଲା ।

ପ୍ରଥମଥର ପାଇଁ ତା'ର ମନରେ ଗୋଟିଏ ପ୍ରଶ୍ନ ଜନ୍ମ ନେଲା ।

ମୁଁ ମାଆଙ୍କୁ କେବଳ ଫଟୋରେ ରଖୁଚି ନା ତାଙ୍କଠାରୁ କିଛି ଶିଖୁଛି ? ସେତେବେଳେ ଏହା ଭାବି ସେ ଚାଲିଗଲା । ଦୁର୍ଗା ପୂଜା ଶେଷ ଦିନ ପୂଜା ଶେଷ ହେବାକୁ ଆଉ ଅଳ୍ପ ସମୟ ପୂର୍ଣ୍ଣାହୁତି ଆରମ୍ଭ ଇତି ମଧ୍ୟରେ ପିୟୁଷ ଧୀରେ ଧୀରେ ଫୋନରୁ ବାହାରି ପୂଜାରେ ଧ୍ୟାନ ଦେଇଥାଏ । ହଟାତ୍ ତାର ଧ୍ୟାନ ମାଆଙ୍କ ଚକ୍ଷୁ ସହ ସମାନ୍ତରାଳ ହୋଇଗଲା କିଛି ସମୟ ଦେଖିବା ପରେ ଭାବ ବିହ୍ୱଳିତ ହୋଇ ଉଠେ ପିୟୁଷ । ଇତି ମଧ୍ୟରେ ପିୟୁଷ ଆଖି ଆଗରେ ଭାସି ଆସେ ଦିବ୍ୟ ପ୍ରକାଶ ସେହି ପ୍ରକାଶ ମଧ୍ୟରୁ ଜଣେ ଦେବୀ ସିଂହ ବାହନରେ ଆରୂଢ ହୋଇ ଉଭା ହେଲେ ତା ସମ୍ମୁଖରେ । ପିୟୁଷ ପ୍ରଶ୍ନ କଲା, ହେ ଦେବୀ କିଏ ଆପଣ କଣ ଆପଣ ମା ଶଚି ଦେବେନ୍ଦ୍ରଙ୍କ ପତ୍ନୀ ? ନା ଧନପ୍ରଦାୟିନୀ ମା ଲକ୍ଷ୍ମୀ ? ନା ବିଦ୍ୟାଦାତ୍ରୀ ସରସ୍ୱତୀ ? ନା କେଉଁ ଗନ୍ଧର୍ବ ଅଥବା ଅପସରି ? ଅଥବା ସୃଷ୍ଟିର ସର୍ବୋଚ୍ଚ ନାରୀ ଶକ୍ତି ? କିଏ ଆପଣ ?

ଦିବ୍ୟ ଅସ୍ତ୍ର ପରିଗୃହିତ ସିଂହରୁଢ଼ା ଦେବୀ ଉତ୍ତର ଦେଲେ ମୁଁ ଦୁର୍ଗା, ସମସ୍ତ ଦୁର୍ଗମ ଏବଂ ଦୁରିତ କ୍ଷୟକାରି । ଏହା ଶୁଣି ପାଦ ତଳୁ ମାଟି ଖସିଗଲା ତାର କ୍ଷମା ପ୍ରାର୍ଥନା କରିଛି ସେ ଓ କିଛି ସମୟ ପରେ କହି ଉଠେ ହେ ମାଆ କାହିଁ କେଉଁ ମୁନି ଋଷି ତୋର ଦର୍ଶନ ଅଭିଲାଷୀ ମୁଁ ତ କେବେ ତୋର ଭକ୍ତି ମଧ୍ୟ କରିନାହିଁ କି ତୋର ମନସା ଚିନ୍ତନ ମଧ୍ୟ କରି ନାହିଁ ତେବେ ଯେଉଁ ଦର୍ଶନ ଦିବ୍ୟ ବିଭୂତିଙ୍କୁ ଅଗୋଚର ମୋତେ କାଇଁକି ମିଳିଲା ମାଆ ?

ମାଆ କହିଲେ ପୁଅ ତୁ ମୋର ଚିନ୍ତନ ଧ୍ୟାନ ଜପ କରି ନ ପାରୁ କିନ୍ତୁ ଏହି କ୍ଷଣକ ମଧ୍ୟରେ ତୁ ଯେପରି ମୋତେ ତୋର ଚକ୍ଷୁରେ ଦେଖିଲୁ ସେ ଭକ୍ତି ମୋତେ ତୃପ୍ତ କଲା ଓ ମୁଁ ଧାଇଁ ଆସିଲି ମୋର ବିଗିଡ଼ି ଯାଇଥିବା ପୁଅକୁ ସଠିକ୍ ମାର୍ଗକୁ ଅଗ୍ରସର କରିବାକୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇତି ମଧ୍ୟରେ ମାଆଙ୍କର ଅପରାଜିତା ହୋମ ସହ କଳସ ବିସର୍ଜନ ହୋଇଛି ଓ ଧୂମିଳ ହୋଇ ଉଠେ ପିୟୁଷର ଅନ୍ତଦୃଷ୍ଟି ଅନ୍ତର୍ଦ୍ଧାନ ହୋଇଗଲେ ମଆ ଓ ବାହାରର ଘଣ୍ଟା ଓ ମାଦଳ ନାଦରେ ବାହ୍ୟ ଜଗତକୁ ଆସିଛି । ମାଆଙ୍କୁ ପ୍ରଣାମ କରିଛି ଆଉ ଶପଥ ନେଇଛି ସେ ଜୀବନରେ ଆଉ କେବେ ଫୋନରେ ବେଶୀ ସମୟ ରହିବ ନାହିଁ । ଆଉ କ୍ଷମା ମାଗିଛି ରଘୁ ପଣ୍ଡିତଙ୍କୁ ।

ଶିକ୍ଷା: ପର୍ବ କେବଳ ଫଟୋ, ଷ୍ଟାଟସ୍ ଓ ଷ୍ଟୋରୀ ପାଇଁ ନୁହେଁ; ଏହାର ଦିବ୍ୟତାକୁ ଅନୁଭବ କରିବା ସହ ସତ୍ୟ ଓ ଧର୍ମର ପଥରେ ଚାଲିବା ହିଁ ପ୍ରକୃତ ଭକ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଳ୍ପ ଗଳ୍ପ

ଡଃ ଆଲୋକ କୁମାର ରାୟ



ଆଚ୍ଛା ଜୟଦେବ କହିଲୁ ? ମୁଁ କାହିଁ ଠିକରେ ବୁଝିପାରୁନାହିଁ । ଆରେ ଏ ଯେଉଁ regime change କଣ ?

ଜୟଦେବ - ହଁରେ ଆଜି କାଲି ଏଇ ରିଜିମ୍ ଚେଞ୍ଜ କଥା ବେଶୀ ବେଶୀ ଆଲୋଚିତ ହେଉଛି । ଦେଖୁନୁ ଆମ ଦେଶରେ ବିଭିନ୍ନ ଗୋଷ୍ଠିର ରାଜନେତା ଓ ଯୁବ ଗୋଷ୍ଠିର ଆଗ ଧାଡ଼ିରେ ଥିବ ।

ପ୍ରତିକ୍ରୀୟାଶିଳ ଯୁବ କର୍ମୀ ବା Gen Z କେମିତି କଥା କଥାକେ ଯେଉଁ କଥାକୁ ନେଇ ସରକାରଙ୍କୁ ଘେରିଲେ ମଧ୍ୟ ଶେଷରେ ସେଇ ରିଜିମ ଚେଞ୍ଜ କଥାରେ ହିଁ କଥା ଅଟକୁଛି । ବିଦେଶର କେତେକ ଉନ୍ନତ ଦେଶରେ ମଧ୍ୟ ସେଇ ଏକା କଥା । ସବୁଠି ଆନ୍ଦୋଳନ, ପ୍ରତିବାଦ, ରଣ ହୁଙ୍କାର, ଭଙ୍ଗା ରୁଜା, ପୋଡ଼ା ଜଳା ଓ କ୍ଷମତାସୀନ ସରକାରଂକ ସହ ବଳ କଷାକଷି । ସଂଗଠିତ ଅସନ୍ତୋଷ ପ୍ରକାଶିତ ହେଉଛି ଗଣତାନ୍ତ୍ରିକ ଉପାୟରେ, ମାତ୍ର ଅଳ୍ପ ସମୟ ବ୍ୟବଧାନରେ ହିଂସାକୁ ପାଥେୟ କରି ତାହା ଅଗ୍ରସର ହେଉଛି । ଏହାକୁ କେତେକ ବିଦ୍ୱାନ ବ୍ୟକ୍ତି ଆରବ କ୍ରାନ୍ତିର ସମ୍ପ୍ରସାରଣ କହୁଛନ୍ତି । ମାତ୍ର ଆରବ କ୍ରାନ୍ତି ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ ପାଇଁ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏ ଯେଉଁ ଆନ୍ଦୋଳନ ତାହା ଦରଦାମ୍ ବୃଦ୍ଧି, ବେରୋଜଗର, ଟିକସ ହାର ବୃଦ୍ଧି, ଛଟେଇ, ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥା ଆଦି ମୌଳିକ ସମସ୍ୟାଗୁଡିକର ସମାଧାନ ପାଇଁ ଉଦ୍ଦିଷ୍ଟ । ଆମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଶରେ ଯେଉଁ ଆନ୍ଦୋଳନ ବିଭିନ୍ନ ଯାଗାରେ ଓ ମୁଖ୍ୟତଃ ନୂଆ ଦିଲ୍ଲୀରେ ଦେଖିବାକୁ ମିଳୁଛି ତାହାର ମୂଳରେ ରହିଛି ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର, ସରକାରୀ ଚାକିରୀ ପାଇଁ ନିଯୁକ୍ତି ଓ ବୈଷୟିକ ଶିକ୍ଷାରେ ଯୋଗଦାନ ପ୍ରବେଶ ପାଇଁ ହେଉଥିବା ପ୍ରତିଯୋଗିତା ପରୀକ୍ଷାର ଅବ୍ୟବସ୍ଥା ବିରୋଧରେ । ତେବେ ବିଦେଶରେ ଓ ଆମ ଦେଶରେ ଏଇ ପରିପ୍ରେକ୍ଷୀରେ ରିଜିମ୍ ଚେଞ୍ଜ କଥା ମଧ୍ୟ ଶୁଣିବାକୁ ମିଳୁଛି ।

--- ତୁ ଖାଲି କଥାକୁ ଟାଣି ଓଟାରୀ ଲମ୍ବାଇ ଚାଲିଛୁ । ଆରେ ମୂଳ ପ୍ରସଙ୍ଗ ରିଜିମ୍ ଚେଞ୍ଜ ବିଷୟରେ କହ ?

ଜୟଦେବ - ତେବେ ଶୁଣ । ସାର୍ କହୁଥିଲେ ଆମ ପରି ଗଣତନ୍ତ୍ର ଶାସନ ଥିବା ଦେଶରେ ନିର୍ବାଚନ ମାଧ୍ୟମରେ ରିଜିମ୍ ଚେଞ୍ଜ ବା ଶାସନ କ୍ଷେତ୍ରରେ ପୁଣି ସରକାରୀ ସ୍ତରରେ ପରିବର୍ତ୍ତନ ହୁଏ । ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଯେଉଁ ନିର୍ବାଚନ ଆମ ପରି ଗଣତାନ୍ତ୍ରିକ ଦେଶରେ ଅନୁଷ୍ଠିତ ହୁଏ ତାହାର ଫଳ ସ୍ୱରୂପ ଲୋକମାନଂକ ଭୋଟ ମାଧ୍ୟମରେ ପୁନଃ ସରକାର ଗଠିତ ହୁଏ । ଏହାକୁ ରିଜିମ୍ ଚେଞ୍ଜ ବା ଶାସନରେ ପରିବର୍ତ୍ତନ କୁହାଯାଏ ।

----- ତେବେ ଏ ଯେଉଁ ଆନ୍ଦୋଳନ ଆମ ଦେଶରେ ମୁଖ୍ୟତଃ ଯୁବ ବର୍ଗର ଲୋକଙ୍କ ଦ୍ୱାରା Gen Z ପରିଚାଳିତ ହେଉଛି, ସେଠି ଏଇ ରିଜିମ୍ ଚେଞ୍ଜ କଥା କାହିଁକି ଉଠୁଛି ? ଆମ ଦେଶରେ ଓ ଅଧିକାଂଶ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ତ ଢେର୍ ସମୟ ବାକି ଅଛି !

ଜୟଦେବ - ଏମାନେ ସବୁ ଜାଣି ବି ଅଜଣା ଚାଉଳ ଭାତ ଖାଉଛନ୍ତି । ଲୋକମତକୁ ଗଠନ ମୂଳକ ରୂପେ ପରିଚାଳିତ ନକରାଯାଇ ଲୋକଙ୍କୁ ଭ୍ରମିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଯାଉଛି । ଯୁବ ବର୍ଗ ଲୋକଙ୍କ Gen Z କାନ୍ଧରେ ବନ୍ଧୁକ ରଖି କେତେକ ରାଜନେତା ନିଜ ରାଜନୀତି ଗୋଟି ଚାଳନାରେ ବ୍ୟସ୍ତ । ଏଥିରେ ସରକାର°କ ଉପରେ ବିଶେଷ କିଛି ପ୍ରଭାବ ପଡ଼ିବ ନାହିଁ । ଆମ ଦେଶରେ ଭୋଟର ହୁଡ଼ିଲେ ପାଞ୍ଚ ବରଷ ଜାଣିଥା ।

---- ହଁ ରେ, ଏବେ କଥାଟି ବୁଝାପଡ଼ିଲା । ଗାଁରେ ଯେମିତି କିଛି ସ୍ତ୍ରୀଲୋକ କଣ୍ଠା ବାଡ଼ରେ ଲୁଗା ପକାଇ କଳି କରନ୍ତି , ଏଠି ସେମିତି କିଛି ଉଚ୍ଚାଭିଳାଷି ରାଜ ନେତା ନିଜର ରାଜନୀତିକ ଲଞ୍ଚିଂ ପ୍ୟାଡ ଖୋଜିବାରେ ବ୍ୟସ୍ତ ।।

ଶହୀଦ ନଗର, ଭୁବନେଶ୍ୱର

ମୋ:୯୪୩୭୦୬୮୦୦୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବରରୁଚିଙ୍କ ପ୍ରାପ୍ୟ

ସୁଧାଂଶୁ ଶେଖର ଦ୍ୱିବେଦୀ



ସେ ସମୟରେ ପାଟଳିପୁତ୍ରରେ ନନ୍ଦ ବଂଶର ରାଜା ନବମ ନନ୍ଦ ରାଜ୍ୟ ଶାସନ କରୁଥାନ୍ତି । ତାଙ୍କ ପ୍ରଧାନମନ୍ତ୍ରୀ ଶ୍ରୀବସୁ ଅତି ଚତୁର । ତା'ଛଡା ରାଜାଙ୍କ ରାଜ୍ୟରେ ବରରୁଚିଙ୍କ ଭଳି ମହାନ ଜ୍ଞାନୀ ପ୍ରକାଣ୍ଡ ପଣ୍ଡିତ ରହୁଥାନ୍ତି ।

ରାଜା ନବମ ନନ୍ଦ ଜ୍ଞାନୀ ଓ ବିଦ୍ୱାନମାନଙ୍କୁ ପ୍ରତିଦିନ ମାନ ସମ୍ମାନର ସହିତ ଉପହାର ପୁରସ୍କାର ଆଦି ପ୍ରଦାନ କରନ୍ତି । ବରରୁଚି ରାଜ ଦରବାରକୁ ଆସି ସମୟେ ସମୟେ ନୂଆ ସଂସ୍କୃତ ଶ୍ଲୋକ ରାଜାଙ୍କ ସମ୍ମୁଖରେ ଆବୃତ୍ତି କରନ୍ତି । ରାଜା ବରରୁଚିଙ୍କ କଣ୍ଠରୁ ଶ୍ଲୋକ ଶୁଣି ଖୁସି ହୁଅନ୍ତି ତଥା ମହାମନ୍ତ୍ରୀ ଶ୍ରୀବସୁଙ୍କୁ ଇଶାରାରେ ଦେଖନ୍ତି । ମହାମନ୍ତ୍ରୀ ଶ୍ରୀବସୁ ରାଜାଙ୍କ ଇଶାରାରେ ବିଚଳିତ ନହୋଇ ବିପରୀତ ପରିସ୍ଥିତି ସୃଷ୍ଟି କରି ଇଶାରା ଦ୍ୱାରା ଜଣାଇ ଦିଅନ୍ତି ବରରୁଚି କୌଣସି ଦାନ ଦକ୍ଷିଣା ପାଇବା ପାଇଁ ଯୋଗ୍ୟ ନୁହନ୍ତି । କେତେଥର ଏଭଳି ହେବାପରେ ବରରୁଚି ବୁଝିପାରିଲେ ରାଜା କିଛି ଦେବାକୁ ଚାହୁଁଛନ୍ତି ଅଥଚ ମନ୍ତ୍ରୀ ଶ୍ରୀବସୁ ବାଧା ସୃଷ୍ଟି କରୁଛନ୍ତି । ଏଭଳି ଘଟଣାର ସମାଧାନ ପାଇଁ ଦିନେ ସେ ଶ୍ରୀବସୁଙ୍କ ଘରେ ପହଞ୍ଚିଲେ । ମନ୍ତ୍ରୀ ରାଜ ଉଆସରୁ ଫେରି ନଥାନ୍ତି । ତାଙ୍କ ପତ୍ନୀଙ୍କୁ ସାକ୍ଷାତ୍ କରି ସମସ୍ତ କଥା ଜଣାଇଲେ । ଶ୍ରୀବସୁଙ୍କ ପତ୍ନୀ ବରରୁଚିଙ୍କ ବିଜ୍ଞତାରେ ପ୍ରଭାବିତ ହୋଇ ସହାୟତା କରିବାକୁ କଥା ଦେଲେ ।

ଅବସର ପାଇ ଦିନେ ଶ୍ରୀବସୁଙ୍କ ପତ୍ନୀ ସ୍ୱାମୀଙ୍କୁ ପଚାରିଲେ, "ତୁମେ ଜଣେ ଏତେ ବଡ଼ ଜ୍ଞାନୀ ବରରୁଚିଙ୍କୁ କଣ ପାଇଁ ପ୍ରଶଂସା କରିବାରେ ଅବହେଳା କରୁଛ ?"

ଶ୍ରୀବସୁ କହିଲେ, "ଯାହାକୁ ତାହାକୁ ଜ୍ଞାନୀ ଗଣରେ ଗଣନା କରିବା ଉଚିତ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୁହେଁ ।”

ପତ୍ନୀ ପୁଣି କହିଲେ, “ତୁମ ପ୍ରଶଂସାରେ ତାଙ୍କୁ କିଛି ପୁରସ୍କାର ମିଳିଯିବ । ଏଥିରେ ତୁମର ଅସୁବିଧା କଣ ଅଛି ?”

ପତ୍ନୀ ବାରମ୍ବାର ଜିଦ୍ କରିବାରୁ ମହାମନ୍ତ୍ରୀ ଶ୍ରୀବତ୍ସ ଦିନେ ବରରୁଚିଙ୍କ ଶ୍ଲୋକର ପ୍ରଶଂସା କରିଲେ । ତାଙ୍କ ପ୍ରଶଂସାରେ ମୁଗ୍ଧ ହୋଇ ରାଜା ବରରୁଚିଙ୍କୁ ପୁରସ୍କାର ପ୍ରଦାନ କଲେ ।

ଶ୍ରୀବତ୍ସ ଭଲା ଏସବୁ କେମିତି ସହ୍ୟ କରିଥାନ୍ତେ ! ସେ ଅନୁମାନ କଲେ ଏଭଳି ହେଲେ ବରରୁଚି ଦିନେନା ଦିନେ ରାଜାଙ୍କର ଅତି ନିକଟବର୍ତ୍ତୀ ହୋଇଯିବ । ସେଥିପାଇଁ ସେ ଏକ ଯୋଜନା ପ୍ରସ୍ତୁତ କରି ତା ପରଦିନ ବରରୁଚିଙ୍କ ଶ୍ଲୋକ ଶୁଣି ରାଜାଙ୍କୁ କହିଲେ- ମହାରାଜ ! ଏଭଳି ଶ୍ଲୋକ ତ ଆପଣ ତାଙ୍କ ଠାରୁ ପୂର୍ବରୁ ଶୁଣିଛନ୍ତି । ବରରୁଚି ସେଇ ପୁରୁଣା ଶ୍ଲୋକକୁ ଶୁଣେଇ ପୁରସ୍କାର ନେବାରେ ଲାଗିଛନ୍ତି ।

ଏହା ଜାଣି ରାଜା ବରରୁଚିଙ୍କୁ ଅପମାନିତ କରି ଦରବାରରୁ ବିତାଡ଼ିତ କରିଦେଲେ । ତା ପରଠାରୁ ସେ ଆଉ ରାଜାଙ୍କ ଦରବାରକୁ ଯାଇ ପାରିଲେ ନାହିଁ । ଶ୍ରୀବତ୍ସଙ୍କ କପଟତାକୁ ଜାଣି ସେ ବି ଏକ ଯୋଜନାରେ ଉପନୀତ ହେଲେ । ଗଙ୍ଗା ତଟ ନିକଟରେ ଏକ ବଡ ଗର୍ତ୍ତ କରି ତା ଭିତରେ ଯନ୍ତ୍ରଟିଏ ଖଞ୍ଜି ସେଥିରେ କିଛି ସୁନା ମୋହର ରଖିଦେଲେ । ତାପରେ ଗଙ୍ଗା ତଟରେ ଛିଡ଼ାହୋଇ ଶ୍ଲୋକ ଆବୃତ୍ତି କରିବା ସହିତ ଯନ୍ତ୍ରକୁ ଗୋଡ଼ରେ ଚାପ୍ ଦେଇ ସୁନା ମୋହର ବାହାର କଲେ । ସୁନା ମୋହରକୁ ଦେଖି ନିଜେ ନିଜେ କହିହେଲେ, “ରାଜା ନଦେଲେ ନାହିଁ ଗଙ୍ଗା ମା' ତ ପ୍ରସନ୍ନ ହୋଇ ସୁନା ମୋହର ଦେଉଛନ୍ତି ।”

ଦିନ ପ୍ରତିଦିନ ଏମିତି ଚାଲିଲା । ଏଭଳି ବିଚିତ୍ର କଥା ଦିନେ ରାଜାଙ୍କ କାନରେ ପଡିଲା । ତୁରନ୍ତ ସେ ଗଙ୍ଗା ତଟ ଅଭିମୁଖେ ଚାଲିଲେ । ରାଜାଙ୍କ ଆଗମନ ଜାଣି ବରରୁଚି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୋର ଜୋର ଶ୍ଲୋକ ଆବୃତ୍ତି କରିବା ସହିତ ସୁନା ମୋହର ବାହାର କରୁଥାନ୍ତି । ରାଜା ତାହା ଦେଖି ପଚାରିଲେ, “ଆପଣଙ୍କ ଶ୍ଲୋକ ଆବୃତ୍ତି ଦ୍ୱାରା ଗଙ୍ଗା ମା ପ୍ରସନ୍ନ ହୋଇ ସୁନା ମୋହର ଦେବାର ବିଚିତ୍ର ଘଟଣା କଣ ମୋତେ କୁହ ।”

ରାଜାଙ୍କ ଆଦେଶରେ ବରରୁଚି ସମସ୍ତ ଘଟଣା ଜଣାଇ ସୁନା ମୋହର ବାହାର କରୁଥିବା ଯନ୍ତ୍ର ଦେଖାଇ କହିଲେ, “ମହାରାଜ ! ମୋର ପ୍ରତିଟି ନୂଆ ଶ୍ଲୋକକୁ ମନ୍ତ୍ରୀ ଜାଣିଶୁଣି ପୁରୁଣା ବୋଲି ଆଖ୍ୟାୟିତ କରୁଥିଲେ । ଆପଣଙ୍କ ନିକଟରେ ସେ କଥା ଜଣାଇବା ଲାଗି ମୋତେ ଏତେ ସବୁ ନାଟକ କରିବାକୁ ପଡିଲା ।”

ବରରୁଚିଙ୍କ କଥା ଶୁଣି ରାଜା ତୁରନ୍ତ ଏକ ସଭା କରିବାକୁ ଗଙ୍ଗା ତଟକୁ ସମସ୍ତ ପ୍ରଜାଙ୍କୁ ଡାକିବା ଲାଗି ଆଦେଶ ଦେଲେ । ରାଜାଙ୍କ ଅନୁରୋଧରେ ବରରୁଚି ସେଇ ସଭାରେ ଶ୍ଲୋକ ଆବୃତ୍ତି କଲେ । ରାଜା ତାଙ୍କ ଶ୍ଲୋକର ପ୍ରଶଂସା କରିବା ସହିତ ଅନେକ ପୁରସ୍କାର ପ୍ରାପ୍ୟ ପ୍ରଦାନ କଲେ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଦଣ୍ଡିତ କଲେ ।

ବିସି-୭୪,ସଲ୍ଟ ଲେକ୍,କୋଲକତା-୬୪
ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରେଳ ଷ୍ଟେସନର ଅତୃପ୍ତ ଆତ୍ମା

ଆଶୁତୋଷ ମେହେର



ନଈକୂଳିଆ ଗାଁ ଶ୍ୟାମପୁର । ନଈ କଡେ କଡେ ପତଳା ଛୋଟ ଛୋଟ ଗଛର ଜଙ୍ଗଲ । ସେଇ ଜଙ୍ଗଲ ଭିତରେ ଦେଇ ଯାଇଛି ରେଳ ଲାଇନ୍ । ଆଜିକୁ ପଚାଶ ବର୍ଷ ପୂର୍ବେ ଏଇ ରେଳଲାଇନ୍ ତିଆରି ହୋଇଥିଲା । ସେଇ ବୁଦବୁଦିଆ ଜଙ୍ଗଲ ଭିତରେ ଥିଲା ଗୋଟାଏ ଶ୍ୟାମପୁର ରେଳ ଷ୍ଟେସନ, ଆଖପାଖ ଦଶଖଣ୍ଡ ଗାଁ ଲୋକମାନଙ୍କ ସୁବିଧା ପାଇଁ । ଏଇ ରେଳ ଷ୍ଟେସନରେ ଦିନ ଭିତରେ ରହୁଥିଲା ଦୁଇଖଣ୍ଡ ଲୋକାଲ୍ ପାସେଞ୍ଜର ରେଳ । ଗୋଟାଏ ଦିନବେଳା ଓ ଆଉ ଗୋଟାଏ ରାତି ଗୋଟାଏରେ । ବେଶୀ ଯାତ୍ରୀ ହେଉନଥିଲେ । ତେଣୁ ସେ ଷ୍ଟେସନରେ ସବୁବେଳେ ଶୁନ୍ ଶାନ୍ ପରିବେଶ । କେବଳ ଜଣେ ଷ୍ଟେସନ ମାଷ୍ଟର ଓ ଆଉ ପାଞ୍ଚଛଅ ଜଣ କର୍ମଚାରୀ । ରାତିବେଳା ବେଶୀ ନିଚ୍ଛାଟିଆ ରହୁଥିଲା ଷ୍ଟେସନଟା । ଦୂରରୁ ଶୁଭୁଥିଲା ଝିଙ୍କୁରିଙ୍କ ଶବ୍ଦ ଓ ମଝି ମଝିରେ ଷ୍ଟେସନ ବରଣ୍ଡାରେ ଶୋଇଥିବା କୁକୁରଙ୍କ ଡାକ ।

ଏହି ଷ୍ଟେସନ ଦେଇ ଶ୍ୟାମପୁର ଗାଁର ଲୋକେ ବହୁତ କମ୍ ଯାତାୟାତ କରୁଥିଲେ । ଗାଁ ଲୋକଙ୍କ ବହୁତ ଭୟ ଏଇ ନିଚ୍ଛାଟିଆ ଷ୍ଟେସନ ପ୍ରତି । ଲୋକମାନଙ୍କ ମୁହଁରେ ଉଡା ଗପ ଚାଲେ, କୁଆଡେ ଷ୍ଟେସନ ପାଖ ରେଳଧାରଣା ରାସ୍ତା ପାଖରେ ଗୋଟାଏ ଭୂତୁଣୀ ଦେଖାଯାଏ ବେଳେବେଳେ । ରାତିରେ ଯେତେବେଳେ ପାସେଞ୍ଜର ଟ୍ରେନ ଆସି ରହେ ଜଣେ ଦୁଇଜଣ ଯାତ୍ରୀ ଓହ୍ଲାନ୍ତି ସତ ହେଲେ ମୁହଁରେ ଭୟର ଚେହେରା । ଷ୍ଟେସନ ବରଣ୍ଡାରେ ଚୁପ୍ ଚାପ୍ ଶୋଇଯାଆନ୍ତି ଆଉ ସକାଳ ହେଲେ ଯାଇ ପାଖ ଗାଁକୁ ଯାଆନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକେ କଥା ହୁଅନ୍ତି କେବେବେ କିଛି ଯାତ୍ରୀ ଦେଖଛନ୍ତି ଯେ ହଠାତ୍ ଟ୍ରେନ ଆଗରେ ସେ ଭୂତୁଣୀ ଆସି ଛିଡା ହୋଇଯାଏ । ଇଞ୍ଜିନ ଷ୍ଟେସନ ଛାଡିବାର ହ୍ୱିସିଲ୍ ବାଜିଲେ ସେ ଚୁପଚାପ୍ ଅନ୍ଧାରରେ ମିଳେଇ ଯାଇ ଗାୟବ ହୋଇଯାଏ ।

ସୁନୀଲ, ସେ ଗାଁର ପିଲା । ଛୋଟ ଦିନରୁ ଏକଥା ଶୁଣିଆସିଛି । ଗାଁର ସ୍କୁଲରେ ସପ୍ତମ ପାସ୍ ପରେ ପାଖ ସହରକୁ ଯାଇ ହାଇସ୍କୁଲ ଓ ପରେ କଲେଜରେ ପାଠ ପଢିଲା । ଏବେ ସେ ସହରର ହାଇସ୍କୁଲ ବିଜ୍ଞାନର ଶିକ୍ଷକ ଚାକିରି କଲାଣି । ବଡ ହୋଇ ଅନେକ କଥା ଜାଣିଲା ପରେ ଜଣେ ଶିକ୍ଷିତ ଯୁବକ ଭାବେ, ଏହି ଗପକୁ ଲୋକମାନଙ୍କ ମାନସିକ ଦୁର୍ବଳତା କହି, ହାସ୍ୟାସ୍ପଦ ଭାବୁଥିଲା ।

ସେ ବର୍ଷ ଖରାଛୁଟିରେ ସୁନୀଲ ଗାଁକୁ ଆସିଥିଲା । ଗାଁରେ ରାଜୁ ତାର ବାଲ୍ୟ ବନ୍ଧୁ, ତେବେ ସପ୍ତମ ପରେ ଆଉ ବେଶୀ ପାଠ ନ ପଢି ସେ ଚାଷବାସରେ ମନ ହେଇ ଭଲ ଉନ୍ନତି କରିଛି । ସୁନୀଲ ତା' ବାଲ୍ୟବନ୍ଧୁ ରାଜୁକୁ କହିଲା, “ଏ ରେଳ ଷ୍ଟେସନର ଭୂତୁଣୀ କଥା, ଗାଁ ଲୋକଙ୍କ ମନ ଭିତରର ଭ୍ରମ ଓ ମନଗଢ଼ା ଗପ ମାତ୍ର ।” ବନ୍ଧୁ ରାଜୁ ତାକୁ ଚ୍ୟାଲେଞ୍ଜ ଦେଇ କହିଲା, “ଯଦି ତୁ ଏତେ ସାହସୀ ଓ ଏ ଭୂତୁଣୀ ଗପ ଯଦି ଭ୍ରମ ମାତ୍ର, ତେବେ ଆଜି ରାତିରେ ରେଳ ଷ୍ଟେସନକୁ ଯା, ଆଉ ଦେଖ ଘଟଣା ସତ ନା ମିଛ !” ସୁନୀଲ ଚ୍ୟାଲେଞ୍ଜ ଗ୍ରହଣ କଲା ଓ କହିଲା ଆମେ ଦୁହେଁ ମିଶିକିନା ଯିବା, ତେବେ ଯାଇ ତୁ କଥାକୁ ବୁଝିପାରିବୁ । ରାଜୁ ଭୟରେ ଥରିଲା, ହେଲେ ନିଜ ସାଙ୍ଗ ସାଥୀରେ ରହିବ ତ, ରାଜି ହେଲା ।

ସେ ଦିନ ରାତି ପ୍ରାୟ ବାରଟା ପରେ, ସୁନୀଲ ଆଉ ରାଜୁ, ଦୁହେଁ ଖଣ୍ଡେ ଖଣ୍ଡେ ଟର୍ଚ୍ଚ ଓ ନିଜନିଜ ମୋବାଇଲ ଧରି ଷ୍ଟେସନ ଆଡ଼କୁ ମୁହାଁଇଲେ । ନିଛାଟିଆ ଅନ୍ଧାରୁଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାସ୍ତାରେ ଯାଇ ଷ୍ଟେସନ ପାଖରେ ପହଞ୍ଚିଲେ । ଏକଦମ୍ ନିଛାଟିଆ ପରିବେଶ । ଜଣେ ଦୁଇଜଣ ଯାତ୍ରୀ ରାତ୍ରୀ ରେଳକୁ ଅପେକ୍ଷାରତ ଥିଲେ । ଦୁହେଁ ଷ୍ଟେସନରୁ ଟିକିଏ ଆଗକୁ ଯାଇ ଯେଉଁଠି ରେଳ ଇଞ୍ଜିନ ଆସି ଲାଗିବ, ତା ପାଖରେ ଆସି ରେଳ ଲାଇନ କଡରେ ଥିବା ପଥର ଉପରେ ବସିଲେ । ଥଣ୍ଡା କାକର ପବନ ଦୁହିଁଙ୍କ ମୁହଁକୁ ବାଜୁଥିଲା । ଟର୍ଚ୍ଚର ଆଲୁଅ ରେଳ ଧାରଣାରେ ପଡୁଥିଲା, କିନ୍ତୁ କିଛି ଅସ୍ୱାଭାବିକ ଦେଖା ଯାଉନଥିଲା । ସୁନୀଲ ହସି ହସି କହିଲା, “ଦେଖିଲୁ ନା ରାଜୁ, ସବୁ ଗପ !

ରାତିର ପାସେଞ୍ଜର ଟ୍ରେନ ଆସି ଆଟକିଲା ଓ ଦୁଇମିନିଟ ପରେ ସିଟି ମାରି ଆଗକୁ ବଢି ଅନ୍ଧାରରେ ମିଳେଇଗଲା । ସୁନୀଲ କହିଲା, "କିଛି ତ ହେଲାନି ରାଜୁ ଚାଲ ଏବେ ଫେରିବା ।"

ହଠାତ୍, ରାଜୁ କାନରେ ଦୂରରୁ ଏକ ନାରୀ ସ୍ୱର ଶୁଭିଲା, ଯେମିତି କେହି ଜଣେ ଦୁଃଖରେ ବସି କାନ୍ଦୁଛି । ରାଜୁ ସୁନୀଲ୍ କୁ ଚୁପ୍ ରହି କାନ ଡେରିବାକୁ କହିଲା । ସୁନୀଲ ସେ କାନ୍ଦ ଶୁଣିଲା, ଆଉ ମନେ ମନେ ଭୟ ପାଇଗଲା । ଦୁଇ ସାଙ୍ଗ ଚୁପ୍ ହୋଇ ଠିଆ ହୋଇଗଲେ । ଦୁହିଁଙ୍କର ହୃତ୍‌ସ୍ପନ୍ଦନ ବଢ଼ିଗଲା । ଦୁହେଁ ଟର୍ଚ୍ଚ ଲାଇଟ୍ ମାରି ଦେଖିଲେ, ଏକ ଧଳା କପଡ଼ା ପିନ୍ଧିଥିବା ମହିଳା ରେଳ ଧାରଣା ଉପରେ ଠିଆ ହୋଇଛି । ତା'ର ମୁହଁ ଅନ୍ଧକାରରେ ଦେଖା ଯାଉ ନଥିଲା, କିନ୍ତୁ ତା'ର ଲମ୍ବା କେଶ ପବନରେ ଉଡୁଥିଲା ।

ସୁନୀଲ ଆଉ ରାଜୁ ଭୟରେ ଥରିଥରି ଚିତ୍କାର କରି ପଚାରିଲେ, “କିଏ ତୁମେ ?”

କିନ୍ତୁ ଉତ୍ତର ବଦଳରେ, ସେହି ମହିଳା ଧୀରେ ଧୀରେ ରେଳ ଧାରଣାର ତଳକୁ ଓହ୍ଲେଇ ଅନ୍ଧକାରରେ ମିଳାଇ ଗଲା ।

ଭୟରେ ଥରି ଉଠିଥିଲେ ମଧ୍ୟ, ସୁନୀଲ ଓ ରାଜୁ ସାହସ ଜୁଟାଇ ସେହି ଜାଗା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଖକୁ ଗଲେ ଓ ଟର୍ଚ୍ଚ ଆଲୁଅରେ ତଳ ଉପର ଖୋଜିଲେ । ରେଳ ଧାରଣା ପାଖରେ କିଛି ଗୋଟାଏ ଚକ୍ ଚକ୍ କରୁଥିଲା । ସୁନୀଲ ତାକୁ ଉଠାଇ ଦେଖିଲା ସେ ଥିଲା ଗୋଟାଏ ପୁରୁଣା ଲକେଟ୍ । ସେ ଦୁହେଁ ଦେଖିଲେ ସେ ଲକେଟ୍ ଭିତରେ ଜଣେ ମହିଳାଙ୍କ ଫଟୋ ଓ ତଳେ ଲେଖାଥିଲା —ମାଳତୀ । ଚକିତ ହୋଇ ସେ ଲକେଟ୍ ଟା ଧରି ସେ ଦୁହେଁ ଗାଁକୁ ଫେରିଲେ ।

ତା ପରଦିନ ଏ କଥା ଗାଁରେ ବିଜୁଳି ବେଗରେ ଖେଳିଗଲା । ଗାଁ ସାରା ହୋହଲ୍ଲା । ଗାଁ ମଝି ମନ୍ଦିରପ୍ରାଙ୍ଗଣରେ ସମସ୍ତେ ରୁଣ୍ଡ ହୋଇଗଲେ ସେ ଲକେଟ କୁ ଦେଖିବା ପାଇଁ ।

ଗାଁର ସବୁଠୁ ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତି ଗୌରାଙ୍ଗ ବାବୁଙ୍କୁ ଏ କଥା ପଚରାଗଲା । ଗୌରାଙ୍ଗବାବୁଙ୍କୁ ଏବେ ପଞ୍ଚସ୍ତରୀ ବର୍ଷ । ରେଳ ଲାଇନ ତିଆରି ସମୟରେ ସେ ଥିଲେ ପଚିଶ ବର୍ଷର ଯୁବକ । ସେ କହିଲେ ବହୁ ବର୍ଷ ଆଗରୁ ଗାଁରେ ରହୁଥିଲେ ଗୋଟାଏ ବ୍ୟବସାୟୀ ପରିବାର । ତାଙ୍କର ଏକ ମାତ୍ର ପୁଅର ବିବାହ ବେଳେ ତା' ଶାଶୁ ଘରରୁ ଅନେକ ଯାନିଯୌତୁକ ଆସିଥିଲେ ମଧ୍ୟ ଲୋଭର ବଶବର୍ତ୍ତି ହୋଇ, ଆହୁରି ଧନସଂପତ୍ତି ଲୋଭରେ, ବୋହୂ ମାଳତୀ ପ୍ରତି ଧୀରେ ଧୀରେ ଅତ୍ୟାଚାର ଆରମ୍ଭ କରି ଦେଇଥିଲେ । ବର୍ଷାଧିକ ସମୟ ସେ ଅତ୍ୟାଚାର ସହ୍ୟ କଲେ ସିନା, ପ୍ରଚଣ୍ଡ ଅତ୍ୟାଚାରରେ ଶେଷରେ ସେ ରେଳଷ୍ଟେସନ ପାଖ ଲାଇନରେ ଆତ୍ମହତ୍ୟା କରିଦେଇଥିଲେ । କାଳକ୍ରମେ ମାଳତୀର ଅଭିଶାପରେ ସେ ବ୍ୟବସାୟୀଙ୍କ ବ୍ୟବସାୟୀ କ୍ଷତିରେ ପଡି ବନ୍ଦ ହୋଇଗଲା । ସେ ପରିବାର ମଧ୍ୟ ଏ ଗାଁ ଛାଡି ଚାଲିଗଲେ । ବୋହୂ ମାଳତୀର ଅଶାନ୍ତ ଆତ୍ମା ସେହି ରେଳ ଧାରଣାରେ ଘୁରୁଥିବା କଥା ଗାଁ ଲୋକେ ବିଶ୍ୱାସ କରିଆସୁଛନ୍ତି, ସେଇ ଦିନରୁ ।

ସୁନୀଲ ଓ ରାଜୁ ପାଇଥିବା ଲକେଟକୁ ଗାଁ ଲୋକେ ରେଳଷ୍ଟେସନ ପାଖରେ ଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବରଗଛ ତଳେ ଥିବା ମାଁ ବୁଢୀ ଠାକୁରାଣୀ ମନ୍ଦିର ତଳେ ପୋତି ଦେଲେ ଓ ଅତୃପ୍ତ ମାଳତୀ ଆତ୍ମାର ମୁକ୍ତି ପାଇଁ ଅଷ୍ଟପ୍ରହରୀ ଯଜ୍ଞ କରି ପ୍ରାର୍ଥନା କଲେ ।

ସେହି ଦିନ ଠୁଁ ଆଉ କେହି ସେଠାରେ ଭୂତୁଣୀ ଦେଖିଲେ ନାହିଁ ଓ ସେ ବାବଦରେ ଗାଁ ଲୋକମାନଙ୍କ ମନରେ ଥିବା ଭୟ ଧୀରେ ଧୀରେ ଦୂର ହୋଇଗଲା । ଆଜି କାଲି ଶ୍ୟାମପୁର ରେଳ ଷ୍ଟେସନରେ ଯାତ୍ରୀ ସଂଖ୍ୟା ବେଶ ବଢି ଯାଇଛି ଓ ଷ୍ଟେସନ କଡରେ ସୁନ୍ଦର ଗୋଟାଏ ମାର୍କେଟ ଗଢିଉଠିଛି ।

୫୪ ଆର୍ଯ୍ୟପଲ୍ଲୀ

କିଟଛକ ପଟିଆ

ଭୁବନେଶ୍ୱର ୭୫୧୦୨୪

ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁକୁର

ନଳିନୀ ପ୍ରଭା ମିଶ୍ର



ଚଟାଣ ଉପରେ କାଳୁର ନିଶ୍ଚଳ ଶରୀରଟା ପଡ଼ି ରହିଛି, ହେଲେ ମୁହଁରୁ ଲିଭିନି ସେ ବୀରତ୍ୱର ଦ୍ୟୁତି । ସତେ କି ! କହି ଚାଲିଛି, “ମୁଁ ମରିନାହିଁ, ମୁଁ ମରିନାହିଁ । ଲଢ଼େଇ ପରେ ମୋର କ୍ଲାନ୍ତ ଶରୀରକୁ ଲୋଟାଇ ଦେଇଛି ।”

ପାଖରେ ବସି ଆଖିରୁ ଲୁହ ଢାଳିବାରେ ଲାଗିଛି ମଣି । ଯାହାକୁ ସେ ରାସ୍ତା କଡ଼ରୁ ଆଣି ଅତି ଯତ୍ନରେ ପାଳିଥିଲା, ସେ ଆଜି ଚାଲିଗଲା ପରପାରିକୁ । ସେ ନଥିଲା ସାଧାରଣ କୁକୁର "ମଣି"ର ଆଙ୍କାବହ । "ସାର୍ ଜନ୍" ପ୍ରିୟ ସାଥି ଡିକ୍ ଭଳି ମଣିର ଥିଲା ହାତ ବାରିସି । ଘରେ ଅଚିହ୍ନାର ପ୍ରବେଶ ଦେଖିଲେ ଫାଟକ ପାଖରୁ ଭୋ ଭୋ ରଡ଼ି ଛାଡ଼ି ଉଠୁଥିଲା । ମଣି ନ ଖାଇଲେ ସେ ବି ଖାଉ ନଥିଲା, ମଣି ସହିତ ବଜାରକୁ ଯିବା ଠାରୁ ସବୁ କାର୍ଯ୍ୟରେ ସେ ଥିଲା ସହଚର । ଆଜି କିନ୍ତୁ ସବୁ ଓଲଟ ପାଲଟ ହୋଇଗଲା । ମଣିର ଆଖିରୁ ଲୁହ ଶୁଖୁନି, ସେ କେବଳ ଭାବି ଚାଲିଛି କାଳୁ କଥା । ନିଜର କେହି ନଥିବା ବେଳେ କାଳୁ ହିଁ ଥିଲା ଏକାନ୍ତ ଭାବେ ନିଜର । କାଳୁ ଯେତେବେଳେ ନିଜ ମା'କୁ ହରାଇ ରାସ୍ତା କଡ଼ରେ ପଡ଼ି ମା'କୁ ଖୋଜି ଚାଲିଥିଲା ସେତେବେଳେ ତାକୁ ଆଣି ପାଖରେ ରଖିଥିଲା ମଣି । ଧୀରେ ଧୀରେ କାଳୁ ବଡ଼ ହେବାକୁ ଲାଗିଲା । ମଣି ଭାବୁଥିଲା କାଳୁ ହିଁ ତା'ର ଅତି ଆପଣାର । ଗତ କାଲିର ରୋମ ଟାଙ୍କୁରି ଉଠୁଥିବା ଘଟଣାଟି ଏବେ ବି ଆଖି ଆଗରେ ନାଚି ଉଠୁଛି । ମଣି ଥିଲା ଅବିବାହିତ ଯୁବତୀ । ଅଫିସରେ ନୌକରି କରିବା ପାଇଁ ବାହାରି ଗଲେ କାଳୁ ହିଁ ଘର ଜଗିଥାଏ । ଚାହିଁ ବସିଥାଏ ମଣିର ଫେରିବା ବାଟକୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗତକାଲି ରାତିରେ କଳା ମୁଖା ପିନ୍ଧା ଦୁଇ ଜଣ ଦୁର୍ବୃତ୍ତ ପାଚେରୀ ଡେଇଁ ପଶି ଆସିଲେ ଫାଟକ ଭିତରକୁ । କାଳୁର ଭୋ ଭୋ ଚିତ୍କାର ଶୁଣି ମଣିର ନିଦ ହଠାତ୍ ଭାଙ୍ଗିଗଲା । ସେମାନେ ସିଧା ପଶି ଆସିଲେ ମଣିର ଶୟନ କକ୍ଷକୁ କିଛି ଭାବିବା ପୂର୍ବରୁ ତା' ର ଇଜ୍ଜତ ଲୁଣ୍ଠନ କରିବାକୁ ଉଦ୍ୟତ ହେବା ବେଳକୁ କାଳୁ ବୀର ଦର୍ପରେ ଦୌଡ଼ି ଆସି ସେ ଦୁହିଁଙ୍କ ସାଥିରେ ଲଢ଼େଇ କଲା ।,ନିଜର ତୀକ୍ଷ୍ଣ ଦାନ୍ତରେ କାମୁଡି ନିଜ ମାଲିକାଣିର ଇଜ୍ଜତ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ କରି ଶେଷରେ ଜଣେ ଦୁର୍ବୃତ୍ତର ଗୁଳି ଚୋଟରେ ପ୍ରାଣ ହରାଇ ଦେଲା ।

ଏଇ କାଳୁ ନ ଥିଲେ ତା'ର ଅବସ୍ଥା ଯେ କଣ ହୋଇଥାନ୍ତା ଭାବି ପାରୁ ନଥିଲା ମଣି । କାଳୁ ପାଖରେ ବସି ତା'ର ମଥାକୁ ଆଉଁଷି କହି ଉଠିଥିଲା, କାଳୁରେ ମଣିଷ ସିନା ଶ୍ରେଷ୍ଠ ଜୀବ ହେଲେ ତୋ ଠାରୁ ବି ହୀନ, ସେମାନଙ୍କ ପାଖରେ ନାହିଁ ମାନବିକତା କୃତଜ୍ଞତା ।”

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ

ମୋ-୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନ ପ୍ରେମ

ସୁନିତା ମହାନ୍ତି



ପ୍ରେମପୁର ଗାଁରେ ରହୁଥିଲା ପ୍ରେମ ନାମର ଜଣେ ସୁଶୀଲ ଓ ମେଧାବୀ ଝିଅ । ପାଖ ଗାଁରେ ଜମିଦାର ଜିତୁ ମଙ୍ଗରାଜଙ୍କ ଏକମାତ୍ର ପୁଅ ଜୀବନ ସେହି ବିଦ୍ୟାଳୟରେ ପଢୁଥିଲା । ଏକାଠି ପାଠ ପଢୁ ପଢୁ ଜୀବନ କେତେବେଳେ ପ୍ରେମକୁ ଭଲ ପାଇବସିଲା, ନିଜେ ମଧ୍ୟ ଜାଣିପାରି ନଥିଲା । କଲେଜରେ ପଢିବା ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରେମ ଆହୁରି ଗଭୀର ହୋଇଥିଲା ।

ଦିନେ କଲେଜରୁ ଫେରିବା ବାଟରେ କିଛି ଦୁର୍ବୃତ୍ତ ପ୍ରେମକୁ ହଇରାଣ କରୁଥିଲେ । ଠିକ ସେହି ସମୟରେ ଜୀବନ ନିଜ ସାଙ୍ଗମାନଙ୍କ ସହ ସେଠାରେ ପହଞ୍ଚି ପ୍ରେମକୁ ଉଦ୍ଧାର କଲା । ସେହି ଘଟଣା ପରେ ଦୁହେଁ ନିଜ ମନର କଥା ବୁଝିପାରିଲେ ଏବଂ ପରସ୍ପରକୁ ଭଲ ପାଇବାକୁ ଲାଗିଲେ ।

କିନ୍ତୁ ସେମାନଙ୍କ ପ୍ରେମରେ ବାଧା ହୋଇ ଠିଆହେଲେ ଜୀବନର ବାପା ଜିତୁ ମଙ୍ଗରାଜ । ନିଜ ଧନସମ୍ପତି ଓ ପ୍ରତିଷ୍ଠାର ଅହଂକାରରେ ସେ ଏହି ସମ୍ପର୍କକୁ ଗ୍ରହଣ କରିପାରିଲେ ନାହିଁ । ସେ ପ୍ରେମର ପରିବାରକୁ ଧମକ ଦେବାରୁ ଭୟରେ ସେମାନେ ଗାଁ ଛାଡି ଚାଲିଗଲେ ।

ପ୍ରେମର ବିଚ୍ଛେଦ ଜୀବନକୁ ଭାଙ୍ଗିଦେଲା । ସେ ଖାଇବା ପିଇବା ଛାଡିଦେଲା ଏବଂ ଗଭୀର ମାନସିକ ଯନ୍ତ୍ରଣାରେ ଅସୁସ୍ଥ ହୋଇ ଡାକ୍ତର ଖାନରେ ଭର୍ତିହେଲା । ଡାକ୍ତରମାନେ ବୁଝିପାରିଲେ ଯେ ପ୍ରେମକୁ ଦେଖିବାର ଆଶା ହିଁ ଜୀବନ ମନରେ ବଞ୍ଚିବାର ଆଲୋକ ଜଳାଇ ପାରିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ପୁଅର ଅବସ୍ଥା ଦେଖି ଜିତୁ ମଙ୍ଗରାଜଙ୍କ ଅହଂକାର ଭାଙ୍ଗିଗଲା । ସେ ପ୍ରେମର ଠିକଣା ଖୋଜି ତାଙ୍କ ପରିବାରର ସମ୍ମତିରେ ଜୀବନ ଓ ପ୍ରେମଙ୍କ ବିବାହର ବ୍ୟବସ୍ଥା କଲେ ।

ଶେଷରେ ମକର ମାସର ଏକ ଶୁଭ ଦିନରେ ଶାବର ଶ୍ରୀକ୍ଷେତ୍ରରେ ଦୁହିଁଙ୍କର ବିବାହ ହେଲା । ଆନନ୍ଦ ଓ ଆଶୀର୍ବାଦ ମଧ୍ୟରେ ଦୁଇ ହୃଦୟ ଏକ ହୋଇଗଲା ।

ଶିକ୍ଷା : ପ୍ରକୃତ ପ୍ରେମ ଧନୀ କି ଗରିବ ଦେଖେ ନାହିଁ । ଅହଙ୍କାର ସମ୍ପର୍କ ଭାଙ୍ଗେ, କିନ୍ତୁ ପ୍ରେମ, କ୍ଷମା ଓ ମାନବିକତା ଭଙ୍ଗା ହୃଦୟକୁ ପୁଣି ଥରେ ଯୋଡିଦିଏ । ଯେଉଁଠି ପ୍ରେମ ଅଛି, ସେଇଠି ଜୀବନ ସୁନ୍ଦର ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ପୁରୁଷ

ଦେବାଶିଷ ମାଇତି



ଅଙ୍ଗେ ଅଙ୍ଗେ ମୋର ମର୍ଦ ପଣିଆ..

କରି ଅତ୍ୟାଚାର ନାରୀକୁ ଯନ୍ତ୍ରଣା..,

କହିବ କି ତୁମେ କଉ ପ୍ରଜାତିର

ନା କି ପୁରୁଷ ନା କାପୁରୁଷ... !

ହଁ..., ଏ କାର୍ତ୍ତିକ ମାସ ବୋଧ ହୁଏ ଧରମ ମାସ, ମନ ଆଉ ଚାହୁଁନି ଆମିଷ ଖାଇବାକୁ । ଯେତେହେଲେ ଧରମ ମାସପରା । ମୋ ସ୍ତ୍ରୀ ବହୁତ୍ ବାର କରେ । ଏ କାର୍ତ୍ତିକରେ ବି ହବିଶିଆଳୀ ହୋଇ ଯାଇଛି । ଏ ସୁଲଗ୍ନା ଟିକେ ଆସିଲ ଆସିଲ । ସ୍ତ୍ରୀ ଦୌଡ଼ି ଆସି ରବି ନାରାୟଣର ହାତରୁ ବ୍ୟାଗ୍ କାଢ଼ିନେଲା । ଖୁସିରେ ମନ ଗଦ୍ ଗଦ୍ ହୋଇଗଲା । କେତେ ସବୁଜ ପନି ପରିବା, ଫୁଲ କୋବି, ଟମାଟୋ ଗାଜର, ବିଟ୍ ପାଳଙ୍ଗ ଶାଗ । କେତେ ବ୍ୟାଗ୍ ଫୁଲ୍ ପରିବା । ସୁଲଗ୍ନା ସନ୍ଧ୍ୟାବେଳେ ଗେରସ୍ତ ପାଇଁ ଚାହା ଟିକେ କରି ଆଣି ନିଜେ ବି ସାଥିରେ ବସିଯାଏ । ମୁଢ଼ି ମିକ୍ସ୍ଚର ସହ ଚାହା ପିଉଥାନ୍ତି ଦୁହେଁ । ଜାଣିଛ ଏଇଥର ଡଙ୍ଗା ଭସା ପୂର୍ଣ୍ଣିମାରେ ବାଲିଯାତ୍ରା ଯିବା । ରବି.., ହଉ କାର୍ତ୍ତିକ ସରୁ ! ଏତିକି ବେଳେ ଦୁଇଦିନ ପରେ ରବି ବୁଲିଯାଏ ସାଙ୍ଗ ମାନଙ୍କ ସହ ମାର୍କେଟ । ସାଙ୍ଗମାନଙ୍କ ମେଳରେ ପଡ଼ି ଗୋଟେ ଛୋଟ ପାର୍ଟି ଆୟୋଜନ ହୁଏ । ସେଥିରେ ତିନି ସାଙ୍ଗ ମଦ ପିଇ ପୁରା ବେହାଲ । କିନ୍ତୁ ରବି ଟିକେ ହୋସରେ ଥାଏ । ସଂନ୍ଧ୍ୟା ଆସି ୮ ଘଟିକା ଫେରିବା ରାସ୍ତାରେ ଗୋଟେ ଛୋଟ ନିଛାଟିଆ ରାସ୍ତା ଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିପରୀତ ଆଡୁ ଜଣେ ତରୁଣୀ ଏକା ଏକା କାମ ସାରି ଘରକୁ ଫେରୁଛି । ତିନି ସାଙ୍ଗ ଅଟକାଇ ରୁହ ! ଭୟଭୀତ ହୋଇ ଉଠିଥିଲା ସେଇ ତରୁଣୀଟି ନିଛାଟିଆ ରାସ୍ତା, ଆରମ୍ଭ କରିଥିଲେ ଏମାନଙ୍କର ଅସଲି ନିଶାଡି ମଣିଷର ମର୍ଦ୍ଦ ପଣିଆ । ତରୁଣୀ ଚିତ୍କାର କରି ଉଠେ, ମତେ ଛାଡ଼ି ଦିଅନ୍ତୁ, ମୋ ଘରେ ଅପେକ୍ଷା କରି ଅଛନ୍ତି । ହାତ ଧରି ନେହୁରା ହୋଇ ଚାଲିଥାଏ । ସେତିକି ବେଳେ ରବିର ସାଙ୍ଗ ସହି ପାରି ନଥିଲା, ତାକୁ ପାଖକୁ ଭିଡ଼ି ଆଣି ତାର ଦେହର ବାସ୍ନାକୁ ନିଶାସକ୍ତ ଅବସ୍ଥାରେ ଶୋଷି ଚାଲିଥାଏ, ଦେହର ଲୁଗା ଟାଣି ଚିରି ଦେଇଥାଏ ଆଉ ଗୋଟେ ନାରୀର ଯୌବନ ସୁନ୍ଦର୍ ତାକୁ ନର ରାକ୍ଷସ ରୂପରେ ପି ଚାଲିଥାଏ । ସତେ ଯେପରି କାଳ ଗ୍ରାସ ଦାନବ । ତରୁଣୀର ଯନ୍ତ୍ରଣା ଚିତ୍କାର କହିଲେ ନ ସରେ । କିନ୍ତୁ ରବିର ଦୁଇ ସାଙ୍ଗ ମୁଣ୍ଡ ଆଡୁ ପାଦ ପର୍ଯ୍ୟନ୍ତ ମାରି ମାରି ତାର ପ୍ରତ୍ୟେକ ଅଙ୍ଗକୁ କ୍ଷତାକ୍ତ କରି ଶୋଷି ଚାଲିଥାନ୍ତି । ହାଏରେ ଦୁନିଆ, କି ବିଚାର ତୋର, ଶାଗୁଣା ମୃତ ଚମଡ଼ାକୁ ଟାଣିଲା ବେଳେ ଟିକେ ଭାବିଥାଏ । ହେଲେ ଏ ନରରାକ୍ଷସ ମଣିଷ ନାରୀର ଯେଉଁ ଅଙ୍ଗ ପାଇଁ ସୃଷ୍ଟି ହୁଏ । ତାକୁ ଶୋଷିବାରେ ବ୍ୟସ୍ତ ! ! ! ନାରୀର ଦୁଇଟା ଅଙ୍ଗ ଯଦି ଜଗତର ମର୍ଦ୍ଦ ଜାତି ପାଇଁ ତିଆରି ହୋଇଥିଲା । ତାହେଲେ ସୃଷ୍ଟି କର୍ତ୍ତା ବିଚାର ଧାରା କଣ ଭୁଲ୍ ଥିଲା । ଯଦି ଏ ସମାଜର ମର୍ଦ୍ଦ ଆଖିରେ ଅସହ୍ୟ କଣ ତାକୁ ଦେହରୁ ଅଲଗା କରିଦେବା କି । ସେଇଟା ସୃଷ୍ଟି କର୍ତ୍ତା ପାଖେ ଉତ୍ତର ଥିବ । ଏତେ ଯନ୍ତ୍ରଣା ଭିତରେ ତରୁଣୀ ଆଖିରେ ଲୁହ ସହ ଭାବନା ଜାଗ୍ରତ ହୋଇ ଚାଲିଥାଏ । ରବିର ଦୁଇ ସାଙ୍ଗ ଅମାନୁଷିକ ଅବସ୍ଥାରେ ସୀମା ଟପି ବାହାରନ୍ତି ବଳାତ୍କାର ପାଇଁ ଏତିକି ବେଳେ ତାର ଅସହ୍ୟ ଯନ୍ତ୍ରଣା ସହି ନପାରି ରବି ପାଟିରୁ ବାହାରି ଆସେ ହେଇ ତାକୁ ଛାଡିଦିଅ । ମୁଁ ଯିବି ମୋ ସ୍ତ୍ରୀ କାର୍ତ୍ତିକ ପାଇଁ ଫଳ ନେବାକୁ କହିଛି । ଏତିକି ପାଟିରୁ ସିନା ବାହାରିଗଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ରବି ଅଚେତ ଅବସ୍ଥାରୁ ସତେ ଚେତା ଫେରି ଆସିଲା । ତିଳେ ମାତ୍ର ଅପେକ୍ଷା ନ କରି ରବି ପାଖରେ ଥିବା ଗୋଟେ କାଠ ଫାଳିଆରେ ଦୁଇ ସାଙ୍ଗର ମୁଣ୍ଡକୁ ପ୍ରହାର ପକାଇ ଦେଲା । ଆପ୍ରାଣ ଉଦ୍ୟମ କେମିତି ତରୁଣୀକୁ ବଞ୍ଚାଇବ । ସତେ ଯେପରି ସବୁ ନିଶା ରବିର ଉଣ୍ଡୁରି ଯାଇଥିଲା । ଯୁବତୀର ଲଙ୍ଗଳା ଦେହ ଦେଖି ସେ ଆଶ୍ଚର୍ଯ୍ୟ ତ ପଛ କଥା ପାଗଳ ଭଳି ଅନୁଭବ କରିଥିଲା । ଚତୁର୍ଦ୍ଦିଗ ଅନ୍ଧକାର, ସେ ନିଜେ ଥରି ଉଠିଥିଲା । କଣ ସବୁ ହେଇଗଲା ପୁଣି ତାରି ଆଖି ଆଗରେ, ନିଜ ଦେହରୁ ସାର୍ଟ କାଢ଼ି ତରୁଣୀକୁ ପିନ୍ଧାଇ ଦେଇ କହିଲା ତୁମେ ଏଠୁ ଚାଲିଯାଅ । ମୁଁ ଏମାନଙ୍କୁ ଦେଖୁଚି । ଯୁବତୀକୁ ବଞ୍ଚାଇ ସେଠୁ ପଠାଇ ଦେଇ, ବିଚଳିତ ଅବସ୍ଥାରେ ଦୁଇ ସାଙ୍ଗକୁ ମାରି ଚାଲିଲା । ଆଉ ମାରି ମାରି ଦରମରା ଅବସ୍ଥାରେ ସେଇଠି ଛାଡ଼ି ସେ ରାତି ସାରା ବସିଲା । ତାକୁ ଅଳ୍ପ ନିଶା ହୋଇଥାଏ । ମୋବାଇଲ୍ ଦେଖେ ସ୍ତ୍ରୀର ୨୪ଟି କଲ୍ । ରାତି ୧୨ ହୋଇଯାଇଥାଏ । ରାତି ୩ ଟା ବେଳେ ରବି ନିଜକୁ ଏତେ ଅସହାୟ ଅବସ୍ଥା ଅନୁଭବ କରିଥିଲା ଯେ ମନରେ ଏକ ଅମାନୁଷିକ ଅବସ୍ଥା, ମୁଁ ସତରେ କଣ ଗୋଟେ ପୁରୁଷ ? ମୋ ସ୍ତ୍ରୀ ଜଣେ ନାରୀ, ଏ ତରୁଣୀ ଟି ତାହେଲେ ଏ ଦୁନିଆରେ କିଏ ଥିଲା ? ପ୍ରଶ୍ନ ପରେ ପ୍ରଶ୍ନ ଆଉ ନିଜକୁ ପାଗଳାମି ସଜେଇ ନିଜ ମୁଣ୍ଡକୁ ସେଇ ପିଚୁ ରାସ୍ତାରେ ପିଟି ହୋଇ ନିଜେ ରକ୍ତାକ୍ତ ହୋଇ ଯାଇଥିଲା । ମନରେ ଭାବନା ଯାଉଛି ଏ ଦୁଇଜଣଙ୍କୁ ଜୀବନରୁ ମାରିଦେବି, ତାପରେ ନିଜେ ଏଇ ରାସ୍ତା ପାଖେ ନଦୀକୁ ଡେଇଁ ପଡ଼ିବି । କିନ୍ତୁ ଏମାନଙ୍କ ଛୁଆ ପିଲା ପରିବାର ଅନାଥ କିପରି କରି ପାରିବି । ଗୋଟେ ମହାଭାରତ ଚାଲିଥାଏ ନିଜେ ଆଉ ନିଜର ବିବେକ ପାଇଁ । କଣ ମୋର ଜନ୍ମ ଏଥିପାଇଁ ଥିଲା, କାହାକୁ ଦୁଃସ୍କର୍ମର କାରଣ ବନିବା ପାଇଁ ? ମୁଁ କାଳେ ଗୋଟେ ପୁରୁଷ ! ଖାଲି କାମନା ବାସନା ପାଇଁ ମୁଁ ଜନ୍ମ ? ମୁଁ କାଳେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣେ ମର୍ଦ୍ଦ ! ଖାଲି ନାରୀ ଉପରେ ଅତ୍ୟାଚାର ପାଇଁ, ପ୍ରଶ୍ନ ଉଠେ ନିଶାଶକ୍ତ, ଯଦି ନିଶାସକ୍ତ ଅବସ୍ଥାରେ ସେହି ନାରୀର ନାରିତ୍ୱକୁ ଶୋଷିବା ପାଇଁ ଲଢ଼େଇ, ତାହେଲେ ଭଲ ଅବସ୍ଥାରେ କଣ ଇଚ୍ଛା ଥାଇ ବି ସମାଜର ଲାଞ୍ଛନା କିମ୍ବା ଡର ପାଇଁ ଚୁପ୍ ରହେ ଏ ପୁରୁଷ ଜାତି । ତାହେଲେ କେବଳ ପୁରୁଷ ଜନ୍ମ ଏଥିଲାଗି । ସତ ଧିକ୍ ସତ ଧିକ୍...., ଏମିତି ଅହେତୁକ ନିଜ ଭିତରେ କସରତ କରି, ଶେଷରେ ଯାଇ ପୋଲିସକୁ ଗୋଟି ଗୋଟି କରି ସବୁ କଥା କହିଗଲା । ଆଉ ନିଜେ ଆତ୍ମ ସମର୍ପଣ କରିଥିଲା । ପରଦିନ ସକାଳୁ ଗ୍ରାମବାସୀ ଲୋକ ସବୁ ଖବର ପାଇ, ଫାଣ୍ଡିରେ ପହଞ୍ଚିଥିଲେ । ଫାଣ୍ଡି ପୁଲିସ ଅଧିକାରୀଙ୍କ ଠାରୁ ସବୁ ଶୁଣନ୍ତି, ପୁଣି ରବିର ସ୍ତ୍ରୀ ଦୌଡ଼ି ଆସି ଦେଖେ କଣ ସବୁ ଘଟି ଯାଇଛି ନିଜକୁ ବିଶ୍ୱାସ କରି ପାରୁ ନଥାଏ । ରବି ଏପରି ନ ଥିଲା । ୩ ଜଣ ଫାଣ୍ଡିରେ ଥିବା ଅବସ୍ଥାରେ ତରୁଣୀର ପରିବାର ଲୋକେ ଅଭିଯୋଗ ପାଇଁ ଫାଣ୍ଡିକୁ ଆସନ୍ତି ତ ସବୁ ସରିଯାଇଥାଏ । ତରୁଣୀ ମଧ୍ୟ ଏଇ କଥା ଶୁଣି ଆଶ୍ଚର୍ଯ୍ୟ ମନେ କରନ୍ତି । ଯେ ପୋଲିସ୍ ଏତେ କାମ ଜଲ୍‌ଦୀ କିପରି । କିଛି ସମୟ ପରେ ତରୁଣୀର ବୟାନ ରେକର୍ଡ ହୁଏ । କିନ୍ତୁ ସେ ଗୋଟିଏ କଥା କହିଦିଏ ସାର୍, ସେଇ ପୁରୁଷଙ୍କ (ରବି) ସାମ୍ନାରେ ସବୁ ଘଟିଗଲା । କିନ୍ତୁ ସେ ନଥିଲେ ମୁଁ ବଳାତ୍କାରର ଶୀକାର ହୋଇଥାନ୍ତି । ତାଙ୍କ ପାଇଁ ଆଜି ମୁଁ ମୁଣ୍ଡ ଉଠାଇ ବାଟ ଚାଲି ପାରିବି । ସେ ନିର୍ଦ୍ଦୋଷ । ସୁଲଗ୍ନା ସେଇଠି ଛିଡ଼ା ହୋଇ ଖାଲି ଲୁହ ଝରାଇ ଚାଲିଥାଏ । ରବି ଏହା ଦେଖି ସାର୍ ଙ୍କୁ କହେ । ସାର୍ ଏ ଜୀବନ ମୋର ଦରକାର ନାହିଁ । ମୋ ସ୍ତ୍ରୀ କାର୍ତ୍ତିକ ମାସରେ ଧର୍ମ କରି ଚାଲିଲା । ମୁଁ ମଦ ପି ନାରୀକୁ ଧର୍ଷଣ ପାଇଁ ବାହାରିଗଲି । ମୁଁ ଯଦି ମୋ ସାଙ୍ଗମାନଙ୍କ ସହ ପାର୍ଟି କରି ନଥାଆନ୍ତି ହୁଏତ କଥା ଏତେବାଟ ଯାଇ ନ ଥାନ୍ତା । ସବୁ ଦୋଷ ସାର୍ ମୋର । ମୋତେ ମାରି ଦିଅନ୍ତୁ । ଏମିତି ବଞ୍ଚିଲେ ଜୀବନ ଥିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଏ ମୁଁ ମୋ ସ୍ତ୍ରୀ କଣ, ଆଉ କାହାରି ବିଶ୍ୱାସ ପାଇ ପାରିବି ନାହିଁ । ସୁଲଗ୍ନା ମୋତେ ଛାଡିଦିଅ ଆଉ ଯିବାକୁ ଦିଅ । ଭାବିଦେବ ଏ ଜନ୍ମ ତୁମ ପାଇଁ ମୁଁ ଗୋଟେ ଦୁଃସ୍ୱପ୍ନ ହୋଇ ଆସିଥିଲି । ରବି ଏତିକି କହି ହାଜତକୁ ଚାଲିଗଲା । କିନ୍ତୁ ତରୁଣୀର ରାୟ୍ ଅନୁସାରେ ରବିକୁ ଛାଡି ଦିଆଗଲା । ଆଉ ଦୁଇ ସାଙ୍ଗକୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଦିଆଗଲା । ଦୁଇ ସାଙ୍ଗ ମଧ୍ୟ ସମାଜର ସମସ୍ତଙ୍କ ସାମ୍ନାରେ ନିଜ ଭୁଲ ମାଗି ଫାଣ୍ଡି ଆଗରେ କ୍ଷମା ପ୍ରାର୍ଥନା କରିଥିଲେ । କାରଣ ଯାହା ବି ହୋଇଥିଲା ସବୁ ସେଇ ମଦ ପାଇଁ ଆଉ କହିଗଲେ । ଆମେ ତ ବିଶ୍ୱାସର ଯୋଗ୍ୟ ନୁହଁ ପାରିବେ ଯଦି କ୍ଷମା କରିବେ । ବୋଧ ହୁଏ ଏ କଳିଯୁଗରେ କିଛି ଗୋଟେ ନୂଆ ଥିଲା ଏଇ ପ୍ରକାର । କିନ୍ତୁ ରବି ସମସ୍ତଙ୍କ ସାମ୍ନାରେ ରାୟ୍ ଦେଇଥିଲା । ମୋ ଭୁଲ୍ ପାଇଁ ମୁଁ ଆଉ ସେ ଗ୍ରାମବାସୀଙ୍କ ଯୋଗ୍ୟ ନୁହଁ ପ୍ରାୟଶ୍ଚିତ୍ ପାଇଁ ମୁଁ ୬ ମାସ ଜଙ୍ଗଲରେ ରହିବି ।

ଧିକ୍କାର ଏ ସମାଜର ଆମ ଭଳି ମର୍ଦ୍ଦ ଜାତି । ନିଜର ଆଧିପତ୍ୟ ଜାହିର ପାଇଁ ନାରୀକୁ ଅତ୍ୟାଚାର । ହୁଏତ କେଉଁ ଜନ୍ମରେ ଏପରି ସମାଜ ଆଉ ନ ଆସୁ ।

ଇରମ ବାସୁଦେବପୁର

ଭଦ୍ରକ, ୭୫୬୧୨୫

ମୋ:୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫ୍ଟୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁଗଳବନ୍ଦୀ

ଡଃ ନାରାୟଣ ଚନ୍ଦ୍ର ସେନାପତି



ଆନ୍ତରିକତାର ବନ୍ଦୀଶାଳାରେ
ଯେବେ ଦୁଇଟି ଚିନ୍ତାଧାରା ହୁଅନ୍ତି ଛନ୍ଦି
ସେତେବେଳେ ସୃଷ୍ଟି ହୁଏ ଯୁଗଳବନ୍ଦୀ
ଦୁଇଟି ମନର ହୁଏ ମିଳନ
ଦୁଇଟି ସମଦର୍ଶୀ ଆବେଗ କରନ୍ତି କୀର୍ତ୍ତନ
ଚେତନାର ଅନ୍ତରାଳେ ଉଦ୍ଦେଶ୍ୟର ବୀଣା ବଜାଇ
ଆକର୍ଷଣର ଛାପ ରେ ସଭିଙ୍କୁ କରିଥାନ୍ତି ନଜରବନ୍ଦୀ ।

ଜଣଙ୍କ ହୃଦୟର ଭାଷା
ଅନ୍ୟର ଭାଷାକୁ ଆଉଁସି ଦିଏ
ଜଣଙ୍କ ଚେତନାର କାକଳି
ଅନ୍ୟର ଭାବ ଭାଷାକୁ ସଙ୍ଗୀତ ଶୁଣାଏ
ଶବ୍ଦ ଶବ୍ଦର ହାତ ଧରେ
ଭାବ ଭାବକୁ ଆଲିଙ୍ଗନ କରେ
କେବେ କେବେ ଦୁହିଁଙ୍କ ଆଶାର ଦେଉଳରେ
ଖୁସିର ସଞ୍ଜବତୀ ଜଳିଯାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଜଣା ଅଶୁଣା ଦୁଇଟି ଆତ୍ମାକୁ
ସୁସମ୍ପର୍କରେ ବାନ୍ଧି ଦିଏ ଯୁଗଳବନ୍ଦୀ
ଏକତାର ବନିଶି ପକାଇ
ଭ୍ରାତୃତ୍ୱ ଧରି ବ୍ୟକ୍ତିତ୍ୱ ନାଳିଆରେ ପୁରେଇ ଦିଏ
ଜଣଙ୍କର ଧାଡ଼ିଏ ଭାବନାକୁ
ଆଉ ଜଣେ ପୂରଣ କରେ
ଜଣଙ୍କର ମୃଦୁ ଚିନ୍ତନକୁ
ଆଉ ଜଣେ ପ୍ରଖର କରେ
ଦୁହିଁଙ୍କ ଅଭିଜ୍ଞତାର ମିଳନରେ
ସମାଜ ପରା ମଧୁର ବାର୍ତ୍ତା ପାଇ କୋଳେଇ ନିଏ ।

ଜମ୍ମୁରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁଗଳବନ୍ଦୀ

ଡଃ ମାହେଶ୍ୱରୀ ଦାଶ



ଯମୁନା ପୁଳିନ ଦିଶୁଛି ମଳିନ
ନଟନାଗରଙ୍କ ନଦେଖି ପାଶେ
ଶତ ତରଙ୍ଗର ନୀରବ ଯନ୍ତ୍ରଣା
ବିରହର ବ୍ୟଥା ନିରତେ ଭାସେ ।

ଶରତ ହେମନ୍ତ ଋତୁର ସୀମନ୍ତ
ହଜାଇ ଦେଇଛି ଆଲକ୍ତ ଆଭା
ନୀଳ ଇକାଶର ମୁଗ୍ଧ ମାଧୁରୀମା
ବିଡମ୍ବନା ସୁରେ ସଜାଏ ଗଭା ।

କଦମ୍ବ କେତକୀ ଶୁକ ପିକ କେକୀ
ଚାହିଁ ବସିଛନ୍ତି କାହ୍ନଙ୍କ ବାଟ
ତମାଳ ବନର ମଧୁର ସୁବାସ
ପାସୋରି ପାରୁନି କହ୍ନେଇ ନାଟ ।

ରାକା ରଜନୀର ଚାନ୍ଦର ଜୋଛନା
ରାଇ ରାଇ ବୋଲି ଡାକୁନି ଆଉ
କୋଟି ଅପବାଦ ବୋଳିଛି ବିଷାଦ
ସହି ହେଉନାହିଁ ତୁଣ୍ଡର ଦାଉ ।

କୁଞ୍ଜବନ କେଳି ହୁଏ ନିଉଛାଳି
ବିରହ ବିଧୁର ରାଗିଣୀ ଗାଇ
ଯାତନା ନଈର ଭରା ଜଳଧାର
ଅନ୍ତର୍ଗତେ ଧାଏଁ କୂଳକୁ ଖାଇ ।

ତ୍ୟାଗ ଓ ପ୍ରେମର ମଧୁର ନିନାଦ
ନାଚୁନାହିଁ କୁଞ୍ଜେ ପାଦକୁ ଛନ୍ଦି
ମଳୟ ନେଇଛି କେବେଠୁ ମେଲିଣି
ଶୁଭୁନି ବଂଶୀର ଯୁଗଳବନ୍ଦୀ ।

ନିମାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁଗଳବନ୍ଦୀ

ସଂଯୁକ୍ତା ସାହୁ



ଯୁଗଳ ବନ୍ଦୀ ଯେ ସାହିତ୍ୟ କ୍ଷେତ୍ରରେ
ଶବ୍ଦର ମିଳନ ହୁଏ
ଦୁଇ ମନ ଭାବ ଏକତ୍ର ହୋଇଲେ
ଅର୍ଥ ଏକା ମିଳିଯାଏ ।
ଗୋଟିଏ ଶୀର୍ଷକ ଦୁଇଟି ଭାବନା
ଶବ୍ଦ ନିର୍ଯ୍ୟାସ ବାହାରେ
ଦୁଇ ଜଣଙ୍କର ଚିନ୍ତା ଚେତନାର
ଆସେ ଭାଷା ବିନ୍ୟାସରେ ।
କବିତା ହେଉ ବା ଏକ ପଦୀ ହେଉ
ପ୍ରତିଧ୍ୱନୀ ସୃଷ୍ଟି ହୁଏ
ଶବ୍ଦ ସହ ଶବ୍ଦ ମିଶିଗଲେ ତାହା
ଯୁଗଳ ବନ୍ଦୀ ହୋଇ ଯାଏ ।
ଜଣଙ୍କ ଭାବନା ଅନ୍ୟ ଜଣେ ଯଦି
ଠିକ୍ ଭାବେ ବୁଝି ଥାଏ
ସେଇ ଶବ୍ଦ ନେଇ ସଜାଇ ହୁଏ ଯେ
ଭାଷା ରଥ ଗଡିଯାଏ ।

ଇଏ ନୁହେଁ ଏକା ପ୍ରତିଯୋଗିତା ତ
ଶବ୍ଦ ଶବ୍ଦର ମିଳନ
ଦୁଇ କଲମରୁ ଗୋଟିଏ ଅର୍ଥାର୍ଥ
ସାହିତ୍ୟର ପ୍ରାଣ ଧନ ।
ଏମିତି ସର୍ବଦା ଯୁଗଳବନ୍ଦୀଟି
ଶବ୍ଦର ଫୁଲ ଫୁଟାଇ
ସୃଜନୀ ମାନେ ଯେ ଲେଖି ଚାଲ ସବୁ
ଅନନ୍ୟାକୁ ଦିଅ ସଜାଇ ।

ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

ଯୁଗଳବନ୍ଦୀ

ହେମନ୍ତ କୁମାର ସାହୁ



ଏକ ହାତେ ତାଳି ବାଜିଛି କି କେବେ
କିଏ ଦେଖନ୍ତି ଜଗତେ
ସେ ପାଇଁ ତ ଦୁଇ ହାତ ଆବଶ୍ୟକ
ପ୍ରତେକ କାର୍ଯ୍ୟ ନିମନ୍ତେ ।
ଦୁଇ ପାଦେ ଚାଲି ଜଗତ ବୁଲିବ
ଏକ ପାଦେ କେବେ ନୁହେଁ
ଦୁଇ ଜଣ ଥିଲେ ଭୟ ଦୂର ହୁଏ
ଅକଲାରେ ଭୟ ଥାଇ ।
ଦୁଇ ମନ ଯଦି ଏକାଠି ହୋଇବ
କାର୍ଯ୍ୟ ହୋଇବ ସଫଳ
ସଂଗୀତ ମୂର୍ଚ୍ଛନା ତାଣ୍ଡବ ରଚାଏ
ତାନ ଶୁଭେ କଳ କଳ ।

ଯୁଗଳବନ୍ଦୀରେ ଦୁଇ ସ୍ରଷ୍ଟାଙ୍କର
ସୁମଧୁର ଶବ୍ଦ ପୁଞ୍ଜ
ଜୀବନ ତୋଳଇ କବିତା ମଧ୍ୟରେ
ସତେ ଅବା ମଧୁ କୁଞ୍ଜ।
ଦୁଇ ମନ ଭାବ ଏକତ୍ର ହୋଇଲେ
କବିତା ତୋଳେ ଝଙ୍କାର
ସେଇ ଝଙ୍କାରରେ ଉଦ୍ଭାଦିତ କରେ
ପାଠକ ମନ ଗହ୍ୱର ।
ଦୁଇ କବିତାର ମଧୁର ମିଳନ
ସାର୍ଥକ କରାଏ ସୃଷ୍ଟି
ଅସମ୍ଭବକୁ ଯେ ସମ୍ଭବ କରଇ
ଯୁଗଳବନ୍ଦୀର ପୃଷ୍ଟି ।

ମାହାଙ୍ଗା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁଗଳବନ୍ଦୀ

ନଳିନୀ ପ୍ରଭା ମିଶ୍ର



ସଙ୍ଗୀତ ଝଙ୍କାର ମିଳିତ ସ୍ୱାକ୍ଷର
ଯୁଗଳ ବନ୍ଦୀର ମୁଖ୍ୟ
ପାଦ ପୂରଣରେ ସମନ୍ୱୟତାର
ସମ୍ପର୍କର ମୂଳ ଲକ୍ଷ୍ୟ ।
ଶୁଦ୍ଧ ଓ ସହଜ ସ୍ୱର, ଲୟ, ତାଳ
ଝଙ୍କୃତ ସଙ୍ଗୀତ ସୁର
କରେ ମନ୍ତ୍ର ମୁଗ୍ଧ ସାଧନାର ସିଦ୍ଧ
ଶୃତି ମନ ସୁମଧୁର ।
ପ୍ରଣବ ଓ୴କାର ଦିବ୍ୟ ଭାବନାର
ମହତ୍ ସେ ନିଦର୍ଶନ
କଳାର ବିକାଶ ଯୁଗଳ ବନ୍ଦୀରେ
ଗାୟନର ନିଦର୍ଶନ ।

ଗାୟନ ଶୈଳୀ ସୁଲଳିତ କଣ୍ଠ
ନୀତି ନିୟମ ଶୃଙ୍ଖଳା
ଯୁଗଳ ବନ୍ଦୀର ସମ୍ମୋହନ
ତାନ ସଙ୍ଗୀତ କଟୀ ମେଖଳା ।
ପ୍ରଦତ୍ତ ଶୀର୍ଷକ ଉଭୟ ସ୍ୱରରେ
ନିଜସ୍ୱ ପ୍ରକାଶ କୃତି
ଆକର୍ଷିତ ହୁଏ ନିଆରା ଢଙ୍ଗରେ
ସଙ୍ଗୀତର ପ୍ରତି ପ୍ରୀତି ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ଧାରର ସ୍ୱର

ନିରୁପମା ମହାନ୍ତି



ଅନ୍ଧାରର ସ୍ୱର ଆନ୍ଦୋଳିତ କରେ
ପୃଥିବୀର ନିଶବ୍ଦରେ
ମନ ଗହନର ଅକୁହା କଥାକୁ
ବାଢୁଥାଏ ଗୋପନରେ (୧)
ଶୋଇପଡେ ଯେବେ ସାରା ପୃଥିବୀଟା
କୋଳାହଳ ଥମିଯାଏ
ସେ ରହସ୍ୟମୟ ଆଳାପର ବାର୍ତ୍ତା
ଧିରେ ଧିରେ ଚେଇଁ ଥାଏ (୨)
ଏହି ସ୍ୱର ପୁଣି କୌଣସି ଶବ୍ଦର
ମହତାଜ ଲୋଡେ ନାହିଁ
ନିଶବ୍ଦତାର ଏ ଗମ୍ଭିର ରାଗ ଯେ
ଗୁଞ୍ଜରଣ ହୋଇଥାଇ (୩)
ହଜିଯାଇଥିବା ସ୍ମୃତିର ସନ୍ତୁକ
ମନେ ଆସି ଥାପିଥାଏ
ପ୍ରେମର ବାରତା ଭୟ କାତରତା
ନିଜକୁ ହଜେଇ ଦିଏ (୪)
ଦିନର ଆଲୋକେ ଲୁଚି ରହିଥାଏ
ମନର ଗୋପନ କଥା
ଅମା ଅନ୍ଧକାରେ ମୁଣ୍ଡଟେକି ଚାହେଁ
ହସ ଲୁହ ଭରା ବ୍ୟଥା (୫)
ଅନ୍ଧାରର ସ୍ୱର ଭାରି ଭୟଙ୍କର
ଲୁଚା ଛପା ପ୍ରେମ ପ୍ରୀତି
ଗରିବର ସେହି ସୁନିଦ୍ରା ଟିକକ
ଲାଗେ ତ ବାସର ରାତି (୬)
ଅମା ଅନ୍ଧକାର ନୁହେଁ ଯେ ଗମ୍ଭିର
ଆତ୍ମାର ତ ଏକ ସ୍ୱର
ନୀରବତାର ସେ ପ୍ରକାଶ କରେ ଯେ
ଗଭୀର ସତ୍ୟର ଭାର (୭)
କଳାକାହ୍ନୁ ମୋର କଳା ଅନ୍ଧାରରେ
ଚାହିଁ ଥାଏ ଅବିରତ
କେଉଁଠୁ କେବେ ତ କିଏ ଆସିଯିବ
ଲଗାଇବ ଭାବ ପ୍ରୀତ (୮)

ଓଲ୍ଡ ଟାଉନ, ଭୁବନେଶ୍ୱର ୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ଧାରର ସ୍ୱର

ଗଗନ ବିହାରୀ ଷଡ଼ଙ୍ଗୀ



ଅନ୍ଧାର ଆଲୋକ, ଏ ଦୁଇ ମଧ୍ୟରେ
ଜୀବନ ରଥଟି ଚାଲେ,
ଦୁଃଖ ସୁଖ ଚକ, ହରଷ ବିଷାଦ
ଦୁଇ ଅଶ୍ୱ ବନ୍ଧା ଥିଲେ ।୧

ଇଚ୍ଛାର ଲଗାମ, ବିବେକ ଚାବୁକ
ମନ ସାରଥୀ ସାଜିଲେ,
ଅନ୍ଧାର ହେଉ ବା, ହେଉଟି ଆଲୋକ
ଖାଲ ଢିପେ ମାଡ଼ି ଚାଲେ ।୨

ଆଜିର ମଣିଷ, ଆଲୋକକୁ ଦରେ
ଅନ୍ଧାରକୁ ନାହିଁ ନିଘା,
ପାପ ଅପରାଧ, ଆଚରି ବସିଲେ
କେହି ନ ଲଗାଇବେ ପଘା ।୩

ତଥାପି ଅନ୍ଧାରେ, ଶକ୍ତି ବିଦ୍ୟମାନ
ହିସାବ ନିକାଶ କରେ,
ଅନ୍ଧାରର ସ୍ୱର, ଅତ୍ୟନ୍ତ ପ୍ରଖର
ଗୁପ୍ତରେ ସଦା ବିଚରେ ।୪

ନୀରବ ନିଶ୍ଚଳ, ସେହି କାଳବେଳା
ନିରେଖି ମାନବ କୃତି,
ଅନ୍ଧାର ସ୍ୱରକୁ, ଶାଣିତ କରାଇ
ମନେ ଭରେ ମହା ଭିତି ।୫

ଭାବଇ ଅନ୍ଧାରେ, କେହି ଦେଖୁ ନାହିଁ
ମୋର ବିନୁ ନାହିଁ ଆନ,
ଆଖି ବୁଜି କ୍ଷୀର, ପାନ କଲେ ମଧ୍ୟ
ଦେଖୁଛି ବିଶ୍ୱ ନୟନ ।୬

ଅନ୍ଧାରର ସ୍ୱର, କରେ ହରବର
ବୁହାଇ ମନେ ଗରଳ,
ହଜମ କରିବା, ନୁହଁଇ ସହଜ
ସେ ଯେ ବିଷ ହଳାହଳ ।୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ଧାରର ସ୍ୱର, ହୁଅଇ ଉତ୍କଟ
ମାୟାବୀ ମାୟାବିନୀରେ,
ଚଳ ପ୍ରଚଳରେ, ଭୟ ସୃଷ୍ଟି କରି
ଖେଳଚ୍ଛି ନାନା ରୂପରେ ।୮
ଅନ୍ଧାରର ସ୍ୱର, କରେ ସଙ୍କୁଚିତ
ନୀରବ ନିଷ୍ପ୍ରଭ ପ୍ରାଣ,
ବୁଦ୍ଧି ଭ୍ରମ କରି, ପଶୁତ୍ୱ ଆବୋରି
ପିଣ୍ଡ କରେ ଅକାରଣ ।୯
ଜ୍ଞାନର ଆଲୋକ, ବିତରେ ସୁବାସ
ମହକେ ସାରା ସଂସାର,
ଅନ୍ଧାରର ସ୍ୱର, ବଡ ପୂତିମୟ
ଜୀବନ କରେ ବେକାର ।୧୦
ଅନ୍ଧାରର ସ୍ୱର, ଛଳନାରେ ପୂର୍ଣ୍ଣ
ଆଲୋକ ସ୍ୱର ମଧୁର,
କେଉଁଟି ସୁନ୍ଦର, ଆଉ ଗ୍ରହଣୀୟ
ମନରେ ବିଚାର କର ।୧୧

ତୁଳସୀପୁର, ବାଙ୍କୀ, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀ ରାଧା

ଅଲେଖ ମେହେର



ରାସ ମଣ୍ଡଳରେ ଜାତ ହେଲେ ରାଇ
ଶ୍ରୀକୃଷ୍ଣଙ୍କ ବାମ ଅଙ୍ଗରୁ,
ଧାମନ୍ତେ ଗୋବିନ୍ଦ ଆଦ୍ୟାକ୍ଷର ନେଇ
ରାଧା ନାମହେଲା ତହିଁରୁ।
ଅମୀୟ ଜୀବ ସନାତନ ପରମ,
ପ୍ରେମମୟୀ ମାତା ଅଭିଶାପ ପାଇଁ
ବର୍ଷାଣା ଅଞ୍ଚଳେ ଜନମ ।
ରା ଉଚ୍ଚାରଣରୁ ମୁକ୍ତି ପ୍ରେମ ମାର୍ଗ
ଖୋଲି ଜୀବ ଚକ୍ଷୁ ମୁକତି,
ଧା କୁ ଧାରଣରେ ଖୋଲେ ଦିବ୍ୟ ଜ୍ଞାନ
ଉପୁଜଇ ଭକ୍ତି ଶକତି।
ଓଲଟା, ଈଶଠାରୁ ଭବେ ଗମନ ,
ବଦଳାଇ ଦେଲେ ଶ୍ରୀରାଧା ପ୍ରାପତ
ମିଳେ ପ୍ରଭୁଙ୍କର ଚରଣ।
ସନାତନ ଧର୍ମ ଶାସ୍ତ୍ର ପୁରାଣରେ
ସର୍ବ ଶକ୍ତିମାନ ମାଧବ,
କିଶୋରୀ ତାଙ୍କର ଆହ୍ଲାଦିନୀ କେନ୍ଦ୍ର
ମୋଦ ସୁଧାମୃତ ବୈଭବ ।
ବିହୁନେ, ନିରାନନ୍ଦ ଫିକା ଜୀବନ,
ଭିନ୍ନ କାୟା ସିନା ଏକ ହିଁ ଆତମା
ସୃଷ୍ଟି କଲ୍ୟାଣରେ ଭିଆଣ।
ସଂସାର ଭିତରେ ପ୍ରେମ କରିଥିଲେ
ଧୋକା ହିଁ ତାହାର ପାଉଣା,
ସ୍ନେହ ଶ୍ରଦ୍ଧା ପ୍ରୀତି ବଦଳରେ ସଦା
ମିଳିଥାଏ ଘୃଣା ଗଞ୍ଜଣା ।
ଶ୍ରୀରାଧା, ନାମ ରସାମୃତ ପାନରେ,
ସୁଦ୍ଧ ପୂତ ହୁଏ ତନୁ ମନ ପ୍ରାଣ
ଝରି ଯାଏ ଲୁହ ଆଖିରେ ।
ଅଲେଖ ମେହେର ଝର ସୋହେଲା

alekha mehera

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୌତମ ଆଶ୍ରମ

ସତ୍ୟ ନାରାୟଣ ପ୍ରଧାନ



ରାଗ-ରସକୁଲ୍ୟା

ଯଜ୍ଞ ରକ୍ଷା କଲେ ରାମ ଲକ୍ଷ୍ମଣ
ନିର୍ବିଘ୍ନରେ କରି ଆହୁତି ଦାନ
ବିଶ୍ୱାମିତ୍ର ଚିତ୍ତ ଉଲ୍ଲାସ ଅତି
ଉପକାରୀ ପ୍ରତି ଦୟା ସଂପ୍ରତି ସେ
କରି କହନ୍ତି ମୁନୀଶ ଯେ
ଆପଣା ଭୁବନ ମିଥିଳା ରାଜନ
କଲେ ନୃପ ସମାବେଶ ଯେ ।

ଶିବଧନୁ ପ୍ରାପ୍ତ ହୋଇଛି ତାଙ୍କୁ
ଅଲୌକିକ ଗୁଣ ଅଛି ଧନୁକୁ
ଦେଖି କରିଦେଲେ ଅଟଳ ପଣ
ଉତ୍ତୋଳନ କରି ଧନୁରେ ଗୁଣ ସେ
ଯେଉଁ ବୀର ପାରେ ଦେଇ ଯେ
ମୋ ସ୍ନେହ ଦୁଲାଳୀ ସୁନ୍ଦରୀ ମୈଥିଳୀ
ଅର୍ପିବି ପ୍ରତିଜ୍ଞା ଏହି ଯେ ।

ଏବେ କନ୍ୟା ତାଙ୍କ ବିବାହ- ଯୋଗ୍ୟା
ପୂରଣ କରିବେ ବୋଲି ପ୍ରତିଜ୍ଞା
ସ୍ୱୟମ୍ବର କରନ୍ତି ରାଜ ଋଷି
ନିମନ୍ତ୍ରଣ ପାଇ ରାଜନେ ଆସି ସେ
ମିଥିଳାରେ ଉପଗତ ଯେ
ମହା ଆଡମ୍ବର ଧରେ ସ୍ୱୟମ୍ବର
ଦେଖିବା ହେବ ଉଚିତ ଯେ ।

ସଙ୍ଗତରେ ଧରି ରାମ ଲକ୍ଷ୍ମଣ
ମିଥିଳା ଉଦ୍ଦେଶ୍ୟେ କଲେ ଗମନ
ପଦବ୍ରଜେ ନାନା ଅରଣ୍ୟ ଦେଇ
ଯାଉ ମନୋହର ସ୍ଥାନ ଦେଖାଇ ସେ
କହୁଛନ୍ତି ତପୋସାଇଁ ଯେ
ଦେଖ ରଘୁପତି ଆଗେ ଅଛି ରହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୌତମଙ୍କ ସିଦ୍ଧ ଭୂଇଁ ଯେ ।

ଫୁଲ୍ ଫଳ ଭରା ରମ୍ୟ କାନନ
ଅବିରତ ବହେ ଧୀର ପବନ
ତପୋସ୍ଥାନ ହେତୁ ପବିତ୍ର ଅତି
ପଦପାତେ ପାପୀ ଲଭିବ ମୁକ୍ତି ସେ
ଚାଲ୍ ଯିବା ତା'ର କତି ଯେ
ନାହାନ୍ତି ଗୌତମ କୀର୍ତ୍ତି ତଦୁତ୍ତମ
ସୂଚାଉଛି ଅବସ୍ଥିତି ଯେ ।

ରାମ କୌତୁହଳୀ ହେଲେ ଅଧିକ
ତପୋଧନ ଛାଡି ରମ୍ୟ ମୁଲକ
କାହିଁକି ପରିତ୍ୟାଗ କରି ଗଲେ
ଗାଧିସୁତ ତାଙ୍କୁ ବୁଝାଇ ଦେଲେ ସେ
ଇନ୍ଦ୍ର ଅହଲ୍ୟାଙ୍କ ତୁଲେ ଯେ
କୁକର୍ମ କାହାଣୀ ଦେଲାରୁ ବଖାଣି
ଶ୍ରୀରାମ ସଦୟ ହେଲେ ଯେ ।

କହିଲେ ଦୁଃଖଦ ଘଟଣା ଏହା
ନାରୀଜାତି ସଦା ଦୁର୍ବଳ ଦେହା
କହି ପୁରୁଷ କରେ ଦୋଷାରୋପ
ଅଜ୍ଞାତବଶେ କରିଥିବା ପାପ ସେ
ଦଣ୍ଡ ଯୋଗ୍ୟ ନୁହେଁ କେବେ ଯେ
ପତି ପରାୟଣା ଅହଲ୍ୟା କିପରି
ତେବେ ଦଣ୍ଡମୁକ୍ତ ହେବେ ଯେ ।

ପ୍ରତିକାର ଦେଇଛନ୍ତି ଗୌତମ
ପାଷାଣ ପ୍ରାୟେ ଆପଣାର କର୍ମ-
ଫଳ ଭୋଗ କରୁଛନ୍ତି ଅହଲ୍ୟା
ସତ୍ୟ ଯୁଗ ଯାଇ ତ୍ରେତୟା ହେଲା ସେ
ଦିନେ ଦଶରଥ ବଳା ଯେ
ଆସି ପଦଧୂଳି ପକାଇ ମଉଳି
ଉଦ୍ଧରିବେ କଥା ଥିଲା ।

ସେ ସମୟ ଆଜି ଆସିଛି ରାମ
ଚାଲ୍ ଦେଖିବ ସ୍ଥାନ ସର୍ବୋତ୍ତମ
ପାଷାଣୀ ଅହଲ୍ୟା ଅପେକ୍ଷମାଣ
ନିରନ୍ତର କରି ତୁମ୍ଭଙ୍କୁ ଧ୍ୟାନ ସେ
କର ପଦ ସଂସ୍ଥାପନ ଯେ
ପାଇଯାଉ ମୁକ୍ତି ଘୋଷିବ ଧରିତ୍ରୀ
କୃପାମୟ ଭଗବାନ ଯେ ।

ଆଠମଲ୍ଲିକ, ଅନଗୁଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହରିଆ ଅଜା

ରାମ ଚନ୍ଦ୍ର ପ୍ରଧାନ



ହରିଆ ଅଜା କରନ୍ତି ମଜା
ପାନ ଖିଲଟେ ଜାକି,
ପକାଇ ସପ କରନ୍ତି ଗପ
ଅଧାରୁ ଥିବା ବାକି ।
ସତ କାହାଣୀ ବିଜ୍ଞାନ ମୁଣି
ପରି ରାଇଜ କଥା,
ସରଳ କରି ବୁଝନ୍ତି ସିଏ
ଦେଶପ୍ରେମର ଗାଥା ।
ଗୀତା ହେଉ କି ମହା ଭାରତ
ହେଉଙ୍ଗା ସାଧୁ ବାଣୀ,
ପାଖେ ବସାଇ କହନ୍ତି ସିଏ
ପିଲାଙ୍କ ମନ ଜାଣି ।

ବୁଝୁ ନ ବୁଝୁ ହୁଉଁ ମାରନ୍ତି
ମୁରୁକି ହସି ପିଲେ,
ମଝି ମଝିରେ ଲୋଟି ପଡନ୍ତି
ଅଜାଙ୍କ ପାଖେ ଗେଲେ ।
ନିଦରେ ପିଲେ ଝୁଙ୍କି ପଡିଲେ
ଅଜା ଦେଖାନ୍ତି ଭାଉ,
କହନ୍ତି ସିଏ ବାକି କାଲି କି'
ଆଜି ଏତିକି ଥାଉ ।

ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ: ୯୮୬୧୬୩୮୭୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିମନ୍ୟୁ

ସୁନିତା ଦାଶ



ଚକ୍ରବ୍ୟୂହର ରଚନା କରିଥିଲେ ଆତ୍ମୀୟ ସ୍ୱଜନ,
ଆଜି ମଧ୍ୟ ସେ ଚକ୍ରବ୍ୟୂହ ହେଉଛି ରଚନା
ସେଠିଥିଲେ ଆତ୍ମୀୟ ସ୍ୱଜନ
ଏଠି ମଧ୍ୟ ଅଛନ୍ତି ଆତ୍ମୀୟ ସ୍ୱଜନ,

ଶିଖିବାକୁ ହେବ ଆମକୁ ଅତୀତରୁ କିଛି
ସାବଧାନ ରହିବାକୁ ହେବ ଆତ୍ମୀୟତା
ଆଳରେ ଶତୃତା ଆଚରୁ ଥିବା ସେହି
ଦୁର୍ଯ୍ୟଧନ ଓ ଦୁଶାସନ ମାନଙ୍କ ଠାରୁ
ଏକୁଟିଆ ଦେଖି ମାଡି ଆସନ୍ତି
ପିଠିରେ ଛୁରା ମାଡ କରିବାକୁ
ଶିଖିବାକୁ ହେବ ଚକ୍ରବ୍ୟୂହରୁ ବାହାରି ଆସିବାର କଳା,,,,,।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଝାଇ ପାରୁନି ମନ

ତାରା ପ୍ରସାଦ ଜେନା



ଯେତେ ଚେଷ୍ଟାକଲେ ବୁଝାଇ ପାରୁନି
ଗୋଟିଏ ମନକୁ ମୋର
ଆଉକା' ମନକୁ କେମିତି ନେଇ ମୁଁ
ସହଜେ କରିବି ଘର ?
ଯେତେ ଚେଷ୍ଟାକଲେ ବୁଝାଇ ପାରୁନି । ୦ ।

କାନ୍ଦରେ ସଢ଼ିଲେ କିଏସେ ବୁଝିବ
ହସିବ ପାଖରେ ବସି
ଖାଇ ନଥିଲେ ମୁଁ କିଏସେ ଖୁଆଇ
ବାଣ୍ଟିବ ଆଦର ଖୁସି ,
ଜାଣି ମୁଁ ପାରୁନି ଭାବନା ସରୁନି
ଛାତିରେ ଛନକା ଜର
ଯେତେ ଚେଷ୍ଟାକଲେ ବୁଝାଇ ପାରୁନି । ୧ ।

ଅବୁଝା ଗପକୁ କିଏସେ ବୁଝାଇ
କହିବ ପାଖରେ ମୋତେ
କିଏସେ ମୋ ପାଇଁ ଆକାଶୀ ଜହ୍ନକୁ
ତୋଳିକି ଆଣିବ ସତେ ,
ସାମାନ୍ୟ ମଣିଷ ଲାଗୁଛି ଯେମିତି
ଅଛିଣ୍ଡା ଗଣିତ ଡର
ଯେତେ ଚେଷ୍ଟାକଲେ ବୁଝାଇ ପାରୁନି । ୨ ।


ରଣପୁର, ଜିଲ୍ଲା-ନୟାଗଡ଼
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାତଗଣ୍ଠି

ଡଃ ମନ୍ଦାକିନୀ ପାଢ଼ୀ



ଦୁଇଟି ସତ୍ତାର ସମନ୍ୱୟ ଘଟେ
ହାତଗଣ୍ଠିର ବନ୍ଧନ
ଦେବତାଙ୍କ ଉପସ୍ଥିତି ଅଗ୍ନି ସାକ୍ଷୀ
ମୁହୁର୍ତ୍ତରେ ଶୁଭ ଲଗ୍ନ ।।

ମନ୍ତ୍ର ଧ୍ୱନି ଗୁଞ୍ଜରିତ ବ୍ରାହ୍ମଣଙ୍କ
ସାଜସଜ୍ଜା ର ବେଦୀରେ
ପିତାଙ୍କ ହାତରୁ କନ୍ୟାର ପଲ୍ଲବ
ଛନ୍ଦେ ବରଙ୍କ ହସ୍ତରେ ।।

ଦୁଇଟି ହାତର ମିଳନ
ନୁହେଁ ଏ
ନୁହଁଇ ଲୌକିକ ରୀତି
ଦୁଇଟି ଆତ୍ମାର ମିଳନ ସଂଯୋଗ
ଏକ ଅନାବିଳ ପ୍ରୀତି ।।

କୁଶବଟୁ ଚାରିପାଖେ ବନ୍ଧା ସୂତା
ସଂକଳ୍ପ ସାତ ଜନ୍ମର
ବାନ୍ଧେ ଦୁଇ ସଂସାରକୁ ଏକତ୍ରିତ
ପରିପୂରକ ବିଶ୍ୱାସର ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାତ ଜନ୍ମର ଅଦୃଶ୍ୟ ବନ୍ଧନରେ

ଆରମ୍ଭ ନୂତନ ପଥ

ଯେଉଁଠି ଦୁଇ ପାଦ ଏକାଠି ଚାଲେ

ଏକ ସ୍ୱରରେ ସ୍ପନ୍ଦିତ ।।

ଜୀବନର ପ୍ରତିଟି ସୁଖଦୁଃଖରେ

କର୍ମ ଦାୟିତ୍ୱ ସ୍ୱାକ୍ଷର

ଝଡ଼ ଝଞ୍ଝା ସାମ୍ନା କରିବାକୁ ବଢ଼େ

ସାହସ ବଳ ଗଣ୍ଠିର ।।

ସାଧାରଣ ଶବ୍ଦ ନୁହେଁ ଏହି ଗଣ୍ଠି

ମହା ସଂସ୍କୃତି ଚେତନା

ପ୍ରେମ ଓ ସମର୍ପଣ ପରିଭାଷାର

ଅନନ୍ୟ ଏକ ସାଧନା ।।

ପଦ୍ମପୁର ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ ପରି ହେବୁ

ନୀଳମଣି ଚାନ୍ଦ



'ଶାନ୍ତିବନ କହେ' ଯାହାଙ୍କ କଥା
'ଲାଲ୍ ଗୋଲାପ'ଟି ବୃନ୍ତରେ ଝୁଲିକି
ହଲେଇ ଦିଏରେ ଧୀରେ ତା ମଥା
କୁରୁତାରେ ନେଇ ଲଗେଇ ଦିଅ
ଶିଶୁକିଶୋରଙ୍କ ଥିଲେ 'ପ୍ରିୟ ଚାଚା'
ଭୁଲନି ଦେଶର ହେ ! ପୁଅଝିଅ ।

'ଆନନ୍ଦଭବନ' ଯା କଥା କହେ
ସେଇଠି ଭୂମିଷ୍ଠ ହୋଇଥିଲେ ସିଏ
ବୁଲିଗଲେ ପାଦ ଅଟକି ରହେ
ଥିଲେ ସିଏ ଗାନ୍ଧୀଙ୍କ ପଟ୍ଟଶିଷ୍ୟ
ଯା ଜନ୍ମଦିନକୁ ବିଶ୍ୱ ଜାଣିଛି
'ଶିଶୁଦିବସ'ର ଭାବେ ଅବଶ୍ୟ ।

ପ୍ରଥମ ପ୍ରଧାନମନ୍ତ୍ରୀ ଯେ ସିଏ
ଦେଶ ପ୍ରଗତିର ଥିଲେ କର୍ଣ୍ଣଧାର
ସେ ଯୁଗଜ୍ୟୋତିଙ୍କୁ ଭୁଲିବ କିଏ
ଆମ ଗହଣରେ ନାହାନ୍ତି ଆଜି
ତାଙ୍କ ପଞ୍ଚଶୀଳ ନୀତିଟି ଏମିତି
ନ ଭୁଲି ସମସ୍ତେ ହୁଅନ୍ତି ମାଜି।

ଜବାହରଲାଲ ନେହେରୁ ସିଏ
ମୋତିଲାଲ, ସ୍ୱରୂପାରାଣୀଙ୍କ ପୁତ୍ର
କଥାଟି କେ ମନେ ପକେଇଦିଏ
ଯେଉଁ ପଥେ ଗମି ଯାଇଛ ତୁମେ
ତୁମ ପରି ହେବୁ ଯଶସ୍ୱୀ ହୋଇବୁ
ନାମ ରଖିଯିବୁ ଏ ପୁଣ୍ୟଭୂମେ ।

ମନ୍ଦ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଭୃତ ସୁଖୀ ସଂସାର

ସନାତନ ମହାକୁଡ଼



ମୂଳ ରଚ୍ନା ବଙ୍ଗଳା- ରାମପ୍ରସାଦ କର

ଓଡ଼ିଆ ଭାଷାନ୍ତର- ସନାତନ ମହାକୁଡ଼

ବନ୍ଧନରେ ବନ୍ଧା ହୋଇଥିବା ସମ୍ପର୍କରେ ଯବନିକା ଟାଣିଦେବା

ପୂର୍ବରୁ କିଛି ଦରକାରୀ କଥା—

ଆସ, ସବୁକିଛି ସାରିନେବା,

ତୁମେ ନିଶ୍ଚିନ୍ତ ରୁହ,

ମଝି ରାସ୍ତାରେ ମୁଁ କେବେ ରଣଭଙ୍ଗ ଦେବି ନାହିଁ ।

ଆସ, ଏହି ନିରୋଳା ସ୍ଥାନରେ

ମୁହାଁମୁହିଁ ବସିବା ଦୁହେଁ ।

ନିଭୃତ, ସୁଖୀ ସଂସାର—

ଆମର କ'ଣ କେବେ ଥିଲା ?

ଜମାଟ ବ୍ୟସ୍ତତାରେ

ବ୍ୟବଧାନ ବଢ଼ିବା ବ୍ୟତୀତ

ଦୁଇ ଦଣ୍ଡ ଶାନ୍ତି ମଧ୍ୟ କ'ଣ ଥିଲା ?

ସେସବୁ ଆମେ ବୁଝିପାରିଲୁ ନାହିଁ ।

ଆସ, ବରଂ ଏହି ସବୁ ପୋଷାକ ଛାଡ଼ି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାୟା-ସରୋବରରେ ସ୍ନାନ ସାରି,

ମାଟିର ଗନ୍ଧ ମାଖା ପୋଷାକ ପିନ୍ଧିନେବା ।

ଚାହିଦା-ପ୍ରାପ୍ତି,

ଅହଂବୋଧ—

ସବୁକିଛି ଭସାଇଦେବା

ଏହି ସ୍ନିଗ୍ଧ ନିର୍ଝରର ଜଳରେ ।

ତା'ପରେ ନର ନାରୀ ପରି

ହାତେ ହାତ ଧରି

ବାକି ସମୟଟା କାଟିଦେବା ।

ହୁଏତ୍, ଏତିକି କରିପାରିଲେ

ଭବିଷ୍ୟତର ମହାପ୍ରଳୟକୁ

ଏଡ଼ାଇ ପାରିବା ଆମେ ।

ଗ୍ରାମ/ପୋ.ଅ-ବେରୁଆଁବାରୀ ୭୫୨୦୮୨

ଜିଲ୍ଲା- ନୟାଗଡ଼,ଓଡିଶା।

ଦୂରଭାଷ-୯୩୩୯୬୧୦୧୬୮

Email-sanmahakud@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅମୂଲ୍ୟ ଜୀବନ

ନିରଞ୍ଜନ ସାହୁ



ମରିଗଲେ ଯଦି ତରି ଯାଇହେବ
ସର୍ବେ ଯାଆନ୍ତେ ତ ମରି
ତେବେ କିମ୍ପା ଏଠି ମଣିଷ ବଞ୍ଚଇ
ନାନାବିଧ କଷ୍ଟ କରି ?

ଜୀବନ ଧାରଣ କରିବା ଏଠାରେ
ନୁହଁଇ ସହଜ କଥା
ପରିବେଶ ଆଉ ପରିସ୍ଥିତି ଆସି
ଘୁରାଇ ଦିଅଇ ମଥା
ତଥାପି ମଣିଷ ନ ମରି ବଞ୍ଚଇ
ସମସ୍ୟାକୁ ଡରି ଡରି ।

ବଞ୍ଚିବା ପାଇଁକି ଜୀବନ ସଂଗ୍ରାମ
କରିବାକୁ ହୋଇଥାଏ
କେତେବେଳେ କିଏ ଜିତିଯାଏ ପୁଣି
କେତେବେଳେ ହାରିଯାଏ
ହାରିଗଲା ଯିଏ ସରିଗଲା ସିଏ
ରହେ ଦୁଃଖୀଟିଏ ପରି ।

ଅସମାପ୍ତ ଦୁଃଖ ଅସହ୍ୟ ବେଦନା
ଅନ୍ତରକୁ ଭାରି ବାଧେ
ନିଜକୁ କଦାପି ବୁଝାଇ ହୁଏନି
ସମାଜ ବି ଦାଉ ସାଧେ
ତୁହାତୁହା ମେଘ ପରି ଆଖି ଲୁହ
ଅବାରିତ ଯାଏ ଝରି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଣିଷ ଭାବଇ କାହିଁକି ବଞ୍ଚିବି
ବଞ୍ଚିଲେ ବି କ'ଣ ହେବ
ଯେଉଁ କ୍ଷତି ଲାଗି ଯାତନା ଭୋଗୁଛି
ତାହା କେ ' ଫେରାଇ ଦେବ
ଭାଗ୍ୟ ଭଗବାନ ଶତ୍ରୁ ପାଲଟିକି
ଦୁଃଖ ଆଣି ଦେଲେ ଭରି ।

ଅବସାଦ ସାଥେ ମନସ୍ତାପ ମିଶି
ଦିଏ ମର୍ମାନ୍ତିକ କଷ୍ଟ
ମଣିଷ ଭାବଇ ଆତ୍ମହତ୍ୟା କରି
ଜୀବନ କରିବ ନଷ୍ଟ
ଜୀବନ ଗଣିତ ଫଳାଫଳ ଶୂନ
ଏ ଜୀବନ ଯାଉ ସରି ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ

ସୁଭାଗିନୀ ସିଂହ



ସମୟ କାହାକୁ କରେନି ଅପେକ୍ଷା
ତା' ପଥରେ ଚାଲୁଥାଏ,
ସମୟ ପାଖରେ ସବୁ ଶକ୍ତି ହୀନ
ସମୟ ପୁଣି ଶିଖାଏ ।।

ସମୟ ସହିତ ତାଳ ଦେଇ ଗଲେ
ସମୟ ଯେ, ବଳବାନ,
ପାଶେ ରଖି ତାକୁ ଚଳୁଥିଲେ ଆମେ
ସଂସାରେ ହୋଇବା ଧନ୍ୟ ।

ସମୟ ଶିଖାଏ ,ସମୟ ଦେଖାଏ
ଜୀବନର ସବୁ ମୂଲ୍ୟ,
ଥରେ ଚାଲି ଗଲେ ଫେରେନା ତ' ଆଉ
ଜୀବନ ଟା ବିଷ ତୁଲ୍ୟ ।

ସମୟର ସ୍ରୋତ ବହେ ଅବିରତ
ଏହି ଜୀବନ ପଥରେ,
କେବେ ଲୁହ, କେବେ, ଲହୁରେ ପୁରିଛି
ଭଙ୍ଗା ଗଢ଼ା ସଂସାରରେ ।

ଜୀବନରେ କେତେ ଖାଲି, ଢିପ,ଖଣା
ସମୟ ବତାଇ ଥାଏ,
ସମୟର ଚକ ଘୁରୁଥାଏ ସଦା
ଆଗକୁ ସେ, ବଢ଼ିଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରୋଗୀ ଜାଣେ ସିନା ସମୟର ମୂଲ୍ୟ
କେତେ ଯେ, ତା' ପାଇଁ ଲୋଡ଼ା,
ପରୀକ୍ଷାର୍ଥୀ ଜାଣେ ସମୟ ଗଣନା
ସମୟ ଜୀବନେ ଗଢା ।

ଗାଡ଼ିକୁ ଯିଏ ତ' ଅପେକ୍ଷା କରିଛି
ମୂଲ୍ୟ ଜାଣେ ସମୟର,
ସବୁବେଳେ ଆମେ ସମୟ ସହିତ
ଚଳି ଯିବା ନିରନ୍ତର ।

ପ୍ରଭୁଙ୍କ ସୃଷ୍ଟିରେ ସମୟର ଚକ
ଚାଲୁଥାଏ ଅବିରତ,
କେବେ ଆଣେ ଦୁଃଖ, କେବେ ଦୁର୍ବିସହ
ସମୟଟି ଚାଲେ ସତ ।

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବକ୍ଷୟରୁ ଅଭ୍ୟୁଦୟ

ଲକ୍ଷ୍ମୀଧର ବୋଡ଼କିଆ



ଉଠ ତରୁଣ !
ଛିନ୍ନ କର ମୋହର ମାୟାଜାଲ,
ବିବେକର ବଜ୍ରନିନାଦେ
ଭାଙ୍ଗିଦେ ଅଜ୍ଞାନର ଅଦୃଶ୍ୟ ପ୍ରାଚୀର ।
କେତେ ଦିନ ଆଉ
ମରୀଚିକା ପଛରେ ଧାଇଁ
ନିଜ ସମ୍ଭାବନାର ସୂର୍ଯ୍ୟକୁ
ମେଘାଚ୍ଛନ୍ନ କରିବୁ ?
ହେ ଆଗାମୀଯୁଗର ଅମୃତ ସନ୍ତାନ !
ତୋ' ଶିରାରେ ପ୍ରବାହିତ
ଅସଂଖ୍ୟ ସ୍ୱପ୍ନର ଅବାରିତ ସ୍ରୋତ,
ତୋ' ଆଖିରେ ଅଙ୍କିତ
ଅନାଗତ ଇତିହାସର ଇନ୍ଦ୍ରଧନୁ;
ତଥାପି କାହିଁକି
ଅବିବେକର ଅତଳ ଆବର୍ତ୍ତରେ
ବିସର୍ଜନ ଦେଉଛୁ
ନିଜ ଭବିଷ୍ୟତର ସ୍ୱର୍ଣ୍ଣିମ ସମ୍ଭାବନା ?
ପୁସ୍ତକର ପୃଷ୍ଠାରେ
ପ୍ରଜ୍ଞାର ପ୍ରଦୀପ ଜଳୁଛି,
କଲମର ଅଗ୍ରଭାଗରେ
ନବଯୁଗର ନକ୍ସା ଅଙ୍କିତ ହେଉଛି;
ତଥାପି ତୁ କାହିଁକି
ଭ୍ରମର ଅନ୍ଧଗଳିରେ ବିବେକକୁ ବନ୍ଧା ଦେଇ
ଅନ୍ଧ ଅନୁକରଣର ଅନ୍ଧକାରରେ
ନିଜ ଅସ୍ତିତ୍ୱକୁ ଖୋଜୁଛୁ ?
ମନେରଖ—
ମାଦକତା ମୁକ୍ତିର ମହାମନ୍ତ୍ର ନୁହେଁ,
ଉଚ୍ଛୃଙ୍ଖଳତା ସ୍ୱାଧୀନତାର ସଂଜ୍ଞା ନୁହେଁ,
ଅବାଧ୍ୟତା ଆଧୁନିକତାର ଅଳଙ୍କାର ନୁହେଁ;
କ୍ଷଣିକ ମୋହର ମାୟାଜାଲରେ
ଚିରନ୍ତନ ସମ୍ଭାବନାକୁ ହରାଇଦେବା
ନିଜ ହାତେ ନିଜ ଭବିଷ୍ୟତର
ସମାଧି ରଚିବା ସହ ସମାନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେ ନବପ୍ରଜନ୍ମ !
ତୁ ଦିଗହରା ତରୀ ନୁହେଁ,
ତୋ' ଅନ୍ତରରେ ସୁପ୍ତ
ଅସୀମ ଶକ୍ତିର ଆଗ୍ନେୟଗିରି;
ତୋ' ଦୃଢ଼ ସଂକଳ୍ପରେ
ମରୁଭୂମି ପାଲଟିବ ସବୁଜ ବନାନୀ,
ତୋ' ଆତ୍ମବିଶ୍ୱାସରେ
ଇତିହାସ ବଦଳାଇପାରେ ତା'ର ଗତିପଥ ।
ଜଗି ଉଠ !
ନିଜ ଭିତରର ମଣିଷକୁ ଚିହ୍ନ,
ଆତ୍ମଚେତନାର ଅଗ୍ନିଶିଖାରେ
ଦହନ କର ଅବିବେକର ଆବର୍ଜନା;
କର୍ତ୍ତବ୍ୟକୁ କର ଜୀବନର କିରୀଟ,
ସଂଯମକୁ କର ଚରିତ୍ରର ଅଳଙ୍କାର,
ଆଉ ସଦାଚାରକୁ କର
ତୋ' ଜୀବନଯାତ୍ରାର ପଥ ପ୍ରଦର୍ଶକ ।
ଫେରିଆ ତରୁଣ !
ବିପଥର ବିଷବଳୟରୁ
ବିବେକର ଶୁଭ୍ର ସରଣୀକୁ;
ଅବକ୍ଷୟର ଅମାବାସ୍ୟାରେ
ପ୍ରଜ୍ୱଳିତ କର ଚେତନାର ମଶାଲ,
ଯେପରି ତୋ' ଆଲୋକରେ
ପଥ ପାଇଯିବେ ଅନେକ ଦିଗହରା ପଥିକ ।
କାରଣ—
ତୋ' ପରିବର୍ତ୍ତନରେ ପରିବାର ପାଇବ ନୂଆ
ପରିଚୟ,
ତୋ' ଜାଗରଣରେ ସମାଜ ଲଭିବ
ନବଚେତନାର ଅଭ୍ୟୁଦୟ;
ତୋ' ଚରିତ୍ରରେ ରଚିତ ହେବ
ଆଗାମୀଯୁଗର ଇତିହାସ,
ତୋ' ବିବେକରେ ଉଦ୍‌ଭାସିତ ହେବ
ମାନବତାର ଆକାଶ।
ଉଠ ନବୀନ !
ତୁ କେବଳ ଉତ୍ତରାଧିକାରୀ ନୁହେଁ—
ତୁ ଭବିଷ୍ୟତର ନିର୍ମାତା,
ତୁ ନବଯୁଗର ଅଗ୍ରଦୂତ,
ତୋ' ଚେତନାର ଶଙ୍ଖନାଦରେ
ଭାଙ୍ଗିଯାଉ ଅବକ୍ଷୟର ନିରବତା,
ଆଉ ତୋ' ଜାଗରଣର ଅରୁଣିମାରେ
ଉଦ୍‌ଭାସିତ ହେଉ
ଏକ ସଂସ୍କାରିତ, ସଚେତନ ଓ ସମୃଦ୍ଧ
ସମାଜର ନବସୂର୍ଯ୍ୟୋଦୟ !

ସହକାରୀ ଶିକ୍ଷକ
ବାଳିକା ଉଚ୍ଚ ବିଦ୍ୟାଳୟ
ଜୁନାଗଡ଼,କଲାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମ ସମୁଦ୍ରର ମୁକ୍ତା

ଡଃ ରୋହିତ ପଟ୍ଟନାୟକ



ଜାତି ଯୌତୁକ ନିର୍ଯାତନା ଅଭିଯୋଗରେ ହେଲା ସେ ମୁକ୍ତି
ବର୍ଷ, ବର୍ଷ ବର୍ଷା ଜଳରେ ଧାଉଁଛି ମୁଁ ପୁଣି ନେବାକୁ ପ୍ରେମରେ ନିଯୁକ୍ତି

ଗଗନ ପବନ ପ୍ରକମ୍ପିତ ମେଦିନୀ ତଳେ ହଇଛି ମୁଁ କଙ୍କାଳ
ନାକର ଛିଦ୍ର ଭିତରେ ପବନର ସେହି ଅଭୁଲା ପ୍ରେମ ର କଟାଳ ।

ହୃଦୟ ଅଛି,ଜୀବନ ଅଛି ହେଲେ ନାହିଁ ତା ପ୍ରେମ ରକ୍ତ କଣିକା
ମସ୍ତକ ର ଶିରା ପ୍ରଶିରାରେ ଘୁରି ବୁଲୁଛି ସେହି ଅକୁହା ମଣିକା ।

ବ୍ରାହ୍ମଣ ମହାସଭାର ବୈଠକ ଗୃହରେ ହେଲି ମୁଁ ଲଙ୍ଗଳା
ଲଣ୍ଡା ପାହାଡ଼ ର ଶୀର୍ଷରେ ବସି ହେଲି ଯେ ପାଗଳା ।

ଅବିବାହିତା ସ୍ତ୍ରୀ ବେଶରେ ମଥାରେ ନାଇଲୁ ସିନ୍ଦୁର
ନୟନ କିଶୋରୀ ପ୍ରେମରେ ତୋହର କଲୁ କେଡେ ଅନ୍ଧାର ।

ଜନ୍ମସ୍ଥାନ ଜଣା ନାହିଁ ଖୁସିରେ ପୁତ୍ର ସନ୍ତାନ
ଗର୍ବରେ କହୁଛି ମୁଁ ତୁମର କେବେ ହେବି ନାହିଁ ପ୍ରସ୍ଥାନ ।

ସତ୍ୟରେ ମୁଁ କହୁଛି ତୁମେ ଯେ ଜାତିରେ ଶ୍ରେଷ୍ଠ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ଯେ ଆକୁଳ , ବାପା ଓ ମା ଙ୍କ ପ୍ରତିରୋଧ ବଳିଷ୍ଠ ।

ପ୍ରିତିରଞ୍ଜନ ରଞ୍ଜିତ ମୋ ବକ୍ଷରେ ହେଉଛି ଆଘାତ
ମୁଁ ତୁମ୍ଭର ତୋମେ ମୋର ହେଲେ ଜାତିରେ ମୁଁ ଦଳିତ ।

ମିଛି ମିଛିକା ସିନ୍ଦୁର ମୋ ମଥାରେ ହୋଇଛି ଶେଷ
ଚାଲି ଯାଉଛି ଦୂରକୁ ,ଘୁଞ୍ଚି ଯାଉଛି ପ୍ରୀତି ରୁ ମତେ ଦିଅ ଅବକାଶ ।

ପ୍ରକୃତି ଓ ପ୍ରାକୃତିକ ହୁଏତ ସମ୍ପୂର୍ଣ୍ଣ
ଦିଶୁ ନାହିଁଟି,ଦିଶିବ ନାହିଁଟି ତୁମ୍ଭର ରୂପ ବର୍ଣ୍ଣ ।

ଅଭୁଲା ସ୍ମୃତି ମରୁଭୂମି ର ହେଲି ପ୍ରେମ ମରୀଚିକା
ନା ମେଘ,ନାହିଁ ତୋ ଆକାଶ ବର୍ଷା ଜଳ ର ଛିଟିକା ।

ଖୋଲା ଆକାଶ ତଳେ ପଡିଗଲା ଲଣ୍ଠା ପ୍ରେମର ପାହାଡ଼
ଦେବତା ଅଛନ୍ତି, ପୂଜାରୀ ଅଛନ୍ତି କିନ୍ତୁ ଅବିରତ ଯୁଗାଡ ।

ସମୁଦ୍ରର ଗଭୀର ଜଳରେ ଭାସୁଛି ଶତାଧିକ ପ୍ରେମର ବୋହି ଯାଉଥିବା ଅଶ୍ରୁ
ମୁକ୍ତା ସନ୍ଧାନରେ ବିଶ୍ୱାସ ରୂପକ ପ୍ରେମ ବନ୍ଧନ ଅବସାଦ ରୂପ ବିଷ୍ଣୁ ।

(ଅଧ୍ୟକ୍ଷ) କ୍ରିଷ୍ଣା ବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭବାନୀପାଟଣା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଶାର ମନୀଷା ମଞ୍ଜରୀ

ଡଃ ବେଣୁଧର ସୂତାର



ପାପ ପୁଣ୍ୟ ଭରା ଜୀବନେ ସପନ
ଭୋଗ ସଂଭୋଗରେ ଗଢା
ଏ ଜୀବନେ ଫୁଟେ ଆଶାର ରଙ୍ଗୀନ
କୋଟି କୋଟି କୃଷ୍ଣଚୂଡ଼ା
।।
ଆଶା ବୋଳିଦିଏ ରେଶମୀ ଚୁମ୍ବନ
ଭାବନାର ଅନ୍ତରାଳେ
ମତୁଆଲା କରେ ମୋହିନୀ ମାୟାରେ
ବ୍ରହ୍ମାଣ୍ଡ ଭୂଗୋଳ କୋଳେ
।।
ବହୁବିଧ ତା,ର ଭାବର ଭେଳିକି
ଯଉବନ ଯୂଥୀକାରେ
ତନ୍ମୟ ସପନ ଭାବ ରସାୟନ
ଅନ୍ତରଙ୍ଗ ଅଭିସାରେ
।।

ଆଶା ସ୍ୱପ୍ନ ଭରେ ମନ ବିଥିକାରେ
ମିଳନ ମାଧୁର୍ଯ୍ୟ ଛନ୍ଦେ
ତନ୍ଦ୍ରା ବିଭୋର ମୁଗ୍ଧ ଆଳାପର
ଅନ୍ତରଙ୍ଗ ଅନୁବନ୍ଧେ
।।
ହୃଦୟ ପୃଷ୍ଠାରେ ପ୍ରଣୟ ଲିପିରେ
ଭାବ ଭରେ ଅସରନ୍ତି
ବୟସ ଢେଉରେ ମୂର୍ଚ୍ଛନା ତୋଳଇ
ମାଧୁର୍ଯ୍ୟର ମଧୁବନ୍ତି
।।
ଆଶାରେ ଆଶାରେ ଭାବ ଉନ୍ମେଷରେ
ମଗ୍ନ ବିଭୋର ମନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଶା ଅନୀଷାର ମନୀଷା ମଞ୍ଜରୀ

ବିଶ୍ୱାସର ବିଶ୍ୱାୟନ

।।

ଅମୃତମୟ ସେ ମୁଗ୍ଧ ସମ୍ମୋହନ

ନବ ଛନ୍ଦ ନବ ରଙ୍ଗେ

ଅଙ୍ଗେ ଅଙ୍ଗେ ଭରେ ସ୍ନିଗ୍ଧ ଶିହରଣ

ଜଡ଼ିତ ଜୀବନ ସଙ୍ଗେ

।।

ବିଶ୍ୱ ଲାଗେ ମଧୁମୟ ବିଶ୍ୱାସରେ

ସାଧନାର ପରିତୋଷେ

ସୁଖ ସପନର ଅମୃତ ଆସ୍ୱାଦେ

ଜୀବନ ଆନନ୍ଦେ ହସେ

।।

ଆଶା ଆକାଂକ୍ଷାର ଅମିୟ ନିର୍ଝର

ଜୀବନର ତୃଷା ହରେ

ମଧୁମୟ କରେ ଚରାଚର ଚୟ

ସୃଷ୍ଟି ସୂତ୍ର ଆଧାରରେ ।

କେଶଦୁରାପାଳ କେନ୍ଦୁଝର

ଦୂରଭାଷ-୯୧୭୮୫୬୮୨୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତିସ୍ତା କୋଳରେ ମମତା

ଅଶୋକ କୁମାର ପାତ୍ର



ନକାରାତ୍ମକ ଖବରର କୋଳାହଳରେ
ଯେବେ ମନେହୁଏ—
ମଣିଷର ହୃଦୟରୁ ଦୟା ନିର୍ବାସିତ,
ସେବେ ତିସ୍ତାର ତରଙ୍ଗ
ନିରବରେ ଲେଖେ ଏକ ଅମଳିନ ଆଖ୍ୟାନ—
'ମାନବିକତା ଏବେ ବି ବଞ୍ଚିଛି।'

ଗଜଲଡୋବା ବ୍ୟାରେଜ୍ ନିକଟେ
ହାତୀପଲ ଯେବେ ପାର ହେଉଥିଲା ନଦୀ,
ଅଚାନକ ପ୍ରବାହର ଅନ୍ଧ ଆଲିଙ୍ଗନରେ
ହଜିଗଲା ଚାରିଦିନର ଶାବକ।

ଚାରି କିଲୋମିଟର—
ଜୀବନ ଭାସୁଥିଲା ମୃତ୍ୟୁର ମୁହଁରେ,
କ୍ଷୁଦ୍ର ଦେହରେ
ଅସୀମ ଜୀବନର ଆକୁଳ ଆର୍ତ୍ତନାଦ।

ସେତେବେଳେ
ତିସ୍ତାର ବକ୍ଷ ଚିରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସିଲେ ପାଞ୍ଚ ମଣିଷ—
ଅଜୟ, ରାଜେଶ, ଗୋପାଳ, ମିଟୁ, ବିଶ୍ୱନାଥ;
ପାଞ୍ଚ ମତ୍ସ୍ୟଜୀବୀ,
ପାଞ୍ଚଟି ହୃଦୟ,
ଗୋଟିଏ ମାନବିକ ସାହସ।

କ୍ଷୁଦ୍ର ଡଙ୍ଗାରେ
ସେମାନେ ବାଜି ଲଗାଇଦେଲେ ନିଜ ଜୀବନ,
ଭୟକୁ ପଛରେ ପକାଇ
ତିନି କିଲୋମିଟର ଧାଇଁ
ମୃତ୍ୟୁର ମୁହଁରୁ ଛଡ଼ାଇ ଆଣିଲେ
ଏକ ନିରୀହ ପ୍ରାଣ।

ଥରଥର କମ୍ପିତ ଶାବକଟି
ଯେବେ ମଣିଷ ଛାତିରେ ମୁହଁ ଲୁଚାଇଲା,
ସେ ଆଲିଙ୍ଗନ
ଭୟର ନୁହେଁ—
ଥିଲା ନିର୍ବାକ ବିଶ୍ୱାସର
ଏକ ଉଷ୍ଣ ଉଚ୍ଚାରଣ।

ପରେ—
ନଦୀତଟରେ ଫେରିଲା ମାଆ,
ଖୋଜା ଶେଷ ହେଲା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ ମାତୃସ୍ତନରୁ ଶାବକର ମୁହଁକୁ
ଝରିପଡ଼ିଲା ଜୀବନ।

ସେ ମୁହୂର୍ତ୍ତରେ
ତିସ୍ତା କେବଳ ନଦୀ ନଥିଲା—
ସେ ଥିଲା ମମତାର ଦର୍ପଣ।

ଏ ଉଦ୍ଧାର କେବଳ ଏକ ଶାବକର ନୁହେଁ,
ଏ ଉଦ୍ଧାର ମଣିଷ ଭିତରେ ଥିବା
ମଣିଷଟିର।

ପୃଥିବୀ ଏବେ ବି ଜାଣେ—
ଦୟା ମରିନାହିଁ;
ସେ କେବେ ମଣିଷର ହାତ ହୋଇ,
କେବେ ମାଆର ମମତା ହୋଇ,
କେବେ ତିସ୍ତାର ସ୍ରୋତ ହୋଇ
ନିରନ୍ତର ବହୁଛି...

C3M- ୬୩,
ଆରଡିଏ କଲୋନୀ, ଛେଣ୍ଡ, ରାଉରକେଲା
୭୬୯୦୧୫
ମୋବାଇଲ୍ : ୯୪୩୭୩୪୦୯୭୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନନ୍ୟା ନାୟିକା

ସନ୍ଧ୍ୟାରାଣୀ ବେହେରା



ନୁହେଁ ପାରିଜାତ ପରି ଶୁଭ୍ର ତନୁ
ଶ୍ୟାମଳ ତଥାପି ଯାଏନି ମୋ ମନୁ,
ଜେ୍ୟାତି ନୁହେଁ ସିଏ ନା ଚନ୍ଦ୍ରବଦନା
କେମିତି କେଜାଣେ ଝରାଏ ଜୋଛନା ?
ସାଗର ନୁହଁଇ ତା ଚକ୍ଷୁ ଯୁଗଳ
ବୁଡେ ଯିଏ କିନ୍ତୁ ପାଏନି ସେ କୂଳ,
ନୁହେଁ ନାଗଫାସ ତା' ଘନ କୁନ୍ତଳ
ସେଥିରେ ସେ କିନ୍ତୁ ବୁଣେ ମାୟାଜାଲ,
ନୁହଁଇ କୋକିଳ ପରି ତାର ସ୍ୱର
ନ ଶୁଣିଲେ କିନ୍ତୁ ହୁଏ ମୁଁ ଅଧିର,
ଅଧରରୁ ତାର ଝରେନି ମହୁ
ହସିଲେ କିନ୍ତୁ ସେ ମୋ ମନ ମୋହେ,
ତା' ଚାଲିରେ କେବେ ଫୁଟେନି କମଳ
ମୋ ଛାତିରେ କିନ୍ତୁ ପକାଏ ଚହଳ,
ସ୍ୱର୍ଗରୁ ଆସିନି କାହା ହାତ ଧରି
କାବ୍ୟରେ ଚିତ୍ରିତ ନାୟିକାଙ୍କ ପରି,
ନୁହେଁ ସେ ମର୍ତ୍ତ୍ୟର ଅପୂର୍ବ ସୁନ୍ଦରୀ
ମୋ ପାଇଁ ସେ ଖାଲି ଜଣେ ନାରୀ,
ତା' ପରଶ ବିନା ମୋ ଜୀବନ ଫିକା
ମୋ ଉପନ୍ୟାସର ସେ ଅନନ୍ୟା ନାୟିକା।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୀପାବଳୀର ଦୀପ

ଜସ୍ମିନ୍ ସାହୁ



ସକାଳ ସଞ୍ଜରେ ଦେଇ ଧୂପଦୀପ,
ଦର୍ଶନ କରୁଥାଉ ଠାକୁରଙ୍କ ରୂପ ।
ତଥାପି ଦୀପାବଳିରେ କି ବିଶେଷ,
ସେ ଦିନରେ ଖୁସି ହୁଏନି ଶେଷ ।
ଆସିଗଲେ ଦୀପାବଳି ଏମିତି ଲାଗେ,
ନୂଆ ଆଶା ମନରେ ଜାଗେ ।
ଦୀପାବଳିର ସେଇ ସନ୍ଧ୍ୟା ଆଗମନେ,
ତ୍ରେତୟା ଯୁଗର କଥା ପଡ଼ଇ ମନେ ।
ଚଉଦ ବର୍ଷ ବନବାସ ଶେଷ କରି,
ତା'ସହ ରାବଣକୁ ମାରି ।
ସୀତା ଓ ଲକ୍ଷ୍ମଣଙ୍କୁ ସଙ୍ଗେ ଧରି,
ଆସିଥିଲେ ଶ୍ରୀରାମ ଅଯୋଧ୍ୟାପୁରୀ ।

ତାଙ୍କ ଆଗମନ ଖୁସିରେ,
ଦୀପ ପ୍ରଜ୍ୱଳିତ ହେଲା ଘରେ ଘରେ ।
ଅଧର୍ମ ଉପରେ ଧର୍ମର ବିଜୟ ହୁଏ,
ଦୀପାବଳିର ଦୀପ ଏହି ବାର୍ତ୍ତା ଦିଏ ।
ମା' ଲକ୍ଷ୍ମୀଙ୍କୁ କରାଯାଏ ଆବାହନ,
ଦୀପାବଳିର ପର୍ବ ଯେବେ ହୁଏ ଆଗମନ ।
ସୁଖ ସମୃଦ୍ଧିର କାମନା କରି,
ଦୁଃଖ କଷ୍ଟ ସବୁ ଯାଏ ତରି ।
ସବୁ ଅନ୍ଧକାର ଯାଏ ଦୂରେଇ,
ଯେବେ ଦୀପାବଳିର ଦୀପ ଦିଏ ଜଳେଇ ।
ହୁଏ ଅନ୍ଧକାର ଉପରେ ଆଲୋକର ବିଜୟ,
ମନରୁ ଦୂର ହୁଏ ସବୁ ଭୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମା'ଙ୍କୁ ଘରେ ପୂଜା କରି,

ମନରେ ତାଙ୍କୁ ସ୍ମରଣ କରି ।

ଘୃଣା ଓ ଅହଂକାରକୁ ଦୂର କରି,

ପ୍ରେମ ଓ ସ୍ନେହକୁ ଭରି ।

ଆସନ୍ତୁ ଆଲୋକର ଏ ପର୍ବ ପାଳିବା,

ଦୀପାବଳିର ଦୀପକୁ ଖୁସିରେ ଜାଳିବା ।

ଖୁସି ଦେବାକୁ ଯେ ଦୀପାବଳି ଆସେ,

ସଂସାରର ଅନ୍ଧକାରକୁ ନାଶେ ।

ଦେବାଦେବୀଙ୍କ ଆଶୀର୍ବାଦରେ,

ଦୀପ ଆଣେ ଖୁସି ଦୀପାବଳିରେ ।

ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନର ଚଲାପଥେ ସାଜଇ କାହାଣୀ

ବାସନ୍ତୀ ଲତା ଜେନା



ଜୀବନର ଚଲା ପଥେ ସାଜଇ କାହାଣୀ
ଅନୁଭୂତି ଅନୁଭବ ଅତୀତ ଯାମିନୀ
ଏ ଜୀବନ ଦୁଃଖ ସୁଖ ହସ ଲୁହ ଭରା
ସଂଘର୍ଷ ଯାତନା ସାଥେ ପ୍ରୀତି ମଧୁ
ଝରା ରକ୍ତର ବନ୍ଧନ ସାଥେ ଅତ୍ମୀୟତା ପୁଣି
ଜୀବନର ଚଲା..... ।୦।

ଜନ୍ମରୁ ମରଣ ଯାଏ ଯେତେ ଦିନ ଥାଏ
ଘଟଣାର ପରିସୀମା ମନେ ଛାପି ଯାଏ,
ସୁଖଦ ଘଟଣା ଯେତେ ପ୍ରସ୍ଫୁଟିତ ଫୁଲ
ବିଷାଦ ଅଟଇ ପରା ଅଗ୍ନି ସମ ଝୁଲ
ଜୟ ପରାଜୟ ମଧ୍ୟେ ମାନବର ଧ୍ୱନୀ
ଜୀବନର ଚଲା..... ।୧।

ଉତ୍ଥାନ ପତନ ହୁଏ ଜୀବନର ଗତି
ଖାଲ ଢିପ ଉଚ୍ଚା ନୀଚ୍ଚା ସମୟର ସ୍ଥିତି,
ମିଳନ ବିଚ୍ଛେଦ ସାଥେ କାହାଣୀ ଜଡିତ
ଅତୀତ ବର୍ତ୍ତମାନର ସୁଗମ ସଂଗୀତ
ସ୍ନେହ ଶ୍ରଦ୍ଧା ପ୍ରେମ ଭକ୍ତି ନ୍ୟାୟୋଚିତ ବାଣୀ
ଜୀବନର ଚଲା..... ।୨।

Listen to Odia Podcast Original at https://youtube.com/@drjyotiprasad

ହିଂସା ଈର୍ଷା ଦ୍ୱେଷ ପୁଣି କପଟ ସରଳ
ସ୍ୱାର୍ଥ ନିଃସ୍ୱାର୍ଥର ଭାବ ମନରେ ପଟଳ,
ଛୋଟକୁ ସେନେହ ପୁଣି ବଡକୁ ସମ୍ମାନ
ଈଶ୍ୱରଙ୍କ ନାମ ଧ୍ୟାୟି କଟଇ ଜୀବନ
ଏ ଜୀବନ ନାଟକଟେ ଦୃଶ୍ୟ ଭିନ୍ନ ପୁଣି
ଜୀବନର ଚଲା..... ।୩।

ପିତା ମାତା ଗୁରୁଜନ ସମ୍ପର୍କ ରକ୍ତର
ବନ୍ଧୁ କୁଟୁମ୍ବ ସୁଜନ ପ୍ରିୟ ଆପଣାର,
ସଂସ୍କୃତି ଓ ପରମ୍ପରା ପାଳନ ହୁଅଇ
ଆନନ୍ଦ ଉଲ୍ଲାସ ଦିନ ଖୁସିରେ ବିତଇ
କାଗଜ ଲେଖନୀ ଲେଖା ହୃଦୟର ବାଣୀ
ଜୀବନର ଚଲା..... ।୪।

ବୃଦ୍ଧ କାଳେ ପିତା ମାତା ଅବହେଳା ହୁଉନ୍ତି
ସ୍ୱାର୍ଥପର ସନ୍ତାନ ଯେ ସେବା ନ କରନ୍ତି
ବୃଦ୍ଧା ଶ୍ରମେ ନେଇ ତାଙ୍କୁ ଛାଡିଣ ଦିଅନ୍ତି
ଅସହାୟ ପିତା ମାତା ଲୁହ ଝରାନ୍ତି
ରକ୍ତର ସମ୍ପର୍କ ସେତ ହୁଅଇ ଯେ ପାଣି
ଜୀବନର ଚଲା..... ।୫।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର
ଦୂର ଭାଷ : ୮୬୫୮୬୫୫୯୭୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳା ମଣିମା

ଶୁଭଶ୍ରୀ ଖୁଣ୍ଟିଆ



ତୁମ ନାମେ ପ୍ରଭୁ ଗତି ମୁକତି
ଦର୍ଶନ ମାତ୍ରକେ ଆତ୍ମାର ତୃପ୍ତି

ମାୟା ବନ୍ଧନରେ ହୁଅଇ ଘାଣ୍ଟି
ତୁମ ନାମ ଗାଇ ଶୁଖଇ ତଣ୍ଟି

ଚରଣ କମଳେ ଢାଳଇ ଲୁହ
ଜୀବନ ଜଞ୍ଜାଳେ ଭରିଛି ମୋହ

କ୍ଷଣିକ ଜୀବନ ତୁମରି ଦାନ
ତୁମ ପଦେ ମୁହିଁ କଲି ଅର୍ପଣ

ପାଣି ଫୋଟକା ସେ ଯିବ ମିଳେଇ
କାହିଁକି କରିବି ଆତ୍ମ ବଡେଇ

ଜଗତ ଈଶ୍ୱର ହେ ଜନାର୍ଦ୍ଦନ
ଛନ୍ଦା ଚରଣରେ ନିତ୍ୟ ଶରଣ

ହୃଦୟେ ଯନ୍ତ୍ରଣା ଅଶେଷ ବହି
ଅଭିନୟ ଆଉ ପାରୁନି ମୁହିଁ

କେଉଁ କର୍ମଫଳେ ଭରି ଯାତନା
ସର୍ବଦ୍ରଷ୍ଟା ତୁହି ହେଉ ଅଜଣା

ଭାଗ୍ୟ ମୋ ବଇରୀ କରେ ଗୁହାରୀ
ଦାୟକର ଢାଳି ଆଶିଷବାରୀ

କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅମାନିଆଁ

ଆକୁଳାନନ୍ଦ ପୃଷ୍ଟି



ଆଇନ ଅମାନ୍ୟ ଆନ୍ଦୋଳନ କରି
ଭାରତ ହେଲା ସ୍ୱାଧୀନ
ଆମେ ତ ସ୍ୱାଧୀନ କରୁଛୁ ଅମାନ୍ୟ
ସବୁ ଆଇନ କାନୁନ ।

ଆଇନ ଭାଙ୍ଗିଲେ ଆଇନ ଧରିବ
ଆଇନାନୁସାରେ ଦଣ୍ଡ
ଆମେ ସବୁ ଦାଦା ନାହିଁ ନଗା ପଘା
ଅମାନିଆଁ ସାହି ଷଣ୍ଢ ।

ରାସ୍ତା ନିୟମ ନ ମାନିଲେ ବନ୍ଧୁ
ଜରିମାନା ଦେବା ଥୟ
ଆମେ ସବୁ ହେଲୁ ଉଡ଼ନ୍ତା ଇଗଲ
ଆଇନକୁ ନାହିଁ ଭୟ ।

ନିଜେ ବଞ୍ଚ ଆଉ ଅନ୍ୟକୁ ବଞ୍ଚାଅ
ହେଲମେଟ ବାବୁ ପିନ୍ଧ

ଆମେ ସବୁ ହେଲୁ ତରୁଣ ଅରୁଣ
ଆଖି ଅଛି ନୋହୁ ଅନ୍ଧ ।

ନିଶାପାନ କଲେ ସ୍ୱାସ୍ଥ୍ୟ ହାନି ହୁଏ
ସମସ୍ତଙ୍କୁ ଅଛି ଜଣା
ଆମେ ନ ପିଇଲେ ଟ୍ୟାକ୍ସ କିଏ ଦେବ
ଜମା ପାଣ୍ଠି ହେବ ଉଣା ।

ରୋଗ ବାଗ ହେଲେ ଡାକ୍ତର ଦେଖାଅ
ସିଏ ଲେଖନ୍ତୁ ଔଷଧ
ଲାଇସେନ୍ସ ଅଛି ଦୋକାନ ଖୋଲିଛି
ତା ଲାଇସେନ୍ସ କଣ ରଦ୍ଦ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଛ ଲଗାଅ ଜୀବନ ବଞ୍ଚାଅ
ବୃକ୍ଷ ଜୀବନ୍ତ ଈଶ୍ୱର
ଜାଗା ଅଣ୍ଟୁ ନାହିଁ ଗଛ ନ କାଟିଲେ
କେଉଁଠି କରିବୁ ଘର ।

ଆତସ ବାଜୀର ବିଷାକ୍ତ ଧୂଆଁରେ
ବାୟୁମଣ୍ଡଳ ଦୂଷିତ
ବାଣ ଫୁଟା ବିନା ଉତ୍ସବ ପାଳନ
ଆମ ନୀତି ବିପରୀତ ।

ସଂକଳ୍ପ ଆମର ନିୟମ ଭାଙ୍ଗିବୁ
ବିକଳ୍ପ କିଛି ନାହିଁ
ଆଗକୁ ମଣିଷ ଚନ୍ଦ୍ରରେ ରହିବ
ଜଳବାୟୁ ସେଠି କାହିଁ ?

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡା କଖଡି କଟକ
ମୋ - ୯୪୩୭୮୬୪୫୬୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁନ୍ଦର ତୃପ୍ତିର ଅବସାଦ ନାହିଁ

ଅନାମ ଚରଣ ସାହୁ



ଜନମ ମାଟି ମୋ ଅଟଇ ଉତ୍କଳ
ଜୀବନ ରଖିଛି ଦେଇ ଫଳ ମୂଳ।୧।
ଯେଉଁଠି ଥିଲେବି ସେଇ ମୋ ପରାଣ
ଜଗା ଅଟେ ପରା ତା କୁଳ ନନ୍ଦନ।୨।
କେତେ ନଦୀ ନାଳ ତଟିନୀ ସୈକତ
କାହିଁ କେତେକାଳୁ କୋଳେ ପ୍ରବାହିତ।୩।
କାନନ ତାହାର ସୌନ୍ଦର୍ଯ୍ୟ ମଣ୍ଡିତ
କେତେ ପଶୁପକ୍ଷୀ ତା କୋଳରେ ସ୍ଥିତ।୪।
ମନ୍ଦିର ମାଳିନୀ ପୂଣ୍ୟ ତୀର୍ଥଚୟ
ମହିମା ମଣ୍ଡିତ ଜଗତେ ଉଦୟ।୫।
ମାନସ ପଟ୍ଟଳେ ସ୍ମୃତିର ସ୍ୱାକ୍ଷର
ମୋକ୍ଷ କରେ ଗାତ୍ର ନାହିଁ ପଟ୍ଟାନ୍ତର।୬।

ଗିରିକୁଳ ଗାଏ ମୋ ରାଇଜ ଯଶ
ଗରିମା ମହକ ବିଶ୍ୱରେ ପ୍ରକାଶ।୭।
ଗିରି ଚୂଳେ ଠିଆ ସୁନ୍ଦର ଦେଉଳ
ଗିରି କନ୍ଦରରେ ଶୋଭା ଦେବକୁଳ।୮।
ସୁନ୍ଦର ତୃପ୍ତିର ଅବସାଦ ନାହିଁ
ସୌନ୍ଦର୍ଯ୍ୟର ତୂଳ ବିଶ୍ୱେ ଅଛି କାହିଁ ?୯।
ସୁଖ ସନ୍ତୋଷର ଅଟେ ଗନ୍ତାଘର
ସୁବାଷିତ କରେ ସୌରଭେ ତାହାର।୧୦।

ବିଭୂତିପୁର, କାକଟପୁର, ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନନ୍ଦସୁତ କଳାକହ୍ନେଇ

ନଳିନୀ ଦାଶ



ସଖୀ ଗୋ ଶୁଣ ସଖୀ ଗୋ
ସିଏ ପରା ନନ୍ଦ ସୁତ କଳାକହ୍ନେଇ
ମିଠା କଥା କହି ମନ ନେଲେ ଚୋରେଇ
ବଇଁଶୀର ସୁର କଲା ମୋତେ ଅଧୀର
ହୃଦୟ ଭିତରେ କୃଷ୍ଣ କରିଲେ ଘର ।
ଲାଜରେ ଲାଜରେ ସଖୀ ଗଲି ମୁଁ ସରି
କୃଷ୍ଣ ପ୍ରେମ ପ୍ରୀତିକୁ ମୁଁ ମରିଲି ଝୁରି
ବଇଁଶୀ ର ସୁରକୁ ମୁଁ ରହେ କାନେଇ
ଯମୁନାକୁ ଯାଏ ଲୋ କଳସୀ କାଖେଇ ।
ଗୋପରେ ବାଜିଲା ସଖୀ ନିନ୍ଦାର ବାଇଦ
ପାଇଲି ସେ କାହ୍ନା ପାଇଁ ନିତି ଅପବାଦ
ସ୍ୱାମୀ ଶାଶୁ ନଣନ୍ଦଠୁ ପାଇଲି ଗଞ୍ଜଣା
ଦୁଃଖ ସହି କୃଷ୍ଣ ପ୍ରେମ କଲା ବାଟବଣା ।
ଗୋପ ଗୋପାଳୁଣୀମାନେ କରନ୍ତି ଟାପରା
ଟୁପୁ ଟାପ ହେଇ ଦାଣ୍ଡେ ବଜାନ୍ତି ନାଗରା
କାହା ଆଗେ ଏଇ କଥା ପାରୁନି ମୁଁ କହି
ମଥା ପାତି ସବୁ ଦୁଃଖ ଯାଉଛି ଲୋ ସହି ।
ହୃଦୟ ମନ୍ଦିରେ ତାଙ୍କୁ ଦେବତା ସଜେଇ
କେମିତି ପାରିବି ଭୁଲି ନିତି ମୁଁ ପୂଜଇ
ଦେହ ମନ ହୃଦୟରେ ଦେଲି ନାମ ଲେଖି
ଯିଏ ଯାହା କହୁ ଲିଭିବନି ଆଲୋ ସଖୀ ।

ଭିକାରିପଡ଼ା,ଶରଣକୁଳ, ନୟାଗଡ ।
ମୋ ----୯୭୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହରିନାମ

ରୀତାରାଣୀ ଦାଶ



ପାପ, ଭୟ, ଦୁଃଖ ହରଣ କରେ ଯେ
ସେହି ତ ଅଟନ୍ତି ହରି
ଜନ୍ମ ମୃତ୍ୟୁ ଯାଏଁ ସାଥିରେ ଥାଆନ୍ତି
ଦୀନବନ୍ଧୁ ଦଇତାରୀ ।

କଳିଯୁଗେ ଯଜ୍ଞ ତପ ଧ୍ୟାନ କଷ୍ଟ
ସମୟର ଯେ ଅଭାବ
ସେଥିପାଇଁ ନାମ ଜପ ମୁଖ୍ୟ ଗତି
ସଂସାରରେ ତ ବିଭବ ।

ହରେ କୃଷ୍ଣ ହରେ ରାମ ନାମ ଶ୍ରେଷ୍ଠ
ଅଟଇ ଯେ ମହାମନ୍ତ୍ର
ଷୋହଳ ଅକ୍ଷରେ ସବୁ ଶାସ୍ତ୍ର ଅଛି
ଅଛି ସବୁ ତୀର୍ଥ କ୍ଷେତ୍ର ।

ମନ କରେ ଶାନ୍ତ ସୃଷ୍ଟି ଯେ ସନ୍ତୋଷ
ହରିନାମ ଅଟେ ସାର
ଏକାଗ୍ର ଚିତ୍ତରେ ଜପିଲେ ଆଗ୍ରହେ
ଏଇ ମାୟା ସଂସାରର ।

ଜାଣତରେ ହେଉ ଅବା ଅଜାଣତେ
କେତେ ଭୁଲ ହୋଇଯାଏ
ହରିନାମ କଲେ ମୁକତି ମିଳିବ
ପାପ ପୋଡି ଧ୍ୱଂସ ହୁଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାମ ସଂକୀର୍ତ୍ତନେ ଜାତି ଧର୍ମ, ଧନୀ
ଭେଦାଭେଦ ରହେ ନାହିଁ
ଓଡ଼ିଆ ସଂସ୍କାର ସଂସ୍କୃତିର ମନ୍ତ୍ର
ମାୟାରୁ ମୋକ୍ଷ ମିଳଇ ।

ସବୁ ଦ୍ରବ୍ୟ ଅଟେ ଗୋଟିଏ ପଟରେ
ହରି ନାମ ମୁଖ୍ୟ ପରା
ବଦଳାଇ ଦେବ ଜୀବନର ଗତି
ଶାନ୍ତି ପ୍ରାପ୍ତିର ପସରା ।

ଲୋଡ଼ନାହିଁ ଧନ ଫୁଲ ଓ ଚନ୍ଦନ
ବିନା ମୂଲ୍ୟେ ହରିନାମ
ସଭକ୍ତିରେ ଏଇ ନାମକୁ ଜପିଲେ
ହରେ କୃଷ୍ଣ ହରେ ରାମ ।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସ ସୁନ୍ଦରୀ

ଦଶରଥ ମାଝୀ



ଆସ ସୁନ୍ଦରୀ ଡାକୁଛି କେତେ
ଦୁଇ ହାତରେ ଠାରି
ମୁହଁ ଫୁଲେଇ ରୁଷି ଯାଅନି
ନିଅଗୋ ମୋତେ ଧରି (୧)

ଆଜି ଜୀବନ କାଳକୁ ନାହିଁ
ହୋଇବା ହସାଖେଳା
ପଦେ କଥାରେ କାହିଁକି ତୁମେ
ହଉଁଛ ରୁଷାଫୁଲା (୨)

ପ୍ରେମ ରଙ୍ଗରେ ରଙ୍ଗେଇ ଦିଅ
ଯିବିରେ ମୁହିଁ ଭିଜି
ତୁମକୁ କେବେ ଛାଡ଼ିବି ନାହିଁ
କଥା ଦେଉଛି ଆଜି (୩)

କେଡେ ସୁନ୍ଦର ଦେହଟା ତୋର
ଗୋରା ମୁହଁକୁ ଦେଖି
ସେହି ଦିନଠୁଁ ଭଲ ପାଇଛି
ମନ ଗଲାକେ ଲାଖି (୪)

ସତରେ ମୁହିଁ ଭଲ ପାଉଛି
ବିଶ୍ୱାସ କର ମୋତେ
ହସଖୁସିରେ ପଚାରି ଦେଖ
ଭଲ ପାଇଛି କେତେ (୫)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ : ୮୨୪୯୨୧୪୭୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନେ ରଖିଛ ନା ଭୁଲି ଯାଇଛ

ଶ୍ୟାମା ପ୍ରସାଦ ବୋଷ



ମନେ ରଖିଛ ନା ଭୁଲି ଯାଇଅଛ
ଅତୀତର ପ୍ରେମ ପ୍ରୀତି
ଭଲ ପାଉଛ ନା ଭୁଲି ଯାଇଅଛ
ଅତୀତକୁ କରି ଇତି । ୧

ତାରା ଭରା ରାତି ଜହ୍ନ ଥିଲା ସାକ୍ଷୀ
ଗାଇ ପ୍ରଣୟର ଗୀତି
ଦେହେ ଭରି ତାତି କେତେ ମଧୁରାତି
ଯାଇଥିଲା ପ୍ରେମ ଜିତି । ୨

ପହିଲି ଛୁଆଁର ମହୁଲି ନିଶାରେ
ଖେଳି ପ୍ରେମ କିତି-କିତି
ଭରା ଜୋଛନାର ପଣତ କାନିରେ
ଯାଇଥିଲା ରାତି ଜିତି । ୩

ଦେହ ଦେଉଳର ନିଷିଦ୍ଧ ଛୁଆଁରେ
ହୃଦୟକୁ ମୋର ଜିତି
ବାହୁ ବନ୍ଧନର କାଉଁରୀ ସ୍ପର୍ଶରେ
ଭୁଲାଇଲ ମୋର ସ୍ମିତି । ୪

ମଧୁର ପ୍ରେମର ମିଠା ଆଳାପରେ
ଭାଙ୍ଗି ସମାଜର ରୀତି
ମହା ମିଳନର ମାଦକ ମୋହରେ
ବିନିଦ୍ର ରଜନୀ ବିତି । ୫

ପ୍ରେମ ପୀରତିର କାମନା ନିଆଁରେ
ଝାସ ଦେଇ ନିତି- ନିତି
ମହା ମିଳନର ପୂର୍ଣ୍ଣତା ପ୍ରାପ୍ତିରେ
ଆମ ପ୍ରେମ ପରିଚିତି । ୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନବ ଯୌବନର ରୂପ ଲାବଣ୍ୟରେ
କୋଟି କାମନାର ପ୍ରୀତି
ଦେହ ଦାହ ଯାର ପରିଣତି ସାର
ବାଧ୍ୟ କଲା ପରିସ୍ଥିତି । ୭

ଅତୀତ ପ୍ରେମର ଅଭୁଲା ସ୍ମୃତିରେ
ମନ ପ୍ରାଣ ଝୁରେ ନିତି
ହରାଇ ଦେବାର ସମୟ ସ୍ରୋତରେ
ବିରହ ବେଦନା ସ୍ଥିତି । ୮

ମନେ ରଖିଛ ନା ଭୁଲି ଯାଇଅଛ
ଅତୀତ ଦିନର ପ୍ରୀତି
ଭଲ ପାଉଛ ନା ଭୁଲି ଯାଇଅଛ
ସମ୍ପର୍କକୁ କରି ଇତି । ୯
ସମ୍ପର୍କକୁ କରି ଇତି ।।

ଗ୍ରାମ : - ବେଗୁନିଆଁ , ମଲ୍ଲୀକ୍ ସାହି
ପୋଷ୍ଟ : - ଗୋପ୍ , ଜିଲ୍ଲା : - ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟର ସ୍ୱରଲିପି

ବଟକୃଷ୍ଣ ପଣ୍ଡା



ସମୟର ସ୍ୱର ଲିପି ଯାଇଛି ବଦଳି
ଦିକିଦିକି ହୋଇ ଜଳେ ଜୀବନ ଦୀପାଳି
ଶୈଶବ କଟିଛି ମାଆ ପଣତର ତଳେ
ସେହି ସ୍ନେହ ଭିଜା ମମତାର କୋଳେ ।
ତ୍ୟାଗ ସମର୍ପଣ ଭାବ ଅଞ୍ଚଳର ବାସ୍ନା
ଜୀବନକୁ କରିଥିଲା ଦିନେ ଆନମନା ।
କୈଶୋର ସମୟ ଆସି ରଙ୍ଗେଇଣ ଦେଲା
ବାଳସୂର୍ଯ୍ୟ ପରି ଦିନ ଗୋଟି ହସୁଥିଲା ।
ପୁଲକିତ ହୁଏ ମନ ଅରୁଣିମା ପାଇ
ସମୟ ସୁଅରେ ତାକୁ ଦେଲି ମୁଁ ହଜାଇ ।
ଆଦ୍ୟ ଯଉବନେ ଭରେ ମିଠାମିଠା କଥା
ରହିଲା କାହାଣୀ କେତେ ଅଭୁଲା ସେ ଗାଥା
ଫଗୁଣର ଫଗୁ ବୋଳି ହୋଇଲା ଶରୀର
ବନ୍ଦି ହୋଇଗଲା ମନ କାମିନୀ ପାଖର ।

ଯୌବନ ତାତିରେ ଦେହ ଆମନା ହୋଇଲା
ଜୀବନ ସାଥିକୁ ଲୁଚିଛପି ଖୋଜୁଥିଲା ।
ଯୌବନ ବିଭୋର ପଣେ ସମୟ ପାସୋରେ
ବାର୍ଦ୍ଧକ୍ୟଟି ଉପଗତ ମୋହର ପାଶରେ ।
ସମୟର ସ୍ୱର ଲିପି ଥିରିଥିରି କହେ
ସରିଲାଣି ଘିଅଦୀପ ପଡିଅଛୁ ମୋହେ ।
ନିଷ୍ଠୁର ସମୟ ଅଣଚାଶ ପବନରେ
ଅନ୍ଧାର ଘୋଟିବ ଦିନେ ଜୀବନ ପଥରେ ।
ସମୟ ସୁଅରେ ଆସେ ଚିରନ୍ତନ ସତ୍ୟ
ଡାକି ଚାଲିଥିବେ ଜନେ ରାମ ନାମ ସତ୍ୟ ।

ଭେରୁଣିଆ,ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଜ୍ଜନ

ଅରବିନ୍ଦ ସ୍ୱାଇଁ



ସଜ୍ଜନ କର ହେ ପ୍ରଭୂ ସଦ୍ ବୁଦ୍ଧି ଦେଇ
ସତ୍ୟପଥେ ଧର୍ମପଥେ ମୋତେ ନିତି ନେଇ ।

ସଜ୍ଜନ ସକାଳୁ ଉଠି କର ଯୋଡି ସାଇଁ
ମଙ୍ଗଳ କାମନା କରେ ମୁଁ ସଭିଙ୍କ ପାଇଁ
ଶରଣ ରକ୍ଷଣ ହରି
ଦୀନବନ୍ଧୁ ଦଇତାରୀ
ସବୁରି କୁଶଳ କର ତୁମେ ଦୟା ବହି ।

ସଜ୍ଜନ ଶୁଭ ମନାସି ଶେଯ ଛାଡ଼ି ଯାଇ
ଶ୍ରୀରଙ୍ଗା ଚରଣେ ତୁମ ପ୍ରଣତି ଜଣାଇ
ଆଖିରୁ ଲୁହ ବରଷି
ମାଗେ ମୁଁ ସବୁରି ଖୁସୀ
ପରମାନନ୍ଦ ପାଦରେ ହାତ ମୋ ପତେଇ ।

ସଜ୍ଜନ ମୋ ମନୁ ହିଂସା ଦ୍ୱେଷକୁ ଦୂରେଇ
ଦୟା କରେ ଦରିଦ୍ରଙ୍କୁ ସେବା ଭାବ ନେଇ
ସାମର୍ଥ୍ୟକୁ ନେଇ ମୋର
କ୍ଷୁଧା ତୃଷ୍ଣା କରେ ଦୂର
ମଧୁର ବଚନେ ସଭିଙ୍କର ମନ ମୋହି ।

ସଜ୍ଜନ ହୁଏ ନ ନିଏ କା ଠାରୁ ଛଡେଇ
କା ଆଖିରୁ ଲୁହ ଟୋପା ନଦିଏ ଗଡେଇ
ଖୁସୀରେ ଦିପଦ କଥା
କହି ହରି ମନ ବ୍ୟଥା
ବନ୍ଧୁତାର ହାତ ଟିକେ ଦିଏ ମୁଁ ବଢେଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଜ୍ଜନ ହୁଏ ତୁମରି ଆଶିଷ ମୁଁ ପାଇ
ଲୋଭ ମୋହ ମାୟା ଠାରୁ ସଦା ଦୂରେ ରହି
ସଭିଙ୍କର ସେବା କରେ
ଜୀବନେ ଆଲୋକ ଭରେ
ହେ ଦେବ ରାଧା ମାଧବ ଅନ୍ଧାରେ ମୁଁ ରହି ।

ସଜ୍ଜନ କର ମୋ କ୍ରୋଧ ଅହଙ୍କାର ନେଇ
ସ୍ନେହ ମମତା ବନ୍ଧନେ ମୋତେ ବାନ୍ଧି ଦେଇ
ମୋର ଚିନ୍ତା ଚେତନାରେ
ବସିଯାଇ ପ୍ରଭୂ ଥରେ
ସତ୍ ପଥରେ ନିଅ ଜୀବନ ରଥ ବାହି ।

ସଜ୍ଜନ କର ସଭିଙ୍କୁ ପ୍ରାର୍ଥନା ମୋ ଏଇ
ସୁଖରେ ରଖ ଠାକୁର ଦୁଃଖ ହରି ନେଇ ।
ବୈକୁଣ୍ଠ ସମାନ ଘର
ହେଉ ଏ ସାରା ସଂସାର
ସ୍ନେହ ପ୍ରେମ ମନ୍ଦାକିନୀ ନିରନ୍ତର ବହି ।

କେନ୍ଦ୍ରାପଡା । ୯୯୩୭୬୪୧୮୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନର ମୂଲେ ଏ ଜଗତ

ଡଃ ଲକ୍ଷ୍ମୀଆମ୍ବା ନନ୍ଦଡା



ମନରେ ଫୁଟଇ ପ୍ରେମର ପରାଗ,
ମନ ଯେ ଅମୃତ, ମନ ଯେ ବିଷ,
ମନରୁ ଜନମେ ଜୀବନର ଆଶ।
ମନ ଯଦି ହୁଏ ନିର୍ମଳ ରସ ! !

ହୃଦୟେ ଜଳାଇ ଭକ୍ତିର ଦୀପ
ଧୋଇ ଦେଇ ସର୍ବ ମନର ପାପ
ମନ ଯଦି ହୁଏ କଳୁଷିତ ଧାରା,
ସୁଖର ସଂସାର ଲାଗଇ ଅନ୍ଧାର।

ମନରେ ରହିଛି ସ୍ୱର୍ଗର ସୋପାନ,
ମନରେ ଲୁଚିଛି ନରକର ଦ୍ୱାର,
ମନ ଯେ ଗଢ଼ଇ ସୁଖର ମନ୍ଦିର,
ମନ ଭାଙ୍ଗିଦିଏ ସପନ ସଂସାର।

ମନ ଚାହିଁଲେ ପଥରେ ଫୁଟଇ ଫୁଲ,
ମନ ଚାହିଁଲେ ଭୁଲ ହୁଏ ମୂଲ୍ୟହୀନ,
ମନ ଯଦି ରଖେ ସତ୍ୟର ଆଦର,
ଜୀବନ ହୋଇବ ସୁନ୍ଦର ମଧୁର।

ମନରେ ଈଶ୍ୱର, ମନରେ ଭକତି,
ମନରେ ଲୁଚିଛି ମୁକତିର ଶକ୍ତି,
ମନ ଯଦି ଖୋଜେ ପ୍ରଭୁଙ୍କ ଚରଣ,
ପବିତ୍ର ହୋଇବ ଜୀବନ ମରଣ।

ମନର ଆକାଶେ ଭାବନାର ଜହ୍ନ,
ଆଶାର ତାରାରେ ସଜାଏ ସପନ,
କେବେ ହସାଏ ତ କେବେ କନ୍ଦାଏ,
କେବେ ପ୍ରେମ ଦେଇ ଆପଣା କରାଏ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ ହିଁ ମଣିଷ ଜୀବନର ସାଥୀ,
ମନ ହିଁ ଦେଖାଏ କର୍ମର ପଥଟି,
ମନକୁ ଜିତିଲେ ଜିତିବୁ ଜଗତ,
ମନକୁ ହାରିଲେ ହଜିବ ମହତ୍ତ୍ୱ ।

ପରଧନ ଲୋଭ, ପରନିନ୍ଦା ତ୍ୟାଗ,
ମନ ମଧ୍ୟେ ରଖ ପ୍ରେମର ରାଗ,
ଦୟା ଓ କ୍ଷମାରେ ସଜାଇ ହୃଦୟ,
ସଭିଙ୍କ ମଙ୍ଗଳେ ଖୋଜ ନିଜ ଲୟ ।

ମନର ମୂଳେ ଏ ସାରା ଜଗତ,
ମନରେ ଲୁଚିଛି ଜୀବନର ତତ୍ତ୍ୱ,
ମନକୁ ପବିତ୍ର କରି ଥରେ ଦେଖ,
ସବୁଠାରେ ପ୍ରଭୁ, ସବୁଠାରେ ପ୍ରେମ ।

ମନ ହେଉ ଶାନ୍ତ, ହୃଦୟ ଉଦାର,
ପ୍ରେମରେ ଭରୁ ଏ ସାରା ସଂସାର,
ମନର ମୂଳରେ ଈଶ୍ୱରଙ୍କ ବାସ,
ପ୍ରେମମୟ ହେଉ ଜୀବନର ଶ୍ୱାସ ।

ବ୍ରହ୍ମପୁର, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧରମ ମାସ

ଜୟଶ୍ରୀ ମିଶ୍ର



ଆଶ୍ୱିନ ସରିଲା କାର୍ତ୍ତିକ ଆସିଲା
ସତେ ଅବା ଧର୍ମକୁ ସଙ୍ଗେ ଆଣିଲା ।
ମାସ ଯାକ ଆଈ ହବିଷ କରି
ସମସ୍ତଙ୍କୁ ଡାକେ ଆଦର କରି ।
ଅରୁଆ ଭାତକୁ ଓଉ ଡାଲମା
କଦଳୀ ସାରୁରେମୁଗର ମଜା ।
ଚଉରା ମୂଳରେ ନାନା ମୁରୁଜ
ପଞ୍ଚ ମୁରୁଜରେ ଦିଶେ ବିଚିତ୍ର ।
ପଦ୍ମ ପାଖୁଡାରେ ଜଗା ହସାଇ
ସତେ ଅବା ସାତ୍ତ୍ୱିକ ଭାବ ଆସଇ ।
ସଂଜବେଳେ ମା' ବୃନ୍ଦାବତୀ ପାଖେ
ଶୁଭ ମନାସି ସେ ଦୀପଟି ଜାଳେ ।
ସବୁ ମନ୍ଦିରରେ ଘଣ୍ଟ ଘଣ୍ଟା ସାଥେ
ଆକାଶ ଦୀପଟି ଜଳଇ ଉଚ୍ଚେ ।
ହରିବୋଲ ହୁଳହୁଳି ସାଥିରେ
ଗୋବିନ୍ଦ ନାଚନ୍ତି ରାଧା ସାଙ୍ଗରେ ।

ବକ ଛାଡିଥାଏ ଆଇଁଷ ନିଶା
ଶିଖାଇ ଥାଏ ସେ ଜୀବରେ ଦୟା ।
ପାଞ୍ଚଦିନ ପଞ୍ଚକରେ ଲୋକେ କରନ୍ତି ହବିଷ
ନିଜ ମଧ୍ୟେ ଥିବା ପଞ୍ଚଇନ୍ଦ୍ରିୟକୁ କରନ୍ତି ବଶ
କାର୍ତ୍ତିକ ପୂର୍ଣ୍ଣମୀରେ ଭସାନ୍ତି ଡଙ୍ଗା
ପରମ୍ପରାକୁ ମନେ ପକାନ୍ତି ପରା ।
ଡଙ୍ଗା କୁ ଜଳରେ ଭସାଇ ଦେଇ
ଶିବ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶିଷ ମାଗଇ
ବୋଲନ୍ତି ସଭିଏଁ ପାନ ଗୁଆ ତୋର
ସତ ଚିତ୍ତରେ କହନ୍ତି ମାସକ ଧରମ ମୋର

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧୁଶବ୍ଦ - ଓଡ଼ିଆଣୀ

ସୁପ୍ରିୟା ଦାଶ (ପୁତୁଲ)



ଓଡ଼ିଆଣୀ ରୂପେ ପରିଚୟ ତା'ର,
ସଂସ୍କୃତି ସଂସ୍କାରେ ମଣ୍ଡିତ ଭାବ
ପଣତ କାନିରେ ରଖଇ ମହତ,
ଓଡ଼ିଆଣୀ ଓଡ଼ିଶାର ଗୌରବ ।୧

କାର୍ତ୍ତିକ ମାସରେ ବୋଇତ ବନ୍ଦାଣ,
ଓଡ଼ିଆଣୀର ପରମ୍ପରା ମାନ
ଡଙ୍ଗା ଭସାଇଣ କରଇ ଜୁହାର,
ଓଡ଼ିଆଣୀ ସଂସ୍କୃତି ସ୍ୱାଭିମାନ ।୨

ମାର୍ଗଶିର ମାସେ ଗୁରୁବାର ଆସେ,
ମାଣବସା ଲକ୍ଷ୍ମୀ ପୂଜା,
ଝୋଟି ଚିତା ଦେଇ ଘର ଅଗଣାରେ,
ଓଡ଼ିଆଣୀ କରେ ସଜା ।୩

ଧାନର ମାଣରେ ଶସ୍ୟର ସମ୍ପଦ,
ଲକ୍ଷ୍ମୀଙ୍କର ଆବାହନ,
ମାଣ ଓଷା ଆମ ଓଡ଼ିଆ ସଂସ୍କୃତି,
ସମୃଦ୍ଧି ପ୍ରତୀକ ଜାଣ ।୪

ଗୁରୁବାରେ ମାଆ ଲକ୍ଷ୍ମୀଙ୍କର ପୂଜା,
ଭକତିରେ ମଣ୍ଡେ ଘର,
ଓଡ଼ିଆଣୀ ରଖେ ପରମ୍ପରା ମାନ,
ସଂସ୍କୃତି ଅମୂଲ୍ୟ ଧର ।୫

ବୁଢାରାଜା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶରଣାଗତି

ଅବିନାଶ ରଥ



ଯେତେବେଳେ ସବୁ ଡାଳ ଭାଙ୍ଗିଯାଏ
ସେତେବେଳେ ମନେ ପଡେ,
ଯେବେବି ବିଶ୍ୱାସ ନରହେ କେଉଁଠି
ଅଶ୍ରୁର ଧାରଯେ ଗଡେ । ୧।
ଯେଉଁଠାରେ ସବୁ ଆଶା ସରିଯାଏ
ଦେଖାଯାଅ ଚାରିଆଡେ,
ସେତେବେଳେ ଲାଗେ ଆଉ କେହି ନାହିଁ
ବିଶ୍ୱାସ ସେଦିନ ଗଢେ । ୨।
ଶରଣାଗତିଯେ ପୂର୍ଣ୍ଣ ସମର୍ପଣ
ବହିଯାଏ ଅଶ୍ରୁଧାର,
ଦୁଇ ହାତ ଆପେ ଆପେ ଉଠିଯାଏ
ତୁମ୍ଭେ ହିଁ ମୋର ନିଜର । ୩।

ଦୃଢ ବିଶ୍ୱାସରେ ଭାବ ଆସିଯାଏ
ରହେ ନାହିଁ କିଛି ଆଶା,
ଭାବ ତାର ଠାରେ ନିରନ୍ତର ଥିଲେ
ଦୁଅନି ଜମା ନିରାଶା । ୪।
ଭକ୍ତିର ଜାଗ୍ରତେ ଜ୍ଞାନର ଉଦୟ
ଭଲ ମନ୍ଦ ଜାଣିପାରେ,
ଆଶା ନିରାଶାର ପ୍ରଶ୍ନ ଉଠେ ନାହିଁ
ରହେ ଭାବ ତାହା ଠାରେ । ୫।

ଶିବାଜୀ ନଗର, କଟକ
୯୪୩୭୦୩୭୨୮୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛୋଟ ପରିବାର

ଅଭୟ କୁଣ୍ଡ



ବିଜ୍ଞାପନ ପରେ ବିଜ୍ଞାପନ ଦିଏ
ଆମ ପ୍ରିୟ ସରକାର
ଛୋଟ ପରିବାର ସୁଖୀ ପରିବାର
ଘୋଷା ହୁଏ ବାରମ୍ବାର ।

ଛୋଟ ପରିବାରେ ନ ଥିବ ଅଭାବ
ରହିବନି ଦୁଃଖ କଷ୍ଟ
ପରିବାର ଯେତେ ବଡ଼ ହେଉଥିବ
ଜୀବନଟା ଛଟପଟ ।

ଖାଇବାକୁ ଖାଦ୍ୟ ପିନ୍ଧିବାକୁ ବସ୍ତ୍ର
ଅନ୍ୟ ଆସବାବ ପତ୍ର
ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନାହିଁ
ପରିବାର ହନ୍ତସନ୍ତ ।

ବହି ଓ ସିଲଟ ପଢିବାକୁ ପାଠ
ସୁଯୋଗ ତ ମିଳେନାହିଁ
ନିରକ୍ଷର ହୋଇ ସଭିଏଁ ରୁହନ୍ତି
ଦୁଃଖ ଦୁର୍ଦ୍ଦିନକୁ ଚାହିଁ ।

ଚିକିତ୍ସା ସୁବିଧା କେଉଁଠୁ ଆସିବ
ସ୍ୱଳ୍ପ ରୋଜଗାର ଧନ
ଔଷଧରେ ବାଧା ନ ଥାଏ ବି ଶ୍ରଦ୍ଧା
ଅଭାବରେ କଟେ ଦିନ ।

ବାପାଙ୍କର ସ୍ନେହ ମାଆର ମମତା
ସହଜରେ ମିଳେ ନାହିଁ
ପରିବେଶ ବିଷ ଅଶାନ୍ତ ମଣିଷ
ଶାନ୍ତି ବା ମିଳିବ କାହିଁ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛୋଟ ପରିବାର ସୁଖୀ ପରିବାର
ସ୍ନେହ ଶ୍ରଦ୍ଧା ମମତାର
ସମସ୍ତେ ନିଜର ଅତି ଆପଣାର
ଅପାର ସ୍ନେହ ଆଦର ।

ଅଭାବ ନ ଥିଲେ ଭାବ ଭଲ ରହେ
ସ୍ୱଳ୍ପଭାଙ୍ଗ ହୁଏନି ନଷ୍ଟ
ଖୁସି ଆନନ୍ଦରେ ଦିନ କଟିଯାଏ
ଶୈଶବ ଭୋଗେନି କଷ୍ଟ ।

ଛୋଟ ପରିବାର କେତେ ସୁଖପ୍ରଦ
ସମସ୍ତେ ବୁଝିବା ଆସ
ନିୟମ ମାନିବା ବୁଝି ବୁଝାଇବା
ଅଧରେ ଫୁଟାଇ ହସ ।

ଏ କଥାକୁ ମନେ ରଖ
ବହୁ ଜନରେ କାର୍ଯ୍ୟ ସିଦ୍ଧି ହାନି
ଫଳ ଆସେ ନାହିଁ ପାଖ ।

ବଳଭଦ୍ରପୁର ବନ୍ତ୍ରଗ୍ରାମ
ନିମାପଡା ପୁରୀ
ମୋ - ୯୫୫୬୯୮୯୭୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପୂର୍ଣ୍ଣ ପୁରୁଷ

ସୁଗାନ୍ତ ଶେଖର ଦାଶ



ପୂର୍ଣ୍ଣ-

ପୂର୍ଣ୍ଣତା ଆହ୍ଲାଦେ ସମ୍ପୂର୍ଣ ପୁରୁଷ
ଯା'ର ଅସ୍ତିତ୍ୱ ସେ ଅର୍ଦ୍ଧେକ ମାତ୍ର
ସମ୍ପୂର୍ଣ୍ଣତାର ଗୁଣଗାରିମା ପ୍ରଘଟେ
ଦେହେ ଅଧା ତାର ନାରୀ ଅସ୍ତିତ୍ୱ ।

ଅର୍ଦ୍ଧ-

ଶକ୍ତି ଯଦି ତାର ଅର୍ଦ୍ଧାଙ୍ଗିନୀ ନୁହେଁ,
ଦୁଇଟି ସତ୍ତାର ଏକ ଅଖଣ୍ଡ ରୂପ
ଶକ୍ତି କେଉଁଠାରୁ ଆସିବ ସୃଷ୍ଟିରେ
କିଏ ଦେବ ତେବେ ସୃଷ୍ଟି ଗତିତ୍ୱ ?

ରୌଦ୍ର-

କଠୋର ଉଗ୍ର ରୌଦ୍ରର ଉତ୍ତାପେ
ଗୁପ୍ତ ଲୁକ୍କାୟିତ ଚନ୍ଦ୍ର ଶୀତଳତା
ଅସମ୍ପୂର୍ଣ୍ଣ, ବିନା ଅର୍ଦ୍ଧ ନାରୀତ୍ୱରେ
ଦୃଢ଼ତା ଖୋଜଇ ନାରୀ କୋମଳତା ।

ବୃତ୍ତ -

ପୁରୁଷତ୍ୱ ମଧ୍ୟେ ଅର୍ଦ୍ଧେକ ଯେ ନାରୀ
ନାରୀ ଶରୀରରେ ପୁରୁଷ ଅଂଶ
ସମ୍ପୂର୍ଣ୍ଣତା ତେବେ କିଏ କାହାଠାରୁ
ଦୁଇ ଅର୍ଦ୍ଧ ଭରେ ଜୀବନର ସ୍ୱର୍ଗ ।

ସୃଷ୍ଟି -

ଦୁଇ ଅର୍ଦ୍ଧକରେ ଅଖଣ୍ଡ ଅସ୍ତିତ୍ୱ
ଦୁଇ ସତ୍ତା ମିଶି ସୃଷ୍ଟିର ସତ୍ୟ
ପୂର୍ଣ୍ଣତା ମୁକୁଟ ଅଖଣ୍ଡ ବୃତ୍ତରେ
ଯୁଗ୍ମ ମିଳନେ ସୃଷ୍ଟି ଅନୁବନ୍ଧିତ ।

@ରୟାଲ ଲାଗୁନ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଲ୍ ଚଲ୍ ହେଲା ମନ

ସରସ୍ୱତୀ ମେହେର



ଯେବେ ତୋ ମନ ମୋ ମନକୁ
ଛୁଇଁ ଦେଲା ଧୀରେ ଧୀରେ
ମନଟି ହେଲା ହଲ୍ ଚଲ୍ ହଲ୍ ଚଲ୍
ହେଇଗଲା ହୋଲେ ହେଲେ ।
ଯେବେ ପାଇଲି ତୋର ଇଶରା
ବେକାବୁ ମନଟା ହେଲା
ଆଖିରୁ ନିଦ ନେଲୁ ଚୋରେଇ
ଭୋକଟା ଉଭେଇ ଗଲା ।
ଯେବେ ଠୁ ପାଇଲି ତୋ ପ୍ରେମର
ମିଠା ମିଠା ପରଶ
ମନରେ ଶିହରଣ ଖେଳିଗଲା
ହୃଦୟ ହେଇ ଗଲା ଅବଶ ।
ଯେବେ ହୃଦୟର ଭାଷା ବୁଝିଲି
ଯାଦୁ ହେଇଗଲା ମୋ ମନରେ
ପ୍ରତ୍ୟେକ ମୂହୁର୍ତ୍ତ ଖୋଜେ ତତେ
ଆଇନାରେ ତୋ ଛବି ଦିଶେରେ ।

ଯୋଗିବାହାଲ, ସିନାପାଲି, ନୂଆପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ଜାଣେନି

ଅନସୂୟା ଲେଙ୍କା



ଆଜି ଏ ଉଦାସୀନ କାହିଁକି,
ସମୁଦ୍ରେ ନିରବତା କାହିଁକି,
ଶହ ଶହ ପ୍ରଶ୍ନବାଚୀ କାହିଁକି,
ହଁ, କାହିଁକି ? ? ? ?

କ'ଣ ତୁମେ ନାହଁ ବୋଲି,
ନା ଥାଇ ନଥିଲ ବୋଲି,
କାହିଁକି ଏ ଖାଲିପଣ ?

କାହା ମନରେ
ପ୍ରଶ୍ନବାଚୀ ଛାଡ଼ିଯିବାର କଳା
ତୁମକୁ ବେଶ୍ ଜଣା,
ଯାହା ଥିଲା ମତେ ଅଜଣା...

ଏଇ ତ,
ସେଇ ଖାଲିପଣ ହିଁ
ମୋ ସଞ୍ଜର ଠିକଣା,
ସେଇ ଚିଠି ସବୁ ହିଁ
ମୋ ପ୍ରେମର ପାଉଣା,
ଆଉ ତୁମେ ମୋ
ପ୍ରତି ସକାଳର ଭାବନା...

ହେଲେ ଆଜି
ଏ ଖାଲିପଣ ମୋ ଭିତରେ କାହିଁକି...

ହଁ, କାହିଁକି ? ? ? ?

ସ୍ନାତକୋତ୍ତର ଛାତ୍ରୀ
ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଗୁଶୁରକୁ ଅପେକ୍ଷା

ଅଭିମନ୍ୟୁ ବେହେରା



ତମେ କେମିତିକା ନାୟିକା ନିହାତି ନିଆରା
ଫୁଲଟିଏ ତ କେବେ ଦେଇନ ବରଂ ବୁଣି ଦେଇଛ
ମୋ ମନରେ କେତେ ଫୁଲ ଚାରା
ସବୁଥର ପରି ଏଥର ନୁହେଁ ଆରଥରକୁ ଏବେ ନୁହେଁ ପୁଣି କେବେ
କେତେ ମିଛ ବାହାନାରେ କେତେ ମିଛ ଇସାରାରେ
ମୁଁ କିନ୍ତୁ ଏମିତି ନାୟକ ନିହାତି ଏକାନ୍ତରେ ଏକାକୀରେ
ତମକୁ ପାଇବାର ସୁଯୋଗରେ
ତମେ କେମିତିକା ନାୟିକା ଏବେ ତ କାର୍ତ୍ତିକ
ଖାଲି ମଗୁଶୁରକୁ ଅପେକ୍ଷା ଶୁଭ ଲଗ୍ନର ପ୍ରତୀକ୍ଷା
ମଥାରେ ସିନ୍ଦୁର ଦେଇ ଏକାବେଳକେ ବୋହୂ ସାଜିବା
ତମେ କେମିତିକା ନାୟିକା

୯୯୩୮୮୧୬୦୬୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ କବି ନୁହେଁ, ଜଗତର ଦର୍ପଣ

ବସନ୍ତ କୁମାର ମଲ୍ଲିକ



ମୁଁ କବି ନୁହେଁ, କବିତା ଲେଖେ,
ମନର ନୀରବ ଭାଷାକୁ ଦେଖେ ।
ମୁଁ ଲେଖକ ନୁହେଁ, ତଥାପି ଲେଖେ,
ଜୀବନର ଛବି ଶବ୍ଦରେ ଦେଖେ ।

ଦୁଃଖକୁ ଲେଖିଲେ ଦୁଃଖୀ କୁହନ୍ତି,
ହସକୁ ଲେଖିଲେ ସୁଖୀ କୁହନ୍ତି ।
ମୋ ଶବଦ ଦେଖି ମୋତେ ମାପନ୍ତି,
ଅକ୍ଷର ଭିତରେ ମୋତେ ଖୋଜନ୍ତି ।

ଫୁଲକୁ ଲେଖିଲେ ପ୍ରେମ ଖୋଜନ୍ତି,
ଚନ୍ଦ୍ରକୁ ଲେଖିଲେ ଭାବ ଖୋଜନ୍ତି ।
ପ୍ରକୃତି ଲେଖିଲେ ଯୌବନ ଖୋଜନ୍ତି,
ଶବ୍ଦ ଆଡୁଆଳେ ମନ ଖୋଜନ୍ତି ।

ସମାଜକୁ ଲେଖିଲେ ପ୍ରଶ୍ନ କରନ୍ତି,
କାହାର କଥା ଏ କହି ଖୋଜନ୍ତି ।
ମୁଁ ଯାହା ଦେଖେ, ତାହାକୁ ଲେଖେ,
ମୁଁ ଯାହା ଭାବେ, ଶବ୍ଦରେ ରଖେ ।

କବି କ'ଣ ସବୁ ନିଜ କଥା ଲେଖେ ?
ନିଜର ଜୀବନ କାଗଜେ ଦେଖେ ?
ସେ ଯାହା ଦେଖେ, ସେଇ ତ ଲେଖେ,
ସମୟର ଛବି ଶବ୍ଦରେ ରଖେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରର ଲୁହରେ ବ୍ୟଥାକୁ ଦେଖେ,
ପରର ହସରେ ଖୁସିକୁ ଲେଖେ ।
ପଥର ଧୂଳିରେ ଜୀବନ ଦେଖେ,
ନୀରବ ଆଖିର କାହାଣୀ ଲେଖେ ।

କଲମ ତାହାର ଦର୍ପଣ ହୋଇ,
ଜଗତର ମୁହଁ ଦେଖାଏ ସେଇ ।
ନିଜର ମୁହଁକୁ ଦେଖାଏ ନାହିଁ,
ଜଗତର ସତ୍ୟ ଲୁଚାଏ ନାହିଁ ।

ତେଣୁ ମୋ ଲେଖା ମୋତେ ଭାବନି,
ପ୍ରତିଟି ଶବ୍ଦକୁ ମୋ କଥା ମାନନି ।
ମୋ କଲମରେ ଯାହା କିଛି ଥାଏ,
ସବୁ କି ମୋର ଜୀବନ ହୋଇଥାଏ ?

କେବେ ମୁଁ ଲେଖେ ତୁମର ବ୍ୟଥା,
କେବେ ଲେଖେ ମୁଁ ଜଗତ କଥା ।
କେବେ ଅନ୍ୟର ଆଖିରେ ଦେଖେ,
କେବେ ଅଜଣା ଲୁହକୁ ଲେଖେ ।

କଲମ ତ ମୋର ଏକ ମାଧ୍ୟମ,
ଶବ୍ଦ ତାହାର ଏକ ନୀରବ ସ୍ୱର ।
ମୁଁ କେବଳ ଜଣେ ଦେଖୁଥିବା ମନ,
ଜୀବନ ହିଁ ମୋର ନିତ୍ୟ ଦର୍ପଣ ।

ମୁଁ କବି ନୁହେଁ, ଶବ୍ଦର ପଥିକ,
ଜୀବନ ଦେଖୁଥିବା ଜଣେ ଦର୍ଶକ ।
ମୋ ଲେଖା ମୋର ଆତ୍ମକଥା ନୁହେଁ,
ଦେଖିଥିବା ଜଗତର ଏକ ଦର୍ପଣ ହୁଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁ ତୁମ ପାଇଁ

ସନ୍ଧ୍ୟାରାଣୀ ମେଣ୍ଟୀଲି



ତୁମ ପାଇଁ ପାହେ ସକାଳ ଘୁଂଚିଯାଏ ଅନ୍ଧାର

ଦେବ ଦେବୀ ଗଳେ ଦିଶଇ ଫୁଲ ମାଳ ସୁନ୍ଦର ।

ମାଖି ତୋଫା କିରଣ ରେଣୁ ସଜ ହୁଏ ଧରଣୀ

ଜାତି ଜାତି ଫୁଲ ଖୋଷିକି ସଜାଏ ତାର ବେଣୀ ।

କିଏ ଯାଏ ·ଷ କ୍ଷେତକୁ କରଇ ହଳ କାମ

ଗୀତ ଗାଇ ଗାଇ ଆନନ୍ଦେ ଧରଇ ପ୍ରଭୁ ନାମ ।

ପଖାଳ କଂସାକୁ ଆମ୍ବୁଲ ଲାଗେ କେଡ଼େ ସୁଆଦ

ଖରାଦିନେ ଖୁସି ଲାଗଇ ଦେଖିଦେଲେ ଜଳଦ ।

ସ୍ନେହ ଆଦରରେ ହସଇ ଆମରି ପରିବାର

ମରତ ଭୁବନ ନୁହଇ ଲାଗେ ବୈକୁଣ୍ଠପୁର ।

ନଦୀ ଝରଣା ବହିଯାଏ କୁଳୁକୁଳୁ ନାଦରେ

କି ମନ୍ତ୍ରର କରେ ମନକୁ ଖୁସି ହେଉ ଦେଖିରେ ।

ପୁନେଇଁ ଜହ୍ନଟି ଡ଼ାକଇ ଆସ ଆସ ପାଖକୁ

ଖେଳିବା ଆମେ କେତେ ଖେଳ ବୁଲି ଆସ ଘରକୁ ।

ଫୁଲ କହେ ଦେଖ ଦେଖଗୋ ସବୁ ପାଖୁଡ଼ା ମୋର

ରଙ୍ଗ ସାଙ୍ଗେ ଅଛି ମହକ ଦେଇଛନ୍ତି ଈଶ୍ୱର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଜାପତି ଭ୍ରମର ଦଳ କାହୁଁ ଉଡ଼ି ଆସନ୍ତି

ଯେତେ ମନା କଲେ ନମାନି ମୋର ପାଖେ ବସନ୍ତି ।

ଅମୃତମୟ ସାରା ସୃଷ୍ଟି ସତେ କି ମନୋହର

ସେଥିରୁ ଟୋପାଏ ପାଇଲେ ଦୁଃଖ ଯିବ ଆମର ।

ପ୍ରଧାନ ଶିକ୍ଷୟିତ୍ରୀ

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

ଜଉଁରାଭଉଁରା, ସୁବର୍ଣ୍ଣପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଠକେଇ ଛଞ୍ଚାଣ

ଅମୃତନାରାୟଣ ଶତପଥୀ



ଠକେଇ ଛଞ୍ଚାଣ ଡେଣା ମେଲାଇ ପଞ୍ଜା ଖୋଲି ଯେ ବସି,
ରାମ୍ଭିବା ଝାମ୍ଭିବା ଅବିରତ ପ୍ରୟାସ କଷ୍ଟ ଯେ ପାରିବା ଖସି।(୧)
କେତେ ରୂପରଙ୍ଗ କେତେ ନବରଙ୍ଗ ପୁଣି କେତେ ଯେ ବାହାନା,
ସମ୍ପ୍ରତି ସଂସାରେ ଠକେଇ ପ୍ରଚେଷ୍ଟାର ରହେନି ପୁଣି ସୀମା।(୨)
ସେହି ଠକେଇ ଛଞ୍ଚାଣ ଶିକାରର ମୁଖ୍ୟ ଅସ୍ତ୍ର ଯେ ମୋବାଇଲ୍,
ବିଭିନ୍ନ ତଥ୍ୟ ଚୋରିକରି ମନୁଷ୍ୟକୁ କରିଦିଏ କିଲ୍ ବିଲ୍।(୩)
କେତେବେଳେ ଗୋପନୀୟ ତଥ୍ୟ ଚୋରାଇ କରଇ ବ୍ଲାକ ମେଲ୍,
କେତେବେଳେ ପୁଣି କେଉଁ ଭୟ ଦେଖାଇ ଡିଜିଟାଲ ଆରେଷ୍ଟ ଜେଲ୍।(୪)
ଓଟିପି ନେଇ କେତେବେଳେ ପୁଣି ଜମା ଖାତା କରେ ଖାଲି,
ଫେକ୍ ଏପିକେ ଲିଙ୍କ ଡାଉନ୍ ଲୋଡ୍ ହେଲେ ପରିସ୍ଥିତି ମଲି ମଲି।(୫)
ଠକେଇ ଛଞ୍ଚାଣ ଆକ୍ରମଣରୁ ରକ୍ଷା ପାଇବାର ମୁଖ୍ୟ ଢାଲ,
ସତର୍କତା ଅବଲମ୍ବନ ପୂର୍ବକ ଫସିବନି ଲୋଭ ଜାଲ।(୬)
ଅନେକ ଲାଳସା ଦେଖାଇ ଶିକାର ପାଇଁ କରିବ ପ୍ରୟାସ,
ଥରେ ଲାଳାୟିତ ହୋଇଲେ ତାହାର ସର୍ବଦା ରହିବ ବଶ।(୭)
ସର୍ବଦା ନିଜର ଚେତନ ଅବଚେତନ ମସ୍ତିଷ୍କ ରଖିବ ଖୋଲି,
ଟିକିଏ ଅସତର୍କ ପ୍ରୟାସ ଜୀବନଯାକର ସଞ୍ଚୟ କରିପାରେ ଖାଲି।(୮)
ଆମ ପାଇଁ ଯାହା ଦୁର୍ଯୋଗ ତାହା ଠକେଇ ସୁବର୍ଣ୍ଣ ସୁଯୋଗ,
ଆମର ଟିକିଏ ସତର୍କତା ପ୍ରୟାସ କରିବ ତାହା ବିଯୋଗ।(୯)
ପୂର୍ଣ୍ଣ ବିଶ୍ୱାସ କଦାପି ଅଚିହ୍ନା ଲୋକଙ୍କୁ ନକରିବା ଭଲ,
କାରଣ କିଏ ବି ହୋଇପାରେ ଠକେଇ ଛଞ୍ଚାଣ କରିଦେବ କଲବଲ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫୁଲ ଜୀବନର ନୀରବ ଭାଷା

କିରନ୍ ସ୍ୱାଇଁ



ଶାଖାରେ ଫୁଟିଥିବା ଏହି ରଙ୍ଗବେରଙ୍ଗ ଫୁଲ

କେବଳ ଗଛର ଶୃଙ୍ଗାର ନୁହେଁ,

ଏହା ମାଟିର ସେହି ନୀରବ ଭାଷା

ଯାହା ବିନା କିଛି କହି ସବୁକିଛି କହିଯାଏ ।

ସକାଳର ପ୍ରଥମ କିରଣ ସହିତ

ନିଜର ନରମ ପାଖୁଡ଼ା ଖୋଲି

ଏମାନେ ସଂସାରକୁ ପ୍ରଥମ ହସର ସନ୍ଦେଶ ଦିଅନ୍ତି,

ଯେପରି କହୁଥାନ୍ତି—

ଯାହା ବି ଅଛି, ଯେପରି ବି ଅଛି, ସୁନ୍ଦର ଅଟେ ।

ଏମାନଙ୍କୁ ଚିନ୍ତା ନାହିଁ ଯେ କିଏ ଏମାନଙ୍କୁ ଛିଣ୍ଡାଏ,

କିଏ ଏମାନଙ୍କର ପ୍ରଶଂସା କରେ,

ଆଉ କିଏ ଏମାନଙ୍କୁ ଦଳି ଦିଏ ;

ଏମାନେ ତ କେବଳ ଝରି ଜାଣନ୍ତି—

ନିଜ ମଧୁର ସୁବାସରେ

ସମଗ୍ର ସୃଷ୍ଟିକୁ ସୁବାସିତ କରିଦେବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନ ମଧ୍ୟ ତ ଏମିତି ହିଁ ଅଟେ,

କିଛି ମୁହୂର୍ତ୍ତର ଫୁଟିଥିବା ଆଲୋକ,

ଯାହା ମଉଳିବା ପୂର୍ବରୁ

ନିଜର ସବୁକିଛି ଦାନ କରିଯାଏ ।

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫ୍ଟୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭିକାରୀ ଚରଣ ବଳ : ମୁକୁଟ ବିହୀନ ଭଜନ ସମ୍ରାଟ

ସଞ୍ଜୀବ କୁମାର ଦାସ



ଏଇଠି ଜଣେ 'ରାଜା' ଥିଲେ ଯାହାଙ୍କର ନଥିଲା କୌଣସି 'ସାମ୍ରାଜ୍ୟ', କିନ୍ତୁ ତାଙ୍କର ଏକ 'ମୁକୁଟ' ଥିଲା ଯାହାକି 'ରାଜକୀୟ ପ୍ରତୀକ' ନୁହେଁ, ବରଂ ପ୍ରଭୁ ଜଗନ୍ନାଥଙ୍କ ପାଇଁ ସମର୍ପିତ ସମୃଦ୍ଧ ଓଡିଆ ସାଂସ୍କୃତିକ ଐତିହ୍ୟ ଦ୍ୱାରା ସୁନ୍ଦର ଭାବରେ ଅନ୍ତର୍ଭୁକ୍ତ ହୋଇଥିବା ଗୀତଗୁଡ଼ିକର ସମାହାର । ତାଙ୍କ ରାଜ୍ୟର ପ୍ରଜାମାନେ କୌଣସି 'ରାଜକୀୟ ହୁକୁମ' ଦ୍ୱାରା ପରିଚାଳିତ ହେଉନଥିଲେ । ସେମାନେ ଥିଲେ ଗୁଣମୁଗ୍ଧ ଶ୍ରୋତା, ତାଙ୍କର ଉତ୍ସାହୀ ପ୍ରଶଂସକ ଯେଉଁମାନେ ତାଙ୍କ ଭକ୍ତି ନୈବେଦ୍ୟର ପ୍ରତ୍ୟେକଟି ଉପାଦାନକୁ ଭଲ ପାଉଥିଲେ, ଯାହାର ଧାଡ଼ିଗୁଡ଼ିକ ଉଭୟ ପ୍ରାଚୀନ ଏବଂ ଆଧୁନିକ ଗୀତିକାର ମାନଙ୍କ ଦ୍ୱାରା ଲେଖାଯାଇଥିଲା । ବିଗତ ଦିନର ଗୀତିକାର ଯଥା ଗୋପାଳକୃଷ୍ଣ, ଦୀନକୃଷ୍ଣ, ବଳଦେବ, ବନମାଳୀ ଏବଂ ସାଲବେଗ ତଥା ଆଧୁନିକ ରଚୟିତା ଡଃ ପ୍ରସନ୍ନ ସାମଲ, ଅରବିନ୍ଦ ମୁଦୁଲି, ଅଲେଖ ବିଶ୍ୱାଳ, ଖିରୋଦ ଚନ୍ଦ୍ର ପୋଥାଳ ଏବଂ ଶୀର୍ଷାନନ୍ଦ ଦାସ କାନୁନଗୋ ଆଦି ଗୀତିକାରଙ୍କ ହୃଦୟସ୍ପର୍ଶୀ ଭଜନ ଓ ଗୀତ ତାଙ୍କ ବାଣୀକଣ୍ଠରୁ ନିସୃତ ହୋଇ ଶ୍ରୋତାଗଣଙ୍କୁ ବିମୁଗ୍ଧ କରୁଥିଲେ । ହଁ, ଆମେ ଓଡ଼ିଶାର ଅନ୍ୟତମ ପ୍ରଜ୍ଞା ସଂଗୀତ ଯାଦୁଗର, ଭିକାରୀ ଚରଣ ବଳଙ୍କ ବିଷୟରେ କହୁଛୁ, ଯିଏ ଭଜନ ସମ୍ରାଟ ଭାବରେ ଜଣାଶୁଣା । ସେ ହେଉଛନ୍ତି ଚିର ସବୁଜ କଣ୍ଠଶିଳ୍ପୀ ଯାହାଙ୍କ ଭଜନ କୋଠ ଭୋଗ ଖିଆ ମୋ ଚକା ଆଖିଆ, ଭକତ ବିଧୁର ଶାଗଭଜା ଦେଇ, ଷାଠିଏ ପଉଟି, ମନ ପାରାରେ, ହାତରେ ମୋ ମୁଠା ମୁଠା ଶରଧା ବାଲି, କାଲିଆ ସାଆନ୍ତେ ହୋ, ଦାସିଆ ନଡିଆ ଏବଂ ଥକା ମନ ଚାଲ ଯିବା ଆଦି ଶତାଧିକ ଭକ୍ତିପୂତ ଗୀତ ଆଜି ସାରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱରେ ସବୁ ଜଗନ୍ନାଥ ପ୍ରେମୀଙ୍କ ହୃଦୟରେ ଗୁଂଜରିତ ହୁଏ । ଓଡିଆମାନେ ତାଙ୍କର ୧୬ତମ ଶ୍ରାଦ୍ଧ ଦିବସରେ ଆଜି ସେମାନଙ୍କର ଭକ୍ତି ଗୀତ ଭଜନ ସମ୍ରାଟ ଭିକାରୀ ଚରଣ ବଳଙ୍କୁ ପାଶୋରି ଦେବେ ବା କେମିତି !

ସାରା ବିଶ୍ୱରେ ଥିବା ଓଡ଼ିଆମାନେ ଆଜି ସେମାନଙ୍କର ଭକ୍ତି ଗୀତର ଆଦର୍ଶ ଭଜନ ସମ୍ରାଟ ଭିକାରୀ ଚରଣ ବଳଙ୍କୁ ସସ୍ନେହ ସ୍ମରଣ କରନ୍ତି । ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ସୋବଳ ନାମକ ଏକ ଛୋଟ ଗାଁରୁ ଆସିଥିବା ଭଜନ ସମ୍ରାଟଙ୍କୁ ତାଙ୍କ କର୍ମଭୂମି କଟକରେ ନିଜକୁ ପ୍ରତିଷ୍ଠିତ କରିବା ପୂର୍ବରୁ ବହୁତ କଷ୍ଟକର ସମୟ ଦେଇ ଗତି କରିବାକୁ ପଡିଥିଲା । ତାଙ୍କ ପିଲାଦିନ ବେଶ କଷ୍ଟକର ସମୟ ଦେଖିଥିଲା ଯାହା ତାଙ୍କୁ ସଙ୍ଗୀତ କ୍ଷେତ୍ରରେ ଏକ କ୍ୟାରିଅର ବାଛିବାକୁ ପ୍ରେରଣା ଦେଇଥିଲା । କୁହାଯାଏ ଯେ ତାଙ୍କ ବାପା ମା' ଅନେକ ସନ୍ତାନଙ୍କୁ ଜନ୍ମ ଦେଇଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ କୌଣସି ସନ୍ତାନ ବଞ୍ଚି ରହିପାରୁ ନଥିଲା । ଯେତେବେଳେ ତାଙ୍କ ପିତା ତାଙ୍କ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ବିବାହ କରିଥିଲେ, ସେତେବେଳେ ତାଙ୍କ ଦ୍ୱିତୀୟ ପତ୍ନୀଙ୍କଠାରୁ ଜନ୍ମ ହୋଇଥିବା ସନ୍ତାନର ନାମ ଅନ୍ଧବିଶ୍ୱାସରୁ ଭିକାରୀ ରଖାଯାଇଥିଲା । ମୃତ୍ୟୁର ପ୍ରବୃତ୍ତିକୁ ଯାଞ୍ଚ କରିବା ପାଇଁ, ସେମାନେ ଏହି ସନ୍ତାନକୁ ଅନ୍ୟ ଜଣଙ୍କୁ ଦେଇଥିଲେ ଏବଂ ପରେ ତାଙ୍କୁ ଫେରାଇ ନେଇଥିଲେ । ଦୁର୍ଭାଗ୍ୟବଶତଃ, ତାଙ୍କ ପିତାମାତା ଅଧିକ ଦିନ ବଞ୍ଚି ପାରି ନଥିଲେ । ଭିକାରୀ ବଳ ତାଙ୍କ ସାବତ ଭାଇ ଦ୍ୱାରା ପାଳିତ ହୋଇଥିଲେ ।

ଭିକାରୀ ବଳଙ୍କ ସଙ୍ଗୀତ ଯାତ୍ରା ପ୍ରଥମେ ୬୦ ଦଶକର ପ୍ରାରମ୍ଭରେ କଳା ବିକାଶ କେନ୍ଦ୍ର ଏବଂ ଅଲ୍ ଇଣ୍ଡିଆ ରେଡିଓ, ଆକାଶବାଣୀ କଟକରେ ଯୋଗଦାନ କରିବା ସମୟରେ ଆରମ୍ଭ ହୋଇଥିଲା । ସେ କୋଠ ଭୋଗ ଖିଆ, ହାତରେ ମୋ ମୁଠା ମୁଠା ଏବଂ ମନ ପାରାରେ ଭଳି ଭଜନ ପରିବେଷଣ ସହିତ ଚର୍ଚ୍ଚାକୁ ଆସିଥିଲେ ଯଦିଓ ତାଙ୍କର ପ୍ରଥମ ପ୍ରସାରିତ ଗୀତ ଥିଲା ପ୍ରାଣ ମିତଣି ବାରେ ଚାହାଁରେ । କଟକରେ ସେ ଦୁଇଜଣ

Listen to Odia Podcast Original at https://youtube.com/@drjyotiprasad

ପ୍ରଖ୍ୟାତ ସଙ୍ଗୀତଜ୍ଞ କାଳୀଚରଣ ପଟ୍ଟନାୟକ, ଓଡ଼ିଶୀ ପ୍ରବଚକ ଏବଂ ଅନ୍ୟ ଜଣେ ସଙ୍ଗୀତ ବାଦକ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ସଂସ୍ପର୍ଶରେ ଆସିଥିଲେ । ସେମାନଙ୍କ ତତ୍ତ୍ୱାବଧାନରେ ଭାକାରୀ ଚରଣଙ୍କ ସଙ୍ଗୀତ ପାଇଁ ମୂଳଦୁଆ ପଡ଼ିଥିଲା ଏବଂ ସେଠାରୁ ସେ ତାଙ୍କର ଚାରି ଦଶନ୍ଧି ଦୀର୍ଘ ସଙ୍ଗୀତ ବୃତ୍ତିରେ କେବେ ପଛକୁ ଚାହିଁ ନଥିଲେ । କିଏ ଅନୁମାନ କରିପାରେ ଯେ ସତୁରି ଦଶକର ଜଣେ ସଂଘର୍ଷଶୀଳ ରେଡିଓ କଳାକାର ଓଡ଼ିଆ ଭଜନ ସାମ୍ରାଜ୍ୟକୁ ଶାସନ କରିବେ ଯାହା ତାଙ୍କର ସଙ୍ଗୀତ ପ୍ରତି ନିଷ୍ଠା ଏବଂ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପଣ ଦ୍ୱାରା ସମ୍ଭବ ହୋଇଥିଲା । ପୁରୀର ଗଜପତିଙ୍କ ଦ୍ୱାରା ତାଙ୍କୁ 'ଭଜନ ସମ୍ରାଟ 'ଉପାଧି ପ୍ରଦାନ କରାଯାଇଥିବା ଏହି ନିଷ୍ଠାର ପ୍ରମାଣ ଦିଏ ।

ଓଡ଼ିଆ ଭଜନ ଗାୟନ ପ୍ରତି ତାଙ୍କର ଦୀର୍ଘ ଚାରି ଦଶନ୍ଧିର ପ୍ରତିବଦ୍ଧତା ଓଡ଼ିଆ ସଙ୍ଗୀତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲେଖାଯାଇଛି । ହାତରେ କୌଣସି ଅସ୍ତ୍ର ନଥାଇ ଜଣେ ଶୃଙ୍ଖଳିତ ଗାୟନକାରୀ ସୈନିକଙ୍କ ଯାତ୍ରା ଯାହା ୨୫ ମଇ, ୧୯୨୯ରେ ସୋବଳରୁ ଆରମ୍ଭ ହୋଇଥିଲା, ଦୃଢ଼ ବାଣୀ ସହିତ ସେହି "ସ୍ୱର" ୨ ନଭେମ୍ବର, ୨୦୧୦ (ରାମ ଏକାଦଶୀ ଦିନ) କଟକରେ ନରମି ଯାଇଥିଲା । ପୁରୀରେ ତାଙ୍କ ଅନ୍ତିମ ସଂସ୍କାରରେ ବହୁ ସଂଖ୍ୟାରେ ପ୍ରଶଂସକ ଯୋଗ ଦେଇ ତାଙ୍କ ମୁକୁଟ ବିହୀନ 'ସମ୍ରାଟ'ଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବନ୍ଧୁକ ସଲାମୀ ମାଧ୍ୟମରେ ତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଥିବା ସମୟରେ ତାଙ୍କ ଶରୀରକୁ ଶ୍ମଶାନରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଦ୍ୱାରା ପ୍ରଦାନ କରାଯାଇଥିବା ପବିତ୍ର କପଡା ଖଣ୍ଡୁଆ ଦ୍ୱାରା ଘୋଡ଼ାଇ ଦିଆଯାଇଥିଲା । ପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ଶିଷ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ଅଶ୍ରୁଳ ଆଖିରେ ବିଦାୟ ଦେବା ପାଇଁ ବଡ଼ଦାଣ୍ଡ ଜନ ସମୁଦ୍ରରେ ପରିଣତ ହୋଇଥିଲା ।

ଭଜନ ସମ୍ରାଟଙ୍କୁ ତାଙ୍କର ଉଲ୍ଲେଖନୀୟ ସଫଳତା ଏବଂ ଓଡ଼ିଆ ସଙ୍ଗୀତ ଶିଳ୍ପ ପ୍ରତି ଅବଦାନ ପାଇଁ ଅନେକ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି । କିନ୍ତୁ ରାଜ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଶାସନର ଉଦାସୀନତା ପାଇଁ ସେ ତାଙ୍କ ଜୀବନକାଳ ମଧ୍ୟରେ ପଦ୍ମ ପୁରସ୍କାର ଭଳି ଜାତୀୟ ସ୍ତରୀୟ ଉତ୍କର୍ଷ ସମ୍ମାନରୁ ବଞ୍ଚିତ ହୋଇଛନ୍ତି । ଯଦିଓ ବର୍ତ୍ତମାନ ବିଳମ୍ବ ହୋଇଗଲାଣି, ଆଜି ଆମେ ଯେତେବେଳେ ତାଙ୍କ ୧୬ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରୁଛୁ, ସେତେବେଳେ ତାଙ୍କ ନାମରେ ରାଜ୍ୟର ଯେ କୌଣସି ପ୍ରସିଦ୍ଧ ସଙ୍ଗୀତ ଅନୁଷ୍ଠାନର ନାମକରଣ କରିବା ଯଥାର୍ଥ ମନେହୁଏ । ଏହା କରିପାରିଲେ ଆମେ ତାଙ୍କର ପ୍ରଗାଢ଼ ଅନୁଗାମୀ ଓଡ଼ିଶାବାସୀ ଏବଂ ରାଜ୍ୟ ସରକାର ଏହି ମହାନ ଗାୟକଙ୍କ ପ୍ରତି ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି ଅର୍ପଣ କରିପାରିବା ।

ସଞ୍ଜୀବ କୁମାର ଦାସ

ଲେଖକ ଏବଂ ସ୍ତମ୍ଭକାର।

ମର୍କତ ନଗର

କଟକ-୭୫୩୦୧୪

ଫୋନ୍: ୬୩୭୧୬୧୯୦୦୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବି ସ୍ୱପ୍ନେଶ୍ୱର ଦାଶଙ୍କ ରଚିତ କୃତଜ୍ଞତା - ପୁଷ୍ପାଞ୍ଜଳୀ କାବ୍ୟରେ ସୁବର୍ଣ୍ଣପୁର ରାଜ ଦରବାରର ବର୍ଣ୍ଣନା

ଜିତେନ୍ଦ୍ର ପର୍ଡ଼ିଆ



କବି ସ୍ୱପ୍ନେଶ୍ୱର ଦାଶ (ଖ୍ରୀ. ୧୮୬୬-୧୯୬୨) ଅବିଭକ୍ତ ସମ୍ବଲପୁର ଜିଲ୍ଲା (ଏବର ବରଗଡ଼ ଜିଲ୍ଲା)ର ରୋହିଣିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ଅନେକ ପୁସ୍ତକର ରଚୟିତା । ରଚନା କ୍ଷେତ୍ରରେ ପାରଦର୍ଶିତା ଯୋଗୁଁ ତାଙ୍କୁ କବି ଭୂଷଣ ଉପାଧି ମିଳିଥିଲା । ସୁବର୍ଣ୍ଣପୁର ରାଜଦରବାର ପ୍ରତି ତାଙ୍କର ଥିଲା ଅହେତୁକ ଆକର୍ଷଣ । ସେଥିପାଇଁ ସେ ରାଜଦରବାରଠାରୁ ମଧ୍ୟ ଅଯାଚିତ ସାହାଯ୍ୟ ସହେଯାଗ ପାଇଛନ୍ତି । ଆଲୋଚିତ କାବ୍ୟ 'କୃତଜ୍ଞତା-ପୁଷ୍ପାଞ୍ଜଳି' ସମ୍ବଲପୁର ସାଧନା ପ୍ରେସରୁ ଖ୍ରୀ ୧୯୨୪ରେ ପ୍ରକାଶିତ । ଉକ୍ତ ପୁସ୍ତିକାରେ ଚୌହାଣ ବଂଶର ବଂଶାବଳୀର ଗୁଣାନୁବାଦ କରିବା ସଂଗେ ସଂଗେ ବୀରମିତ୍ରୋଦୟ ଓ ତାଙ୍କ ରାଣୀ ଲେଡ଼ି ପାର୍ବତୀ ଦେବୀଙ୍କ କୀର୍ତ୍ତିକଳାପ ସଂପର୍କରେ ଭୂୟସୀ ପ୍ରସଂସା କରିଛନ୍ତି । ସେ ମହାରାଜା ବୀରମିତ୍ରୋଦୟଙ୍କୁ ରାଜର୍ଷି, ନୃପକୁଳ ମଉଳୀ ମଣ୍ଡନ, ସର୍ବଗୁଣାକର, ଶାସ୍ତ୍ର ଧୂରନ୍ଧର, ଧର୍ମନିଷ୍ଠବୀର, ଦେବ ବିପ୍ରପରାୟଣ, ବିପନ୍ନ ଶରଣ, ଗୁଣଗ୍ରାହୀ, ଦାନବୀର, କୃପା ପାରାବାର, ଧର୍ମନିଧି, ଜ୍ଞାନଗୁଣାକର ଆଦି ଅନେକ ଗୁଣରେ ଭୂଷିତ କରିଛନ୍ତି । ତାର ଉଦାହରଣ ହେଲା-,

"ହେ ରାଜର୍ଷି ନୃପକୂଳ ମଉଳୀ ମଣ୍ଡନ !
ସ୍ୱର୍ଣ୍ଣପୁର ପୁରନ୍ଦର ସର୍ବଗୁଣାକର,
ନାନା ଶାସ୍ତ୍ର ଧୂରନ୍ଧର ଧର୍ମନିଷ୍ଠବୀର,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେବ ବିପ୍ରପରାୟଣ ବିପନ୍ନ-ଶରଣ
ଗୁଣଗ୍ରାହୀ ଦାନବୀର କୃପାପାରାବାର,
ମହାରାଜ ଧର୍ମନିଧି ଜ୍ଞାନଗୁଣାକର,
ସାର୍ କେ.ସି.ଆଇ.ଇ.ଏମ୍.ଆଇ.ଏ.ଏସ୍,
ବୀରମିତ୍ରୋଦୟ ସିଂହଦେବ ରୁଲିଂ ଚିଫ୍ ।”

ରାଜାମାନଙ୍କ ଗୁଣାନୁବାଦ କରି କାବ୍ୟକବିତା ରଚନା କରିବା ପୂର୍ବରୁ ମଧ୍ୟ ଏହି ଧାରା ଦେଖାଯାଏ । କବିଙ୍କର ରାଧାନାଥ ରାୟ ମଧ୍ୟ ତାଙ୍କ ‘ମହାଯାତ୍ରା’ରେ ମହାରାଜା ସୁଢ଼ଳ ଦେବଙ୍କ ପ୍ରତି ପ୍ରଶଂସା କରି ଅମିତ୍ରାକ୍ଷର ଛନ୍ଦରେ ଯେପରି ଲେଖିଛନ୍ତି, ତାହା ହେଲା-,

“ଦିବ୍ୟ ଅବଧାନେ ଆସୁ ଏ ଗୀତ ତୁମ୍ଭର,
ହେ ମହେନ୍ଦ୍ର, ମନ୍ଦ୍ରନାଦି-ପ୍ରପାତର ପତି,
ବାମଣ୍ଡାମଣ୍ଡଳେଶ୍ୱର, ଉତ୍କଳ ମଣ୍ଡନ ;
ତୁମ୍ଭ ଶୁଭ-ଆବିର୍ଭାବେ ହୋଇଛି ଉତ୍କଳେ
ଦେବ ଦୁର୍ଗ, ଦେବ, ଏବେ ତୀର୍ଥ ସାରସ୍ୱତ ;
ବୁଧହଂସ-କେଳିସରଃ ଅବିଦ୍ୟା-ଉଷରେ ;
ରଜତକାଞ୍ଚନ ମୁକ୍ତା ମଣିରେ ଗଠିତ
ଧନମତ୍ତ ଭୂପଙ୍କର ଗଣ୍ଡିଧନ ରୂପୀ,
ତୁଚ୍ଛ ଅଳଂକାର ତୁମ୍ଭେ ପ୍ରୀତି ନ ବଳାଇ
ଅପ୍ରାକୃତ ଅଳଙ୍କାର ଖୋଜିଲ ଯତନେ ।”

(ରାଧାନାଥ ଗ୍ରନ୍ଥାବଳୀ- ମନୋଜକୁମାର ମହାପାତ୍ର, ଗ୍ରନ୍ଥମନ୍ଦିର-ପୃଷ୍ଠା-୧୪୦)

କବି ସ୍ୱପ୍ନେଶ୍ୱର ମଧ୍ୟ ବୀରମିତ୍ରୋଦୟଙ୍କୁ ସେହିଁ ଯଶସ୍ୱୀ କୀର୍ତ୍ତିମାନ ରାଜା ବୋଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିଗଣିତ କରିଛନ୍ତି । ଏ ରାଜ୍ୟରେ ଲକ୍ଷ୍ମୀ ସରସ୍ୱତୀ କଳହକୁ ତ୍ୟାଗ କରି ଏକସଂଗରେ ରହିଛନ୍ତି । ମହାନଦୀ ବୋହୁଅଛି, ପ୍ରଜାକୂଳ ଶାନ୍ତିରେ କାଳଯାପନ କରୁଛନ୍ତି । ଦେଖିବାକୁ ଇନ୍ଦ୍ରପୁରୀ ମଧ୍ୟ ହାର ମାନିଯିବ । ଅନ୍ୟ ରାଜ୍ୟ ଅପେକ୍ଷା ଦୁର୍ଭିକ୍ଷ ପ୍ରପୀଡ଼ିତ ନୁହେଁ । ଇଉରୋପ ଯୁଦ୍ଧରେ ଯୋଗଦାନ । ହୃଦୟ ତାଙ୍କର ବଦାନ୍ୟତା ଗୁଣରେ ଭରପୁର । ପରଦୁଃଖ କାତରତା । ମହାରାଣୀ ପାର୍ବତୀ ଦେବୀ ଜଣେ ପତିବ୍ରତା ନାରୀ । ପର ଦୁଃଖରେ ଦୁଖୀ । ଯୋଗ୍ୟ ସହଧର୍ମିଣୀ । ବିଦ୍ୟାନୁରାଗିଣୀ । ରେଭେନ୍‌ସା କଲେଜରେ ଇଂରାଜୀ ବିଭାଗ ଏମ୍.ଏ ଖୋଲିଥିବା ରାଣୀ ସେହିପରି ବୀରମିତ୍ରୋଦୟଙ୍କ ଗୁଣକର୍ମରେ ସମସ୍ତେ ମୁଗ୍ଧ । ତାଂକ ଗୁଣକର୍ମ ଯୋଗୁଁ ବିଭିନ୍ନ ଉପାଧିରେ ଭୂଷିତ । ବେଦମତରେ ଯିଏ ଯେଉଁ ପ୍ରକାର କର୍ମ କରିଥାଏ ତାଂକୁ ସେହି ପ୍ରକାର ଫଳ ଦେଇଥାନ୍ତି । ତାଂକୁ ପ୍ରଭୁ ହତାଦର କରନ୍ତି ନାହିଁ । ଉଦାହରଣସ୍ୱରୂପ ଦୁଃଖୀଦରିଦ୍ରଙ୍କୁ ଅନ୍ନ, ଜଳ, ଭୂମି ଇତ୍ୟାଦି ଦାନଧର୍ମ କରିଥିଲେ ଆର ଜନ୍ମରେ ସେହି କର୍ମର ଫଳ ପ୍ରଦାନ କରନ୍ତି । ତାହା ବୀରମିତ୍ରୋଦୟଙ୍କ ଭାଗ୍ୟରେ ଘଟିଛି । ସେ ହେଉଛନ୍ତି ନିରଳସ, କର୍ମପଟୁ, ନୀତି ବିସାରଦ, ପ୍ରାନ୍ତୀୟ କ୍ଷତ୍ରୀୟ ସଭାରେ ସଭାପତିତ୍ୱ କରିଥିବା ରାଜା । ମାତୃଭାଷା ସାହିତ୍ୟର ଉନ୍ନତି ପାଇଁ କଲିକତାରେ ଓଡ଼ିଆ ଭାଷାରେ ଏମ୍.ଏ. ଶ୍ରେଣୀ ଖୋଲିବା ତାଙ୍କ ବଦାନ୍ୟତାର ପରିଚୟ ଦିଏ । ଓଡ଼ିଶା ତଥା ସମଗ୍ର ଭାରତ ବର୍ଷରେ ସେ ଯେଉଁ ଯେଉଁ କର୍ମ ସବୁ କରିଛନ୍ତି ତାର ପଟାନ୍ତର ନାହିଁ । ତାଙ୍କର ଆଦର୍ଶ ଜୀବନଯାପନ ସଂପର୍କରେ କବିଙ୍କ ମତ ହେଲା-,

“ଆଦର୍ଶ ଜୀବନ ତବ ଆଦର୍ଶ ଚରିତ
ସକଳ କଳାକୁଶଳ କବିତ୍ୱ କୃତିତ୍ୱ
ପାଣ୍ଡିତ୍ୟ ସୌଜନ୍ୟ ରତ୍ନେ ମଣ୍ଡିତ ହୃଦୟ
ରାଜନ୍ୟ ମଣ୍ଡଳୀଙ୍କର ଅନୁକରଣୀୟ ;

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୁହେ ଏ ମୁଖମଣ୍ଡଳ ଯେ ଦେଖିଛି ଥରେ
ତାର ପକ୍ଷେ, ବୀରାରାଣୀ ! ଉଜ୍ଜଳ ଧରଣୀ
ଲଭି ଶ୍ରୀ ଛାମୁଙ୍କୁ ଧନ୍ୟ ହୋଇଛି ଆବର
ଧନ୍ୟ ହୀରାଖଣ୍ଡ ପୁଣି ଧନ୍ୟ ସ୍ୱର୍ଣ୍ଣପୁର ।”

ମଦନଗୋପାଳଙ୍କଠାରୁ ଆରମ୍ଭକରି ସୁବର୍ଣ୍ଣପୁର ରାଜବଂଶର ସଂକ୍ଷିପ୍ତ ରାଜୁତିକାଳ ରଚନା ହୋଇଛି ଏ ପୁସ୍ତକରେ । କବି ସୁବର୍ଣ୍ଣପୁର ରାଜବଂଶର ରାଜୁତିକାଳକୁ ଅତି ସଂକ୍ଷିପ୍ତରେ ବର୍ଣ୍ଣନା କରିଛନ୍ତି । ତାହା ମଦନଗୋପାଳଙ୍କଠାରୁ ଆରମ୍ଭ ହୋଇଅଛି । ସମ୍ବଲପୁର ରାଜ୍ୟର ମଧୁକର ସାହୁଙ୍କ ତୃତୀୟ ପୁତ୍ର ଭାବରେ ମଦନଗୋପାଳ ସିଂହଦେବ ସୁବର୍ଣ୍ଣପୁର ରାଜ୍ୟର ପ୍ରଥମ ରାଜା ରୂପେ ଅଧିଷ୍ଠିତ ହୋଇଥିଲେ । ଏହି କ୍ରମରେ ଲାଲ ସାଏ ସିଂହଦେବ, ପୁରୁଷୋତ୍ତମ ସିଂହଦେବ, ରାଜସିଂହଦେବ ରାଜା ବଡ଼ମ୍ବାରୁ ଆମ୍ବ ବିହନ ଅଣାଇ ଚମ୍ପାମାଳ ଗ୍ରାମରେ ଆମ୍ବ ବୃକ୍ଷରୋପଣ କରାଇଥିଲେ । ପୁଣି ଅଚଳସିଂହଦେବ ପରେ ଦିବ୍ୟସିଂହଦେବଙ୍କ ରାଜ୍ୟ ଶାସନ ସମୟରେ ରାଜ୍ୟର ସୀମା ହୋଇଛି ବିସ୍ତୃତ । ଦିବ୍ୟସିଂହଦେବଙ୍କ ଜୀବିତାବସ୍ଥାରେ ଜ୍ୟେଷ୍ଠ ପୁତ୍ର ଜଗତ୍ରିଶୋରଙ୍କ ମୃତ୍ୟୁ ହେବାରୁ କନିଷ୍ଠ ପୁତ୍ର ଜରାବର ରାଜା ହୋଇଥିଲେ । ଜରାଜରଙ୍କ ମୃତ୍ୟୁପରେ ପିତୃବ୍ୟ ଶୋଭାସିଂହ ରାଜତ୍ୱ କରୁଥିଲେ । ସୁବର୍ଣ୍ଣପୁରର ଗୋପାଳଜୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର ରାଜଘାଟ ପ୍ରାଚୀର ଜୀର୍ଣ୍ଣ ସଂସ୍କାର ଆଦି ତାଂକ ସମୟର ଅମୂଲ୍ୟ କୀର୍ତ୍ତି । ଶୋଭାସିଂହଙ୍କ ପରେ ତାଙ୍କ ପୁତ୍ର ପୃଥ୍ୱୀ ସିଂହ ସିଂହାସନ ଆରୋହଣ କରିଥିଲେ । ତାଂକ ସମୟରେ ମରହଟ୍ଟାମାନେ ତାଙ୍କ ମନ୍ତ୍ରୀ ଗୋବିନ୍ଦ ରାଓଙ୍କୁ ଯୁଦ୍ଧରେ ଜିଣିଥିଲେ । ରାଜା କିନ୍ତୁ ମରହଟ୍ଟା ମାନଙ୍କର ବସତା ସ୍ୱୀକାର ନକରି ଘଣ୍ଟାପଡ଼ାର ଅଚିନ୍ତାଖୋଳ ପର୍ବତରେ ଲୁଚି ରହି ଜୀବନଯାପନ କରିଥିଲେ । କିନ୍ତୁ ଦୈବର ଘଟଣା ହେଲା ଅଲଗା । ସତର ବର୍ଷପରେ ଏକ ମାତ୍ର ପୁଅର ମୃତ୍ୟୁ ବାର୍ତ୍ତା ଶୁଣି ମରହଟ୍ଟାମାନଙ୍କ ସହିତ ବଶତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱୀକାର କରି ରାଜ୍ୟକୁ ଫେରି ଆସିଥିଲେ । ପୁତ୍ରର ମୃତ୍ୟୁରେ ମ୍ରିୟମାଣ ରାଜା ପୁରୀରେ ଯାଇ ବାସକଲେ । ସେଠାରେ ଜଗନ୍ନାଥ ମନ୍ଦିର ବେଢ଼ାରେ ରାମଜୀ ମନ୍ଦିର ନିର୍ମାଣ କରି ଦଶପଲ୍ଲା ଦେଇ ଫେରି ଆସିବା ସମୟରେ ଗୁଣ୍ଡି· ଦେବୀଙ୍କୁ ବିବାହ କରିଥିଲେ । ତାଙ୍କଠାରୁ ଯେଉଁ ପୁତ୍ର ଜାତ ହୋଇଥିଲା ତାଙ୍କ ନାମ ନୀଳାଦ୍ରୀ ସିଂହଦେବ । ନୀଳାଦ୍ରି ସିଂହଦେବ ପ୍ରାପ୍ତ ବୟସ ହେବା ପର୍ଯ୍ୟନ୍ତ ମାତା ଗୁଣ୍ଡି· ଦେବୀ ଶାସନ କାର୍ଯ୍ୟ ଚଳାଉଥିଲେ । ତାଙ୍କର ଅକ୍ଷୟ କୀର୍ତ୍ତି ହେଲା ନୃସିଂହ ମନ୍ଦିର (ଗୁଣ୍ଡିଚା ଗୁଡ଼ି) । ନୀଳାଦ୍ରୀ ସିଂହଦେବଙ୍କ ସମୟରେ ସୁନ୍ଦର ସାଏଙ୍କ ବିରୁଦ୍ଧରେ ଇଂରେଜ ସରକାରଙ୍କୁ ସାହାଯ୍ୟ କରିଥିଲେ । ତାଂକ ଅନ୍ତେ ଜ୍ୟେଷ୍ଠ ପୁତ୍ର ପ୍ରତାପରୁଦ୍ର ସିଂହଦେବ ହୋଇଥିଲେ ସିଂହାସନ ଆରୋହଣ । ଏହି ସମୟରେ ସୁବର୍ଣ୍ଣପୁରର ପାଞ୍ଚଟି ଦେବାଳୟ, ଦୁଇଗୋଟି ମଣ୍ଡପ ଓ ତିନୋଟି ମନ୍ଦିରର ସଂସ୍କାର କାର୍ଯ୍ୟ ସଂପନ୍ନ କରିଥିଲେ ।

ରାଜା ପ୍ରତାପରୁଦ୍ରଙ୍କ ପରେ ତାଙ୍କ ପୁତ୍ର ବୀରମିତ୍ରୋଦୟ ସିଂହଦେବ ସିଂହାସନ ଆରୋହଣ କରିଥିଲେ । ସେ ଜଣେ ଖ୍ୟାତି ସଂପନ୍ନ ରାଜା । ସେହି ସମୟରେ ସୁବର୍ଣ୍ଣପୁର ରାଜ୍ୟ ଶୀର୍ଷ ସ୍ଥାନରେ ପହଞ୍ଚି ଥିଲା । ହିନ୍ଦୁ ଧର୍ମ ପ୍ରତି ତାଙ୍କର ଶ୍ରଦ୍ଧା ପ୍ରଗାଢ଼ ବିଶ୍ୱାସ । ତା ସତ୍ତ୍ୱେ ଅନ୍ୟ ଧର୍ମମାନଙ୍କ ପ୍ରତି ସେ ଥିଲେ ଉଦାର । ପର୍ବପର୍ବାଣୀ ଗୁଡ଼ିକ ଧୁମ୍‌ଧାମ୍ରେ ପାଳିତ ହେଉଥିଲା । ମିଷ୍ଟାଳାପୀ, ସଦାଚାର, ସଂସ୍କୃତ ଭାଷା ବିନୋଦୀ, ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର, ସାହିତ୍ୟିକ ଓ କବି ଭାବରେ ସମଗ୍ର ରାଜ୍ୟରେ ବେଶ୍ ଜଣାଶୁଣା । ସେହି ମହାରାଜାଙ୍କ ଠାରୁ କବି କମ୍ ସାହାଯ୍ୟ ସହଯୋଗ ପାଇ ନାହାନ୍ତି । ବିଶେଷ କରି କବିଙ୍କ 'ସାଧନା ପ୍ରେସ' ଓ 'ସାଧନା' ପତ୍ରିକା ଚଳାଇବା ପାଇଁ ଅଯାଚିତ ସାହାଯ୍ୟ ଓ ସହଯୋଗ ପାଇଥିଲେ । ସେଥିପାଇଁ କବି ମୁକ୍ତ କଣ୍ଠରେ ଗାଇଛନ୍ତି-,

"ହେ ସାହିତ୍ୟକୁଞ୍ଜ କଳକଣ୍ଠ ତବ ଦାନ
ଶତ ଶତ ସାହିତ୍ୟିକ ମୁକ୍ତ କଣ୍ଠେ ନିତ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଭକରି ଘୋଷୁଛନ୍ତି ; ଘୋଷିବେ ମହାତ୍ମ୍ୟ

ଉପକୃତ ପୁରସ୍କୃତ ହୋଇ ନାନା ମତେ ।

ସେ କୃପାକୃପାରୁ ତବ ଲଭି କୃପାବାରୀ

କଣିକାଏ ମୁହିଁ ଆହେ ବଦାନ୍ୟବରେଣ୍ୟ

ଚିର ବାଞ୍ଛିତ କାମନା କଲି ଚରିତାର୍ଥ

ଚଳାଇ 'ସାଧନା ପ୍ରେସ୍' 'ସାଧନା' ପତ୍ରିକା ।"

ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ତାଙ୍କର ମଂଗଳ ବିଧାନ କରନ୍ତୁ ବୋଲି କବିଙ୍କର ପ୍ରାର୍ଥନା । ଶେଷରେ କବି ମହାରାଜଙ୍କୁ କୃତଜ୍ଞତା ପୁଷ୍ପାଞ୍ଜଳି ଜଣାଇଛନ୍ତି । ଉକ୍ତ ପୁସ୍ତିକା ଖଣ୍ଡିକରେ କବିଙ୍କ ପାଣ୍ଡିତ୍ୟର ପରକାଷ୍ଠା ଦେଖିବାକୁ ମିଳେ ।

ପ୍ରଧାନ ଶିକ୍ଷକ

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଅଇଁଲାଛାଟ, ସୁବର୍ଣ୍ଣପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିକିତ୍ସା ବିଜ୍ଞାନରେ ନୋବେଲ୍, ୨୦୨୬

ଡା ରାଜକିଶୋର ପଣ୍ଡା



ମସ୍ତିଷ୍କର ଅନ୍ଧାରରେ ଆଲୋକର ଶିଖା

ବିଶିଷ୍ଟ ଆମେରିକୀୟ ପୁଞ୍ଜିପତି ତଥା ମାଇକ୍ରୋସଫଟ୍ର ପ୍ରତିଷ୍ଠାତା ବିଲ୍ ଗେଟସ୍ ମଣିଷର ଶରୀର ବିଷୟରେ କହିଥିଲେ, “The human body is the most complex system ever created. The more we learn about it, the more appreciation we have about what a rich system it is.” ଏହାର ଅର୍ଥ ମଣିଷ ଶରୀର ପୃଥିବୀର ଜଟିଳତମ ବ୍ୟବସ୍ଥାମାନଙ୍କ ମଧ୍ୟରୁ ଅନ୍ୟତମ । ମସ୍ତିଷ୍କ ହେଉଛି ମନୁଷ୍ୟ ଶରୀରର ସବୁଠାରୁ ପ୍ରମୁଖ ଅଙ୍ଗ । ଏହାକୁ ଆମେ ପ୍ରତିକ୍ଷଣ ବ୍ୟବହାର କରୁଛେ ଜାଣତ ବା ଅଜାଣତରେ । କିନ୍ତୁ ଆଜି ପର୍ଯ୍ୟନ୍ତ ଆମେ ଏହାକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିନେ । ବିଗତ ଶହେ ବର୍ଷ ମଧ୍ୟରେ ଆମେ ଚନ୍ଦ୍ର ପୃଷ୍ଠରେ ପହଞ୍ଚିପାରିଛେ, ମଙ୍ଗଳର ମୃତ୍ତିକା ଉପରେ ଗବେଷଣା କରୁଛେ, ସାଗରର ଅତଳ ଗର୍ଭର ଖୋଜ ଖବର ନେଉଛେ ଓ ଏପରି ଯନ୍ତ୍ରପାତି ବା ମେସିନ୍‌ର ନିର୍ମାଣ କରିଛେ, ଯିଏ କୋଟି କୋଟି ତଥ୍ୟକୁ ଆଖି ପିଛୁଲାକେ ସଞ୍ଚାଳନ କରିପାରୁଛି । ଏତେଗୁଡ଼ିଏ ଉପଲବ୍ଧି ସତ୍ତ୍ୱେ ଆଜି ମଧ୍ୟ ଗୋଟିଏ ସମସ୍ୟା ଆମ ସମ୍ମୁଖରେ ବିଦ୍ୟମାନ ରହିଛି କି ଯେଉଁ ମସ୍ତିଷ୍କ ବିଶ୍ୱର ଅନନ୍ତ ରହସ୍ୟକୁ ଆମ ପାଇଁ ଖୋଲିଛି, ତା’ ନିଜର ରହସ୍ୟକୁ ଆଜି ପର୍ଯ୍ୟନ୍ତ କାହିଁକି ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚନ କରାଯାଇପାରିନାହିଁ !

ଆମେ ଭାବୁଛେ କେମିତି ? କାହାର ମୁହଁ ଦେଖିଲେ କିପରି ଭାବରେ ଆମକୁ ସେହି ମୁହଁ ସହ ଜଡ଼ିତ ବହୁ ପୁରୁଣା ସ୍ମୃତି ମନେ ପଡ଼ିଯାଏ । କୌଣସି ଶବ୍ଦ ବା ଗନ୍ଧ କିପରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମର ପୂର୍ବ କଥାକୁ ତାଜା କରାଇଦିଏ ? ଆହୁରି ମଧ୍ୟ କୌଣସି ବିଚାର କିପରି ଆମ ମସ୍ତିଷ୍କକୁ ସକ୍ରିୟ କରିଦିଏ ? ଏହି ସବୁ ପ୍ରଶ୍ନର ସମାଧାନର ଯାତ୍ରାରେ ବିଜ୍ଞାନ ବର୍ତ୍ତମାନ ଏକ ମହତ୍ତ୍ୱପୂର୍ଣ୍ଣ ଦ୍ୱାର ଉନ୍ମୁକ୍ତ କରିଛି ।

୨୦୨୬ର ନୋବେଲ ପୁରସ୍କାର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ପ୍ରଦାନ କରାଯାଇଛି ପିଟର ହେଗ୍ଟ୍ୟାନ, ଜର୍ଜ ନାଗେଲ ଓ କାର୍ଲ ଡିସେରାଥ୍‌ଙ୍କୁ ଅପ୍ଟୋଜେନିଟିକ୍ସ (Optogenetics)ରେ ଉଲ୍ଲେଖନୀୟ ଗବେଷଣା ନିମନ୍ତେ । କାର୍ଲ ଡିସେରାଥ୍ ଯେତେବେଳେ ନୋବେଲ ପୁରସ୍କାର ପାଇବା ଖବର ନିଜର ପରିବାର ଆଗରେ ପ୍ରକାଶ କରିଛନ୍ତି, ତାଙ୍କର ଦୁଇ ଝିଅ ଖୁସିରେ ଆତ୍ମହରା ହୋଇ ତାଙ୍କୁ କୁଣ୍ଢାଇ ପକାଇବାର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ଏହି ବୈଜ୍ଞାନିକମାନେ ଆଲୋକର ସହାୟତାରେ ମସ୍ତିଷ୍କରେ ଥିବା ସ୍ନାୟୁକୋଷ ବା ନ୍ୟୁରନ୍ ମାନଙ୍କର କାର୍ଯ୍ୟପ୍ରଣାଳୀକୁ ନିରୀକ୍ଷଣ ଓ ନିୟନ୍ତ୍ରଣ କରିବା ପାଇଁ ଏକ ଉପାୟ ବାହାର କରିଛନ୍ତି । ଯେଉଁ ବିଭାଗରେ ସେମାନେ ତାଙ୍କର ଗବେଷଣା କରିଛନ୍ତି, ତାହା ହେଉଛି “ଅପଟୋଜେନିଟିକ୍ସ” । ଏଥିରେ ଜେନେଟିକ୍ସ (ଆନୁବଂଶିକ ବିଜ୍ଞାନ) ଓ ଅପ୍ଟିକ୍ସ (ଆଲୋକ ବିଜ୍ଞାନ)ର ସମ୍ମିଶ୍ରଣରେ ନିର୍ଦ୍ଦିଷ୍ଟ ପ୍ରକାରର କୋଷ ବା ସେଲ୍ (ପ୍ରାୟତଃ ନ୍ୟୁରନ୍) ମାନଙ୍କ ଉପରେ ଅଧ୍ୟୟନ କରାଯାଇଥାଏ । ଏହି ଅପ୍ଟୋଜେନିଟିକ୍ସର ପ୍ରୟୋଗ ବର୍ତ୍ତମାନ ସମୟରେ ସ୍ନାୟୁ ବିଜ୍ଞାନ (Neuroscience) ଗବେଷଣା କ୍ଷେତ୍ରରେ ବ୍ୟାପକ ଭାବରେ ହେଉଅଛି । ଏଥିରେ ଆଲୋକ ଚାଳିତ ଏପରି ସ୍ୱିଚ୍ ବିକଶିତ କରାଯାଇଥାଏ ଯାହାକୁ ବ୍ୟବହାର କରି ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଓ ରୋଗବ୍ୟାଧି ବିଷୟରେ ସମ୍ୟକ ଜ୍ଞାନ ଆହରଣ କରାଯାଇପାରିବ । ତିନି ବୈଜ୍ଞାନିକଙ୍କର ଗବେଷଣା, ହେଗ୍ଟ୍ୟାନଙ୍କର ସବୁଜ ଶୈବାଳର ଆଲୋକ ଆଡ଼କୁ ଗତି କରିବା ଜନିତ ରହସ୍ୟର ଉଦ୍ଘାଟନରୁ ଆରମ୍ଭ ହେଲା । ହେଗ୍ଟ୍ୟାନଙ୍କ ସହ ନାଗେଲ ଯେଉଁ ଦୁଇଜଣ ଥିଲେ ଜର୍ମାନୀର, ଗୋଟିଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକକୋଷୀୟ ଶୈବାଳ, କ୍ଲାମାଇଡୋମୋନାସ ଉପରେ ଗବେଷଣା ଆରମ୍ଭ କଲେ । ଗବେଷଣାର ବିଷୟବସ୍ତୁ ଥିଲା କିପରି ଏହି ଶୈବାଳ ଆଲୋକକୁ ଅନୁଭବ କରିପାରୁଛି । ଆଲୋକକୁ ଅନୁଭବ କରିବା ଶକ୍ତି କେବଳ ଚକ୍ଷୁ ଥିବା ପ୍ରାଣୀଙ୍କର ଏକଚାଟିଆ ଅଧିକାର ନୁହେଁ । ଜୀବଜଗତର ଅଧିକାଂଶ ପ୍ରାଣୀ ଓ ଉଦ୍ଭିଦଙ୍କର ଆଲୋକକୁ ବାରିବା ଓ ଏହାକୁ ନିଜର ପରିବେଶରେ କୌଣସି ପରିବର୍ତ୍ତନ ପ୍ରକ୍ରିୟାକୁ ଚିହ୍ନଟ କରିବାରେ ପ୍ରୟୋଗ କରିବାର ନିଜ ନିଜର କୌଶଳମାନ ରହିଛି । ଏପରିକି ଏକକୋଷୀୟ ଜୀବମାନଙ୍କଠାରେ ଗୋଟିଏ ବିଶିଷ୍ଟ ପ୍ରକାରର ପ୍ରୋଟିନ ଥାଏ ଆଲୋକକୁ ଅନୁଭବ କରିବା ପାଇଁ । ହେଗ୍ଟ୍ୟାନ ଓ ନାଗେଲ ଆବିଷ୍କାର କଲେ ଯେ କ୍ଲାମାଇଡୋମୋନାସ୍‌ଠାରେ ଗୋଟିଏ ଅତିସୁନ୍ଦର ଓ କାର୍ଯ୍ୟଦକ୍ଷ ବ୍ୟବସ୍ଥା ଅଛି ଆଲୋକକୁ ଗ୍ରହଣ କରିବା ପାଇଁ ଯାହାକି ଗୋଟିଏ ପ୍ରୋଟିନ୍ ଉପରେ ନିର୍ଭରଶୀଳ । ଏହି ପ୍ରୋଟିନର ନାମ ହେଉଛି “ଚ୍ୟାନେଲ୍ ରୋଡୋପ୍ସିନ” ।

“ଚ୍ୟାନେଲ ରୋଡୋପ୍ସିନ” ଥାଏ କ୍ଲାମାଇଡୋମୋନାସ୍ର ବାହ୍ୟ ଝିଲ୍ଲୀ (Outer membrane) ରେ । ଏହି ପ୍ରୋଟିନର ଅଧା ଅଂଶ ଶୈବାଳଟିର କୋଷ ବାହାରେ ଥିବା ପାଣି ଆଡ଼କୁ ଥାଏ ଓ ବାକି ଅଧା ଭିତରକୁ ଥାଏ । ଏହି ପ୍ରୋଟିନରେ ଗୋଟିଏ କ୍ଷୁଦ୍ର ରସାୟନ ମଧ୍ୟ ଅଛି ଯାହାକୁ କୁହାଯାଏ “ରେଟିନାଲ ଡିହାଇଡ୍” । ଏହି ରସାୟନଟି ହିଁ ଆଲୋକକୁ ଗ୍ରହଣ (Absorb) କରିଥାଏ ।

ଯେତେବେଳେ ଆଲୋକ ରେଟିନାଲ ଡିହାଇଡକୁ ସ୍ପର୍ଶ କରେ ସେତେବେଳେ ଏହାର ଆକାର ପରିବର୍ତ୍ତନ ହୋଇଥାଏ, ଫଳରେ ଚ୍ୟାନେଲ ରୋଡୋପ୍ସିନ୍ର ଆକାର ମଧ୍ୟ ବଦଳିଥାଏ । ଏହି ପରିବର୍ତ୍ତନ ହେତୁ କୋଷୀୟ ଝିଲ୍ଲୀରେ ଗୋଟିଏ କ୍ଷୁଦ୍ର ଛିଦ୍ରର ସୃଷ୍ଟି ହୁଏ । ଏହି ଛିଦ୍ର ଯୋଗେଁ ଧନାତ୍ମକ ଚାର୍ଜଯୁକ୍ତ କଣିକା (Positively charged particle) ଯେପରିକି ସୋଡିୟମ୍, ଶୈବାଳର ବାହାରେ ଥିବା ପାଣିରୁ ଏହାର କୋଷ ଭିତରକୁ ଯାଏ । ଏହି ପ୍ରକ୍ରିୟାଟି ହିଁ ଗୋଟିଏ ପ୍ରକାରର ସଙ୍କେତ (Signal) ସୃଷ୍ଟି କରିଥାଏ ଯାହା

Listen to Odia Podcast Original at https://youtube.com/@drjyotiprasad

ସହାୟତା କରେ ଶୈବାଳଟିକୁ ପହଁରିବା ପାଇଁ ।

ପ୍ରକୃତରେ ଶୈବାଳର ଏହି ରହସ୍ୟର ଉନ୍ମୋଚନ ଏକ ଉଲ୍ଲେଖନୀୟ କାର୍ଯ୍ୟ । କିନ୍ତୁ ଏହାକୁ କ'ଣ ପାଇଁ ନୋବେଲ ପୁରସ୍କାର ଦିଆଯିବ ? ଏହାର ଉତ୍ତର ନିହିତ ଅଛି ସ୍ନାୟୁକୋଷର କାର୍ଯ୍ୟ କରିବାର ପଦ୍ଧତିରେ । ସ୍ନାୟୁକୋଷର କାର୍ଯ୍ୟକଳାପ ମୁଖ୍ୟତଃ ନିୟନ୍ତ୍ରିତ ହୋଇଥାଏ, ସେମାନଙ୍କ ଝିଲ୍ଲୀରେ ଚାର୍ଜଯୁକ୍ତ କଣିକାର ଗତିଶୀଳତା ଦ୍ୱାରା । ଯେତେବେଳେ ଧନାତ୍ମକ ଚାର୍ଜଯୁକ୍ତ କଣିକା ସ୍ନାୟୁକୋଷ ମଧ୍ୟକୁ ଗତି କରନ୍ତି, ସେତେବେଳେ ସ୍ନାୟୁକୋଷଗୁଡ଼ିକ ସକ୍ରିୟ ହୁଅନ୍ତି । ଗବେଷକମାନେ ଚିନ୍ତା କଲେ କି ଯଦି ଚ୍ୟାନେଲ ରୋଡୋପ୍ସିନ ପ୍ରୋଟିନକୁ ସ୍ନାୟୁ କୋଷମାନଙ୍କରେ ସ୍ଥାପନ କରାଯାଏ, ତେବେ ହୁଏତ ସେମାନେ ସମ୍ପୃକ୍ତ କୋଷଗୁଡ଼ିକୁ ସ୍ୱିଚ୍ ଅନ୍ ବା ସକ୍ରିୟ କରିପାରିବେ ଆଲୋକର ପ୍ରୟୋଗ ଦ୍ୱାରା । ଏହାକୁ ହିଁ ପ୍ରକୃତ ପକ୍ଷରେ କରିଛନ୍ତି, "ହେଗ୍ଟ୍ୟାନ୍", "ନାଗେଲ" ଓ "କାର୍ଲ ଡିସେରାଥ୍" ।

ଡିସେରାଥ୍ ଏକାଧାରରେ ଜଣେ ମାନସିକ ରୋଗ ବିଶେଷଜ୍ଞ ଓ ବାୟୋ ମେଡିକାଲ ଇଞ୍ଜିନିୟର । ତାଙ୍କୁ "ଅପ୍ଟୋଜେନେଟିକ୍ସ"ର ପିତା (Father of Optogenetics) ବୋଲି ମଧ୍ୟ କୁହାଯାଏ ।

ସ୍ନାୟୁକୋଷକୁ ଆଲୋକ ପ୍ରୟୋଗ କରି ସ୍ୱିଚ୍ ଅନ୍ ବା ସକ୍ରିୟ କରିବା:

ସ୍ନାୟୁକୋଷକୁ ଆଲୋକଦ୍ୱାରା ନିୟନ୍ତ୍ରଣ କରିବାକୁ କୁହାଯାଏ 'ଅପ୍ଟୋଜେନେଟିକ୍ସ' । ଏହା ଗୋଟିଏ ଶକ୍ତିଶାଳୀ ମାଧ୍ୟମ ପାଲଟିଛି କାରଣ ଏହାକୁ ପ୍ରୟୋଗ କରି ବୈଜ୍ଞାନିକମାନେ ସେମାନଙ୍କର ଇଚ୍ଛାନୁସାରେ ନିର୍ଦ୍ଦିଷ୍ଟ ସ୍ନାୟୁ କୋଷକୁ ସକ୍ରିୟ ବା ନିଷ୍କ୍ରିୟ କରିପାରିବେ ଏବଂ ଏହାର ଫଳାଫଳକୁ ପରୀକ୍ଷା କରିପାରିବେ । ମସ୍ତିଷ୍କର ଜଟିଳ ବ୍ୟବସ୍ଥା ମଧ୍ୟରେ କୌଣସି ଗୋଟିଏ ସ୍ନାୟୁକୋଷ ବା ସ୍ନାୟୁକୋଷ ଗୋଷ୍ଠୀର ପ୍ରକୃତ କାର୍ଯ୍ୟକୁ ଅଲଗା କରି ବୁଝିବା ଆଜି ପର୍ଯ୍ୟନ୍ତ ଅତ୍ୟନ୍ତ କଠିନ ଥିଲା । ଏହି ପରିସ୍ଥିତିରେ ହିଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୋବେଲ ପୁରସ୍କାର ଜିତିଥିବା ତିନି ଗବେଷକଙ୍କର କାର୍ଯ୍ୟର ଉପଯୋଗିତା ଅନୁଭୂତ ହେଉଛି ।

ପ୍ରଥମେ ବୈଜ୍ଞାନିକମାନଙ୍କୁ ସେମାନେ ଯେଉଁ ନିର୍ଦ୍ଦିଷ୍ଟ ସ୍ନାୟୁକୋଷକୁ ଅଧ୍ୟୟନ କରିବା ପାଇଁ ଇଚ୍ଛୁକ ସେହି କୋଷରେ ଚ୍ୟାନେଲ୍ ରୋଡୋପ୍ସିନ୍ ଜିନ ସ୍ଥାପନ କରିବା ପାଇଁ ପଡ଼ିବ ।

ଏହି ଜିନ୍‌କୁ ସମ୍ପୃକ୍ତ କୋଷମାନଙ୍କରେ ସ୍ଥାପନ କରିଥାଏ ଗୋଟିଏ ଭାଇରସ୍ । ଭାଇରସ୍‌ଟିକୁ ଏପରି ଭାବରେ ପରିବର୍ତ୍ତନ କରାଯାଇଥାଏ ଯେମିତି ସେ କୌଣସି ରୋଗ ସୃଷ୍ଟି କରିପାରିବ ନାହିଁ । ଏହାପରେ ସ୍ନାୟୁକୋଷଗୁଡ଼ିକ ଚ୍ୟାନେଲ ରୋଡୋପସିନ୍ ପ୍ରୋଟିନ୍ର ନିର୍ମାଣ କରିଥାନ୍ତି, ଯାହାକି ତାଙ୍କୁ ଆଲୋକ ପ୍ରତି ସକ୍ରିୟତା ଦେଇଥାଏ ।

ମୂଷା ଭଳି ପ୍ରାଣୀମାନଙ୍କ କ୍ଷେତ୍ରରେ ବୈଜ୍ଞାନିକମାନେ ସ୍ନାୟୁକୋଷରେ ଆଲୋକ ପ୍ରୟୋଗ କରିବା ପାଇଁ ସୂକ୍ଷ୍ମ ଅପଟିକାଲ ଫାଇବରର ପ୍ରୟୋଗ କରିଥାନ୍ତି । ଯେତେବେଳେ ଆଲୋକ ସମ୍ପୃକ୍ତ କୋଷରେ ପହଞ୍ଚେ ଚ୍ୟାନେଲ ରୋଡୋପ୍ସିନ୍ ସକ୍ରିୟ ହୁଏ । ଏହି ହେତୁ କୋଷ ମଧ୍ୟ ସକ୍ରିୟ ହୁଏ । ପାଖରେ ଥିବା ଅନ୍ୟ ସ୍ନାୟୁ କୋଷଗୁଡ଼ିକ ଯାହା ମଧ୍ୟରେ ଚ୍ୟାନେଲ୍ ରୋଡୋପ୍ସିନ ନଥାଏ ଆଲୋକ ଦ୍ୱାରା ସକ୍ରିୟ ହୁଅନ୍ତି ନାହିଁ ।

ଆଲୋକକୁ ମସ୍ତିଷ୍କର ଅତି କ୍ଷୁଦ୍ର ଅଂଶ ପ୍ରତି ଲକ୍ଷ୍ୟ କରି ପ୍ରୟୋଗ କରାଯାଇପାରିବ ଓ ତୁରନ୍ତ ଏହି ପ୍ରୟୋଗକୁ ବନ୍ଦ ମଧ୍ୟ କରିଦିଆଯାଇପାରିବ । ଏହା ହିଁ ଅପଟୋଜେନିଟିକ୍ସକୁ ଏକ ପ୍ରଭାବଶାଳୀ ପଦ୍ଧତିରେ ପରିଣତ କରିଛି, ଅନୁସନ୍ଧାନ କରିବା ପାଇଁ ଯେ କିପରି ମସ୍ତିଷ୍କ କାମ କରୁଛି ।

ଉଦାହରଣ ସ୍ୱରୂପ ଯଦି ବୈଜ୍ଞାନିକମାନେ ଜାଣିବା ପାଇଁ ଚାହାନ୍ତି ଯେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ନାୟୁକୋଷ ସମୂହ ନିଦ୍ରା, ସ୍ମରଣ ଶକ୍ତି ବା ଗତିଶୀଳତା ସହିତ ସମ୍ପୃକ୍ତ ଅଛି କି ନାହିଁ ତେବେ ସେମାନେ ସେହି କୋଷକୁ ଆଲୋକ ପ୍ରୟୋଗ କରି ସକ୍ରିୟ କରିବା ସହିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିରୀକ୍ଷଣ କରିପାରିବେ ।

୨୦୧୨ ମସିହାରେ ମାସାଚୁଟେସ୍ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜୀରେ ଗୋଟିଏ ଗବେଷକ ଦଳ ମୂଷାମାନଙ୍କ ଉପରେ ଗୋଟିଏ ପରୀକ୍ଷା କରିଥିଲେ । ସେମାନେ ମୂଷାମାନଙ୍କୁ ମଧ୍ୟମ ଧରଣର ବିଦ୍ୟୁତ୍ ଆଘାତ ଦେଇଥିଲେ ଓ ଅପଟୋଜେନିଟିକସ୍ ଜରିଆରେ ମୂଷାମାନଙ୍କର ମସ୍ତିଷ୍କରେ ଥିବା ସେହି ସ୍ନାୟୁକୋଷଟିକୁ ଚିହ୍ନଟ କରିଥିଲେ, ଯାହା ପରୀକ୍ଷଣ ସମୟରେ ସକ୍ରିୟ ଥିଲା । କିଛି ଦିନପରେ ଗବେଷକ ଦଳ ପୁନର୍ବାର ସେହି ମୂଷାମାନଙ୍କର ପୂର୍ବରୁ ଚିହ୍ନଟ ହୋଇଥିବା ସ୍ନାୟୁକୋଷକୁ ଆଲୋକଦ୍ୱାରା ସକ୍ରିୟ କଲେ । ଏହାଦ୍ୱାରା ମୂଷାମାନେ ଏପରି ଭୟଭୀତ ହେଲେ ଯେପରି ସେମାନେ ବିଦ୍ୟୁତ୍ ଆଘାତକୁ ମନେ ରଖିଛନ୍ତି । ଅପ୍ଟୋଜେନିଟିକସ୍ ବର୍ତ୍ତମାନ ସମୟରେ ମସ୍ତିଷ୍କ ଓ ସ୍ନାୟୁତନ୍ତ୍ର ବିଷୟରେ ବୈଜ୍ଞାନିକମାନଙ୍କର ଗବେଷଣା କ୍ଷମତାକୁ ବହୁ ମାତ୍ରାରେ ପରିବର୍ତ୍ତିତ କରିପାରିଛି । ଏହାକୁ ଭବିଷ୍ୟତରେ ଏକ ଚିକିତ୍ସା ପ୍ରଣାଳୀ ଭାବରେ ମଧ୍ୟ ବ୍ୟବହାର କରାଯିବାର ସମ୍ଭାବନା ରହିଛି । ଏହାକୁ ବର୍ତ୍ତମାନ ପ୍ରାଥମିକ ସ୍ତରରେ କ୍ଲିନିକାଲ ଟ୍ରାଏଲ ପର୍ଯ୍ୟାୟରେ ରଖାଯାଇଛି ରେଟିନା ସମ୍ବନ୍ଧୀୟ ରୋଗର ଚିକିତ୍ସା ପଦ୍ଧତି ପାଇଁ ।

ଅପ୍ଟୋଜେନିଟିକସକୁ ପାର୍କିନସନ୍ ଓ ଏପିଲେପ୍ସି ଭଳି ସ୍ନାୟୁଜନିତ ରୋଗର ଚିକିତ୍ସାରେ ବ୍ୟବହାର କରାଯାଇପାରିବ କି ନାହିଁ, ବର୍ତ୍ତମାନ ବୈଜ୍ଞାନିକମାନେ ତାହା ଉପରେ ଗବେଷଣା କରୁଛନ୍ତି ।

ଚଳିତ ବର୍ଷର ନୋବେଲ ପୁରସ୍କାର ଚିକିତ୍ସାରେ ସେହି ଗବେଷଣାକୁ ଦିଆଯାଇଛି, ଯାହା ଗୋଟିଏ ସାଧାରଣ ପ୍ରଶ୍ନରୁ ଆରମ୍ଭ ହୋଇଥିଲା । କିପରି କ୍ଲାମାଇଡୋମୋନାସ ଆଲୋକ ଆଡ଼କୁ ଗତି କରିଥାଏ ? ଏହି ପ୍ରଶ୍ନଟିର କୌଣସି ବ୍ୟାବହାରିକ ମହତ୍ତ୍ୱ ନାହିଁ । ଏହା ମଧ୍ୟ ମନୁଷ୍ୟ ସ୍ୱାସ୍ଥ୍ୟର କୌଣସି ଜରୁରୀକାଳୀନ ପ୍ରସଙ୍ଗକୁ ଇଙ୍ଗିତ କରୁନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବରଂ ଅପ୍ଟୋଜେନିଟିକସ୍ର ସଫଳତା ଆମକୁ ଶିକ୍ଷା ଦେଉଛି କି ଆମେ ଆମର ଚତୁଃପାଶ୍ୱର୍କୁ ବୁଝିବା ପାଇଁ ସଦାସର୍ବଦା ପ୍ରଶ୍ନ ପଚାରିବା ଆବଶ୍ୟକ କାରଣ ଏହା ଅନୁମାନ କରିବା ଅସମ୍ଭବ ଯେ ଜ୍ଞାନ ଆମକୁ କେତେବେଳେ କେଉଁ ଆଡ଼େ ନେଇ ପହଞ୍ଚାଇବ ।

ମେଡିକାଲ ଅଫିସର

ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର

ମୋବାଇଲ ନଂ- ୮୧୪୪୦୪୨୯୧୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତରେ ଶକ୍ତି ଉପାସନା - ଏକ ଅନନ୍ୟ ପରମ୍ପରା

କାର୍ତ୍ତିକ ପାଣିଗ୍ରାହୀ



ଭାରତ ହେଉଛି ପୃଥିବୀର ଏକମାତ୍ର ଦେଶ ଯେଉଁଠି ଈଶ୍ୱରଙ୍କୁ ମାଆ ରୂପେ ପୂଜା କରାଯାଏ । ଅନ୍ୟ ସଂସ୍କୃତିରେ ଈଶ୍ୱର ପିତା, କିନ୍ତୁ ଭାରତରେ ଈଶ୍ୱର ମାଆ । ଏହି ମାତୃ ଉପାସନା ହିଁ ଶକ୍ତି ଉପାସନା ।

ଶକ୍ତି ଶବ୍ଦର ଅର୍ଥ ହେଉଛି ସାମର୍ଥ୍ୟ, ବଳ, ସୃଷ୍ଟି କରିବାର କ୍ଷମତା । ଶିବ ଯଦି ଚେତନା, ଶକ୍ତି ହେଉଛି ସେହି ଚେତନାର କ୍ରିୟା । ଶକ୍ତି ବିନା ଶିବ ଶବ ।

୧. ଶକ୍ତି ଉପାସନାର ଇତିହାସ:

କ) ସିନ୍ଧୁ ସଭ୍ୟତା (୫୦ ବର୍ଷ ପୂର୍ବେ): ମୋହେଞ୍ଜୋଦାରୋରେ ମାଟିର ମାତୃକା ମୂର୍ତ୍ତି ମିଳିଛି । ପ୍ରମାଣ କରେ ଯେ ଶକ୍ତି ପୂଜା ବୈଦିକ ଧର୍ମଠୁ ବି ପୁରୁଣା ।

ଖ) ବୈଦିକ ଯୁଗ: ଋଗ୍ ବେଦରେ ଉଷା, ଅଦିତି, ରାତ୍ରି ଦେବୀଙ୍କ ସ୍ତୁତି ଅଛି । ଦେବୀ ସ୍ତୁତିରେ କୁହାଯାଇଛି - "ଅହଂ ରୁଦ୍ରେଭିର୍ ବସୁଭିଶ୍ଚରାମି" - ମୁଁ ହିଁ ରୁଦ୍ର ଓ ବସୁଙ୍କ ସହ ବିଚରଣ କରେ ।

ଗ) ପୌରାଣିକ ଯୁଗ: ମାର୍କଣ୍ଡେୟ ପୁରାଣର ଦୁର୍ଗା ସପ୍ତଶତୀ ଶକ୍ତି ଉପାସନାର ମୁଖ୍ୟ ଗ୍ରନ୍ଥ । ଏଥିରେ ମହିଷାସୁର ବଧ, ଶୁମ୍ଭ-ନିଶୁମ୍ଭ ବଧ କାହାଣୀ ଅଛି । ଏହା ପ୍ରମାଣ କରେ ଯେ ଯେତେବେଳେ ସବୁ ଦେବତା ହାରିଯାଆନ୍ତି, ସେତେବେଳେ ମାଆ ଶକ୍ତି ଆସନ୍ତି ।

ଘ) ତନ୍ତ୍ର ଯୁଗ: ଖ୍ରୀଷ୍ଟାବ୍ଦ ୬ଷ୍ଠ ଶତାବ୍ଦୀ ପରେ ତନ୍ତ୍ର ଶାସ୍ତ୍ର ଆସିଲା । ଏଥିରେ ଶକ୍ତିକୁ ବ୍ରହ୍ମାଣ୍ଡର ମୂଳ କୁହାଗଲା । କାମାକ୍ଷ୍ୟା, ପୂର୍ଣ୍ଣଗିରି, ଉଜ୍ଜୟିନୀ ତନ୍ତ୍ର ପୀଠ ହେଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୨. ୫୧ ଶକ୍ତି ପୀଠର ପୌରାଣିକ କାହାଣୀ:

ଏହା ହେଉଛି ଶକ୍ତି ଉପାସନାର ସବୁଠୁ ପବିତ୍ର କାହାଣୀ ।

ଦକ୍ଷ ପ୍ରଜାପତି ଏକ ବଡ ଯଜ୍ଞ କଲେ, କିନ୍ତୁ ନିଜ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ତାଙ୍କ ଝିଅ ସତୀ (ଶିବ ପତ୍ନୀ) ବିନା ନିମନ୍ତ୍ରଣରେ ଯଜ୍ଞକୁ ଗଲେ । ସେଠାରେ ଦକ୍ଷ ଶିବଙ୍କୁ ଅପମାନ କଲେ । ଏହା ସହି ନପାରି ସତୀ ଯଜ୍ଞ କୁଣ୍ଡରେ ନିଜ ପ୍ରାଣ ଦେଲେ ।

ଖବର ପାଇ ଶିବ କ୍ରୋଧିତ ହେଲେ । ସତୀଙ୍କ ମୃତ ଶରୀରକୁ କାନ୍ଧରେ ପକାଇ ସେ ତାଣ୍ଡବ କରିବାକୁ ଲାଗିଲେ । ସମଗ୍ର ବ୍ରହ୍ମାଣ୍ଡ ଥରିଲା । ସୃଷ୍ଟି ବଞ୍ଚାଇବା ପାଇଁ ବିଷ୍ଣୁ ନିଜ ସୁଦର୍ଶନ ଚକ୍ରରେ ସତୀଙ୍କ ଶରୀରକୁ ୫୧ ଖଣ୍ଡ କଲେ ।

ସେହି ୫୧ ଖଣ୍ଡ ଯେଉଁ ଯେଉଁ ସ୍ଥାନରେ ପଡିଲା, ସେହି ସ୍ଥାନ ଶକ୍ତି ପୀଠ ହେଲା । ପ୍ରତ୍ୟେକ ସ୍ଥାନରେ ଶିବ ମଧ୍ୟ ଭୈରବ ରୂପେ ବାସ କଲେ ।

୩. ପ୍ରମୁଖ ଶକ୍ତି ପୀଠ ସମୂହ:

କ) ପୂର୍ବ ଭାରତ:

- କାମାଖ୍ୟା (ଆସାମ): ଏଠାରେ ସତୀଙ୍କ ଯୋନି ପଡିଥିଲା । ଏହା ସବୁଠୁ ଶକ୍ତିଶାଳୀ ତନ୍ତ୍ର ପୀଠ । ଏଠାରେ ମୂର୍ତ୍ତି ନାହିଁ, ଏକ ପ୍ରାକୃତିକ ଯୋନି ଆକୃତିର ପଥରରୁ ସବୁବେଳେ ଜଳ ବାହାରୁଛି । ଏଠାରେ ଆୟୋଜିତ ହେଉଥିବା ଅମ୍ବୁବାଚୀ ମେଳା ବିଶ୍ୱ ପ୍ରସିଦ୍ଧ ।

- କାଳୀଘାଟ (କଲିକତା): ଡାହାଣ ପାଦର ଆଙ୍ଗୁଠି ପଡିଥିଲା । ଏଠାରେ ମାଆ କାଳୀକା ରୂପରେ ପୂଜା ପାଆନ୍ତି ।

- ତାରାପୀଠ (ବୀରଭୂମ): ତୃତୀୟ ନୟନ ପଡିଥିଲା । ଏଠାରେ ମାଆ ତାରା ଓ ବାମାକ୍ଷେପାଙ୍କ ସାଧନା ପୀଠ ରହିଛି ।

- ବିମଳା (ପୁରୀ, ଓଡ଼ିଶା): ନାଭି ପଡିଥିଲା । ଜଗନ୍ନାଥ ମନ୍ଦିର ଭିତରେ ଥିବା ବିମଳା ମନ୍ଦିର ୫୧ ପୀଠ ମଧ୍ୟରୁ ଗୋଟିଏ । ଏଠାରେ ଜଗନ୍ନାଥଙ୍କ ଭୋଗ ବିମଳାଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅର୍ପଣ ପରେ ମହାପ୍ରସାଦ ହୁଏ ।

- ତାରା ତାରିଣୀ (ବ୍ରହ୍ମପୁର, ଓଡ଼ିଶା): ଋଷିକୂଲ୍ୟା ନଦୀ କୂଳରେ କୁମାରୀ ପାହାଡ ଉପରେ ମାଙ୍କ ସ୍ତନ ପଡିଥିଲା ବୋଲି ବିଶ୍ୱାସ। (ଗବେଷଣା ସାପେକ୍ଷ)

ଖ) ପଶ୍ଚିମ ଓ ମଧ୍ୟ ଭାରତ:

- ମହାଲକ୍ଷ୍ମୀ (କୋହ୍ଲାପୁର, ମହାରାଷ୍ଟ୍ର): ତୃତୀୟ ନୟନ ପଡିଥିଲା । ଏଠାରେ ମାଆ ସ୍ୱୟଂ ପ୍ରକଟ ହୋଇଥିଲେ ।

- ମହାମାୟା ଅମ୍ବାଜୀ (ଗୁଜରାଟ): ହୃଦୟ ପଡିଥିଲା ।

- ଜ୍ୱାଳାମୁଖୀ (ହିମାଚଳ): ଜିଭ ପଡିଥିଲା । ଏଠାରେ ୯ଟି ପ୍ରାକୃତିକ ଅଗ୍ନି ଶିଖା ବିନା ତେଲ, ବିନା ବତୀରେ ଜଳୁଛି । ବିଜ୍ଞାନ ଆଜି ଯାଏଁ ଏହାର କାରଣ ଜାଣିପାରିନି ।

ଗ) ଉତ୍ତର ଭାରତ:

- ବୈଷ୍ଣୋ ଦେବୀ (ଜାମ୍ମୁ): ଏହା ଶାସ୍ତ୍ରରେ ୫୧ ପୀଠ ମଧ୍ୟରେ ନଥିଲେ ବି ଆଜି ଭାରତର ସବୁଠୁ ବେଶୀ ଭକ୍ତ ଆସୁଥିବା ଶକ୍ତି ପୀଠ । ଗୁମ୍ଫା ଭିତରେ ତିନୋଟି ପ୍ରାକୃତିକ ପିଣ୍ଡି ।

- ନୈନା ଦେବୀ (ହିମାଚଳ): ଆଖି ପଡିଥିଲା ।

- ଶାକମ୍ଭରୀ (ସହରାନପୁର): ଯେତେବେଳେ ଦୁର୍ଭିକ୍ଷ ହେଲା, ମାଆ ଶାକ-ପନିପରିବା ହୋଇ ଜୀବନ ବଞ୍ଚାଇଥିଲେ ।

ଘ) ଦକ୍ଷିଣ ଭାରତ:

- ମୀନାକ୍ଷୀ (ମଦୁରାଇ): ଏଠାରେ ମାଆ ମୀନାକ୍ଷୀ ରାଣୀ ଭାବେ ପୂଜା ପାଆନ୍ତି, ଶିବ ସୁନ୍ଦରେଶ୍ୱର ରାଜା ।

- କନ୍ୟାକୁମାରୀ: ପିଠି ପଡିଥିଲା । ଭାରତର ଶେଷ ମୁନରେ କୁମାରୀ ମାଆ ।

ଙ) ଭାରତ ବାହାରେ:

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

- ହିଙ୍ଗଳାଜ (ବାଲୁଚିସ୍ତାନ, ପାକିସ୍ତାନ): ମୁଣ୍ଡ ପଡିଥିଲା । ଆଜି ବି ହଜାର ହଜାର ହିନ୍ଦୁ ମୁସଲିମ ଦେଶକୁ ଯାଇ ପୂଜା କରନ୍ତି ।

- ଗୁହ୍ୟେଶ୍ୱରୀ (ନେପାଳ): ଉଭୟ ଜାନୁ ପଡିଥିଲା ।

୪. ଶକ୍ତି ଉପାସନାର ଦର୍ଶନ - କାହିଁକି ଅନନ୍ୟ ?

କ) ନାରୀ ସମ୍ମାନ: ପୃଥିବୀରେ କେବଳ ଭାରତ କହେ - "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା" - ଯେଉଁଠି ନାରୀ ପୂଜା ପାଏ, ସେଠାରେ ଦେବତା ବାସ କରନ୍ତି । ଶକ୍ତି ପୂଜା ହେଉଛି ନାରୀର ଶକ୍ତିକୁ ସ୍ୱୀକାର ।

ଖ) ତିନୋଟି ରୂପ: ମାଆ ଗୋଟିଏ, କିନ୍ତୁ ରୂପ ତିନୋଟି -

- ମହାକାଳୀ - ଅନ୍ଧକାର ଓ ସମୟର ଅଧିଷ୍ଠାତ୍ରୀ, ଭୟକୁ ନାଶ କରନ୍ତି ।

- ମହାଲକ୍ଷ୍ମୀ - ଧନ, ଐଶ୍ୱର୍ଯ୍ୟ ଓ ସୌନ୍ଦର୍ଯ୍ୟର ଅଧିଷ୍ଠାତ୍ରୀ ।

- ମହାସରସ୍ୱତୀ - ଜ୍ଞାନ, ବିଦ୍ୟାର ଅଧିଷ୍ଠାତ୍ରୀ ।

ଗ) ନବରାତ୍ରି: ବର୍ଷକୁ ଦୁଇଥର - ଚୈତ୍ର ଓ ଶାରଦୀୟ ନବରାତ୍ରିରେ ୯ ଦିନ ଧରି ମାଆଙ୍କ ୯ ରୂପ ପୂଜା - ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ, ସିଦ୍ଧିଦାତ୍ରୀ । ଏହା ହେଉଛି ନାରୀ ଜୀବନର ୯ଟି ଅବସ୍ଥାର ପ୍ରତୀକ ।

ଭାରତରେ ଶକ୍ତି ଉପାସନା କେବଳ ମନ୍ଦିର ଭିତରେ ସୀମିତ ନୁହେଁ । ଏହା ପ୍ରତ୍ୟେକ ଘରେ - ମାଆ, ଭଉଣୀ, ଝିଅ ରୂପେ ଅଛି । କାଶ୍ମୀରରୁ କନ୍ୟାକୁମାରୀ, ହିଙ୍ଗଳାଜରୁ କାମାକ୍ଷା ପର୍ଯ୍ୟନ୍ତ ୫୧ ପୀଠ ଭାରତକୁ ଏକ ମାଆର ଶରୀର ପରି ଯୋଡି ରଖିଛି । ଏଥିପାଇଁ ଭାରତକୁ "ଭାରତ ମାତା" କୁହାଯାଏ - କାରଣ ଏ ଦେଶ ନିଜେ ଏକ ଶକ୍ତି ପୀଠ ।

୭୦୦୮୬୪୭୨୮୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନବରାତ୍ରୀରେ କୁଆଁରୀ ପୂଜନ

ଡଃ ସମୀର କୁମାର ନନ୍ଦ



ଦିବ୍ୟ ମାତା, କିମ୍ବା ଶକ୍ତିଙ୍କ ପୂଜା, ଭାରତର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟରେ ଏକ କେନ୍ଦ୍ରୀୟ ସ୍ଥାନ ଅଧିକାର କରେ । ଅନାଦି କାଳରୁ, ମାତା ଦେବୀଙ୍କୁ ପୂଜା କରିବାର ପରମ୍ପରା ଭାରତୀୟ ଲୋକଙ୍କ ଭକ୍ତିମୟ ଜୀବନରେ ପ୍ରବାହିତ ହୋଇଆସିଛି । ଏହି ପବିତ୍ର ପ୍ରଥାର ସଠିକ୍ ଉତ୍ପତ୍ତି ଅଜଣା ରହିଛି, ତଥାପି ପ୍ରାଚୀନ ଶାସ୍ତ୍ର, ପୁରାଣ ଏବଂ ମୌଖିକ ପରମ୍ପରା ସାକ୍ଷ୍ୟ ଦିଏ ଯେ ଦିବ୍ୟ ମାତାଙ୍କ ଚେତନା ଧାର୍ମିକ ବିଶ୍ୱାସର ପ୍ରାରମ୍ଭିକ ପ୍ରକାଶନ ମଧ୍ୟରୁ ଗୋଟିଏ ଥିଲା । "ଯା ଦେବୀ ସର୍ବ ଭୂତେଷୁ ଶକ୍ତି ଭାବରେ ଭାବରେ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବାସ କରୁଥିବା ଦେବୀଙ୍କୁ ନମସ୍କାର" କାଳଜୟୀ ଆବାହନ ମନ୍ଦିର ଏବଂ ପର୍ବଗୁଡ଼ିକରେ ପ୍ରତିଧ୍ୱନିତ ହୋଇ ଚାଲିଛି, ନାରୀ ଦିବ୍ୟ ପ୍ରତି ପ୍ରଦାନ କରାଯାଇଥିବା ଅନନ୍ତ ଶ୍ରଦ୍ଧା ପ୍ରକାଶ କରୁଛି ।

ଧାର୍ମିକ ପର୍ବଗୁଡ଼ିକ କେବଳ ଉତ୍ସବର ଅବସର ନୁହେଁ; ସେମାନେ ନୈତିକ ମୂଲ୍ୟବୋଧ, ସାମାଜିକ ସମନ୍ୱୟ ଏବଂ ଆଧ୍ୟାତ୍ମିକ ଜାଗରଣକୁ ପ୍ରେରଣା ଦିଅନ୍ତି । ସେମାନେ ଜାତି, ଧର୍ମ ଏବଂ ସାମାଜିକ ସ୍ଥିତିର ପାର୍ଥକ୍ୟ ବାହାରେ ସମ୍ପ୍ରଦାୟଗୁଡ଼ିକୁ ଏକତ୍ର କରନ୍ତି, ଯାହା ଭାରତୀୟ ସଂସ୍କୃତିର ଅନ୍ତର୍ଭୁକ୍ତ ଆତ୍ମାକୁ ପ୍ରତିଫଳିତ କରେ । ଦେବୀଙ୍କ ପୂଜା ସମାଜକୁ ଶାନ୍ତି, ସମୃଦ୍ଧି ଏବଂ ଧାର୍ମିକତା ପ୍ରଦାନ କରେ ବୋଲି ବିଶ୍ୱାସ କରାଯାଏ, ଯାହା ମାନବଜାତିକୁ ଦିଗଦର୍ଶନ ଏବଂ ସୁରକ୍ଷା ପ୍ରଦାନ କରେ ବୋଲି ସାମୂହିକ ବିଶ୍ୱାସକୁ ଦୃଢ଼ କରେ ।

ଯତ୍ର ନାର୍ଯସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।

Listen to Odia Podcast Original at https://youtube.com/@drjyotiprasad

ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଫଳାଃ କ୍ରିୟାଃ ॥

(ମନୁସ୍ମୃତି, ଅଧ୍ୟାୟ ୩, ଶ୍ଲୋକ ୫୬)

ଯେଉଁଠାରେ ନାରୀମାନଙ୍କୁ ସମ୍ମାନ ଓ ପୂଜା କରାଯାଏ, ସେଠାରେ ଦେବତାମାନେ ଆନନ୍ଦରେ ବାସ କରନ୍ତି । କିନ୍ତୁ ଯେଉଁଠାରେ ନାରୀମାନଙ୍କୁ ସମ୍ମାନ ଦିଆଯାଏ ନାହିଁ, ସେଠାରେ ସମସ୍ତ ଶୁଭକର୍ମ ଫଳହୀନ ହୋଇଥାଏ । ଯେଉଁମାନେ ନିଜ କୁପ୍ରବୃତ୍ତିକୁ ବିନାଶ କରି ସମାଜକୁ ଦିଗଦର୍ଶନ ଦେବାପାଇଁ ପ୍ରସ୍ତୁତ କରନ୍ତି ସେମାନଙ୍କୁ କୁମାରୀ କୁହାଯାଏ । କୁମାରୀମାନଙ୍କୁ ପୂଜା କରିବାର ଅର୍ଥ ହେଉଛି ଭବିଷ୍ୟତକୁ ଉତ୍ତରାଧିକାରୀ ଦେଉଥିବା ଦେବାଦେବୀଙ୍କୁ ସମ୍ମାନ ଜଣାଇବା ।

ଭାରତୀୟ ସଂସ୍କୃତିରେ ନାରୀଙ୍କୁ ଶକ୍ତି, ମମତା, ସୃଷ୍ଟି ଓ ସମୃଦ୍ଧିର ପ୍ରତୀକ ଭାବେ ସମ୍ମାନ ଦିଆଯାଇଥାଏ । ଆମ ଧାର୍ମିକ ପରମ୍ପରାରେ ମା' ଦୁର୍ଗା ହେଉଛନ୍ତି ଏହି ନାରୀଶକ୍ତିର ସର୍ବୋଚ୍ଚ ପ୍ରତୀକ । ତେଣୁ ଶାରଦୀୟ ନବରାତ୍ରିରେ ମା' ଦୁର୍ଗାଙ୍କ ଆରାଧନା ସହିତ କୁଆଁରୀ କନ୍ୟାଙ୍କୁ ଦେବୀରୂପେ ପୂଜା କରିବାର ପରମ୍ପରା ରହିଆସିଛି । ଏହି ପବିତ୍ର ପରମ୍ପରାକୁ ସାଧାରଣତଃ କୁଆଁରୀ ପୂଜନ ବା କନ୍ୟା ପୂଜନ କୁହାଯାଏ ।

ନବରାତ୍ରିର ନଅ ଦିନ ମା' ଦୁର୍ଗାଙ୍କ ନଅଟି ରୂପ—ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୂଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀଙ୍କ ଆରାଧନା କରାଯାଏ । ଏହି ସମୟରେ ଛୋଟ କୁଆଁରୀ କନ୍ୟାଙ୍କୁ ଦେବୀଙ୍କ ଜୀବନ୍ତ ପ୍ରତିରୂପ ଭାବେ ଗ୍ରହଣ କରି ତାଙ୍କ ପୂଜା କରାଯାଏ ।

ହିନ୍ଦୁ ଧର୍ମୀୟ ଚିନ୍ତାଧାରାରେ ନାରୀଶକ୍ତିକୁ ଆଦିଶକ୍ତି ଭାବେ ମାନ୍ୟତା ଦିଆଯାଇଛି । ଏକ ନିଷ୍ପାପ, ନିର୍ମଳ ଓ ଅବିବାହିତ କନ୍ୟାଙ୍କ ମଧ୍ୟରେ ଦେବୀଙ୍କ ଶକ୍ତିର ପ୍ରତିଫଳନ ରହିଛି ବୋଲି ଧାର୍ମିକ ବିଶ୍ୱାସ ରହିଛି । ତେଣୁ କନ୍ୟାଙ୍କ ପାଦ ଧୋଇ, ତାଙ୍କୁ ନୂତନ ବସ୍ତ୍ର ବା ଉପହାର ଦେଇ, ଭୋଜନ କରାଇ ଓ ଆଶୀର୍ବାଦ ଗ୍ରହଣ କରିବା ନବରାତ୍ରିର ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁରୁତ୍ୱପୂର୍ଣ୍ଣ ଆଚାର । ଏହା କେବଳ ଏକ ଧାର୍ମିକ ବିଧି ନୁହେଁ; ବରଂ ଶିଶୁକନ୍ୟାଙ୍କ ପ୍ରତି ସମ୍ମାନ, ସ୍ନେହ ଓ ମର୍ଯ୍ୟାଦା ପ୍ରଦାନର ଏକ ସାମାଜିକ ବାର୍ତ୍ତା ମଧ୍ୟ ବହନ କରେ ।

ନବରାତ୍ରିର ଅଷ୍ଟମୀ ବା ନବମୀ ତିଥିରେ ଅନେକ ପରିବାରରେ କୁଆଁରୀ ପୂଜନ କରାଯାଏ । ଘରକୁ କିଛି କନ୍ୟାଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କୁ ଶ୍ରଦ୍ଧାର ସହିତ ସ୍ୱାଗତ କରାଯାଏ । ପ୍ରଥମେ ସେମାନଙ୍କ ପାଦ ପ୍ରକ୍ଷାଳନ କରି, ଚନ୍ଦନ, ସିନ୍ଦୂର ଓ ପୁଷ୍ପ ଅର୍ପଣ କରାଯାଏ । ପରେ ମା' ଦୁର୍ଗାଙ୍କ ନୈବେଦ୍ୟରୁ କନ୍ୟାମାନଙ୍କୁ ଭୋଜନ କରାଯାଏ । ପୁରୀ, ଖିରି, ହାଲୁଆ, ଛଣା, ପିଠା ଆଦି ପାରମ୍ପରିକ ଖାଦ୍ୟ ଅନେକ ସ୍ଥାନରେ ପ୍ରସ୍ତୁତ କରାଯାଏ । ଭୋଜନ ପରେ କନ୍ୟାମାନଙ୍କୁ ଦକ୍ଷିଣା, ବସ୍ତ୍ର, ଫଳ, ମିଠା ବା ଅନ୍ୟାନ୍ୟ ଉପହାର ପ୍ରଦାନ କରାଯାଏ । ଶେଷରେ ସେମାନଙ୍କ ଆଶୀର୍ବାଦ ନିଆଯାଏ ।

କୁଆଁରୀ ପୂଜନର ମୂଳ ଭାବନା ହେଉଛି—"ନାରୀ ହିଁ ଶକ୍ତି" । ମା' ଦୁର୍ଗାଙ୍କ ହାତରେ ଯେପରି ଅସୁର ବିନାଶର ଶକ୍ତି ରହିଛି, ସେହିପରି ପ୍ରତ୍ୟେକ କନ୍ୟାର ମଧ୍ୟରେ ଭବିଷ୍ୟତର ସମ୍ଭାବନା, ସୃଜନଶୀଳତା ଓ ଶକ୍ତି ଲୁକାୟିତ ହୋଇ ରହିଛି । କନ୍ୟା ପୂଜନ ଆମକୁ ସ୍ମରଣ କରାଏ ଯେ ନାରୀଙ୍କୁ କେବଳ ପୂଜାର ଦିନରେ ନୁହେଁ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନ ଓ ସମାନ ଅଧିକାର ଦେବା ଆବଶ୍ୟକ ।

ପୌରାଣିକ ଆଖ୍ୟାନ ଅନୁସାରେ, ଇନ୍ଦ୍ର ବ୍ରହ୍ମାଙ୍କୁ ମା' ଭଗବତୀଙ୍କୁ ପ୍ରସନ୍ନ କରିବାର ଉପାୟ ପଚାରିବାରୁ, ବ୍ରହ୍ମା କୁମାରୀ ପୂଜନ ସର୍ବୋତ୍ତମ ଉପାୟ ବୋଲି କହିଥିଲେ । ସେହି ବିଧି ଅନୁସାରେ ନ'ଜଣ କୁମାରୀଙ୍କୁ ଘରକୁ ଡାକି ତାଙ୍କ ପାଦଧୋଇ, କୁଙ୍କୁମ ଲଗାଇ ପୂଜା କରାଯାଏ । ଏହାପରେ ତାଙ୍କୁ ବସ୍ତ୍ର, ଗହଣା, ଫଳ ଓ ଅନ୍ନ ଆଦି ଦିଆଯାଏ; ସଜ ଶୃଙ୍ଗାରର ଦ୍ରବ୍ୟ ଶୀତ ଉପହାର ଦେଇ ସେମାନଙ୍କୁ ବିଦା କରାଯାଏ ।

ତ୍ରିକୂଟ ପର୍ବତରେ ବିରାଜିତ ମାତା ବୈଷ୍ଣୋଦେବୀଙ୍କ ପୀଠରେ ପ୍ରତ୍ୟେକ ଦିନ ସକାଳ ଆଳତୀ ସମୟରେ କନ୍ୟା ପୂଜନ କରାଯାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବଳ ନବରାତ୍ରି ସମୟରେ କନ୍ୟା ପୂଜନ କରି ଦେଲେ ଓ ଅନ୍ୟ ଦିନ ସେହି କନ୍ୟା ମାନଙ୍କୁ ହତାଦର କଲେ କୌଣସି ଲାଭ ମିଳେ ନାହିଁ । ଯେଉଁମାନେ ଅନ୍ତରର ସହିତ ଦେବୀ ପୂଜା କରନ୍ତି କିମ୍ବା କନ୍ୟା ପୂଜନ କରନ୍ତି ସେମାନେ ବର୍ଷ ସାରା ସେମାନଙ୍କୁ ମା' ପରି ଦେଖନ୍ତି ଓ ସବୁଦିନ ସେମାନଙ୍କୁ ଆଦର ଯତ୍ନ ଓ ଭକ୍ତି କରନ୍ତି ।

ବଳିରେ ବଳି, ନକର ଅଳି, କାଲି ଆଣିଦେବି ସରୁ ଚକୁଳି,

ସରୁ ଚକୁଳିର ଉପରେ ମହୁ, ଧୂପ, ଖଟିଗଲେ ରାଜାଙ୍କ ବୋହୁ ।

ମାର୍କଣ୍ଡ ପୁଷ୍କରିଣୀ କୂଳରେ ସେବାୟତଘର କୁନି କୁନି ଝିଅଙ୍କ ମୁହଁରୁ ଉଚ୍ଚୁରିଥାଏ ଏହି ପଂକ୍ତି । ଯୋଗ୍ୟ ବର ଭଲ ଘର ପାଇବା ପାଇଁ କିଛି ସେବାୟତଂକ ପରିବାରର କୁନି ଝିଅ ମାନଙ୍କୁ ନେଇ ନେତ ପର୍ବ ପାଳନ ହୁଏ ।

ରଜ ପର୍ବ ସମୟରେ ସାମୁହିକ ଦୋଳିଖେଳ ସହିତ ପରିବେଶ ସୁରକ୍ଷା ପାଇଁ ଦେବଗଡ ଜିଲ୍ଲା ତିଳେଇବଣି ବ୍ଲକ ଅନ୍ତର୍ଗତ ଢୋଲପଡା, କେନ୍ଦେଇଜୁରୀ, କଂସର ଓ ଦୁଧିଆନାଳୀ ପଂଚାୟତ ତଥା ବାରକୋଟ ବ୍ଲକର ଟୁସୁଳା ଓ ଠିଆନାଳ ପଂଚାୟତର ଲୋକେ ପାଳନ କରନ୍ତି କଣ୍ଟେଇ ବାହାଘର ଉତ୍ସବ । ଏହି ସମୟରେ ବଳମ ଗ୍ରାମରେ ଲୋକେ କୁମାରୀ ବିବାହ ଉତ୍ସବର ଆୟୋଜନ କରିଥାନ୍ତି । ଏହି ସମୟରେ କୁମାରୀ ମାନଙ୍କୁ ପୂଜା କରାଯାଏ ଓ ସମବୟସର ଗୋଟିଏ କୁମାରୀ କନ୍ୟା ସହିତ ଅନ୍ୟ କୁମାରୀ କନ୍ୟାକୁ ବାହା କରାଇଦେଲେ ଭଲ ବର୍ଷ ଓ ଚାଷ ହୁଏ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ।

ଆଜିର ସମାଜରେ କୁଆଁରୀ ପୂଜନର ମହତ୍ତ୍ୱ ଆହୁରି ବଢ଼ିଯାଇଛି । ଏକ ପଟେ ଆମେ କନ୍ୟାଙ୍କୁ ଦେବୀ ଭାବେ ପୂଜା କରୁଛୁ, ଅନ୍ୟପଟେ ସମାଜର କେତେକ ସ୍ଥାନରେ ଶିଶୁକନ୍ୟାଙ୍କ ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ ଓ ସମାନ ସୁଯୋଗ ସମ୍ପର୍କିତ ସମସ୍ୟା ଏବେ ମଧ୍ୟ ରହିଛି । ତେଣୁ କୁଆଁରୀ ପୂଜନ କେବଳ ଏକ ଧାର୍ମିକ ଅନୁଷ୍ଠାନରେ ସୀମିତ ନ ରହି କନ୍ୟାଙ୍କ ଅଧିକାର ଓ ସମ୍ମାନର ସାମାଜିକ ସଂକଳ୍ପରେ ପରିଣତ ହେବା ଉଚିତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତ୍ୟେକ କନ୍ୟାର ଶିକ୍ଷା, ସୁରକ୍ଷା ଓ ସ୍ୱାଭିମାନକୁ ନିଶ୍ଚିତ କରିବା ହିଁ ପ୍ରକୃତ ଅର୍ଥରେ ନାରୀଶକ୍ତିର ପୂଜା । କେବଳ ନବରାତ୍ରିରେ କନ୍ୟାଙ୍କ ପାଦ ଧୋଇବା ନୁହେଁ, ବରଂ ବର୍ଷର ୩୬୫ ଦିନ ତାଙ୍କୁ ସମ୍ମାନର ସହିତ ବଞ୍ଚିବାର ଅଧିକାର ଦେବା ଆମର ଦାୟିତ୍ୱ ।

ଓଡ଼ିଶାର ଧାର୍ମିକ ଓ ଲୋକସଂସ୍କୃତିରେ ମା' ଦୁର୍ଗାଙ୍କ ଆରାଧନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଶାରଦୀୟ ଦୁର୍ଗାପୂଜା, ଷୋଳପୂଜା, ମଣ୍ଡପ ପୂଜା ଓ ଘରୋଇ ପୂଜାରେ ନାରୀଶକ୍ତିର ବିଭିନ୍ନ ରୂପକୁ ଆରାଧନା କରାଯାଏ । ବହୁ ପରିବାରରେ ନବରାତ୍ରି ଅବସରରେ କୁଆଁରୀ କନ୍ୟାଙ୍କୁ ଆମନ୍ତ୍ରଣ କରି ଭୋଜନ କରାଇବା ଓ ଉପହାର ଦେବାର ପରମ୍ପରା ମଧ୍ୟ ରହିଛି । ଏହି ପରମ୍ପରା ପରିବାରର ଛୋଟ ପିଲାମାନଙ୍କ ମନରେ ମଧ୍ୟ ନାରୀଙ୍କ ପ୍ରତି ସମ୍ମାନ, ଦୟା ଓ ସମାନତାର ମୂଲ୍ୟବୋଧ ସୃଷ୍ଟି କରିପାରେ ।

ନବରାତ୍ରି ହେଉଛି ଶକ୍ତି ଆରାଧନାର ପର୍ବ । ମା' ଦୁର୍ଗାଙ୍କ ପୂଜା ସହିତ କୁଆଁରୀ କନ୍ୟାଙ୍କୁ ସମ୍ମାନ କରିବା ଆମକୁ ଏକ ମହାନ ସନ୍ଦେଶ ଦିଏ—ପ୍ରତ୍ୟେକ କନ୍ୟା ହେଉଛି ସମ୍ଭାବନାର ଏକ ଶକ୍ତିସ୍ୱରୂପ । ତେଣୁ କୁଆଁରୀ ପୂଜନ କେବଳ ଏକ ଧାର୍ମିକ ରୀତି ନୁହେଁ; ଏହା ହେଉଛି ନାରୀତ୍ୱ ପ୍ରତି ଆମର ଶ୍ରଦ୍ଧା, କନ୍ୟାଙ୍କ ପ୍ରତି ଆମର ଦାୟିତ୍ୱ ଓ ସମାଜରେ ନାରୀ ସମ୍ମାନର ଏକ ପବିତ୍ର ସଂକଳ୍ପ । "ଯେଉଁଠାରେ ନାରୀଙ୍କୁ ସମ୍ମାନ ମିଳେ, ସେଠାରେ ଶକ୍ତି, ଶାନ୍ତି ଓ ସମୃଦ୍ଧିର ବାସ ହୁଏ ।" ନବରାତ୍ରିର ଏହି ପବିତ୍ର ଅବସରରେ ଆସନ୍ତୁ—କେବଳ କୁଆଁରୀ କନ୍ୟାଙ୍କୁ ପୂଜା କରିବା ନୁହେଁ, ପ୍ରତ୍ୟେକ କନ୍ୟାର ସ୍ୱପ୍ନ, ଶିକ୍ଷା, ସ୍ୱାଧୀନତା, ସୁରକ୍ଷା ଓ ସମ୍ମାନର ସୁରକ୍ଷା ପାଇଁ ସଂକଳ୍ପ ନେବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଥମେ ମୁଁ, ଲାଭ କ'ଣ ?

ପଙ୍କଜ କୁମାର ପାଣିଗ୍ରାହୀ



ଏହି ବିଚାର ପ୍ରାୟ ସମସ୍ତଙ୍କର !

ମଣିଷର ଷଡ଼ରିପୁ ମଧ୍ୟରୁ ଲୋଭ ଏକ ସାଙ୍ଘାତିକ ଚରିତ୍ର । କିଛି ପରିଶ୍ରମ ନକରି କ'ଣ ପାଇଗଲେ ତାହା ଆମର ଲାଭ ବୋଲି ବିଚାର ସୃଷ୍ଟି ହୋଇଥାଏ ମନରେ । ଭିଡରେ ପ୍ରଥମ ସ୍ଥାନ ଅଧିଗ୍ରହଣ କଲେ ମନରେ ବଡ଼ ଆତ୍ମସନ୍ତୋଷ । ଲମ୍ବା ଧାଡିରେ କାହାକୁ ଧୋକାଦେଇ ଆଗୁଆ ହୋଇପାରିଲେ ନିଜକୁ ମହାନ ମନେ ହୁଏ । ଏହି ଦୁଇଟି ବିଷୟରେ ଜିତିଗଲେ ନିଜକୁ ଜଣେ ଚତୁର ମଣିଷ ବୋଲି ଭାବନା କେବଳ ସୃଷ୍ଟି ହୁଏନାହିଁ, ବରଂ ବଡ଼ ବାହାଦୁରି ମାରି କହିବାକୁ ମଧ୍ୟ ଆଦୌ ପଶ୍ଚାପଦ ନୁହେଁ । ଏହି ମାନସିକତା ସଂପନ୍ନ ମଣିଷଙ୍କ ସଂଖ୍ୟା କେତେ କହିବା ଆବଶ୍ୟକ ନାହିଁ ।

ଯେତେ ଧନ, ମାନ, ଶିକ୍ଷା, ସାମାଜିକ ମର୍ଯ୍ୟାଦା ଥିଲେ ମଧ୍ୟ; ପ୍ରାୟତଃ ଅଧିକାଂଶ ଭାରତୀୟଙ୍କ କ୍ଷେତ୍ରରେ ଏହିଭଳି ମାନସିକତା ଦେଖିବାକୁ ମିଳେ । ଏମିତିକି କୋଟି କୋଟି ଟଙ୍କାର ସଂପତ୍ତି ଥାଇ ମଧ୍ୟ ଗରିବଙ୍କ ଉଦ୍ଦେଶ୍ୟରେ ଦିଆଯାଉଥିବା ଅନୁଦାନ ଟିକେ ପାଇଗଲେ ଯେଉଁ ଆତ୍ମତୃପ୍ତି, କହିଲେ ନସରେ । ଅନ୍ନଛତ୍ର ସ୍ଥାନରେ ଅନେକ ଧନୀକ ଶ୍ରେଣୀର ଲୋକ ଯାଇ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ପଛାଇ ନଥା'ନ୍ତି । କେଉଁଠି ଦାନଛତ୍ର ଦିଆଗଲେ ଅଜସ୍ର ସଂପତ୍ତିର ମାଲିକ ମଧ୍ୟ ସେଗୁଡିକ ଗ୍ରହଣ କରିଥା'ନ୍ତି ! ଏମିତି କି ପ୍ରାକୃତିକ ବିପଯର୍ୟ୍ୟ ସମୟରେ ଦିଆଯାଉ ଥିବା ଅନୁଦାନ ପାଇବା ପାଇଁ ଆପ୍ରାଣ ଚେଷ୍ଟା ଜାରି ରଖିଥା'ନ୍ତି ପ୍ରାୟତଃ ସବୁ ବର୍ଗର କ୍ଷତ / ଅକ୍ଷତ ମଣିଷ ।

ଅସଂଖ୍ୟ ଲୋକଙ୍କ ସମାଗମ ମଧ୍ୟରେ ନିଜକୁ ସର୍ବାଗ୍ରେ ରଖି ପ୍ରଥମେ କାର୍ଯ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାସଲ କରିବା ମାନସିକତା ପ୍ରବଣ ଲୋକଙ୍କ ସଂଖ୍ୟା ଯଥେଷ୍ଟ ଉର୍ଦ୍ଧ୍ୱରେ । ସାମାଜିକ କ୍ଷେତ୍ର ହେଉ କିମ୍ବା ମନୋରଞ୍ଜନ ସ୍ଥଳୀ ଅଥବା ଡାକ୍ତରଖାନା, ସବୁଠାରେ ମୋର କାମ ପ୍ରଥମେ ହେବା ଆବଶ୍ୟକ ବୋଲି ଅଧିକାଂଶ ଲୋକଙ୍କ ମାନସିକତା ରହିଥାଏ । ମୋ ପୂର୍ବରୁ ଆସିଥିବା ଲୋକଟି / ଲୋକମାନେ କ'ଣ ହେଉଛିନ୍ତି ହୁଅନ୍ତୁ, ମୋର କି'ନ୍ତୁ ପ୍ରଥମେ ଆବଶ୍ୟକ । ଏହା ପ୍ରାୟତଃ ଅଧିକାଂଶ ଭାରତୀୟଙ୍କ କ୍ଷେତ୍ରରେ ଦେଖିବାକୁ ମିଳେ । ଆହୁରି ମଧ୍ୟ ଅନେକ ସ୍ଥାନରେ ଦେଖିବାକୁ ମିଳନ୍ତି କେତେକ ଲୋକ- ନିଜର ପତିଆରା, ପରିଚୟ କିମ୍ବା ରାଜନୈତିକ ଚାପ ମାଧ୍ୟମରେ ପ୍ରଥମେ ଏବଂ ଅଧିକ ପାଇବା ପ୍ରୟାସ କରିଥା'ନ୍ତି । ଆଉ କେତେଜଣ କିଛି ଲାଂଚ ଦେଇ ନିଜର କାର୍ଯ୍ୟ ଅଗ୍ରାଧିକାର ଓ ଅଧିକ ଭାଗ ପାଇବାର ପ୍ରୟାସ ମଧ୍ୟ କରିଥା'ନ୍ତି ।

ଏସବୁ କଥା ଗୁଡିକ ଆମ ଜୀବନର ଏକ ଅଂଶ ବିଶେଷ ଭଳି ଅନୁଭବ ରହିଛି ପ୍ରାୟତଃ ଅଧିକାଂଶ ଲୋକଙ୍କ । ଏହା ଏକ ସାଧାରଣ ଚରିତ୍ର ଭାବେ ସବର୍ଜନ ଗ୍ରହଣୀୟ ହେଉଛି ଆମ ଦେଶରେ । ଏଭଳି ଚରିତ୍ର ପ୍ରବାହ କରୁଥିବା ଲୋକଙ୍କୁ ଚତୁର, ପାରିବା ଲୋକ ବୋଲି ମଧ୍ୟ ଖୁବ ଚର୍ଚ୍ଚା ହୋଇଥାଏ । ଏଭଳି ଚରିତ୍ର ପ୍ରବାହ କରିବାରେ ଅସମର୍ଥ ମଣିଷଙ୍କୁ ନିର୍ବୋଧ, ମଳିମୁଣ୍ଡିଆ ସ୍ତରରେ ରଖାଯାଇ ଥାଏ । ଯେତେ ସମ୍ଭବ ଏହିଭଳି ଚରିତ୍ର ପ୍ରବାହ କରିବାକୁ ଚେଷ୍ଟା ମଧ୍ୟ କରିଥା'ନ୍ତି କେତେକ ଅକ୍ଷମ ନିର୍ବୋଧ ।

ଆଉ କେତେକ ନିଜର ସାମାଜିକ ମର୍ଯ୍ୟାଦାକୁ ଆଢୁଆଳରେ ରଖି ନିଜେ ନଯାଇ କାହା ମାଧ୍ୟମରେ ଗ୍ରହଣ କରିଥା'ନ୍ତି ଅନୁଦାନ । ନିଜ ପଦ, ପଦବୀର ଅପବ୍ୟବହାର କରି ସ୍ୱତନ୍ତ୍ରତା ପ୍ରଦର୍ଶନ କରିଥା'ନ୍ତି ସବର୍ଜନୀନ କ୍ଷେତ୍ରରେ ! ତାକୁ ଆମେ ଭି.ଆଇ.ପି ବୋଲି ବୁଝି ମାନ୍ୟତା ଦେବାକୁ ବାଧ୍ୟ ହୋଉ ! ମନରେ କି'ନ୍ତୁ ନଥାଏ ! ବରଂ ସେମାନଙ୍କ ପ୍ରତି ସମସ୍ତଙ୍କ ଘୃଣାଭାବ, ଅସଭ୍ୟ ଭାଷାରେ ଗାଳି ଦେଇ ଚର୍ଚ୍ଚା ମଧ୍ୟ ହେଉଥିବା ଶୁଣିବାକୁ ମିଳେ ! ନିଲଜ୍ଜ ପଣର ଶୀର୍ଷରେ ଥାଉ ଆମେ ସେସବୁ କିଛି ପ୍ରଭାବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପକାଇ ନଥାଏ ଆମ ଉପରେ ! ଏହାଦ୍ୱାରା ଜଣେ ବ୍ୟକ୍ତି ଯଥେଷ୍ଟ ଆତ୍ମସନ୍ତୋଷ ଲାଭ କରିଥାଏ ଯେ ଯାହା ହେଉ ମୁଁ କିଛି ପାଇଗଲି । ଉଚ୍ଚ ପଦସ୍ଥଙ୍କ ଏହିଭଳି ମାନସିକତାକୁ ଦେଖି ସାଧାରଣ ଲୋକ ଭାବନ୍ତି ଯେ ମୁଁ ପ୍ରଥମ ହେବା କିମ୍ବା ଅହେତୁକ ଲାଭ ପାଇବା ଗୋଟେ ବଡ଼ ଲୋକର ମହତ । ତେଣୁ ସେମାନଙ୍କୁ ଅନୁକରଣ କରି ସେହିଭଳି ଆଚରଣ ଶିକ୍ଷା କରିଥା'ନ୍ତି ।

କହିବାକୁ ଗଲେ ଏକ ପ୍ରକାର ସ୍ୱାଥର୍ପର ମନୋବିଜ୍ଞାନରେ ନିପୁଣ ଭାରତୀୟଙ୍କ ପଟାନ୍ତର ନାହିଁ ତୁଳନାତ୍ମକ ଜାପାନ ଭଳି ଅନ୍ୟାନ୍ୟ ବିକଶିତ ରାଷ୍ଟ୍ର ସମୂହ । ଅନେକ ବିକଶିତ ରାଷ୍ଟ୍ରରେ ଧନୀ ତ ଦୂର, ସାଧାରଣ ଲୋକେ ମଧ୍ୟ କାହାର ଅନୁଦାନକୁ ଗ୍ରହଣ କରିବା ପାଇଁ ଆଗ୍ରହ ରଖି ନଥା'ନ୍ତି । ଜାପାନୀ କେତେବଡ଼ ବିପତ୍ତି ସମୟରେ ମଧ୍ୟ କାହାର ସହାନୁଭୂତି / ଦୟାର ପାତ୍ର ହୋଇ କୌଣସି ଅନୁଦାନ ଗ୍ରହଣ କରନ୍ତି ନାହିଁ । ଭାରତୀୟ ମାନଙ୍କ ଭଳି ସେମାନଙ୍କ ଚତୁରତା ଏତେ ନଥାଏ ? ! ସାହାଯ୍ୟ, ଅନୁଦାନ ଗ୍ରହଣ କରିବା କିମ୍ବା ଅନ୍ୟକୁ ପଛରେ ପକାଇ ନିଜକୁ ପ୍ରଥମ କରିବା ଦୌଡ଼ କିମ୍ବା ଲକ୍ଷ ରଖିନଥା'ନ୍ତି ବିକଶିତ । କେବଳ ଭାରତୀୟଙ୍କ ଏହିଭଳି ମାନସିକତା ନୁହେଁ ବରଂ ଅନ୍ୟାନ୍ୟ କେତେକ ଅତି ପଛୁଆ ରାଷ୍ଟ୍ରରେ ଏହିଭଳି ରହିଥିବା ଦେଖିବାକୁ ମିଳିବ ।

ଏହି ମାନସିକତାର ଆବିର୍ଭାବ କେଉଁଠୁ :

ପୂର୍ବରୁ କେତେକ କ୍ରୁର ଚତୁରଙ୍କ ଶୋଷଣ ମନାସିକାତାରୁ ଗରିବଙ୍କ ସୃଷ୍ଟି ହେଲା । ଆର୍ଥିକ ଅନାଟନରେ ପିଢ଼ିକୁ ପିଢ଼ି ଚଳିଆସି ନିରୀହ, ନିର୍ବୋଧ, ଦାରିଦ୍ୟତା ସେମାନଙ୍କ ଜିନଗତ ଚରିତ୍ରରେ ପରିଣତ ହୋଇଗଲା । ଇଂରେଜ ସମୟରେ ଏହାର କୁପ୍ରଭାବ ଜଟିଳ ସ୍ତରରେ ଆସି ପହଁଚିଲା । ବର୍ତ୍ତମାନ କର୍ପୋରେଟ ଓ ଧନଶାଳୀ ବ୍ୟବସାୟୀ, ରାଜନେତା ମାନଙ୍କ ଷଡ଼ଯାନ୍ତ୍ରୀକ ଶୋଷଣ ନୀତିରେ ଦେଶର ଅର୍ଦ୍ଧାଧିକ ସଂପତ୍ତି ସେମାନଙ୍କ ପାଖକୁ ଚାଲିଯାଇ ପରିସ୍ଥିତି ବିକଟାଳ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଷ୍ଟ୍ରୀୟ ଭ୍ରଷ୍ଟାଚାର, ଲୋକଙ୍କ ମାନବିକତାକୁ ଅନ୍ଧ କୂପ ମଧ୍ୟକୁ ଠେଲିଦେଇ ସଂପୂର୍ଣ୍ଣ ଚରିତ୍ର ନଷ୍ଟ କରିବାରେ ଏକ ଅଦ୍ୱିତୀୟ ଅସ୍ତ୍ର ସାଜିଛି । ଭ୍ରଷ୍ଟାଚାର ମଧ୍ୟରେ ସାଧାରଣରୁ ଅସାଧାରଣ ସ୍ତର ପର୍ଯ୍ୟନ୍ତ ସମସ୍ତେ ବୁଡି ରହିଛନ୍ତି । ଭ୍ରଷ୍ଟାଚାରୀ ମାନସିକତା କାରଣରୁ ମଣିଷ ନିଜର ମାନବିକ ଚରିତ୍ରକୁ ଭୁଲିଯିବା ସହିତ ନିଜକୁ ଭିକାରି ଭଳି ପ୍ରଦର୍ଶନ କରିବାରେ ପଶ୍ଚାପଦ ହେଉ ନାହାନ୍ତି ! ଭ୍ରଷ୍ଟାଚାର କାରଣରୁ ବଜାରରେ ବା ଲୋକଙ୍କ ପାଖରେ ସଂସାଧନ ଯଥେଷ୍ଟ ହେଉ ନାହିଁ । ସବୁ ଅର୍ଥ ବାଟମାରଣା ହୋଇ କିଛି ମାନସିକ ଭିକାରୀଙ୍କ ହାତକୁ ଚାଲିଯାଉ ଅଛି । ଭ୍ରଷ୍ଟାଚାର କରି କରି ଅଜସ୍ର ଧନସଂପତ୍ତି ରୋଜଗାର କଲେ ମଧ୍ୟ ସେମାନଙ୍କ ଭିକାରି ମାନସିକତାରେ କୌଣସି ପରିବର୍ତ୍ତନ ହୋଇପାରୁ ନାହିଁ । ହେବ ନାହିଁ ମଧ୍ୟ !

ଅଦ୍ୟାବଧି ଗରିବୀ ମଧ୍ୟରେ ସଢ଼ିସଢ଼ି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିପାରିଲା ନାହିଁ । ଯେଉଁମାନେ ସାମାଜିକ ସଂଯୋଗ କାରଣରୁ କିଛି ଧନ, ମାନ, ଶିକ୍ଷା, ସାମାଜିକ ମର୍ଯ୍ୟାଦା ଅର୍ଜନ କଲେ ମଧ୍ୟ ସେମାନଙ୍କ ପୂର୍ବଜଙ୍କ ଜିନଗତ ଚରିତ୍ର ପ୍ରବାହ କରିବାରେ କୁଣ୍ଠିତ ହେଲେ ନାହିଁ । ନିଜକୁ ଜଣେ ଗରିବ, ଭିକାରି ସ୍ତରର ମଣିଷ ବୋଲି ଭାବନାରେ ନଥିଲେ ମଧ୍ୟ ଅବଚେତନ ଜ୍ଞାନରୁ ନିଗର୍ତ ଏକ ଜନ୍ମଜାତ ମାନସିକତା କାରଣରୁ ଏହିଭଳି ଆଚରଣ କରୁଛନ୍ତି ଅଧିକାଂଶ ମଣିଷ । ସଂଯୋଜିତ ସାମାଜିକ ପଦ, ପଦବୀର ବ୍ୟବହାର ମୂଲ୍ୟାୟନ କ'ଣ ଜାଣନ୍ତି ନାହିଁ ସେମାନେ । ଲୋକଙ୍କ ଘୃଣାର ପାତ୍ର ହୋଇ ମଧ୍ୟ କ୍ଷମତାର ଅପବ୍ୟବହାର କରି ଉପଭୋଗ କରିଥା'ନ୍ତି ଆଭାସୀ ମର୍ଯ୍ୟାଦା ।

ଏହାର ମାନସିକ ପ୍ରଭାବ କ'ଣ ? :

ଏହି ବିଚାରଧାରା ମଣିଷକୁ ଅବକ୍ଷୟମୁଖୀ କରିଥାଏ । ଏହା ମଣିଷର ସ୍ୱାଭିମାନକୁ କ୍ଷୁର୍ଣ୍ଣ କରିଥାଏ । କେତେ ସାମାଜିକ ସମ୍ମାନ, ଧନ, ମାନ, ଶିକ୍ଷା ଥିଲେ ମଧ୍ୟ ସ୍ୱାଭିମାନ ଶୂନ୍ୟ ମଣିଷ ପଶୁଠାରୁ ହୀନ । ଏହିଭଳି ମାନସିକତା ବ୍ୟକ୍ତିର ଆତ୍ମବିଶ୍ୱାସ କ୍ଷୁର୍ଣ୍ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥାଏ । ଆତ୍ମବିଶ୍ୱାସ କ୍ଷୁର୍ଣ୍ଣ ହେବା ଦ୍ୱାରା ମନରେ ଭୟ ସୃଷ୍ଟି ହୋଇଥାଏ । ଭୟ, ମଣିଷକୁ ଜୀବନରେ ଶାନ୍ତିକୁ ପ୍ରତିବନ୍ଧିତ କରିଥାଏ । ଶାନ୍ତି ବିନା ସୁଖ ଉପଭୋଗ ସଙ୍କାହୀନ ହୋଇପଡେ- ଯାହା ଆଜି ଅଧିକାଂଶ ମଣିଷଙ୍କ ସ୍ଥିତି ଦେଖିବାକୁ ମିଳୁଛି ଆମ ଦେଶରେ ।

ଏଥିରୁ ନିସ୍ତାର ନାହିଁ କି ?:

ଅତି ସାଧାରଣ କଥା ଓ ପ୍ରଥମେ ନିଜକୁ ସମୀକ୍ଷା କରିବା । ମୁଁ କିଏ ? ଏମାନେ କିଏ- ପରିବାର ବର୍ଗ ? ମୁଁ କୋଉଠୁ ଆସିଛି ? ମରିଗଲା ପରେ କୁଆଡେ ଯିବି ? ଆସିବା ପୂର୍ବରୁ ଏମାନେ ମୋର କିଏ ଥିଲେ ? ମରିଯିବା ପରେ ଏମାନଙ୍କ ସହିତ ସଂପର୍କ କ'ଣ ରହିବ ? ପୁନର୍ବାର ଏଠାକୁ ଆସିବା ପାଇଁ ଆବେଦନ, ଅନୁମୋଦନ, ଚାପ, ଲାଂଚ, ଗୁଣ୍ଡାଗିରି କିଛି କାମ କରିବ କି ? ଏଠାରେ ସଂଚିତ ଗଚ୍ଛିତ ସଂପତ୍ତିର ପୁନଃ ଉତ୍ତରାଧିକାରୀ ହେବି କି ? ମଲାପରେ ଯିଏ ଉତ୍ତରାଧିକାରୀ ହେବ ସେ ଏହି ଭ୍ରଷ୍ଟାଚାର, ଶୋଷିତ ସଂପତ୍ତିର କିପରି ବ୍ୟବହାର କରିବ ? ସେ ଯେମିତି ବ୍ୟବହାର କଲେ ମଧ୍ୟ ମୁଁ ଆଉ ଉପଭୋଗ କରିପାରିବି କି ? ନା ଆଉ କେବେ ଦେଖି ପାରିବି ? ଏହି ଅର୍ଜିତ ଧନକୁ ଅନ୍ୟତ୍ର ସ୍ଥାନାନ୍ତର କରି ନେଇ ପାରିବି କି ? ଅନ୍ୟାନ୍ୟ କୌଣସି ରୂପରେ ଏହାର ପ୍ରତିବଦଳ କରି ନେବା ସମ୍ଭବ କି ? ଏମିତି ଆହୁରି ଅଜସ୍ର ପ୍ରଶ୍ନର ଉତ୍ତର କେବଳ 'ନା' - ଏହା କୌଣସି ମତେ ଆଦୌ ସମ୍ଭବ ନୁହେଁ !

ର୍ବତମାନ ଆମର ବିଚାର ସୃଷ୍ଟି ହୁଏ ଯେ, ମୁଁ ଯଦି ଶୋଷଣ କି ଭ୍ରଷ୍ଟାଚାର ନକରି ମାନବୀୟ ଚରିତ୍ର ପ୍ରବାହ କରିବି ତାହା ମୋର ସାମାଜିକ ମର୍ଯ୍ୟାଦାକୁ ଗୁଣିତ କରିବ । ଲୋକେ ମୋତେ ଘୃଣା ନକରି ପ୍ରେମ କରିବେ । ମୁଁ ମାରିବା ପରେ ମୋ ନାମକୁ ଚିର ସ୍ମରଣ କରିବେ । ଭ୍ରଷ୍ଟାଚାର, ଶୋଷଣ କରି କୋଟି କୋଟି ଲୋକଙ୍କୁ ଯନ୍ତ୍ରଣାଦାୟୀ କରି ରଖିବା ଦ୍ୱାରା ମୋର ତ କୌଣସି ଭଲ ହେବ ନାହିଁ ଓ ବରଂ ସମାଜରେ ଏକ କଳଙ୍କିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧ୍ୟାୟ ସୃଷ୍ଟି କରି ଯିବି ଯାହା ହୁଏତ ପର ପିଢିଙ୍କ ପାଇଁ ଏକ ଅମାନୁଷିକ ପରିବେଶ ସୃଷ୍ଟି କରିବ । ଏହି ଦୁଃସଚାରିତ୍ରିକ ଅର୍ଥ ଯୋଗାଡ଼ ମୋର କୌଣସି କାର୍ଯ୍ୟରେ ଆସିବ ନାହିଁ ! କିମ୍ବା ଏମାନେ ମଧ୍ୟ ତାର ସଦୁପଯୋଗ କରିପାରିବେ ନାହିଁ ! ଏମାନେ ଯାହା କଲେ ମଧ୍ୟ ମୋର ତ କୌଣସି ହସ୍ତକ୍ଷେପ ରହିବ ନାହିଁ । ତାହେଲେ ମୁଁ ଅମାନୁଷିକ ଆଚରଣ କରି କ'ଣ ପାଇବି କିମ୍ବା ଭିକାରି ଆଚରଣ କରି ସାମାନ୍ୟ ଲାଭରେ କି ପୁଣ୍ୟ ଅର୍ଜିବି ? ଏତିକି ସଚେତନତା ସୃଷ୍ଟି ହେଲେ ଜଣେ ମଣିଷ ନିଜକୁ ମଣିଷ ଭଳି ଗଢି ତୋଳି ପାରିବ । ଅନ୍ୟଥା ଯାହା ହେବାକଥା ହେଉଛି ଆମେ ଦେଖୁଛେ ତାହାହିଁ ହେବ ।

ଜାପାନୀ ମାନେ ଏହି ମନ୍ତ୍ରକୁ ପାଇଯାଇଛନ୍ତି ବୋଧେ ତେଣୁ ଭ୍ରଷ୍ଟାଚାର କରୁନାହାନ୍ତି । କିମ୍ବା ନିଜର ମାନସିକତାକୁ ଦୁର୍ବଳ କରି ଭିକାରି ଭଳି ଆନୁଗତ୍ୟ ସ୍ୱୀକାର କରିବାରେ ଆଗ୍ରହ ରଖିନାହାନ୍ତି । ଏହି ଶିକ୍ଷା ଭାରତୀୟ ମାନଙ୍କ ପାଇଁ କ'ଣ ସ୍ୱପ୍ନ ? ନା ଆମେ ମଧ୍ୟ ଏହିଭଳି ମାନବୀୟ ଆଚରଣ କରିପାରିବା ? ନା ଆମେ ଯାହା ଅଛେ ଠିକ ଅଛି- ସେମାନେ ଅଜ୍ଞାନ, ମୂର୍ଖ ? ବିଚାର କରନ୍ତୁ ଜନସାଧାରଣ ।

ୟୁ-ଟ୍ୟୁବ- ସାମାଜିକ ଜନମଂଚ (ଭାରତ)

ଛତ୍ରପୁର, ଗଂଜାମ-୭୬୧୦୨୦.

ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାଲକ୍ଷ୍ମୀ ଜଗନ୍ନାଥଙ୍କୁ କଷ୍ଟ ଦେବା ଉଚିତ ଥିଲା ?

ଡଃ ତାନଶ୍ରୀ ପାଣିଗ୍ରାହୀ



ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାରେ ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ଜଣେ ଆଦର୍ଶ ସ୍ୱାମୀ ସ୍ତ୍ରୀର ସମ୍ପର୍କ...

ଜଗତର ନାଥ ଜଗନ୍ନାଥ । ମହାଲକ୍ଷ୍ମୀ ପ୍ରଭୁ ଜଗନ୍ନାଥଙ୍କ ଉପରେ ଅଭିମାନ କରି ତାଙ୍କୁ କଷ୍ଟ ଦେଇଥିଲେ । ଏହା ଏକ ସାଧାରଣ କଥା ନୁହେଁ ।

ଏହି ପ୍ରଶ୍ନଟି ସମାଜ ପାଇଁ ଏକ ଗଭୀର ଚିନ୍ତା ମୂଳକ ପ୍ରଶ୍ନ । ଏହା ସମ୍ପର୍କ ଭିତରେ ପ୍ରେମ, ଅଭିମାନ, ଆତ୍ମସମ୍ମାନର ପ୍ରଶ୍ନ ।

ମହାଲକ୍ଷ୍ମୀ ହେଉଛନ୍ତି ସମଗ୍ର ଜଗତର ଧନ, ସମ୍ପତ୍ତି ଐଶ୍ୱର୍ଯ୍ୟର ଦେବୀ । ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ । ଉଭୟଙ୍କ ସମ୍ପର୍କ ଦିବ୍ୟ ଓ ପବିତ୍ର । ତଥାପି ସେମାନଙ୍କ ଲୀଳାରେ ମାନବୀୟ ଭାବନାର ପ୍ରତିଫଳନ ଦେଖିବାକୁ ମିଳେ ।

ଯେଉଁ ପ୍ରଭୁଙ୍କ ହୃଦୟରେ ସମଗ୍ର ବିଶ୍ୱର ସ୍ଥାନ, ସେହି ପ୍ରଭୁଙ୍କୁ ନିଜ ଅଭିମାନରେ ଆଘାତ ଦେବା ଲକ୍ଷ୍ମୀଙ୍କ ପକ୍ଷରେ କଣ ଉଚିତ ଥିଲା... ?

ଲକ୍ଷ୍ମୀ ଚାହିଁଥିଲେ ପ୍ରଭୁ ତାଙ୍କ ମନକଥା ବୁଝନ୍ତୁ, ତାଙ୍କୁ ଗୁରୁତ୍ୱ ଦିଅନ୍ତୁ ଓ ତାଙ୍କ ଅନୁପସ୍ଥିତିକୁ ଅନୁଭବ କରନ୍ତୁ । ଏହି ଆଶାରେ କିଛି ଅନ୍ୟାୟ ନାହିଁ । କିନ୍ତୁ ପ୍ରେମରେ ନିଜର ଅଧିକାର ଜାହିର କରିବାକୁ ଯାଇ ସ୍ୱାମୀଙ୍କୁ ଦୁଃଖ ଦେବା କଣ ଜଣେ ସ୍ତ୍ରୀର ଧର୍ମ ? ଏହା ମୋ ମନକୁ ବାରମ୍ବାର ଆନ୍ଦୋଳିତ କରୁଛି । ମହାଲକ୍ଷ୍ମୀଙ୍କର ଜଗନ୍ନାଥଙ୍କୁ ଏଭଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିକ୍ଷା ଦେବା ତାଙ୍କ ମନର ପ୍ରକୃତ ବେଦନାକୁ ବୁଝିବା ଆବଶ୍ୟକ । ଯେଉଁଠି ଅଧିକ ପ୍ରେମ ଥାଏ, ସେଠି ଆଶା ମଧ୍ୟ ଅଧିକ ଥାଏ । ଆଶା ପୂରଣ ନହେଲେ ଅଭିମାନ ଜନ୍ମ ନିଏ । ତଥାପି ଅଭିମାନ ଯଦି କଠୋରତାର ରୂପ ନିଏ, ତେବେ ତାହା ପ୍ରେମର ମାଧୁର୍ଯ୍ୟକୁ କ୍ଷୁଣ୍ଣ କରିଥାଏ ଓ ଆତ୍ମବିଶ୍ୱାସ ଭାଙ୍ଗିଦିଏ ।

ପ୍ରଭୁ ଜଗନ୍ନାଥ ମଧ୍ୟ ଲକ୍ଷ୍ମୀଙ୍କ ମନର ଅଭିମାନକୁ ବୁଝିବା ଉଚିତ । ସମ୍ପର୍କରେ ଉଭୟଙ୍କ ମଧ୍ୟରେ ବୁଝାମଣା ଓ ପରସ୍ପରର ଭାବନା ପ୍ରତି ସମ୍ମାନ ରହିବା ଦରକାର ।

ମୋର ମତ

ମହାଲକ୍ଷ୍ମୀଙ୍କ ଅଭିମାନ ତାଙ୍କ ଭଲପାଇବାର ଏକ ଲୀଳାତ୍ମକ ପ୍ରକାଶ ହୋଇପାରେ । କିନ୍ତୁ ଏହାକୁ ଆଦର୍ଶ ମାନବୀୟ ଆଚରଣ ଭାବେ ଗ୍ରହଣ କରିବା ପୂର୍ବରୁ ଆମେ ତାହାର ମର୍ମ ବୁଝିବା ଆବଶ୍ୟକ ।

ଅଭିମାନ କରିବା ଅପରାଧ ନୁହେଁ । କିନ୍ତୁ ଅଭିମାନରେ ସ୍ୱାମୀଙ୍କ ହୃଦୟକୁ କଷ୍ଟ ଦେବା ପ୍ରେମର ସାର୍ଥକତା ନୁହେଁ । ସେଇଥିପାଇଁ ବୋଧେ ପଞ୍ଚସତୀଙ୍କ ଭିତରେ ଲକ୍ଷ୍ମୀଙ୍କ ନାମ ସ୍ଥାନ ପାଇନାହିଁ ।

ମହାଲକ୍ଷ୍ମୀ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ସମ୍ପର୍କର ମହାନତା ଏ ସଂସାର ପାଇଁ ଶିକ୍ଷଣୀୟ । ପ୍ରଭୁଙ୍କୁ କଷ୍ଟଦେବା ଏକ ବଡ଼ ସାମାଜିକ ଶିକ୍ଷା । ଘରର ସ୍ତ୍ରୀକୁ ଅସମ୍ମାନ କରି ବାହାର କରିଦେଲେ ଗୃହ କିପରି ଶ୍ରୀହୀନ ହୋଇଯାଏ, ତାହା ପୁରୁଷ ସମାଜକୁ ବୁଝାଇବା ପାଇଁ ଏକ ଉଦାହରଣ ଥିଲା । ନିଜ ସ୍ୱାମୀଙ୍କୁ ଏକ ସର୍ବଶ୍ରେଷ୍ଠ ବ୍ୟକ୍ତି ଭାବରେ ଦେଖିବା ଲକ୍ଷ୍ମୀ ଚାହିଁଥିଲେ । ଲକ୍ଷ୍ମୀଙ୍କ ରାଗ ହିଁ ତାଙ୍କ ପ୍ରେମର ପ୍ରମାଣ । ଜଗନ୍ନାଥଙ୍କୁ କଷ୍ଟ ଦେବା ଏହା ଥିଲା ସମାଜକୁ ଶିକ୍ଷା । ଏହା ପ୍ରତିଶୋଧ ନ ଥିଲା । ଏହା ଥିଲା ସଂସ୍କାର । ନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ହେରା ପଞ୍ଚମୀରେ ଲକ୍ଷ୍ମୀଙ୍କ ମାନଭଞ୍ଜନ କରି ଜଗନ୍ନାଥ କଣ ରସଗୋଲା ଖୁଆଇଥାନ୍ତେ... ?


ତେଣୁ ଜଗନ୍ନାଥଙ୍କୁ ମହାଲକ୍ଷ୍ମୀ କଷ୍ଟ ଦେବା ଏହା ସହଜରେ ଗ୍ରହଣ କରି ହେଉନାହିଁ ସତ, କିନ୍ତୁ ଏହା ଅପମାନ କି ଆଘାତ ନୁହଁ । ଏହା ସମାଜକୁ ଶିକ୍ଷା ଦେବା ପାଇଁ, ତାଙ୍କର ମାନବୀୟ ଏକ ଲୀଳା । ସ୍ୱାମୀ ସ୍ତ୍ରୀ, ଉଭୟଙ୍କ ଭିତରେ ଜଣେ ଅନ୍ୟଜଣଙ୍କ ମନକୁ ବୁଝିବା, ଶ୍ରଦ୍ଧା କରିବା ଓ ସମ୍ମାନ ଦେବା ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାଲକ୍ଷ୍ମୀ ଜଗନ୍ନାଥଙ୍କୁ କଷ୍ଟ ଦେବା ଉଚିତ ଥିଲା ?

ନିବେଦିତା ପଣ୍ଡା



ଲକ୍ଷ୍ମୀ ପୁରାଣ କଥାବସ୍ତୁ ଅନୁସାରେ, ମା' ଲକ୍ଷ୍ମୀ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କୁ ଯେଉଁ କଷ୍ଟ (ଅନ୍ନବସ୍ତ୍ରହୀନ କରିବା ଓ ଦାଣ୍ଡର ଭିକାରୀ କରିବା) ଦେଇଥିଲେ, ତାହା ସମ୍ପୂର୍ଣ୍ଣ ରୂପେ ଉଚିତ୍ ଏବଂ ନ୍ୟାୟସଙ୍ଗତ ଥିଲା । ଏହା କୌଣସି ବ୍ୟକ୍ତିଗତ ଅହଂକାର ବା ପ୍ରତିଶୋଧ ନଥିଲା, ବରଂ ସମାଜରୁ ଜାତିଭେଦ ଦୂର କରିବା ଏବଂ ନାରୀ ଜାତିର ସମ୍ମାନ ରକ୍ଷା କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ସଂସ୍କାର ଥିଲା ।

ନିମ୍ନରେ କେତେକ ମୁଖ୍ୟ କାରଣ ଆଧାରରେ ଏହାର ଯଥାର୍ଥତାକୁ ବୁଝାଯାଇପାରେ:

୧. ଜାତିପ୍ରଥା ଓ ଛୁଆଁଅଛୁଆଁ ଭେଦଭାବର ବିରୋଧ

ସମାନତାର ବାର୍ତ୍ତା- ଶ୍ରୀଜଗନ୍ନାଥ ହେଉଛନ୍ତି ପତିତପାବନ । ସେ ଚଣ୍ଡାଳଠାରୁ ଆରମ୍ଭ କରି ବ୍ରାହ୍ମଣ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରଭୁ । କିନ୍ତୁ ବଡ଼ଭାଇ ବଳଭଦ୍ରଙ୍କ କହିବା ଅନୁସାରେ, ଜଗନ୍ନାଥ ଯେତେବେଳେ ମା' ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରୁ ବାହାର କରିଦେଲେ (କାରଣ ସେ ଜଣେ ଅସ୍ପୃଶ୍ୟ ଚଣ୍ଡାଳୁଣୀ ଶ୍ରୀୟା ପାଇକରାଣୀର ଭକ୍ତିରେ ପ୍ରସନ୍ନ ହୋଇ ତା' ଘରକୁ ଯାଇଥିଲେ), ସେତେବେଳେ ଭଗବାନଙ୍କ ନିଜ ନୀତିରେ ତ୍ରୁଟି ଦେଖାଯାଇଥିଲା ।

ଶିକ୍ଷା ପ୍ରଦାନ- ମା' ଲକ୍ଷ୍ମୀ ଦୁଇ ଭାଇଙ୍କୁ କଷ୍ଟ ଦେଇ ବୁଝାଇବାକୁ ଚାହିଁଥିଲେ ଯେ, ଭକ୍ତି ଆଗରେ ଜାତି, ବର୍ଣ୍ଣ ବା ଉଚ୍ଚ-ନୀଚର କୌଣସି ସ୍ଥାନ ନାହିଁ ।

୨. ନାରୀ ଶକ୍ତି ଓ ଆତ୍ମସମ୍ମାନର ସୁରକ୍ଷା

ଅପମାନର ପ୍ରତିବାଦ-ବିନା କୌଣସି ଦୋଷରେ ମା' ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରୁ ତଡ଼ି ଦିଆଯାଇଥିଲା । ଜଣେ ପତ୍ନୀ ଭାବେ ତାଙ୍କ ଆତ୍ମସମ୍ମାନ ଉପରେ ଆଘାତ ଲାଗିଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାରୀର ଗୁରୁତ୍ୱ ପ୍ରତିପାଦନ- ମା' ଲକ୍ଷ୍ମୀ କେବଳ ଧନର ଦେବୀ ନୁହନ୍ତି, ସେ ଗୃହଲକ୍ଷ୍ମୀ ମଧ୍ୟ । ସେ ପ୍ରମାଣ କରିଦେଲେ ଯେ, ଯେଉଁ ଘରେ ନାରୀର ସମ୍ମାନ ନଥାଏ, ସେଠାରୁ ସୁଖ, ସମୃଦ୍ଧି ଓ ଶାନ୍ତି ଚାଲିଯାଏ । ଭଗବାନ ହୋଇ ମଧ୍ୟ ଦୁଇ ଭାଇ ଅନ୍ନ-ଜଳ ପାଇଁ ଡହଳବିକଳ ହେବା ଏହା ହିଁ ଦର୍ଶାଏ ଯେ ନାରୀ ବିନା ସଂସାର ଅଚଳ ।

୩. "ଅନ୍ନ ବ୍ରହ୍ମ"ର ମହିମା ପ୍ରତିଷ୍ଠା

ଅନ୍ନର ଗୁରୁତ୍ୱ-ମା' ଲକ୍ଷ୍ମୀଙ୍କ ଅଭିଶାପ ଯୋଗୁଁ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଉପବାସ ରହିବାକୁ ପଡ଼ିଥିଲା । ଏହା ଦ୍ୱାରା ସେମାନେ ଅନ୍ନର ମୂଲ୍ୟ ବୁଝି ପାରିଥିଲେ ।

ଶ୍ରୀମନ୍ଦିରର ମହାପ୍ରସାଦ ନୀତି- ଏହି ଲୀଳା ପରେ ହିଁ ଶ୍ରୀମନ୍ଦିରରେ ବିଶ୍ୱପ୍ରସିଦ୍ଧ "ଆନନ୍ଦ ବଜାର" ସୃଷ୍ଟି ହେଲା, ଯେଉଁଠାରେ ଆଜି ମଧ୍ୟ ଜାତି-ଅଜାତି ଭେଦଭାବ ନଥାଇ ବ୍ରାହ୍ମଣ ଓ ଚଣ୍ଡାଳ ଗୋଟିଏ ପାତ୍ରରୁ ମହାପ୍ରସାଦ ସେବନ କରନ୍ତି ।

ମା' ଲକ୍ଷ୍ମୀଙ୍କ ଦ୍ୱାରା ଦିଆଯାଇଥିବା କଷ୍ଟ କୌଣସି ହିଂସା ନଥିଲା, ବରଂ ଏହା ଥିଲା ଏକ 'ଦିବ୍ୟ ଲୀଳା' । ଏହା ମାଧ୍ୟମରେ ସେ ସଂସାରକୁ ଶିକ୍ଷା ଦେଇଥିଲେ ଯେ ସ୍ୱୟଂ ଭଗବାନ ହେଲେ ମଧ୍ୟ ଯଦି କେହି ସାମାଜିକ ନ୍ୟାୟ ଏବଂ ନାରୀ ସମ୍ମାନର ଉଲ୍ଲଂଘନ କରେ, ତେବେ ତାକୁ ତାର ପରିଣାମ ଭୋଗିବାକୁ ପଡ଼ିବ । ତେଣୁ, ଏହି କଷ୍ଟ ଦେବା ସମ୍ପୂର୍ଣ୍ଣ ରୂପେ ଯୁକ୍ତିଯୁକ୍ତ ଓ ସମାଜ ମଙ୍ଗଳ ପାଇଁ ଅପରିହାର୍ଯ୍ୟ ଥିଲା ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

ଯୁଗଳ ବନ୍ଦୀ

ସଚିକାନ୍ତ ରଥ



ଆକ୍ଷରିକ ଅର୍ଥ ହେଉଛି ଯେଉଁଠି ବା ଯାହା ପାଇଁ ଦୁଇ ଜଣ ଏକାଠି କାମ କରିବା । ଯେମିତି ଯୁଗଳ ମନ୍ତ୍ର ରେ ଲକ୍ଷ୍ମୀନାରାୟଣ, ରାଧାକୃଷ୍ଣ, ହରଗୌରୀ, ହରିହର, ଲକ୍ଷ୍ମୀନୃସିଂହ ଆଦି ଦେବତାଙ୍କ ଧ୍ୟାନ ବା ଉପାସନା କରାଯାଏ । ବିଶେଷ କରି ଯେଉଁଠି ଦୁଇଜଣ କଳାକାର, କଣ୍ଠଶିଳ୍ପୀ ବା କବିଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ପ୍ରଦର୍ଶନ ପ୍ରଦର୍ଶିତ ହୁଏ, ତାକୁ ବି ଯୁଗଳବନ୍ଦୀ ଆଖ୍ୟା ଦିଆ ଯାଇପାରିବ । ପୁଣି ଦୁଇ କଳାକାର ଭିନ୍ନ ବାଦ୍ୟଯନ୍ତ୍ର ସହିତ ମନୋଜ୍ଞ ପରିବେଶ ସୃଷ୍ଟି କରନ୍ତି, ତାହାବି ଯୁଗଳବନ୍ଦୀ ।

ଚଷାଭାଇ ଯେତେବେଳେ ଦୁଇଟି ବଳଦକୁ ଜୁଆଳିରେ ଯୋଚି, କୃଷିକର୍ମ କରିବାକୁ ନିଏ, ତାହା ବଳଦ ମାନଙ୍କର ଯୁଗଳ ବନ୍ଦୀ ବି ହେଇପାରିବ ।

ଆଜିକାଲି ଏମିତି କେତେ ଗୁଡିଏ ବିଷୟରେ ଯୁଗଳବନ୍ଦୀ କାର୍ଯ୍ୟକ୍ରମ ଦେଖିବାକୁ ମିଳୁଛି । ଆଉ ଗୋଟିଏ କଥା ଆପଣମାନେ ଲକ୍ଷ୍ୟ କରିଥିବେ ଯେ, ଯଦି ରାଜନୀତିରେ ଦୁଇଦଳ ମେଣ୍ଟ କରି ଲଢ଼ିବେ ବା ଶାସନ କ୍ଷମତାରେ ରହିବା ପାଇଁ ମେଣ୍ଟ କରିବେ, ତାହାବି ଯୁଗଳବନ୍ଦୀ ପରିସର ଅନ୍ତର୍ଭୁକ୍ତ...॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

ମୋବାଇଲ୍ କିମ୍ବା ହ୍ୱାଟ୍‌ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍‌ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

ଆମ ଇମେଲ୍ ଠିକଣା :

aahwaan@gmail.com

Listen to Odia Podcast Original at https://youtube.com/@drjyotiprasad